ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, February 22/2023 Page 20 ₹ 7.00

୪୯ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 90 ମୂଲ୍ୟ ₹୭/-



**ସାନିଆଙ୍କ କ୍ୟାରିୟର ଶେଷ**

ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍‌ରେ ପରାଜୟ ସହିତ ଭାରତର ଭେଟେରାନ୍ ଖେଳାଳି ସାନିଆ ମିର୍ଜାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଛି।

୧୨

୦୨

**ପାକିସ୍ତାନରେ ଅବାଧରେ ବୁଲୁଛନ୍ତି ୨୬/୧୧ ଆକ୍ରମଣକାରୀ**

୨୬/୧୧ ମୁମ୍ବାଇ ଆକ୍ରମଣର ଅପରାଧୀମାନେ ପାକିସ୍ତାନରେ ଅବାଧରେ ବିଚରଣ କରୁଥିବା କବି ଓ ଗୀତିକାର ଜାଭେଦ୍ ଅଖ୍ତର ଲାହୋରରେ କହିଛନ୍ତି।



## ନବ ଦାସ ହତ୍ୟାକାଣ୍ଡ

# ବିଧାନସଭାରେ ଝଡ଼

- **ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧୀଙ୍କ ବର୍ଜନ, କକ୍ଷତ୍ୟାଗ**
- **ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ବିଧାୟକ କେତେ ସୁରକ୍ଷିତ: ବିରୋଧୀ**

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ମଙ୍ଗଳବାର ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରୁ ଝଡ଼ ସୃଷ୍ଟି ହୋଇଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବିଧାୟକ ଓ ଜନସାଧାରଣଙ୍କ ସୁରକ୍ଷା ଦାବି କରି ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୂଳ କରିଛନ୍ତି। କ୍ୟାବିନେଟ ମନ୍ତ୍ରୀ ଯଦି ସୁରକ୍ଷିତ ନୁହନ୍ତି, ତେବେ ବିଧାୟକ ଓ ଜନସାଧାରଣ କେତେ ସୁରକ୍ଷିତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ଭାଜପା ସଦସ୍ୟମାନେ ରାଜ୍ୟପାଳ ଗଣେଶୀ ଲାଲଙ୍କ ଅଭିଭାଷଣକୁ ବର୍ଜନ କରିଛନ୍ତି। ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ଧାରଣାରେ ବସିଥିବା ବେଳେ ଭାଜପା ସଦସ୍ୟମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଦ୍ୟାର୍ଥୀ ଆତ୍ମହତ୍ୟା

## ପାଣ୍ଡିଆନ-ପ୍ରଣବଙ୍କ ଟେଲିଫୋନ ବାର୍ତ୍ତାଳାପର ଯାଞ୍ଚ ହେଉ: ଜୟନାରାୟଣ



ବିଧାନସଭା ପରିସରରେ ମଙ୍ଗଳବାର ଧାରଣାରେ ବସିଥିବା ଭାଜପା ବିଧାୟକମାନେ।

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**ପାଗଳ ଭଳି ପ୍ରଳାପ କରୁଛନ୍ତି ଜୟନାରାୟଣ: ପ୍ରଶାନ୍ତ**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟାର ୨୪ ଦିନ ବିତିଗଲାଣି। ତଥାପି ହତ୍ୟା ରହସ୍ୟ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଉନ୍ମୋଚନ କରିପାରିନାହିଁ। ଏଭଳି ସ୍ଥିତିରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଙ୍ଗଳବାର ବିସ୍ଫୋରକ ବୟାନ ଦେଇଛନ୍ତି। ନବ ଦାସଙ୍କ ହତ୍ୟା ଘଟଣାର ୪ ଦିନ ପୂର୍ବରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ କ'ଣ ବାର୍ତ୍ତାଳାପ ହୋଇଥିଲା ☞ପୃଷ୍ଠା-୪

## ବାପାଙ୍କ ମୃତ୍ୟୁକୁ ରାଜନୀତି କରା ନ ଯାଉ: ଦୀପାଳି

**ଟିକେଟ ଲୋଭ, ବ୍ୟବସାୟ ସୁରକ୍ଷା ଚିନ୍ତା: ବିରୋଧୀ**



ଦୀପାଳି ଦାସ

ସମ୍ବଲପୁର/ଭୁବନେଶ୍ୱର(ବ୍ୟୁରୋ), ୨୧।୨

ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାକୁ ସରକାରୀ ପ୍ରାୟୋଜିତ ବୋଲି ଦାବି କରି ବିରୋଧୀ ଦଳଗୁଡ଼ିକ ତୁମ୍ଫିତୋଫାନ କରିବା ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ଜିଦ୍ ଧରି ବସିଛନ୍ତି। ଏଭଳି ସ୍ଥିତିରେ ନବଙ୍କ ଝିଅ ଦୀପାଳି ଦାସଙ୍କ ଗଣମାଧ୍ୟମ ସମ୍ମୁଖରେ ବୟାନ ଘଟଣାକୁ ଆହୁରି ଚର୍ଚ୍ଚିତ କରିଦେଇଛି। ଝାରସୁଗୁଡ଼ାଠାରେ ମଙ୍ଗଳବାର ଦୀପାଳି ଗଣମାଧ୍ୟମ ନିକଟରେ କହିଛନ୍ତି ଯେ, ମୋ ବାପାଙ୍କ ମୃତ୍ୟୁ ପରେ ଆମ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛୁ। ଏଭଳି ଏକ ଅଘଟଣ ଘଟିବ ବୋଲି ଆମେ କେବେ ଆଶା କରି ନ ଥିଲୁ। ଏଭଳି ଏକ ଦୁଃଖ ସମୟରେ ଆମ ପରିବାର ☞ପୃଷ୍ଠା-୪







Stores also at :

| BHUBANESWAR | BHUBANESWAR | BERHAMPUR | CUTTACK | JHARSUGUDA | ROURKELA |
|---|---|---|---|---|---|
| 621, Saheed Nagar, Janpath | 309 District Centre, Chandrasekharpur | Venkatraju Arcade, Sano Bazar | 558/834, Cantonment Road | Sarbhal Road, Marwadi Para | Kesar Bhawan, Main Road |

Toll Free : 1800 3131 777
Follow Us :

NOWHERE ELSE

# ରଶ୍‌ଡିଙ୍କ ଆକ୍ରମଣକାରୀ ପୁରସ୍କୃତ

ଦୁବାଇ,୨୧।୨

ଖ୍ୟାତନାମା ଔପନ୍ୟାସିକ ସଲ୍‌ମାନ ରଶ୍‌ଡିଙ୍କ ଆକ୍ରମଣକାରୀଙ୍କୁ ଇରାନର ଏକ ଫାଉଣ୍ଡେଶନ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ୧,୦୦୦ ବର୍ଗମିଟର ଚାଷଜମି ପୁରସ୍କାର ଦେଇଛି। ଗତବର୍ଷ ଅଗଷ୍ଟ ୧୨ରେ ନ୍ୟୁୟର୍କର ଲେକ୍ ଏରି ନିକଟରେ ଏକ ସାହିତ୍ୟ କାର୍ଯ୍ୟକ୍ରମ ଚାଲିଥିବାବେଳେ ୭୫ ବର୍ଷୀୟ ରଶ୍‌ଡିଙ୍କୁ ନ୍ୟୁଜର୍ସିର ଜଣେ ୨୪ ବର୍ଷୀୟ ଶିୟା ମୁସଲମାନ ଆକ୍ରମଣ କରିଥିଲେ। ଏଥିରେ ଔପନ୍ୟାସିକ ଗୋଟିଏ ଆଖି ହରାଇବା ସହ ତାଙ୍କର ଗୋଟିଏ ହାତ ଅଚଳ ହୋଇଯାଇଥିଲା। ରଶ୍‌ଡିଙ୍କୁ ଆକ୍ରମଣ କରି ମୁସଲମାନମାନଙ୍କୁ ଖୁସି କରିଥିବା ଆମେରିକୀୟ ଯୁବକଙ୍କ ଦୁଃସାହସିକ କାର୍ଯ୍ୟକୁ ଇମାମ ଖୋମେଇନିଙ୍କ ଫତୱା କାର୍ଯ୍ୟକାରୀ କରିବାକୁ ଥିବା ଫାଉଣ୍ଡେଶନ୍‌ର ସମ୍ପାଦକ ମହମ୍ମଦ ଇସ୍‌ମାଇଲ ଜରାଇ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ରଶ୍‌ଡି ଏବେ ଜଣେ ଜିଇଥିବା ମୃତବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କିଛି ନୁହନ୍ତି ବୋଲି ସେ କହିଛନ୍ତି।


ସଲ୍‌ମାନ ରଶ୍‌ଡି

'ଦି ସାଟାନିକ୍ ଭର୍ସସ' ପ୍ରକାଶନର କିଛି ମାସ ପରେ ଇରାନର ତତ୍କାଳୀନ ସୁପ୍ରିମ ଲିଡର ଆୟାତୋଲ୍ଲା ଖୋମନେଇ ଏକ ଫତୱା ଜରି କରି ରଶ୍‌ଡିଙ୍କୁ ହତ୍ୟା କରିବା ଲାଗି ମୁସଲମାନମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାର ୩୩ ବର୍ଷ ପରେ ଉକ୍ତ ବିବାଦୀୟ ଔପନ୍ୟାସିକଙ୍କ ଉପରେ ଆକ୍ରମଣ ହୋଇଥିଲା। ରଶ୍‌ଡିଙ୍କ ଉକ୍ତ ଉପନ୍ୟାସର କେତେକ ପାରାଗ୍ରାଫ୍‌ରେ ପ୍ରଫେଟ୍ ମହମ୍ମଦଙ୍କ ନିନ୍ଦା କରାଯାଇଥିବା କେତେଜଣ ମୁସଲମାନ କହିଥାନ୍ତି। ଭାରତରେ ଏକ କଶ୍ମୀରୀ ମୁସଲମାନ ପରିବାରରେ

**ଔପନ୍ୟାସିକଙ୍କୁ 'ଜୀବିତ ମୃତଦେହ' କହିଲେ ଫାଉଣ୍ଡେଶନ ସମ୍ପାଦକ**

**୨୦୨୨ ଅଗଷ୍ଟ ୧୨ରେ ନ୍ୟୁୟର୍କରେ ଜଣେ ଶିୟା ମୁସଲମାନ ଛୁରାମାଡ଼ କରିଥିଲେ**

ଜନ୍ମିତ ରଶ୍‌ଡିଙ୍କୁ ଧରାଇଦେଲେ ବହୁ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଫଳରେ ୯ ବର୍ଷ ଯାଏ ଔପନ୍ୟାସିକ ବ୍ରିଟିଶ ପୋଲିସ ସୁରକ୍ଷାରେ ଲୁଚି ରହିଥିଲେ। ୯୦ ଦଶକ ଶେଷ ଭାଗରେ ଇରାନ ରାଷ୍ଟ୍ରପତି ମହମ୍ମଦ ଖାତମି ଫତୱାଠାରୁ ନିଜକୁ ଦୂରେଇ ରଖିଥିଲେ। ତେବେ ଫତୱାକୁ ପ୍ରତ୍ୟାହାର କରାଯାଇ ନାହିଁ ବୋଲି ପରବର୍ତ୍ତୀ ସୁପ୍ରିମ ଲିଡର ଆୟାତୋଲା ଅଲି ଖୋମନେଇ କହିବା ପରେ ୨୦୧୯ରେ ତାଙ୍କୁ ଟୁଇଟରରୁ ସସ୍ପେଣ୍ଡ କରାଯାଇଥିଲା।


ଜର୍ମାନୀର ଡସେଲ୍‌ଡୋର୍ଫରେ ଆୟୋଜିତ ଏକ କାର୍ନିଭାଲ ପରେଡ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରକ୍ତସ୍ନାନ କରୁଥିବା ଭଳି ଦୃଶ୍ୟକୁ ସ୍ଥାନିତ କରାଯାଇଛି।

## ସଂକ୍ଷେପରେ

**ସୋନୁ ନିଗମଙ୍କୁ ଆକ୍ରମଣ ଘଟଣା**

### ବିଧାୟକଙ୍କ ପୁଅ ନାଁରେ ଏତଲା

**ମୁମ୍ବାଇ, ୨୧।୨:** ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ମୁମ୍ବାଇ ପୋଲିସ ଉଦ୍ଧବ ଗୋଷ୍ଠୀ ବିଧାୟକ ପ୍ରକାଶ ଫାଟେରପରକରଙ୍କ ପୁଅ ସ୍ୱପନିଲ ପି. ଫାଟେରପକାରଙ୍କ ବିରୋଧରେ ଏତଲା ଦାଏର କରିଛି। ସୋମବାର ଏକ ମ୍ୟୁଜିକାଲ କନ୍‌ସର୍ଟରୁ ପର୍ଫମାନ୍ସ ସାରି ଫେରିବା ସମୟରେ ସେଲ୍‌ଫି ପାଇଁ ସ୍ୱପନିଲ ସୋନୁଙ୍କୁ ଅଟକାଇଥିଲେ। ଯେତେବେଳେ ସୋନୁ ସେଲ୍‌ଫି ପାଇଁ ମନା କରିଥିଲେ ସେତେବେଳେ ସ୍ୱପନିଲ ତାଙ୍କୁ ଠେଲି ଦେଇଥିଲେ। ଘଟଣା ନେଇ ବିଧାୟକ ଫାଟେରପକାର କ୍ଷମା ମାଗିଥିବାବେଳେ ତାଙ୍କ ପୁଅ ଜାଣିଶୁଣି ଏପରି କରି ନ ଥିବା ସେ କହିଛନ୍ତି।



### ଭୂକମ୍ପରେ ୮ ମୃତ

**ଆଙ୍କାରା/ଦାମାସ୍କସ୍, ୨୧।୨:** ତୁର୍କୀ ଓ ସିରିଆରେ ପ୍ରଳଙ୍କରୀ ଭୂକମ୍ପକୁ ୨ ସପ୍ତାହ ବିତିଯିବା ପରେ ସୋମବାର ରାତିରେ ପୁଣଥରେ ସ୍ଥାନୀୟ ଅଞ୍ଚଳରେ ୬.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ତୁର୍କୀ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପରେ ୨୯୪ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣ ଗୁରୁତର ଅଛନ୍ତି। ଭୂକମ୍ପରେ ଛାନିଆ ହୋଇ ସିରିଆର ମା'ଝିଅଙ୍କ ମୃତ୍ୟୁ ଘଟିଛି। ଗତ ୬ ତାରିଖରେ ଦୁଇ ଦେଶରେ ଅନୁଭୂତ ହୋଇଥିବା ଭୂକମ୍ପରେ ମୋଟ ୪୬,୦୦୦ଙ୍କର ମୃତ୍ୟୁ ହୋଇଛି।

### ବାଲଟ ପାଇଁ ଅର୍ଥ ନାହିଁ: ଶ୍ରୀଲଙ୍କାରେ ନିର୍ବାଚନ ସ୍ଥଗିତ

**କଲମ୍ବୋ,୨୧।୨:** ଦେବାଳିଆ ହୋଇପଡ଼ିଥିବା ଶ୍ରୀଲଙ୍କାରେ ବାଲଟ ପେପର ଛାପିବାକୁ ଅର୍ଥ ନାହିଁ ତେଣୁ ଆସନ୍ତା ମାସରେ ହେବାକୁ ଥିବା ସ୍ଥାନୀୟ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଏହାକୁ ବିରୋଧ କରି ବିପକ୍ଷ ଦଳଗୁଡ଼ିକ ମଙ୍ଗଳବାର ପାର୍ଲାମେଣ୍ଟରେ ହଙ୍ଗାମା କରିବାରୁ ଗୃହକୁ ମୁଲତବୀ ରଖାଯାଇଛି। ଶ୍ରୀଲଙ୍କାରେ ଗତବର୍ଷ ଆର୍ଥିକ ସଙ୍କଟକୁ ନେଇ ଦୀର୍ଘଦିନ ଆନ୍ଦୋଳନ ଜାରି ରହିବା ପରେ ରାନିଲ ୱିକ୍ରମସିଂହେ ଜୁଲାଇରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାର୍ଚ୍ଚ ୯ରେ ହେବାକୁ ଥିବା ନିର୍ବାଚନରେ ତାଙ୍କ ପ୍ରତି ରହିଥିବା ସମର୍ଥନର ପରୀକ୍ଷା ହୋଇଥାନ୍ତା। ତେବେ ବାଲଟ ଛପାଇବା, ଇନ୍ଧନ ଏବଂ ବୁଥଗୁଡ଼ିକ ପାଇଁ ପୋଲିସ ସୁରକ୍ଷା ପ୍ରଦାନ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ଟ୍ରେଜରି ବିଭାଗ ମନା କରିଦେଇଥିବା କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। କର୍ମଚାରୀମାନଙ୍କୁ ବେତନ, ପେନ୍‌ସନ ଏବଂ ଜରୁରୀ ସେବା ପାଇଁ ଯଥେଷ୍ଟ ଅର୍ଥ ନ ଥିବାରୁ ନିର୍ବାଚନ ସମ୍ଭବ ନୁହେଁ ବୋଲି ପୂର୍ବରୁ ରାଷ୍ଟ୍ରପତି କହିଥିଲେ।

# ପୋଲାଣ୍ଡରେ ବାଇଡେନ୍

ୱାର୍‌ସ,୨୧।୨

କିଭ୍ ଦଖଲର ସ୍ୱପ୍ନ ଦେଖିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବର୍ଷକ ତଳେ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଅଦ୍ୟାବଧି ୟୁକ୍ରେନ୍ ଉପରେ ରୁଷିଆ ତୁହାକୁ ତୁହା ମିଶାଇଲ୍ ଓ ରକେଟ୍ ମାଡ଼ କରିଆସିଛି। ଏହାର ଜବାବ୍‌ରେ ୟୁକ୍ରେନ୍ ମଧ୍ୟ ଯଥାସାଧ୍ୟ ରୁଷୀୟ ସୈନ୍ୟଙ୍କୁ ଟାର୍ଗେଟ୍ କରିଛି। ଯୁଦ୍ଧକୁ ବର୍ଷେ ପୂରିବାକୁ ଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡ଼ମିର ଜେଲେନ୍‌ସ୍କି ନିଜ ପରାକ୍ରମ ଦେଖାଇ ଅଟଳ ରହିଛନ୍ତି। ଆମେରିକା ସମେତ ନାଟୋ ସହଯୋଗୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଅସ୍ତ୍ରଶସ୍ତ୍ର ୟୁକ୍ରେନ୍‌କୁ ମଜଭୁତ ଭାବେ ପ୍ରତିରୋଧ କରିବା ପାଇଁ ବଳ ଦେଇଛି। ଏଭଳି ସମୟରେ ପୁଟିନ୍ ନିଜ ସ୍ୱପ୍ନ ପୂରଣ ହୋଇପାରିବ ନାହିଁ ବୋଲି ନିଶ୍ଚିତ ହେବା ପରେ ଯୁଦ୍ଧ ପାଇଁ ପାଶ୍ଚାତ୍ୟ ଉପରେ ଦୋଷ ଲଦିଛନ୍ତି।

ଗତବର୍ଷ ଫେବୃୟାରୀ ୨୪ରେ ଆରମ୍ଭ ହୋଇଥିବା ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଆଉ ଦୁଇଦିନ ପରେ ବର୍ଷେ ପୂରିବାକୁ ଯାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କିଭ୍ ଗସ୍ତ


ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜ୍ ଡୁଡାଙ୍କ ସହ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍।

ଶେଷକରି ମଙ୍ଗଳବାର ପୋଲାଣ୍ଡ ରାଜଧାନୀ ୱାର୍‌ସରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜ୍ ଡୁଡାଙ୍କୁ ଭେଟିଛନ୍ତି। ୟୁକ୍ରେନ୍‌କୁ ସହଯୋଗ, ରୁଷିଆ ଉପରେ କଟକଣା ଜାରି ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)କୁ ମଜଭୁତ କରିବା ଉପରେ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଥିସହ ଶକ୍ତି, ସିଭିଲ୍ ନ୍ୟୁକ୍ଲିୟର ଏନର୍ଜି, ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ମଧ୍ୟ ସହମତି ପ୍ରକାଶ ପାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଡୁଡା କହିଛନ୍ତି, ପୋଲାଣ୍ଡକୁ ବାଇଡେନ୍‌ଙ୍କ ଗସ୍ତ ୟୁରୋପରେ ସୁରକ୍ଷା ବଜାୟ ରଖିବା ଦିଗରେ ଆମେରିକାର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଆମେରିକା ସାରା ବିଶ୍ୱରେ ଶୃଙ୍ଖଳା ବଜାୟ ରଖିବାକୁ ସକ୍ଷମ ବୋଲି ବାଇଡେନ୍‌ଙ୍କ ଆଗରେ ଡୁଡା ପ୍ରକାଶ କରିଛନ୍ତି।

**ପୁଟିନ୍‌ଙ୍କ ନିଷ୍ପତ୍ତି ଦାୟିତ୍ୱହୀନ**

ଏଥେନ୍ସ ଗସ୍ତରେ ଥିବା ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି, ଷ୍ଟ୍ରାଟେଜିକ୍ ଆର୍ମ୍ସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ)କୁ ରଦ୍ଦ କରିବା ନେଇ ପୁଟିନ୍‌ଙ୍କ ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦାୟିତ୍ୱହୀନ। ରୁଷିଆ ପ୍ରକୃତରେ କ'ଣ କରୁଛି ତାହା ଉପରେ ଆମର ନଜର ରହିବ। ଆମେରିକା ଓ ଆମ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରୟାସ ଜାରି ରଖିବୁ। ସେହିପରି ପରରାଷ୍ଟ୍ର ବିଭାଗର ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ପୁଟିନ୍‌ଙ୍କ ଏହି ପଦକ୍ଷେପର ବ୍ୟବହାରିକ ପ୍ରଭାବ ଅସ୍ପଷ୍ଟ। ଆମ ଆଣବିକ ଅସ୍ତ୍ରଶସ୍ତ୍ରଗୁଡ଼ିକର ଅବସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ୱାଶିଂଟନ୍ ମନେକରୁନାହିଁ।

**ଟାଇୱାନ୍ ପ୍ରସଙ୍ଗ: ଚାଇନାକୁ ରୁଷିଆର ସମର୍ଥନ**

ଚାଇନାର ଶୀର୍ଷ କୂଟନୀତିଜ୍ଞ ୱାଙ୍ଗ୍ ୟି ମସ୍କୋରେ ରୁଷିଆର ପ୍ରଭାବଶାଳୀ ସିକ୍ୟୁରିଟି କାଉନ୍‌ସିଲ୍ ମୁଖ୍ୟ ନିକୋଲାଇ ପତ୍ରୁଶେଭ୍‌ଙ୍କୁ ଭେଟିଛନ୍ତି। ମସ୍କୋ ଓ ବେଜିଂ ପାଶ୍ଚାତ୍ୟ ବିରୋଧରେ ଏକାଠି ହୋଇ ରହିବା ଜରୁରୀ। ଟାଇୱାନ୍, ହଂକଂ ଏବଂ ଶିଞ୍ଜିଆନ୍ ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟକୁ ରୁଷିଆ ସମର୍ଥନ କରୁଛି ବୋଲି ୱାଙ୍ଗ୍‌ଙ୍କୁ ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ ନିକୋଲାଇ କହିଛନ୍ତି।

**ୟୁକ୍ରେନ୍ ଆକ୍ରମଣକୁ ବର୍ଷେ**

- ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଅଚାନକ ୟୁକ୍ରେନ୍ ଗସ୍ତ କରିବା ପରେ ପୋଲାଣ୍ଡରେ ପହଞ୍ଚିଛନ୍ତି। ସେଠାରେ ସେ ନାଟୋର ପୂର୍ବାଞ୍ଚଳ ସହଯୋଗୀଙ୍କ ସହ ଆଲୋଚନା କରିଛନ୍ତି।
- ଆମେରିକା ସହ ଶେଷ ଆଣବିକ ଚୁକ୍ତି ନ୍ୟୁ ଷ୍ଟାର୍ଟରୁ ରୁଷିଆ ଓହରିବା ନେଇ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘୋଷଣାର ପୁନର୍ବିଚାର ଲାଗି ମସ୍କୋକୁ ନାଟୋ ପରାମର୍ଶ ଦେଇଛି। ପୁଟିନ୍‌ଙ୍କ ଭାଷଣକୁ କିଭ୍ ଓ ଏହାର ପାଶ୍ଚାତ୍ୟ ସହଯୋଗୀ 'ନିର୍ବୋଧ ଅଭିଯାନ' କହି ନିନ୍ଦା କରିଛନ୍ତି।
- ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ଖେର୍‌ସନ୍ ସହରରେ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ କହିଛି।

**ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ**

## ଆଜି ଉଦ୍ଧବ ଗୋଷ୍ଠୀ ପିଟିଶନ୍‌ର ଶୁଣାଣି

ନୂଆଦିଲ୍ଲୀ,୨୧।୨(ପି.ଟି.)

ଏକନାଥ ଗୋଷ୍ଠୀକୁ ପ୍ରକୃତ ଶିବସେନାର ସ୍ୱୀକୃତି ଏବଂ ଧନୁତୀର ଚିହ୍ନ ପ୍ରଦାନ ଲାଗି ନିର୍ବାଚନ କମିଶନ (ଇସି)ଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ବୁଧବାର ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଉଦ୍ଧବ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଉକ୍ତ ପିଟିଶନ ଉପସ୍ଥାପନ କରିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ପି.ଏସ୍. ନରସିଂହ ରହିଛନ୍ତି। ଯଦି ଇସିଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରା ନ ଯାଏ, ତେବେ ସେମାନେ ନିର୍ବାଚନୀ ଚିହ୍ନ ଏବଂ ବ୍ୟାଙ୍କ ଆକାଉଣ୍ଟ କବ୍‌ଜା କରିବେ। ତେଣୁ ବୁଧବାର ସାମ୍ବିଧାନିକ ପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ସିବଲ ଅନୁରୋଧ କରିଥିଲେ। ବୁଧବାର ଅପରାହ୍ନ ୩ଟା ୩୦ରେ ଶୁଣାଣି କରିବାକୁ ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି।

## ହତ୍ୟା ପାଇଁ ଏକନାଥଙ୍କ ପୁଅ ସୁପାରି ଦେଇଥିଲେ: ସଞ୍ଜୟ

ମୁମ୍ବାଇ, ୨୧।୨

ଉଦ୍ଧବ ଗୋଷ୍ଠୀ ଏମ୍‌ପି ସଞ୍ଜୟ ରାଉତଙ୍କୁ ହତ୍ୟା ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେ ଥାଣେର ଜଣେ କଣ୍ଟ୍ରାକ୍ଟ କିଲରଙ୍କୁ ସୁପାରି ଦେଇଥିବା ସେ ମଙ୍ଗଳବାର ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ସଞ୍ଜୟ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି। ରାଜ୍ୟରେ ନେତାମାନଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏ ପ୍ରକାର ଘଟଣା ରୋକିବା ନେଇ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଅବାଧରେ ବୁଲୁଛନ୍ତି ୨୬/୧୧ ଆକ୍ରମଣକାରୀ

ଲାହୋର,୨୧।୨

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅପରାଧୀମାନେ ପାକିସ୍ତାନରେ ଅବାଧରେ ବିଚରଣ କରୁଛନ୍ତି ବୋଲି କବି ଓ ଗୀତିକାର ଜାଭେଦ୍ ଅଖ୍‌ତର ଲାହୋରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ଉର୍ଦ୍ଦୁ କବି ଫଏଜ ଅହମ୍ମଦ ଫଏଜଙ୍କ ସ୍ମୃତିରେ ଆୟୋଜିତ ସପ୍ତମ ଫଏଜ ଉତ୍ସବର ଭିଡିଓ ଭାଇରାଲ ହୋଇଛି। ଏଠାରୁ ଶାନ୍ତିର ବାର୍ତ୍ତା ନେଇ ଯିବା ସହ ପାକିସ୍ତାନ ଏକ ସକାରାତ୍ମକ, ବନ୍ଧୁତ୍ୱପୂର୍ଣ୍ଣ ଓ ପ୍ରିୟ ଦେଶ ବୋଲି ଭାରତୀୟମାନଙ୍କୁ କହିବାକୁ ଶ୍ରୋତାମାନେ ଅଖତରଙ୍କୁ କହିବାରୁ ସେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଅଖତର



କହିଥିଲେ, ଆମେ ପରସ୍ପରକୁ ଦୋଷ ଦେବା ଉଚିତ ନୁହେଁ, କାରଣ ଏହାଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ଉତ୍ତେଜନାପୂର୍ଣ୍ଣ ବାତାବରଣକୁ ଶୀତଳ କରିବାକୁ ହେବ ବୋଲି ୭୮ ବର୍ଷୀୟ ଗୀତିକାର କହିଥିଲେ। ମୁମ୍ବାଇରେ ଆକ୍ରମଣ କରିବାକୁ ନରୱେ

**ପାକ୍‌ରେ ଜାଭେଦ ଅଖତର**

କିମ୍ବା ଇଜିପ୍ଟରୁ ଆକ୍ରମଣକାରୀ ଆସି ନ ଥିଲେ। ସେମାନେ ଆପଣମାନଙ୍କ ଦେଶରେ ମୁକ୍ତରେ ବୁଲୁଛନ୍ତି। ଯଦି ଜଣେ ହିନ୍ଦୁସ୍ତାନୀଙ୍କ ହୃଦୟରେ ଆପତ୍ତି ରହିଛି, ତେବେ ସେଥିରେ ଆପଣମାନେ ଅପମାନିତ ଅନୁଭବ କରିବା ଉଚିତ ନୁହେଁ। ନୁସରତ ଫତେହ ଅଲି ଖାନ, ମେହଦି ହାସନଙ୍କ ଭଳି ପାକିସ୍ତାନ କଳାକାରଙ୍କୁ ଭାରତରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ହେଲେ ପାକିସ୍ତାନ ଲତା ମଙ୍ଗେସ୍‌କରଙ୍କ ପାଇଁ କେବେ କୌଣସି ଶୋ' ଆୟୋଜନ କରିନାହିଁ ବୋଲି ଅଖତର କହିଥିଲେ।

# ସୁପ୍ରିମକୋର୍ଟ ଶୁଣାଣିର ଲାଇଭ୍ ଟ୍ରାନ୍ସକ୍ରିପ୍‌ଶନ

ନୂଆଦିଲ୍ଲୀ,୨୧।୨

ସୁପ୍ରିମକୋର୍ଟରେ ମଙ୍ଗଳବାର ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ଶୁଣାଣି ପ୍ରତିଲେଖର ସିଧା ପ୍ରସାରଣ (ଲାଇଭ୍ ଟ୍ରାନ୍ସକ୍ରିପ୍‌ଶନ) କରାଯାଇଛି। ଏଥିପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଇଥିଲା। ଏହାଦ୍ୱାରା ଶୁଣାଣିକୁ ପ୍ରତିଲିଖନ କରାଯାଇ ସୁପ୍ରିମକୋର୍ଟ ୱେବ୍‌ସାଇଟରେ ଅପ୍‌ଲୋଡ୍ ପୂର୍ବରୁ ଯାଞ୍ଚ ପାଇଁ ଆଇନଜୀବୀମାନଙ୍କୁ ପ୍ରଦାନ କରାଯିବ। ନିର୍ବାଚନ କମିଶନ ଏକନାଥ ଗୋଷ୍ଠୀଙ୍କୁ ଶିବସେନା ନାମ ଓ ନିର୍ବାଚନୀ ଚିହ୍ନ ପ୍ରଦାନ କରିବା ନିଷ୍ପତ୍ତି ଉପରେ ମାମଲାର ଶୁଣାଣି ବେଳେ ପାଇଲଟ୍ ଭିତ୍ତିରେ ଲାଇଭ୍ ଟ୍ରାନ୍ସକ୍ରିପ୍‌ଶନ କରାଯାଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ କୋର୍ଟ ରୁମ୍‌ରେ ସିଧା ପ୍ରସାରଣର ଶୁଭାରମ୍ଭ ହୋଇଥିଲା। ଶୁଣାଣି ବେଳେ ସିଜେଆଇ ଆଇନଜୀବୀମାନଙ୍କୁ ନୂଆ ଅଭିଜ୍ଞତା ସମ୍ପର୍କରେ ବୁଝାଇଥିଲେ। ମାମଲାଗୁଡ଼ିକରେ କିପରି ଯୁକ୍ତି ଉପସ୍ଥାପନ କରାଯାଉଛି ଆଇନ ସ୍କୁଲରେ ପଢୁଥିବା ପିଲାମାନେ ତାହା ଜାଣିବାରେ ଏହି ବ୍ୟବସ୍ଥା ସହାୟକ ହେବ। ଏହାଦ୍ୱାରା ଯୁକ୍ତିର ସ୍ଥାୟୀ ରେକର୍ଡ ରହିବ ଏବଂ ଆଇନ ମହାବିଦ୍ୟାଳୟଗୁଡ଼ିକ ଏହାର ବିଶ୍ଳେଷଣ କରିପାରିବେ ବୋଲି ସିଜେଆଇ କହିଥିଲେ।

# ଇନ୍ଦିରା ଗାନ୍ଧୀ ମୋ ବାପାଙ୍କୁ ସଚିବ ପଦରୁ ହଟାଇଥିଲେ: ଜୟଶଙ୍କର

ନୂଆଦିଲ୍ଲୀ,୨୧।୨

ଏକ ଅମଲା ପରିବାରରୁ ଆସିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୨୦୧୯ରେ ଅଚାନକ ଏବଂ ଆଶାତୀତ ଭାବେ ରାଜନୈତିକ ସୁଯୋଗ ପାଇଥିଲେ ବୋଲି ମଙ୍ଗଳବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ୧୯୮୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କ୍ଷମତାକୁ ଫେରିବା ପରେ ପରେ ତାଙ୍କ ବାପା ଡ. କେ. ସୁବ୍ରମଣ୍ୟମ୍‌ଙ୍କୁ ପ୍ରତିରକ୍ଷା ଉତ୍ପାଦନ ସଚିବ ପଦରୁ ବହିଷ୍କାର କରିଥିଲେ। ରାଜୀବ ଗାନ୍ଧୀଙ୍କ ସମୟରେ ସୁବ୍ରମଣ୍ୟମ୍‌ଙ୍କୁ ଅଣଦେଖା କରି ତାଙ୍କଠାରୁ ଜୁନିୟର ଜଣେ ଅଫିସରଙ୍କୁ କ୍ୟାବିନେଟ ସଚିବ କରାଯାଇଥିଲା। ଜୟଶଙ୍କର କିପରି ପ୍ରଶାସନିକ ସେବାରୁ ରାଜନୀତିକୁ ଆସିଲେ ସେ ସମ୍ପର୍କରେ ସାକ୍ଷାତ୍‌କାରରେ କହିଛନ୍ତି।


ଏସ୍. ଜୟଶଙ୍କର


କେ. ସୁବ୍ରମଣ୍ୟମ୍

ସେ ସବୁବେଳେ ସର୍ବଶ୍ରେଷ୍ଠ ଅଫିସର ହେବା ଏବଂ ବହିର୍ବ୍ୟାପାର ସଚିବ ପଦକୁ ପଦୋନ୍ନତି ପାଇବାକୁ ଆଗ୍ରହୀ ଥିଲେ। ୨୦୧୫ ଜାନୁୟାରୀରୁ ୨୦୧୮ ଜାନୁୟାରୀ ପର୍ଯ୍ୟନ୍ତ ସେ ବହିର୍ବ୍ୟାପାର ସଚିବ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ଚାଇନା ଓ ଆମେରିକାରେ ଭାରତୀୟ ଦୂତାବାସରେ ଉଚ୍ଚ ପଦବୀରେ ଥିଲେ। ତାଙ୍କ ବାପା କେ. ସୁବ୍ରମଣ୍ୟମ ଭାରତର ଅନ୍ୟତମ ଖ୍ୟାତନାମା ଜାତୀୟ ସୁରକ୍ଷା ରଣନୀତିକାର ଥିଲେ, ଯାହାଙ୍କର ୨୦୧୧ରେ ପରଲୋକ ହୋଇଥିଲା। ତାଙ୍କ ବାପା ୧୯୭୯ରେ ଜନତା ସରକାରରେ ସମ୍ଭବତଃ ସର୍ବକନିଷ୍ଠ ସଚିବ ନିଯୁକ୍ତ ହୋଇଥିଲେ ଏବଂ ୧୯୮୦ରେ ତାଙ୍କୁ ପ୍ରତିରକ୍ଷା ଉତ୍ପାଦନ ସଚିବ କରାଯାଇଥିଲା। ସେହିବର୍ଷ ଇନ୍ଦିରା ପୁନଃ ନିର୍ବାଚିତ ହେବା ପରେ ସୁବ୍ରମଣ୍ୟମ ପ୍ରଥମ ସଚିବ ଭାବେ ବିଦା ହୋଇଥିଲେ। ଏହା ପରେ ତାଙ୍କ ବାପା ଆଉ ସଚିବ ହୋଇ ନ ଥିଲେ। ଜୟଶଙ୍କରଙ୍କ ବଡ଼ଭାଇ ସଚିବ ହେବାବେଳେ ତାଙ୍କ ବାପା ବହୁତ ଗର୍ବ ଅନୁଭବ କରିଥିଲେ। ବାପାଙ୍କ ପରଲୋକ ପରେ ଜୟଶଙ୍କର ସଚିବ ନିଯୁକ୍ତ ହୋଇଥିଲେ। ୨୦୧୮ରେ ବହିର୍ବ୍ୟାପାର ସଚିବ ପଦରୁ ଅବସର ନେବା ପରେ ସେ ଏକ ନୂଆ ଜୀବନ ଆରମ୍ଭ କରିବେ ବୋଲି ଭାବିଥିଲେ। କିନ୍ତୁ ପରେ ତାଙ୍କୁ ଟାଟା ସନ୍ସରେ କାର୍ଯ୍ୟ କରିବାର ସୁଯୋଗ ମିଳିଲା ଏବଂ ୨୦୧୯ରେ ଅଚାନକ ରାଜନୈତିକ ସୁଯୋଗ ଆସିଲା ବୋଲି ଜୟଶଙ୍କର କହିଛନ୍ତି। ତେବେ ସେ ରାଜନୈତିକ ଜୀବନ ପାଇଁ ପୂର୍ବରୁ ପ୍ରସ୍ତୁତ ନ ଥିଲେ ବୋଲି କହିଛନ୍ତି।

## ମୋଦି ଏଲ୍‌ଏସିକୁ ସେନା ପଠାଇଥିଲେ, ରାହୁଲ ନୁହନ୍ତି

ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଚାଇନାର ଅତିକ୍ରମଣକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଆସୁଥିବାବେଳେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହାର ସମାଲୋଚନା କରିଛନ୍ତି। ଚାଇନା ସୈନ୍ୟଙ୍କୁ ମୁକାବିଲା ଲାଗି କଂଗ୍ରେସ ନେତା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)କୁ ସୈନ୍ୟ ପଠାଇ ନ ଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଠାଇଥିଲେ ବୋଲି ସେ କହିଛନ୍ତି। ୧୯୬୨ରେ କ'ଣ ଘଟିଥିଲା ବିରୋଧୀ ଦଳ ତାହାର ଅନୁଧ୍ୟାନ କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସୀମାନ୍ତ ଭିତ୍ତିଭୂମିର ଉନ୍ନତି ପାଇଁ ମୋଦି ସରକାର ବଜେଟରେ ୫ ଗୁଣା ବ୍ୟୟବରାଦ କରିଛନ୍ତି। ଗତବର୍ଷ ଚାଇନା ପଙ୍ଗୋଙ୍ଗ ହ୍ରଦ ଉପରେ ବ୍ରିଜ୍ ନିର୍ମାଣ କରିବାକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ସମାଲୋଚନା କରୁଛନ୍ତି। ତେବେ ୧୯୬୨ ଯୁଦ୍ଧ ପରଠାରୁ ଚାଇନା ଉକ୍ତ ଅଞ୍ଚଳକୁ ବେଆଇନ ଭାବେ ଦଖଲ କରି ରଖିଥିବା ଜୟଶଙ୍କର କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୨ ଫେବୃୟାରୀ, ୨୦୨୩






# ଖରାପ ରେଜଲ୍ଟ କରୁଥିବା ସ୍କୁଲ ଶିକ୍ଷକଙ୍କ ତାଲିକା ହେବ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

■ ୬ ବର୍ଷ ହେଲା ପ୍ରାଥମିକ ପିଲାଙ୍କ ଫଳାଫଳ ନୈରାଶ୍ୟଜନକ

■ ମେ' ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ସମସ୍ତ ଡିଇଓଙ୍କୁ ନିର୍ଦ୍ଦେଶ

ରାଜ୍ୟରେ ଖରାପ ରେଜଲ୍ଟ କରୁଥିବା ସ୍କୁଲର ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ ହେବ। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, ଯେଉଁ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ବିଷୟ ଯଥା ଗଣିତ, ଇଂଲିଶ ଓ ବିଜ୍ଞାନରେ ପିଲାମାନେ ଆଶାଠାରୁ କମ୍ ମାର୍କ ରଖୁଛନ୍ତି, ସେହିସବୁ ସ୍କୁଲ ସହିତ ସେଠାରେ ପଢ଼ାଉଥିବା ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ମେ' ମାସ ଶେଷ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୯,୭୨,୮୭୦ ଥିବାବେଳେ ୧,୯୭,୩୨୬ ଜଣ ଶିକ୍ଷକ ରହିଛନ୍ତି। ତେବେ ରାଜ୍ୟରେ ପାସ୍-ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହେବା ପରେ ପିଲାଙ୍କର ପରୀକ୍ଷା ରେଜଲ୍ଟ ଠିକ୍ ଭାବେ ସ୍ପଷ୍ଟ ହୋଇପାରୁନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିବର୍ଷ ବାର୍ଷିକ ପରୀକ୍ଷା ହେଉଥିଲେ ମଧ୍ୟ ସବୁ ପିଲାଙ୍କୁ ଉତ୍ତୀର୍ଣ୍ଣ କରିଦିଆଯାଉଛି। ଫଳରେ ପିଲାମାନେ କେତେ ଦକ୍ଷ ଓ ସେମାନଙ୍କ ରେଜଲ୍ଟ କିପରି ହେଉଛି ତାହା ଅଭିଭାବକମାନେ ଜାଣିପାରୁନାହାନ୍ତି। ଏପରି ସ୍ଥିତିରେ ଗତ ୬ବର୍ଷ ହେବ ରାଜ୍ୟରେ ଉଭୟ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶିକ୍ଷାରେ ପିଲାଙ୍କ ରେଜଲ୍ଟ ଅତ୍ୟନ୍ତ ନୈରାଶ୍ୟଜନକ ରହୁଛି। ବିଶେଷକରି ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟରେ ପିଲାମାନେ ଦୁର୍ବଳ ଥିବା ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ଲାଗି ଶିକ୍ଷକଙ୍କ ଶିକ୍ଷାଦାନ କିପରି ହେଉଛି ତା'ର ତଦନ୍ତ କରାଯିବ ବୋଲି ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଫଳରେ ରାଜ୍ୟର ଯେଉଁ ସ୍କୁଲଗୁଡ଼ିକରେ ୫୦ପ୍ରତିଶତରୁ ଅଧିକ ଛାତ୍ରୀଛାତ୍ର ଗଣିତ, ଇଂଲିଶ ଓ ବିଜ୍ଞାନରେ ୩୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି, ସେହି ସ୍କୁଲରେ ସମ୍ପୃକ୍ତ ବିଷୟ ପଢ଼ାଉଥିବା ଶିକ୍ଷକଙ୍କ ପଢ଼ାଇବା ଶୈଳୀ ଏବଂ କେଉଁ କାରଣରୁ ପିଲାଙ୍କ ଉନ୍ନତି ହେଉନାହିଁ ସେ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ। ସେଥିପାଇଁ ସମ୍ପୃକ୍ତ ସ୍କୁଲରେ ଗଣିତ, ଇଂଲିଶ ଓ ବିଜ୍ଞାନ ପଢ଼ାଉଥିବା ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାଜ୍ୟର ସମସ୍ତ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନେ କାହିଁକି ମୁଖ୍ୟ ୩ଟି ବିଷୟରେ ଦୁର୍ବଳ ତାହା ତଦନ୍ତ କରାଯିବ। ଶିକ୍ଷକଙ୍କ ତାଲିକା ପ୍ରକ୍ରିୟା ଶେଷ ହେବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ଶିକ୍ଷାଦାନ ପଦ୍ଧତିରେ ପରିବର୍ତ୍ତନ ଆଣିବା ସହିତ ସେମାନେ କିପରି ଅନୁନ୍ନତ ପିଲାମାନଙ୍କୁ ନୂଆ ଢାଞ୍ଚାରେ ଶିକ୍ଷାଦାନ କରିବେ ସେ ନେଇ ପ୍ରୟାସ କରାଯିବ। ଏଥିସହିତ ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯିବ, ଯଦ୍ୱାରା ସବୁ ବର୍ଗର ପିଲାଙ୍କୁ ଦକ୍ଷ କରାଇବାରେ ସଫଳ ହୋଇପାରିବେ। ଏହାବ୍ୟତୀତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ଇଂଲିଶ, ବିଜ୍ଞାନ ଏବଂ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟକୁ ଗୁରୁତ୍ୱ ଦିଆଯିବ। ଗତ ୨ବର୍ଷର ରିପୋର୍ଟ ଅନୁସାରେ ତାଲିକା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଚଳିତବର୍ଷ ସମସ୍ତ ଶ୍ରେଣୀର ବାର୍ଷିକ ପରୀକ୍ଷା ଶେଷ ହେବା ପରେ ପିଲାଙ୍କ ମାର୍କକୁ ନଜର ଦେଇ ତାଲିକା ପ୍ରସ୍ତୁତ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ସ୍କୁଟି ଚାଳକଙ୍କୁ କାର୍ ସିଟବେଲ୍ଟ ଫାଇନ

**ରାଜଗାଙ୍ଗପୁର, ୨୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଜଣେ ସ୍କୁଟି ଚାଳକଙ୍କୁ କାର୍ ସିଟବେଲ୍ଟ ଫାଇନ ଦେବାକୁ ମେସେଜ ଆସିଥିଲା। ପରେ ଏହା ଭୁଲ ମେସେଜ ବୋଲି ଜଣାପଡ଼ିଛି। ରାଜଗାଙ୍ଗପୁର ସହରରେ ବାସ କରୁଥିବା ଅଭିଷେକ କରଙ୍କର ଏକ ସ୍କୁଟି ଓଡି ୧୬ ଏଫ ୪୩୫୬ ରହିଛି। ତାଙ୍କ ମୋବାଇଲକୁ ଆସିଥିବା ମେସେଜ ଯୋଗେ ଜାଣିବାକୁ ପାଇଲେ ଯେ, ସିଟ ବେଲ୍ଟ ପିନ୍ଧି ନ ଥିବାରୁ ତାଙ୍କୁ ୧୦୦୦ ଟଙ୍କା ଫାଇନ ହୋଇଛି। ତାହା ପୁଣି ଝାରସୁଗୁଡା ଜିଲାରେ। ମେସେଜ ପାଇଲା ପରେ ସେ ବ୍ୟତିବ୍ୟସ୍ତ ହୋଇଥିଲେ। ଏପରି କିପରି ହେଲା। ସେ ଝାରସୁଗୁଡା ଯାଇ ନାହାନ୍ତି କି କାର ଚଳାଇନାହାନ୍ତି। ତାଙ୍କୁ ଯେଉଁ ମେସେଜ ଆସିଛି ତାହା ତାଙ୍କ ସ୍କୁଟିର ନମ୍ବର। ଘଟଣା ପ୍ରଘଟ ହେଲା ପରେ ମଙ୍ଗଳବାର ସନ୍ଧ୍ୟାରେ ଝାରସୁଗୁଡା ଆରଟିଓ କାର୍ଯ୍ୟାଳୟ ପକ୍ଷରୁ



ମେସେଜ ପାଇଲେ ଯେ ଏହା ଏକ ହ୍ୟୁମାନ ଏରର। ଯେଉଁ ଥାନା ପକ୍ଷରୁ ଏହା କରାଯାଇଛି ସେହି ଥାନାକୁ ଠିକ କରିବା ପାଇଁ ଝାରସୁଗୁଡା ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ମେସେଜ କରାଯାଇଛି।



'ଆଇଟିସିଏମ୍'ର ପରୀକ୍ଷଣ

# 'ଆଇଟିସିଏମ୍' କ୍ଷେପଣାସ୍ତ୍ର ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୧।୨**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ନଂ. ଲଞ୍ଚପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଇଣ୍ଡିଜିନୋସ୍ ଟେକ୍ନୋଲୋଜି କ୍ରୁଜ୍ ମିଶାଇଲ୍ (ଆଇଟିସିଏମ୍)ର ମଙ୍ଗଳବାର ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡୋ ଦ୍ୱାରା ହୋଇଥିବା ଏହି ପରୀକ୍ଷଣରୁ ପ୍ରାପ୍ତ ତଥ୍ୟକୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକମାନେ ତର୍ଜମା କରୁଛନ୍ତି।

ପୂର୍ବରୁ ଥିବା ନିର୍ଭୟ ମିଶାଇଲର ଏହା ଅପଡେଟ୍ ଭର୍ସନ ଓ ଏଥିରେ ସମ୍ପୂର୍ଣ୍ଣ ଭାବେ ମେକ୍ ଇନ ଇଣ୍ଡିଆର ଯନ୍ତ୍ରାଂଶ ଓ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହି 'ଆଇଟିସିଏମ୍'ରେ ମାନିକ ସ୍ମଲ୍ ଟର୍ବୋ ଫ୍ୟାନ ଇଞ୍ଜିନ୍ ବ୍ୟବହୃତ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା 'ଆଇଟିସିଏମ୍'ର ଓଜନ ୧୫୦୦ କିଲୋଗ୍ରାମ ଥିବା ବେଳେ ଲମ୍ବ ୬ ମିଟର ରହିଛି। ଏହା ସମୁଦ୍ର ଜଳସ୍ତରର ୫୦ମିଟର ଉପରେ ଉଡ଼ାଣ କରି ଶତ୍ରୁପକ୍ଷକୁ ଆକ୍ରମଣ କରିପାରିବାର କ୍ଷମତା ରଖିଛି। ଏଥିରେ ୩୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଏଥିସହିତ ମିଶାଇଲରେ ଖଞ୍ଜାଯାଇଥିବା ୨.୭ ମିଟର ଲମ୍ବର ଡେଣା ସାହାଯ୍ୟରେ ଏକ ଏୟାରକ୍ରାଫ୍ଟ ଭଳି ଉଡ଼ାଣ କରିବା ସହିତ ଶତ୍ରୁପକ୍ଷର ଫଟୋ, ଭିଡିଓ କଣ୍ଟ୍ରୋଲରୁମ୍‌କୁ ପଠାଇବାକୁ ସକ୍ଷମ ହୋଇଥାଏ।

# ଚିହ୍ନଟକାରୀଙ୍କ ତଣ୍ଟି କାଟିଲେ ଅଭିଯୁକ୍ତ

**ଗୋପାଳପୁର, ୨୧।୨(ଡି.ଏନ୍.ଏ.)**

## ପପୁ ପମ୍‌ପମ୍‌ଙ୍କୁ ଟେକା ମାଡ଼ ଘଟଣା

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମରେ ଗତ ୧୭ ତାରିଖ ରାତିରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଷ୍ଟେଜ ଶୋ' ଉପରକୁ ଟେକା, ପଥର ମାଡ଼ ହୋଇଥିଲା। ଟେକାମାଡ଼ କରିଥିବା ଅଭିଯୁକ୍ତଙ୍କୁ ସେହି ଗ୍ରାମର ଜଣେ ଯୁବକ ଚିହ୍ନଟ କରିଥିଲେ। ଏହି ଘଟଣାରେ ଦଣ୍ଡବିଧାନ ନିମନ୍ତେ ମଙ୍ଗଳବାର ଗ୍ରାମସଭା କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସୋମବାର ରାତିରେ ଅଭିଯୁକ୍ତଜଣଙ୍କ ଚିହ୍ନଟକାରୀଙ୍କ ତଣ୍ଟି କାଟି ଏକ କୂଅକୁ ଫିଙ୍ଗିଦେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିବା ବେଳେ ପୋଲିସ ନଂ୧୦୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ସୋରଳ ଗ୍ରାମରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଷ୍ଟେଜ ଶୋ' କରୁଥିବା ବେଳେ ଗ୍ରାମର ଟୁନା ବେହେରା ତାଙ୍କୁ ଟେକା ମାଡ଼ କରିଥିଲେ ବୋଲି ଗୋପାଳଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣା ନେଇ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ ନିମନ୍ତେ ମଙ୍ଗଳବାର ଗ୍ରାମସଭା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସୋମବାର ରାତିରେ ଟୁନାଙ୍କ ସହିତ ଗୋପାଳଙ୍କର ଯୁକ୍ତିତର୍କ ହୋଇଥିଲା। ଟୁନା ଉତକ୍ଷିପ୍ତ ହୋଇ ଏକ ଛୁରିରେ ଗୋପାଳଙ୍କ ତଣ୍ଟି କାଟିଦେବା ସହିତ ନିକଟସ୍ଥ ଏକ କୂଅକୁ ଠେଲି ଦେଇଥିଲେ। ଗୋପାଳଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲରୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଳନ୍ଥରା ଥାନାରେ ଗୋପାଳଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୁକ୍ତ ଟୁନା ଫେରାର ହୋଇଯାଇଥିଲେ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।






## ଭିମ୍‌ସାର୍ ନିର୍ଦ୍ଦେଶକ ନିଯୁକ୍ତି ପାଇଁ ଚୟନ କମିଟି ଗଠିତ

ଭୁବନେଶ୍ୱର, ୨୧।୨(ବ୍ୟୁରୋ): ସମ୍ବଲପୁର ଭିମ୍‌ସାର୍‌ର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ଏକ ୫ଜଣିଆ ଚୟନ କମିଟି ଗଠନ କରାଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କମିଟିର ଅଧକ୍ଷ ଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସଂଯୋଜକ ରହିଛନ୍ତି। ସେହିପରି ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଦସ୍ୟ ରହିଥିବା ବେଳେ କିମ୍ସ ପ୍ରୋ-ଚାନ୍ସେଲର ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ ଏବଂ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆ କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର ବିଶେଷଜ୍ଞ ସଦସ୍ୟ ଭାବେ ରହିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ‘ସ୍ୱଚ୍ଛତା ରହିଲେ ବିଶ୍ୱାସ ବଢ଼ିବ’

**ଓଡ଼ିଶା ଆଡଭର୍ଟାଇଜିଂ ମାର୍କେଟରେ ୨୦୦୧ରୁ ‘ଏକ୍ସପୋଜ୍’ ଆଡଭର୍ଟାଇଜିଂ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏପରିକି ୪ଜଣ କର୍ମଚାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଉକ୍ତ ଏଜେନ୍ସି ବର୍ତ୍ତମାନ ୩୫ରେ ପହଞ୍ଚିଛି। ସେହିଭଳି ସାରା ଓଡ଼ିଶାରେ ସଂସ୍ଥାର ଦୃଢ଼ ଉପସ୍ଥିତି ରହିଥିବା ଜଣାପଡ଼ିଛି। ବିଶେଷକରି ଗୁଣାତ୍ମକ ସେବା ଓ ସମୟାନୁବର୍ତ୍ତିତା ଯୋଗୁ ଏକ୍ସପୋଜ ଆଡଭର୍ଟାଇଜିଂ କେବଳ ଓଡ଼ିଶା ନୁହେଁ ବରଂ ପଡ଼ୋଶୀ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ମଧ୍ୟ ସଂସ୍ଥା ବ୍ୟବସାୟ ଚଳାଉଛି। ବିଶେଷକରି ବ୍ୟବସାୟରେ ସ୍ୱଚ୍ଛତା ରଖିଲେ ଗ୍ରାହକଙ୍କ ବିଶ୍ୱାସ ବଢ଼ିବ ଏବଂ ଆପଣଙ୍କ ବ୍ୟବସାୟ ଆଗକୁ ବଢ଼ିବ। କମ୍ ଦିନରେ ଅନେକ ସଫଳତା ପାଇଥିବା ଏକ୍ସପୋଜ୍ ଆଡଭର୍ଟାଇଜିଂ ମୁଖ୍ୟ ସଞ୍ଜୀବ ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

ଧରିତ୍ରୀ | OrissaPOST
BUSINESS EMINENCE AWARDS

**୧– ପ୍ର. ସଂସ୍ଥାର ବ୍ୟବସାୟିକ ଯାତ୍ରା କିଭଳି ରହିଛି?**

ଉ– ଦୀର୍ଘ ୨ ଦଶନ୍ଧିର ବ୍ୟବସାୟିକ ଯାତ୍ରା ବେଶ୍ ରୋମାଞ୍ଚ ଓ ଘଟଣାବହୁଳ ରହିଛି, ଏପରିକି ଆମେ ବହୁ ଘାତପ୍ରତିଘାତ ସହ ସଫଳତା ଏବଂ ବିଫଳତା ପରିସ୍ଥିତି ଦେଇ ଗତି କରିଛୁ। ତେବେ ସବୁ ପ୍ରକାର ପରିସ୍ଥିତିକୁ ଆମେ ବେଶ୍ ଉପଭୋଗ କରିଛୁ।

**୨– ପ୍ର. ବ୍ୟବସାୟରେ ସାମ୍ନା କରିଥିବା ବଡ଼ ଉପଲବ୍ଧି କ’ଣ?**

ଉ– ବ୍ୟବସାୟରେ ଅନେକ ପ୍ରକାର ଉପଲବ୍ଧ ମିଳିଥାଏ। ବିଶେଷକରି ଯଦି ଆପଣ କାମରେ ଗୁଣବତ୍ତା ରକ୍ଷା କରିବା ସହ ଠିକ୍ ସମୟରେ ଗ୍ରାହକଙ୍କୁ ତାହା ଯୋଗାଇଦେଇ ପାରିବେ, ତେବେ ତାହା ଆପଣଙ୍କ ପାଇଁ ସବୁଠୁ ବଡ଼ ଉପଲବ୍ଧି ହୋଇଥାଏ। କାରଣ ଏଭଳି ବ୍ୟବସାୟରେ ଗ୍ରାହକମାନେ ସର୍ବଦା କ୍ୱାଲିଟି ଏବଂ ଟାଇମିଂକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅପରପକ୍ଷରେ ପାଣ୍ଠି ପରିଚାଳନା ବା ଫଣ୍ଡ ମ୍ୟାନେଜମେଣ୍ଟ ବର୍ତ୍ତମାନ ସବୁଠୁ ବଡ଼ ଡିସ୍ ଆଡଭାଣ୍ଟେଜ ହୋଇଯାଇଛି। କାରଣ କୋଭିଡ୍ ପରଠାରୁ ପେମେଣ୍ଟ ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି, ଯେଉଁଥିପାଇଁ ଆମେ ଆମର ଭେଣ୍ଡର ଏବଂ ମିଡିଆ ହାଉସକୁ ପେମେଣ୍ଟ ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହେଉଛୁ।

**୩– ପ୍ର. କମ୍ପାନୀର ସ୍ୱତନ୍ତ୍ର ବ୍ୟବସାୟିକ ଉଦ୍ଦେଶ୍ୟ(ୟୁଏସ୍‌ପି) କ’ଣ ରହିଛି? ଆଉ ବ୍ୟବସାୟକୁ ଆଗକୁ ବଢ଼ାଇବାରେ କ’ଣ ଯୋଜନା କରିଛନ୍ତି?**

ଉ– ଆଡଭର୍ଟାଇଜିଂ ବ୍ୟବସାୟରେ ଗ୍ରାହକଙ୍କ ସହ ସ୍ୱଚ୍ଛତା ବଜାୟ ରଖିବା ଜରୁରୀ ହୋଇଥାଏ। ଏପରିକି ଅଧିକ ଟଙ୍କା ଦାବି ନ କରି ଉଚିତ ଦାମ ଲଗାଇବା ସହ ଠିକ୍ ସମୟରେ କ୍ୱାଲିଟି ସେବା ଯୋଗାଇବା। ଆମର ମାନବ ସମ୍ବଳକୁ ଠିକ୍ ଭାବେ ବ୍ୟବହାରକରି ସଂଗଠିତ ଭାବେ କାର୍ଯ୍ୟ କରିବା ଉପରେ ବେଶ୍ ଗୁରୁତ୍ୱ ଦେଉଛୁ। ଆଗାମୀ ଦିନରେ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ସେଥିପାଇଁ ଆବଶ୍ୟକ କାର୍ଯ୍ୟ କରାଯାଉଛି।

**୪– ପ୍ର. ଓଡ଼ିଶା ଆଡଭର୍ଟାଇଜିଂ ମାର୍କେଟିଂ ଆଗକୁ ବଢ଼ିବ ବୋଲି ଭାବୁଛନ୍ତି କି ?**

ଉ– ବର୍ତ୍ତମାନ ଆମେ ଏକ ଖରାପ ସମୟ ଦେଇ ଗତି କରୁଛୁ। କାରଣ ଆଗ ଅପେକ୍ଷା କାମ ଦିନକୁ ଦିନ କମିବାରେ ଲାଗିଛି। ଏପରିକି କୋଭିଡ୍ ଆଡଭର୍ଟାଇଜିଂ ବ୍ୟବସାୟ ଶିଳ୍ପକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇଛି। ଆଗାମୀ ଦିନରେ ଯଦି ଭଲ ବ୍ୟବସାୟ ବାତାବରଣ ସୃଷ୍ଟି ହେବ ତା’ ହେଲେ ବ୍ୟବସାୟ ଭଲ ହେବ ବୋଲି ଆଶା କରୁଛୁ।

**୫– ପ୍ର. ଆଡଭର୍ଟାଇଜିଂ ମାର୍କେଟିଂରେ ପ୍ରବେଶ କରୁଥିବା ନବାଗତଙ୍କ ପାଇଁ କ’ଣ ସନ୍ଦେଶ ରହିବ?**

ଉ– ବ୍ୟବସାୟ ଯାହା ବି କର କଠିନ ପରିଶ୍ରମ ନିହାତି ଜରୁରୀ। ବିଶେଷକରି ଗ୍ରାହକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଆ ନ ଯିବା ଆବଶ୍ୟକ। ଏପରିକି ଗୁଣାତ୍ମକ ସେବା ଓ ବିଶ୍ୱାସଭାଜନ ବେଶ୍ ଗୁରୁତ୍ୱ ବହନ କରିଥାଏ। ଏଭଳି କିଛି ପଦକ୍ଷେପକୁ ଠିକ୍ ଭାବେ ଆପଣାଇଲେ ଆପଣ ଜଣେ ସଫଳ ବ୍ୟବସାୟୀ ହୋଇପାରିବେ।

**୬– ପ୍ର. ଅବସର ସମୟରେ କ’ଣ କରିବାକୁ ଭଲପାନ୍ତି ?**

ଉ –ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ବ୍ୟବସାୟୀଙ୍କ ପାଇଁ ଅବସରର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ତଥାପି ବ୍ୟସ୍ତବହୁଳ ସମୟ ମଧ୍ୟରୁ କିଛି ସମୟ ବାହାର କରିବାକୁ ପଡ଼ିଥାଏ। କାରଣ ବ୍ୟବସାୟ ପରେ ମଧ୍ୟ ସାମାଜିକ ଜୀବନ ଓ ପରିବାରର ଦାୟିତ୍ୱ ମୁଣ୍ଡ ଉପରେ ଥାଏ। ସେଥିପାଇଁ ଯେଉଁ କିଛି ସମୟ କଷ୍ଟରେ ମିଳିଥାଏ ତା’ର ସଦୁପଯୋଗ ପାଇଁ ସର୍ବଦା ଚେଷ୍ଟା କରିଥାଏ। ଏପରିକି ପରିବାରକୁ ସମୟ ଦେବା ସହ ସାଙ୍ଗସାଥୀ ଓ ପରିଜନଙ୍କୁ ମଧ୍ୟ ସ୍ୱତନ୍ତ୍ର ସମୟରେ ସମୟ ଦେଇଥାଏ। ବିଶେଷକରି ଯେହେତୁ ବିଜ୍ଞାପନଭିତ୍ତିକ ବ୍ୟବସାୟରେ ରହିଛି, ସେଥିପାଇଁ ଅଧିକ ସମୟ ପରିଭ୍ରମଣ କରିବାର ଅଭ୍ୟାସ ମଧ୍ୟ ରହିଛି। ବର୍ଷର ବିଶେଷ ସମୟରେ ବାହାରକୁ ଯିବା ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ହେବାକୁ ଭଲଲାଗେ। ଘରେ ଥିଲେ ସଂଗୀତ ଶୁଣିବା ଓ ପରିବାର ସହ ହସଖୁସିର ସାଥୀ ହୋଇଥାଏ।



ସଞ୍ଜୀବ ମହାନ୍ତି

# ୨୭ରେ ଦିବ୍ୟଶଙ୍କରଙ୍କ ଦ୍ୱିତୀୟ ବାହାଘର





ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ପ୍ରିୟଙ୍କା ଅଗସ୍ତି

**ଭବାନୀପାଟଣା,୨୧।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଦ୍ୱିତୀୟ ବିବାହ କରିବା ନେଇ ଏବେ ସୋସିଆଲ ମିଡିଆରେ ଖବର ପ୍ରଚାର ହେବାରେ ଲାଗିଛି। ଫେବୃୟାରୀ ୨୭ରେ ପୁରୀରେ ସେ ବିବାହ କରିବେ ବୋଲି ତାଙ୍କ ପରିବାର ସୂତ୍ରରୁ ସୂଚନା ମିଳିଛି। ଦିବ୍ୟଶଙ୍କର ତାଙ୍କ ନିର୍ବାଚନମଣ୍ଡଳୀ ଅଧୀନ ଗୋଲାମୁଣ୍ଡା ବ୍ଲକ ଦେକୋଟ ଗାଁର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କା ଅଗସ୍ତି (ପିନା)ଙ୍କୁ ବିବାହ କରୁଥିବା ଜଣାପଡିଛି। ଏହା ଉଭୟଙ୍କ ଦ୍ୱିତୀୟ ବିବାହ। ପ୍ରିୟଙ୍କା ବେଙ୍ଗାଲୁରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଛନ୍ତି। ଏହା ପୂର୍ବରୁ ଦିବ୍ୟଶଙ୍କର ଜୟପାଟଣାରେ ବିବାହ କରିଥିଲେ। କୌଣସି କାରଣରୁ ତାଙ୍କର ଛାଡପତ୍ର ହୋଇଥିଲା। ଦିବ୍ୟଶଙ୍କରଙ୍କ ଗୋଟିଏ ପୁଅ ଥିବାବେଳେ ସେ ଦୁବାଇରେ ପାଠ ପଢୁଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣା ନେଇ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ମିଶ୍ର ଚର୍ଚ୍ଚାରେ ରହିଥିଲେ।

# ଚଳିତ ଶିକ୍ଷାବର୍ଷରୁ କଳାହାଣ୍ଡି ମେଡିକାଲ କଲେଜରେ ପାଠପଢ଼ା

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରୁ କଳାହାଣ୍ଡି ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ। ଏନେଇ ଡିଏମ୍ଇଟି ଡା. ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ବର୍ଷ ଯାଜପୁର ଓ କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ୨୦୨୬ ସୁଦ୍ଧା ତାଳଚେରରେ ମଧ୍ୟ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଆଗକୁ ସବୁ ଜିଲା ସଦର ମହକୁମାରେ ମେଡିକାଲ କଲେଜ ଖୋଲିବା ଲାଗି ରାଜ୍ୟ ସରକାର ଯୋଜନା ରଖିଛନ୍ତି। ବର୍ତ୍ତମାନ ରାଜ୍ୟର ବ୍ରହ୍ମପୁର, କଟକ ଓ ବୁର୍ଲା ସମେତ ମୋଟ ୧୦ଟି ସରକାରୀ ମେଡିକାଲ କଲେଜ ରହିଛି। ଏଥିସହ ୨ଟି ପୋଷ୍ଟ ଗ୍ରାଜୁଏଟ ଓ ଡେଣ୍ଟାଲ ମେଡିକାଲ କଲେଜ ରହିଛି। ପୂର୍ବରୁ କଟକ, ବୁର୍ଲା ଓ ବ୍ରହ୍ମପୁର ମେଡିକାଲ କଲେଜରେ ୭୦୦ ଡାକ୍ତରୀ ସିଟ୍ ରହିଛି। ଏବେ ରାଜ୍ୟରେ ଖୋଲିଥିବା ୭ଟି ନୂଆ ମେଡିକାଲ କଲେଜ ଯୋଗୁ ଆଉ ୭୦୦ ସିଟ୍ ଯୋଡ଼ି ହୋଇଛି। ଫଳରେ ରାଜ୍ୟର ସରକାରୀ ମେଡିକାଲ କଲେଜର ମୋଟ ଡାକ୍ତରୀ ସିଟ ସଂଖ୍ୟା ୧,୪୦୦ରେ ପହଞ୍ଚିଛି। ସବୁ ଜିଲାରେ ମେଡିକାଲ କଲେଜ ଖୋଲିବା ପରେ ରାଜ୍ୟରେ ଦେଖାଦେଇଥିବା ଡାକ୍ତର ଅଭାବ ସମସ୍ୟା ଦୂର ହେବ। ସେହିଭଳି ଏମ୍‌ବିବିଏସ୍ ଡିଗ୍ରୀ ହାସଲ ପରେ ରାଜ୍ୟ ବାହାରକୁ ନ ଯିବା ପାଇଁ ଦୁଇ ବର୍ଷ ଚୁକ୍ତି କରାଯାଉଛି। ନକଲି ଡାକ୍ତରଙ୍କୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଡିଏମ୍ଇଟି କହିଛନ୍ତି।

# ‘ସମ୍ବଲପୁର, ଦେବଗଡ଼ ଜିଲାର ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମିଳୁ’

### କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡା ସମେତ ସମ୍ବଲପୁର ଏବଂ ଦେବଗଡ଼ ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରିବା ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସମ୍ବଲପୁର ଏବଂ ଦେବଗଡ଼ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ପୁରୀ ଏବଂ ଭୁବନେଶ୍ୱର ଭଳି ସମ୍ବଲପୁର ଜିଲାର ମହାନଦୀ ତଟରେ ଥିବା ବିଶ୍ୱର ଦୀର୍ଘତମ ନଦୀବନ୍ଧ ହୀରାକୁଦ, ହୁମା ମନ୍ଦିର ଉଭୟ ଘରୋଇ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ଦୃଷ୍ଟିଗୋଚର ହୋଇନାହିଁ। ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସହର ସମ୍ବଲପୁର ପାରମ୍ପରିକ ହସ୍ତଶିଳ୍ପ, ବସ୍ତ୍ର ଏବଂ ଶାଢ଼ି ପାଇଁ ଅଧିକ ପରିଚିତ। ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସେମାନେ ସମ୍ବଲପୁରୀ ବସ୍ତ୍ରାଳୟକୁ ଯାଇ ପୋଷାକ ବୁଣିବା ପଦ୍ଧତି ଶିଖିବା ସହ ସ୍ଥାନୀୟ ସାମଗ୍ରୀ ମଧ୍ୟ କିଣିବେ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ହେଉଛି ସମ୍ବଲପୁର ଜିଲା ଖିଣ୍ଡା। ୧୮୫୭ରେ ବ୍ରିଟିଶଙ୍କ ବିରୋଧୀରେ ସଂଗ୍ରାମ କରି ସୁରେନ୍ଦ୍ର ସାଏ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ କାରାଦଣ୍ଡ ଭୋଗ କରିଥିଲେ। ପର୍ଯ୍ୟଟକ ଓ ଐତିହାସିକମାନେ ତାଙ୍କ ଜନ୍ମସ୍ଥାନକୁ ଯାଇ ସୁରେନ୍ଦ୍ର ସାଏଙ୍କ ଜୀବନ ଓ ଦେଶ ସ୍ୱାଧୀନତା ପାଇଁ ତାଙ୍କ ସଂଗ୍ରାମ ବିଷୟରେ ଜାଣିପାରିବେ। ଅନୁରୂପ ଭାବେ ଜଙ୍ଗଲ, ଝରଣା, ପର୍ବତର ସବୁଜିମା ମଧ୍ୟରେ ଅବସ୍ଥିତ ଦେବଗଡ଼ ସହର। ଲକ୍‌ଡାଉନ ଯୋଗୁ ପର୍ଯ୍ୟଟନ କ୍ଷେତ୍ର ବିଶେଷ ପ୍ରଭାବିତ ହୋଇଥିଲା। ତେଣୁ ଏହିସବୁ ସ୍ଥାନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରାଗଲେ ପର୍ଯ୍ୟଟନ ଭିତ୍ତିଭୂମି ବୃଦ୍ଧି ହେବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

# ବିଷ ପିଇଲେ ମଙ୍ଗୁଳାକନ୍ୟା

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**ବଲାଙ୍ଗୀର ଅଫିସ, ୨୧।୨**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଚିକଲବାହାଲ ଗାଁରେ ବାହାଘରର ଦିନକ ପୂର୍ବରୁ ବିଷ ପିଇ ଦେଇଛନ୍ତି ମଙ୍ଗୁଳାକନ୍ୟା। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ସେ ବିଷ ପିଇଲେ ତାହା ସ୍ପଷ୍ଟ ହୋଇନାହିଁ। ବୁଧବାର ବାହାଘର ତିଥି ବୃତାନ୍ତ ହୋଇଥିଲା। ବିବାହ ପାଇଁ କନ୍ୟାପକ୍ଷ ସମସ୍ତ ପ୍ରସ୍ତୁତି ସାରିଥିଲେ। ଘରକୁ ଆସି ସାରିଥିଲେ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ। ହଠାତ୍ ମଙ୍ଗୁଳାକନ୍ୟା ବିଷ ପିଇଦେଇଥିବା ମଙ୍ଗଳବାର ସକାଳେ ଜଣାପଡ଼ିଥିଲା। ତାଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ପରିବାର ଲୋକେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଦେଓଗାଁ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମଙ୍ଗୁଳାକନ୍ୟା ବିଷ ପିଇବା ପରେ ସଇଁତଲା ଥାନା ଅନ୍ତର୍ଗତ ଏକ ଗାଁର ବରପକ୍ଷ କ’ଣ ପଦକ୍ଷେପ ନେବ ତାକୁ ନେଇ ଆଲୋଚନା ଜାରି ରହିଛି।

# ଭୁବନେଶ୍ୱରରେ ୩୮ ଡିଗ୍ରୀ ତାପମାତ୍ରା

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଭୁବନେଶ୍ୱରରେ ରେକର୍ଡ ଭାଙ୍ଗିଛି ତାତି। ମଙ୍ଗଳବାର ଏବର୍ଷର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ଧରି ପ୍ରବଳ ଖରା ଯୋଗୁ ପୂର୍ବାହ୍ନ ୧୦ ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ସୂଚନାଯୋଗ୍ୟ, ୧୯୬୩ ଫେବୃୟାରୀରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୨.୭ ଡିଗ୍ରୀ ରେକର୍ଡ ହୋଇଥିଲା। ୨୦୨୩ରେ ଏହି ତାପମାତ୍ରା ରେକର୍ଡ ଟପିଯିବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି। ୨୦୧୬ ଫେବୃୟାରୀ ୨୧ରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୦.୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ୨୦୨୦ ଫେବୃୟାରୀ ୧୯ରେ ୩୩.୮, ୨୦୨୧ ଫେବୃୟାରୀ ୨୭ରେ ୪୦.୬ ଏବଂ ୨୦୨୨ ଫେବୃୟାରୀ ୨୮ରେ ୩୪.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ଏବେଠୁ ଖରାର ପ୍ରକୋପ କେବଳ ଓଡ଼ିଶାରେ ନୁହେଁ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟରେ ମଧ୍ୟ ଅନୁଭବ ହୋଇଛି। ତେଲଙ୍ଗାନାର ଆଖପାଖ ଅଞ୍ଚଳ ଥିବା ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଉଛି। ଧୀରେ ଧୀରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବାରୁ ତାପମାତ୍ରା ବଢୁଛି। ଦେଖିବାକୁ ଗଲେ ବର୍ତ୍ତମାନ ଗୁରୁଚାପ ବଳୟ ପଶ୍ଚିମ ଭାରତରେ ସକ୍ରିୟ ରହିଛି, ଯାହାର ପ୍ରଭାବରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଶୁଷ୍କ ବାୟୁ ସୂର୍ଯ୍ୟଙ୍କ ତାତିରେ ଆସି ବାୟୁମଣ୍ଡଳରେ ତାପମାତ୍ରା ବଢ଼ାଉଛି। ପାଣିପାଗ କେନ୍ଦ୍ର ସୂଚନାନୁସାରେ, ମଙ୍ଗଳବାର ଅନୁଗୋଳରେ ୩୭.୧ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ତାଳଚେରରେ ୩୭, ବଲାଙ୍ଗୀରରେ ୩୬.୯, ଝାରସୁଗୁଡ଼ା ୩୬.୮, ସମ୍ବଲପୁର ୩୬.୫, ସୋନପୁର ୩୬.୮, ବୌଦ୍ଧ ୩୬.୯, ଟିଟିଲାଗଡ଼ ୩୬, ବାରିପଦା ୩୬, ମାଲକାନଗିରି ୩୬.୫, ହୀରାକୁଦ ୩୬.୩, କଟକ ୩୫.୨, ଖୋର୍ଦ୍ଧା ୩୫.୫, ଭଦ୍ରକ ୨୬, ନୟାଗଡ଼ ୩୫, ଭବାନୀପାଟଣା ୩୫.୫ ଏବଂ ଚାନ୍ଦବାଲିରେ ୩୫.୮ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି।

ଓଡ଼ିଶା ସରକାର
No.AA-36

**ବୈଦ୍ୟୁତିକ ଯାନ ପାଇଁ ସର୍ବୋତ୍ତମ ଅଭ୍ୟାସ (କରିବା / ନ କରିବା)**

- ରାତିରେ ଚାର୍ଜିଂ କରୁଥିଲେ ସ୍ଲୋ ଚାର୍ଜିଂ ବ୍ୟବହାର କରନ୍ତୁ। ଏହାଦ୍ୱାରା ବ୍ୟାଟେରି ଦୀର୍ଘସ୍ଥାୟୀ ହୋଇଥାଏ।
- ନିୟମିତ / ବାରମ୍ବାର ଫାଷ୍ଟ ଚାର୍ଜିଂ କରନ୍ତୁ ନାହିଁ।
- ଫାଷ୍ଟ ଚାର୍ଜିଂରେ, ଇଭିକୁ ୧୦୦% ଚାର୍ଜ ନ କରି ୮୦% ପର୍ଯ୍ୟନ୍ତ ଚାର୍ଜ କରନ୍ତୁ।
- ବ୍ୟାଟେରିର ଚାର୍ଜ ସ୍ତରକୁ ଏହାର କ୍ଷମତାର ୨୦% ତଳକୁ ଖସିବା ପୂର୍ବରୁ ଚାର୍ଜ କରେଇ ନିଅନ୍ତୁ।
- ବୈଦ୍ୟୁତିକ ଯାନକୁ ଅନୁକୂଳ ବେଗରେ ଚଳାନ୍ତୁ।
- ଚାର୍ଜ କରାଯାଉଥିବାବେଳେ କାର୍‌ରେ ବସିବା ଅନୁଚିତ।
- ଇଭିକୁ ବାୟୁ ଚଳାଚଳ କରୁଥିବା ସ୍ଥାନରେ ପାର୍କିଂ କରି ଚାର୍ଜ କରନ୍ତୁ।
- ଆପଣଙ୍କ ଘରେ କିମ୍ବା ଅଫିସ୍‌ରେ ଇଭି ଚାର୍ଜର ଲଗାନ୍ତୁ। ବାସଗୃହ କିମ୍ବା କାର୍ଯ୍ୟାଳୟରେ ପୂର୍ବରୁ ଥିବା ବିଦ୍ୟୁତ୍ ସଂଯୋଗକୁ ଇଭି ଚାର୍ଜିଂ ପାଇଁ ମଧ୍ୟ ବ୍ୟବହାର କରାଯାଇପାରେ।
- ବୈଦ୍ୟୁତିକ ଯାନର ସୀମିତ ପରିସରକୁ ଦୃଷ୍ଟିରେ ରଖି ନିଜ ଯାତ୍ରାର ମାର୍ଗକୁ ଯୋଜନା କରନ୍ତୁ। ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଇଭି ଯାତ୍ରା ମୋବାଇଲ ଆପ୍ ମାଧ୍ୟମରେ ରୁଟ୍ ପ୍ଲାନିଂ କରିବା ଉଚିତ।
- Public ଇଭି ଚାର୍ଜିଂ ଷ୍ଟେସନ ପାଇଁ ଚାର୍ଜିଂ କରିବାର ନିୟମ ଓ ନିର୍ଦ୍ଦେଶାବଳୀକୁ ସମୁଚିତ ଭାବରେ ଅନୁସରଣ କରନ୍ତୁ।
- ସାଧାରଣତଃ ୪ ଗୋଟି ଲଗାତର ଫାଷ୍ଟ ଚାର୍ଜିଂ ସେସନ୍ ପରେ ଥରେ ସ୍ଲୋ ଚାର୍ଜିଂ ସେସନ୍ କରିବା ଉଚିତ ହୋଇଥାଏ।
- ଯଦି କାର୍ ଦୀର୍ଘ ସମୟ ଧରି ପାର୍କ ହେଉଛି ତେବେ ବ୍ୟାଟେରିକୁ ୮୦% ପର୍ଯ୍ୟନ୍ତ ଚାର୍ଜ କରନ୍ତୁ।

**ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଶକ୍ତି ବିଭାଗ, ଓଡ଼ିଶା ସରକାର**

OIPR-04066/11/0020/2223

Indian handicrafts भारतीय हस्तशिल्प continuing tradition — G20
ଗାନ୍ଧୀ ଶିଳ୍ପ ବଜାର-୨୦୨୩
GANDHI SHILP BAZAAR-2023
ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ
NATIONAL HANDICRAFT EXHIBITION
Place: Golden Sea Beach, Infront of Mahodadhi Nibas, Puri
Date: 20th February to 1st March 2023
Sponsored by: Office of the Development Commissioner (Handicrafts)
Ministry of Textile, Govt of India, New Delhi
Special Handicrafts items from all over India
Please Visit & see the various Handicrafts Items
Organised by: Shree Srikhetra Soochana, Puri

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**APPOINTMENT**
We require a PHARMACIST for our organization.
AGRAHA FOUNDATION
Plot No.- GA 80, Gayatri Bhaban, GA Colony, Bharatpur, Bhubaneswar
e-mail: contact@aagrahafoundation.org
Ph.-9861140807, 9556633763

**REQUIRED**
GENERAL MANAGER for Real Estate Company. 5-10 Yrs. Exp. Selected few applicants will be invited for Interview.
Salary: 40,000/- p.m.
Facilities: Free Four Wheeler Vehicle with Driver, Mobile Recharge, House Rent, EPF & ESI. Call: 7008432414.
Mail us: estgmbbsr@gmail.com

**ଶିକ୍ଷକ ଆବଶ୍ୟକ**
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜି.ଜି.ପି., ରସୁଲଗଡ଼ ପାଇଁ B.A/ M.A. B.Ed ଇଂରାଜୀ ଶିକ୍ଷକ ନବମ, ଦଶମ ଶ୍ରେଣୀ ପାଇଁ ଆବଶ୍ୟକ।
ଯୋଗାଯୋଗ–୮୭୬୩୧୨୩୭୮୨
୯୯୩୭୬୧୯୪୯୭

**REQUIRED**
1. Marketing Agents in every Block for sale of organic input.
2. Sales Personnel for Industrial Products.
3. Gardener cum Grafter - 3
4. Farm Development Manager
Contact: 9337084518

**DELHI PUBLIC SCHOOL**
JANJGIR-CHAMPA
Vacancy 2023-24
Walk-In-Interview
Date - 26th February, 2023, (Sunday), Time - 10:00 am to 05:00 pm
1. Head Mistress (3-5 Yrs. Exp.)
2. PGT (3-5 Yrs. Exp.) - Chemistry, Physics, Commerce, English
3. TGT (3-5 Yrs. Exp.) - Science, S.St., English
4. PRT (2-3 Yrs. Exp.) - Maths, Computer
5. Others (2-3 Yrs. Exp.) - Music Teacher
6. Pre-Primary Coordinators (3-5 Yrs. Exp.) - 2 Posts
7. Pre-Primary Teachers (2-3 Yrs. Exp.) - 3 Posts
8. Computer Teacher (Robotics & AI) (2-3 Yrs. Exp.)
- Those who cannot attend may share the profile at jobs@dpschampa.com
- Candidates are requested to bring one recent colour passport size photograph
- Interested Candidates can attend a walk-in-Interview at:
Venue - Hotel Sagar Royale, SCR-90, Unit-3, Kharavela Nagar, Housing Board Square, Bhubaneswar - 01, Odisha
Work Location - Champa, Chhattisgarh | Call & Whatsapp ! 8435304007
/www.dpschampa.com | /dpschampa | linkedin.com/school/dpschampa

**Utkal Gaurav International School**
UGIS
(A Unit of Utkal Gaurav Foundation)
Village:- Berunapadi, Po :- Soso, Block :- Hatadihi, Dist :- Keonjhar, Odisha - 758078
Location:- Bhadrak, Via:- Bonth - 28 Km
Advertisement for Recruitment: Teaching and Non-Teaching
● Principal ● Vice-Principal ● Post Graduate Teacher-English ● Trained Graduate Teacher-Social Studies, Hindi, Math, Science ● Computer Teacher ● Art Teacher ● Music Teacher ● PET (Male & Female) ● PRT- Odia, Sanskrit and all subjects ● Nursery Teacher ● LDC (Lower Division Clerk) ● Librarian ● Lab Attendant ● Judo & Taekwondo ● Food Manager ● Peon ● Cook
Submit your application within 15 days from the date of advertisement.
How to apply - visit the link given below for detailed information
www.utkalgaurav.org (Career Section), Mob:- 9040005333
Resume to be sent :- resume.ugis@gmail.com

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ



# ବିଦ୍ୟାର୍ଥୀ ଆତ୍ମହତ୍ୟା

ଏବେ ଆରମ୍ଭ ହୋଇଛି ପରୀକ୍ଷା ଋତୁ। ଅଧିକ ନମ୍ବର ରଖିବା ଲାଗି ପିଲାମାନଙ୍କ ଉପରେ ମାତାପିତା, ଅଭିଭାବକଙ୍କଠାରୁ ଆରମ୍ଭକରି ଶିକ୍ଷୟିତ୍ରୀଶିକ୍ଷକ ଚାପ ପକାଇବାରେ ବ୍ୟସ୍ତ। ସାଧାରଣ ପାଠକୁ ଦେଖିଲେ ଯିଏ ଯେତେ ନମ୍ବର ରଖିପାରିବେ ସିଏ ସେତେ ବଡ଼ ଶିକ୍ଷାନୁଷ୍ଠାନରେ ପଢ଼ିପାରିବେ। ଯଦି ଡାକ୍ତରୀ ବା ଇଞ୍ଜିନିୟରିଂ ପଢ଼ିବା ଲାଗି ସିଟ୍ ପାଇବା ସକାଶେ ହେଉଥିବା ପ୍ରତିଯୋଗିତା ବିଷୟ ଦେଖାଯାଏ, ସେଥିରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା। ପ୍ରତିଯୋଗିତାରେ ଧାଉଁଥିବା ପିଲାମାନଙ୍କ ମୁଣ୍ଡକୁ ଏପରି ବିଗାଡ଼ି ଦିଆଯାଇଛି ଯେ, ଯେମିତି ଏହି ପରୀକ୍ଷାରେ ସେମାନେ ବିଫଳ ହୋଇଗଲେ ଜୀବନ ଅସାର ହୋଇଯିବ। ସେଥିପାଇଁ ବିଦ୍ୟାର୍ଥୀ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ଯଦି କୌଣସି ପିଲା ଗଣିତ କିମ୍ବା ବିଜ୍ଞାନରେ ଦକ୍ଷ ନ ଥିବ, ତଥାପି ତାକୁ ମାତାପିତା ବିଜ୍ଞାନ ବିଷୟ ନେଇ ପଢ଼ିବାକୁ ବାଧ କରୁଛନ୍ତି। ସବୁ ସ୍ତରରେ ଅଭିଭାବକମାନେ ଚାପ ପକାଇବାରେ ଧୂରନ୍ଧର। କ୍ୱଚିତ ମା'ବାପା ଅଛନ୍ତି, ଯେଉଁମାନେ ପିଲାଙ୍କ ଉପରେ ପଡୁଥିବା ଚାପ ସମ୍ପର୍କରେ ସଚେତନ ଏବଂ ନିଆଁରେ ଘିଅ ଢାଳନ୍ତି ନାହିଁ। ଏଭଳି ପରିପ୍ରେକ୍ଷୀରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରୁ ନ ଥିବା ପିଲା ଅନେକ କ୍ଷେତ୍ରରେ ଆତ୍ମହତ୍ୟାର ପନ୍ଥା ବାଛି ନେଉଛନ୍ତି।

> **ଆଇନ ଅପେକ୍ଷା ମାତାପିତା, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଶେଷକରି ବିଦ୍ୟାର୍ଥୀଙ୍କୁ ସଚେତନ କରାଯିବା ଦରକାର। ଏଠାରେ ଆଉ ଏକ ଦିଗକୁ ଦେଖିଲେ ଭାରତରେ ପିଲାମାନଙ୍କୁ ଘୋଷା ପାଠରେ ଅଭ୍ୟସ୍ତ କରାଇ ଦିଆଯାଉଛି। ସମ୍ଭବତଃ ସେଥିପାଇଁ ଅଭିନବତ୍ୱ ଓ ଗବେଷଣା କ୍ଷେତ୍ରରେ ଭାରତ ପଛୁଆ ରହିଯାଉଛି। ତେଣୁ ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ନିତାନ୍ତ ଦରକାର।**

ରାଜସ୍ଥାନର କୋଟାକୁ ଦେଶର କୋଚିଂ ରାଜଧାନୀ ବୋଲି କୁହାଯାଉଛି। ଏଠାରେ ବିଶେଷକରି ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ସକାଶେ ହେଉଥିବା ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ ଲାଗି ବାର୍ଷିକ ପ୍ରାୟ ଦେଢ଼ ଲକ୍ଷ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରୁଥିବା ଖବର ମିଳୁଛି। କିନ୍ତୁ ବିଗତ କିଛି ବର୍ଷ ହେବ କୋଟାରେ ସର୍ବାଧିକ ବିଦ୍ୟାର୍ଥୀ ପଢ଼ା ଚାପରେ ଆତ୍ମହତ୍ୟା କରୁଥିବା ରିପୋର୍ଟ ପଦାକୁ ଆସିଛି। କୋଟାରେ ଜାନୁୟାରୀ ୨୦୧୯ରୁ ଡିସେମ୍ବର ୨୦୨୨ ମଧ୍ୟରେ ୫୨ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ସେଥିମଧ୍ୟରୁ ବିଭିନ୍ନ କୋଚିଂ ସେଣ୍ଟରରେ ନାମ ପଞ୍ଜୀକରଣ କରିଥିବା ପ୍ରତିଯୋଗୀଙ୍କ ସଂଖ୍ୟା ରହିଛି ୨୭। ତେବେ ସେଠାକାର କୋଚିଂ କେନ୍ଦ୍ରରୁ ୨୦୨୨ରେ ସର୍ବାଧିକ ୧୫ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୨୧ ଫେବୃୟାରୀରେ ରାଜସ୍ଥାନ ବିଧାନସଭାରେ ସଦସ୍ୟ ପାନା ଚାନ୍ଦ ମେଘୱାଲ ଏହି ବିଷୟ ଉଠାଇବା ପରେ ସରକାର ଚେତିଛନ୍ତି। ଏକ ଲିଖିତ ଉତ୍ତରରେ ସରକାର ଜଣାଇଛନ୍ତି ଯେ, ସମ୍ପୃକ୍ତ ସମସ୍ୟାକୁ ଟାଳିବା ଲାଗି ଏକ ଆଇନ ଅଣାଯିବ। ସ୍ଥିତିର ଗମ୍ଭୀରତାକୁ ଦେଖି ସରକାର ଆଇନ ଆଣିବା ସକାଶେ ରାଜି ହେବା ଭଲ କଥା। କିନ୍ତୁ ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଉପରେ କେଉଁଭଳି ଚାପ ପଡୁଛି ଏବଂ ତାହାର ପ୍ରତିକାର କିଭଳି ଭାବେ କରାଯାଇପାରିବ, ସେ ସମ୍ପର୍କରେ ଅନୁଧ୍ୟାନ କରାଯିବାର ଚାହିଦା ଅଧିକ। କେବଳ ଗୋଟିଏ ଆଇନ ବିଧାନସଭାରେ ଗୃହୀତ ହୋଇଗଲେ ପିଲାଙ୍କ ଉପରେ ଚାପ ହ୍ରାସ ହେବ ନାହିଁ କିମ୍ବା ଆତ୍ମହତ୍ୟା କମିବା ଭଳି ମନେ ହେଉନାହିଁ। ଆଇନ ଅପେକ୍ଷା ମାତାପିତା, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଶେଷକରି ବିଦ୍ୟାର୍ଥୀଙ୍କୁ ସଚେତନ କରାଯିବା ଦରକାର। ଏଠାରେ ଆଉ ଏକ ଦିଗକୁ ଦେଖିଲେ ଭାରତରେ ପିଲାମାନଙ୍କୁ ଘୋଷା ପାଠରେ ଅଭ୍ୟସ୍ତ କରାଇ ଦିଆଯାଉଛି। ସମ୍ଭବତଃ ସେଥିପାଇଁ ଅଭିନବତ୍ୱ ଓ ଗବେଷଣା କ୍ଷେତ୍ରରେ ଭାରତ ପଛୁଆ ରହିଯାଉଛି। ତେଣୁ ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ନିତାନ୍ତ ଦରକାର।

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି। -(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 1 | 3 | | | 4 | | |
| | 8 | 3 | | | 7 | | | |
| 4 | | | | | | | 2 | |
| | | | | | | 6 | 5 | |
| 1 | | | | | | | | |
| | 3 | 8 | | 6 | 1 | | | 4 |
| 5 | | | | | | 9 | 8 | 7 |
| 8 | 2 | | | | | | | |
| | | 9 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 7 | 2 | 1 | 3 | 9 | 4 | 8 |
| 3 | 4 | 2 | 8 | 7 | 9 | 6 | 1 | 5 |
| 9 | 1 | 8 | 4 | 6 | 5 | 2 | 3 | 7 |
| 4 | 9 | 1 | 5 | 3 | 7 | 8 | 6 | 2 |
| 2 | 6 | 5 | 9 | 8 | 1 | 3 | 7 | 4 |
| 7 | 8 | 3 | 6 | 2 | 4 | 1 | 5 | 9 |
| 5 | 3 | 6 | 7 | 9 | 2 | 4 | 8 | 1 |
| 8 | 2 | 4 | 1 | 5 | 6 | 7 | 9 | 3 |
| 1 | 7 | 9 | 3 | 4 | 8 | 5 | 2 | 6 |

ଗତକାଲିର ଉତ୍ତର

# ପରୀକ୍ଷା ପାଇଁ ପ୍ରସ୍ତୁତି



ଡ. ସତ୍ୟକାମ ମହାପାତ୍ର

ଚଳିତବର୍ଷ ଫେବୃୟାରୀ ମାସଠାରୁ ଆମ ରାଜ୍ୟରେ ବିଭିନ୍ନ ପରୀକ୍ଷା ଆରମ୍ଭ ହେଉଛି। ଏଥିନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀ ଜୋରସୋରରେ ପ୍ରସ୍ତୁତି କରୁଛନ୍ତି। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ଯେତିକି ବ୍ୟସ୍ତ ସେମାନଙ୍କର ଅଭିଭାବକ ମଧ୍ୟ ସେତିକି ବ୍ୟସ୍ତ ଓ ଚିନ୍ତିତ। କାରଣ ପରୀକ୍ଷାର ଫଳାଫଳ ଉପରେ ଭବିଷ୍ୟତର ପାଠପଢ଼ା ଓ ଚାକିରି ବହୁତ ପରିମାଣରେ ନିର୍ଭର କରିଥାଏ। ପରୀକ୍ଷାରେ ସଫଳ ହେବାପାଇଁ ଠିକ୍ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ଏହି ପ୍ରସ୍ତୁତି ପ୍ରକ୍ରିୟା ପାଇଁ ପରୀକ୍ଷାର୍ଥୀଙ୍କ ସହିତ ଅଭିଭାବକଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

ପରୀକ୍ଷାର୍ଥୀଙ୍କ ପାଇଁ ପରାମର୍ଶ ରହିଛି। ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ପାଠପଢ଼ିବା ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ନିଜର ଶିକ୍ଷକ, ମାତାପିତା ଓ ବଡ଼ ଭାଇଭଉଣୀଙ୍କ ସହ ଆଲୋଚନା କରି ନିଜ ପାଠ ପଢ଼ିବାର ଯୋଜନା କରନ୍ତୁ। ସେହି କାର୍ଯ୍ୟସୂଚୀ ଅନୁସାରେ ସଂଗଠିତ ଓ ଯୋଜନା ମୁତାବକ ପଢ଼ନ୍ତୁ। ଯେଉଁ ବିଷୟ କଷ୍ଟ ଲାଗୁଥିବ ତାକୁ ଅଧିକ ସମୟ ଦିଅନ୍ତୁ। ତାକୁ ବାରମ୍ବାର ଅଭ୍ୟାସ (ରିଭିଜନ) କରନ୍ତୁ। ପାଠକୁ ଭାଗ ଭାଗ କରି ପଢ଼ିଲେ ଭଲ। ଫଳରେ ପାଠ ଅଧିକ ମନେରହିବ। ନିଜ ସହପାଠୀଙ୍କ ସହ ବିଭିନ୍ନ ବିଷୟ ଆଲୋଚନା କରି ପଢ଼ିଲେ ପାଠ ବୁଝିବା ଓ ମନେରଖିବାରେ ସୁବିଧା ହୋଇଥାଏ। କୌଣସି ବିଷୟରେ କିଛି ବୁଝା ପଡୁ ନ ଥିଲେ ତାକୁ ହେୟ ଜ୍ଞାନ ନ କରି ନିଜ ଶିକ୍ଷକ, ମାତାପିତା କିମ୍ବା ସହପାଠୀଙ୍କର ସାହାଯ୍ୟ ନିଅନ୍ତୁ।

ଲଗାତର ଘଣ୍ଟା ଘଣ୍ଟା ଧରି ପାଠ ପଢ଼ନ୍ତୁ ନାହିଁ। ଏହାଦ୍ୱାରା ପାଠରେ ଏକାଗ୍ରତା ରହେ ନାହିଁ। ତେଣୁ ୪୫ ମିନିଟ୍‌ରୁ ୧ ଘଣ୍ଟା ପଢ଼ିଲା ପରେ କିଛି ସମୟ ବିରତି ନିଅନ୍ତୁ। ଏହି ସମୟରେ ମନକୁ ଶାନ୍ତି ଦେଲା ଭଳି କିଛି କାମ କରନ୍ତୁ। ଯଥା ମଧୁର ସଙ୍ଗୀତ ଶୁଣନ୍ତୁ, ପରିବାରର ଲୋକମାନଙ୍କ ସହିତ କଥା ହୁଅନ୍ତୁ। ପାଠକୁ ଘୋଷି ପଢ଼ିବା ପରିବର୍ତ୍ତେ ବୁଝି କରି ପଢ଼ିଲେ ସହଜରେ ମନେରହେ। ରାତିରେ ଡେରି ପର୍ଯ୍ୟନ୍ତ ପଢ଼ନ୍ତୁ ନାହିଁ। ରାତିରେ ଶୀଘ୍ର ଶୋଇ ସକାଳୁ ଜଲ୍‌ଦି ଉଠନ୍ତୁ। ସକାଳୁ ମନ ସ୍ଥିର ଓ ଶାନ୍ତ ଥାଏ। ଏହି ସମୟରେ ପାଠ ପଢ଼ିଲେ ମନେରଖିବାର ସମ୍ଭାବନା ଅଧିକ ଥାଏ। ମଧ୍ୟାହ୍ନ ଓ ରାତ୍ରିଭୋଜନ ଖାଇବାର ୩୦ ମିନିଟ୍ ପର ପର୍ଯ୍ୟନ୍ତ ପଢ଼ନ୍ତୁ ନାହିଁ। ଏହି ସମୟରେ ବିଶ୍ରାମ ନିଅନ୍ତୁ। କାରଣ ଉକ୍ତ ସମୟରେ ମସ୍ତିଷ୍କକୁ ରକ୍ତ ସଂଚାଳନ କମିବା ସହ ପାକସ୍ଥଳୀକୁ ବଢ଼ି ଯାଇଥାଏ ; ଯାହା ଫଳରେ ପାଠ ପଢ଼ିଲେ ଠିକ୍‌ରେ ମନେରୁହେ ନାହିଁ।

ପାଠ ପଢୁ ଥିଲାବେଳେ ଅନେକ ପିଲାଙ୍କୁ ଲାଗିଥାଏ ଯେ ଏତେ ପଢ଼ିଲା ପରେ ମଧ କିଛି ମନେରହୁ ନାହିଁ। ମାତ୍ର ଏହା ଏକ ସାଧାରଣ ଅନୁଭୂତି। ଏପରି ପ୍ରାୟ ସମସ୍ତଙ୍କୁ ଲାଗିଥାଏ। ଏହାପାଇଁ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଧରନ୍ତୁ। ପ୍ରତ୍ୟେକ ବିଷୟକୁ ବାରମ୍ବାର ରିଭିଜନ(ପୁନର୍ଭ୍ୟାସ) କରନ୍ତୁ। ଗୋଟିଏ କଥା ଜାଣି ରଖିବାକୁ ହେବ ଯେ କୌଣସି ଔଷଧ ଦ୍ୱାରା ସ୍ମରଣ ଶକ୍ତି ବଢ଼ାଇ ହେବ ନାହିଁ। ପାଠ ମନେରଖିବା ପାଇଁ ଅଧିକ ପରିଶ୍ରମ ହିଁ ଏକମାତ୍ର ବାଟ। ପାଠ ପଢ଼ିଲା ବେଳେ ଅନେକ ପିଲାଙ୍କ ମନରେ ଚିନ୍ତା ଆସିଥାଏ ଯେ ପରୀକ୍ଷା କେମିତି ହେବ, କେତେ ନମ୍ବର ରହିବ । ଏସବୁକୁ ନେଇ ମନରେ ଆଶଙ୍କା ଓ ଭୟ ମଧ ଆସିଥାଏ ; ଯାହାକୁ ସାଧାରଣ ଭାଷାରେ ଏଙ୍ଗ୍‌ଜାଇଟି ବା ଟେନ୍‌ସନ କୁହାଯାଏ। ଏସବୁ ମନରେ ଆସିଲେ ବ୍ୟସ୍ତ ହୁଅନ୍ତୁ ନାହିଁ, ବରଂ ଏହାଦ୍ୱାରା ପରୀକ୍ଷାରେ ପ୍ରଦର୍ଶନ ବଢ଼ିଥାଏ। ପରୀକ୍ଷାରେ ସମୟର ଠିକ୍ ପରିଚାଳନା କରିବା ନିମନ୍ତେ ପୂର୍ବରୁ ଯୋଜନା ପ୍ରସ୍ତୁତ କରନ୍ତୁ। କେଉଁ ପ୍ରଶ୍ନକୁ କେତେ ସମୟ ଦେବେ ତାହା ପୂର୍ବରୁ ସ୍ଥିର କରନ୍ତୁ। ମଡେଲ ପ୍ରଶ୍ନପତ୍ର କଲାବେଳେ ଏସବୁ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବ ବର୍ଷର ପ୍ରଶ୍ନପତ୍ରକୁ ପ୍ରଦତ୍ତ ସମୟ ମଧ୍ୟରେ କରିବାର ଅଭ୍ୟାସ କରନ୍ତୁ।



ପରୀକ୍ଷା ପ୍ରସ୍ତୁତି ସମୟରେ ମୋବାଇଲ ଫୋନ, କମ୍ପ୍ୟୁଟର ଓ ସୋସିଆଲ ମେଡିଆ (ଫେସ୍‌ବୁକ, ହ୍ୱାଟ୍‌ସଆପ) ଓ ଭି ଗେମ୍‌ଠାରୁ ଦୂରେଇ ରୁହନ୍ତୁ। ଏସବୁ ମନକୁ ବିଚଳିତ କରିଥାଏ, ପାଠପଢ଼ାରେ ଏକାଗ୍ରତା କମିଥାଏ ଓ ରାତିରେ ଭଲ ନିଦ ହୋଇ ନ ଥାଏ। ମନରେ କୌଣସି ନକାରାତ୍ମକ ଚିନ୍ତା ଆସିଲେ ନିଜ ଆତ୍ମୀୟ ଲୋକଙ୍କୁ ଏ ବିଷୟରେ ଜଣାନ୍ତୁ। ନିଜ ମନର କଥାକୁ ନିଜ ମାତାପିତାଙ୍କ ସହିତ ଆଲୋଚନା କରନ୍ତୁ। ନିୟମିତ ଭାବରେ ପ୍ରତିଦିନ ଦୁଇ ଥର ୧୫ରୁ ୩୦ ମିନିଟ ପର୍ଯ୍ୟନ୍ତ ଦୀର୍ଘ ଓ ଗଭୀର ନିଃଶ୍ୱାସ ପ୍ରଶ୍ୱାସ (ଡିପ୍ ବ୍ରିଦିଙ୍ଗ ଏକ୍ସରସାଇଜ) ନିଅନ୍ତୁ। ଏହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଂଚାଳନ ବଢ଼ିଥାଏ ଓ ଏକାଗ୍ରତା ବୃଦ୍ଧି ପାଇଥାଏ। ସମୟ ମିଳିଲେ ଯୋଗ ଅଭ୍ୟାସ ମଧ କରନ୍ତୁ।

ପରୀକ୍ଷା ପୂର୍ବଦିନ ରାତିରେ ଅନିଦ୍ରା ହୋଇ ପଢ଼ନ୍ତୁ ନାହିଁ। ଏହା ଫଳରେ ପରୀକ୍ଷା ସମୟରେ ଥକା ଓ ନିଦ ମଧ ଲାଗିପାରେ। ତେଣୁ ପରୀକ୍ଷା ପୂର୍ବ ରାତିରେ ଶୀଘ୍ର ଶୋଇ ପଡ଼ନ୍ତୁ। ଅତିକମ୍‌ରେ ୬ ଘଣ୍ଟା ଶୁଅନ୍ତୁ। ମନକୁ ଦୃଢ଼ ରଖନ୍ତୁ। ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ।

ସେହିଭଳି ପରୀକ୍ଷା ସମୟରେ ଅଭିଭାବକଙ୍କ ପାଇଁ କିଛି ପରାମର୍ଶ ଅଛି। ନିଜ ପିଲାର ମାନସିକ ଦକ୍ଷତା ଅନୁସାରେ ହିଁ ତାହାଠାରୁ ଫଳ ଆଶା କରନ୍ତୁ। ପରୀକ୍ଷାରେ କେତେ ପ୍ରତିଶତ ନମ୍ବର ଆଣିବ ସେଥିନିମନ୍ତେ ପରୀକ୍ଷା ପୂର୍ବରୁ ପିଲା ଉପରେ ଅତ୍ୟଧିକ ଚାପ ପକାନ୍ତୁ ନାହିଁ। ଏହାଦ୍ୱାରା ପିଲା ସବୁବେଳେ ମାନସିକ ଚାପଗ୍ରସ୍ତ ରହିବ ଓ ପରୀକ୍ଷାରେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିବ ନାହିଁ। ପିଲାର ଖରାପ ପ୍ରଦର୍ଶନକୁ ନେଇ ତାକୁ ଉପହାସ କିମ୍ବା ହତୋତ୍ସାହିତ କରନ୍ତୁ ନାହିଁ। ଏହାଦ୍ୱାରା ପିଲାର ମନୋବଳ ଭାଙ୍ଗି ଯାଏ। ପିଲାକୁ ସବୁବେଳେ ଉତ୍ସାହିତ କରନ୍ତୁ, ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ ଚେଷ୍ଟା କରନ୍ତୁ। ପିଲାକୁ ପ୍ରତ୍ୟେକ ଦିନ ଯଥେଷ୍ଟ ଶୋଇବାକୁ ଦିଅନ୍ତୁ। ଅତି କମ୍‌ରେ ୬ରୁ ୮ ଘଣ୍ଟା ଶୋଇବାକୁ ଦିଅନ୍ତୁ। ମସ୍ତିଷ୍କକୁ ଉପଯୁକ୍ତ ଆରାମ ନ ମିଳିଲେ ସ୍ମରଣ ଶକ୍ତି ଓ ଏକାଗ୍ରତା କମିଯାଇଥାଏ। ପିଲାକୁ ସୁଷମ ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଇବାକୁ ଦିଅନ୍ତୁ। ଖାଦ୍ୟ ଖାଇବାରେ ବିଳମ୍ବ ହେଲେ ରକ୍ତରେ ଶର୍କରା ମାତ୍ରା କମି ଯାଇଥାଏ (ହାଇପୋଗ୍ଲାଇସେମିଆ)। ଫଳରେ ସ୍ମରଣଶକ୍ତି କମିଯାଏ। ପିଲାକୁ ପାଠ ସହିତ କିଛି ସମୟ ଖେଳ କିମ୍ବା ହାଲ୍‌କା ଶାରୀରିକ ପରିଶ୍ରମ ଓ ଅନ୍ୟ କିଛି ମନୋରଞ୍ଜକ କାମ କରିବାକୁ ଦିଅନ୍ତୁ; ଯାହାଫଳରେ ମସ୍ତିଷ୍କକୁ କିଛି ସମୟ ଆରାମ ମିଳିଥାଏ। ପୁଣି ପାଠ ପଢ଼ିଲେ ଏକାଗ୍ରତା ବଢ଼ିଥାଏ।

ନିଜ ପିଲାକୁ ଅନ୍ୟ କୌଣସି ପିଲାସହିତ ତୁଳନା କରନ୍ତୁ ନାହିଁ। ଏହାଫଳରେ ପିଲା ଉପରେ ଅଯଥା ମାନସିକ ଚାପ ପଡ଼ିଥାଏ ଓ ତାହାର ପାଠ ଉପରୁ ଏକାଗ୍ରତା କମିଯାଇଥାଏ। ପିଲା ଯଦି ମାତାପିତାଙ୍କୁ କିଛି କହିବାକୁ ଚାହୁଁଥାଏ, ତେବେ ତା' ମନର କଥାକୁ ଧୈର୍ଯ୍ୟର ସହିତ ଶୁଣନ୍ତୁ। ଘରେ ଶାନ୍ତ ଓ ସକାରାତ୍ମକ ପରିବେଶ ରଖନ୍ତୁ। ଅଭିଭାବକମାନେ ପିଲାର ପରୀକ୍ଷା ସମୟରେ ନିଜେ ଅତ୍ୟଧିକ ମାନସିକ ଚାପଗ୍ରସ୍ତ ବା ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ପିଲା ଆପଣଙ୍କୁ ଚିନ୍ତିତ ଦେଖିଲେ ସେ ମଧ ଦୁଃଖ ଅନୁଭବ କରିବ। ତେଣୁ ଆପଣ ଅତ୍ୟଧିକ ଚିନ୍ତିତ ହୁଅନ୍ତୁ ନାହିଁ। କଠିନ ପରିଶ୍ରମ, ଗଭୀର ଅଧ୍ୟବସାୟ, ଠିକ ଯୋଜନା ମୁତାବକ ପ୍ରସ୍ତୁତି ଓ ଅଭିଭାବକଙ୍କ ସହଯୋଗ ଦ୍ୱାରା ପ୍ରତ୍ୟେକ ପରୀକ୍ଷାର୍ଥୀ ନିଶ୍ଚିତ ଭାବରେ ସଫଳତା ହାସଲ କରିପାରିବେ।

ମାନସିକ ରୋଗ ବିଶେଷଜ୍ଞ
ମୋ- ୮୮୯୫୨୯୩୯୯୭

# ବୃଦ୍ଧାଶ୍ରମ ବନାମ ଯୌଥ ପରିବାର



ହରିଶଙ୍କର ମିଶ୍ର

ଯୌଥ ପରିବାର ଆମ ସଂସ୍କୃତି, ଯେଉଁଠି ଅନ୍ୟୂନ ତିନି ପିଢ଼ିର ସଦସ୍ୟ ଏକତ୍ର ସହାବସ୍ଥାନ କରିଥାନ୍ତି। ପରିବାରର ବୟସ୍କ ବ୍ୟକ୍ତିଙ୍କୁ ମୁଖ୍ୟ ଭାବେ ଗ୍ରହଣ କରାଯାଏ। ତାଙ୍କର ଅଭିଜ୍ଞତାସମ୍ପନ୍ନ ପରାମର୍ଶ ଓ ସୁଚିନ୍ତିତ ନିଷ୍ପତ୍ତି ଘରର ପ୍ରତ୍ୟେକଙ୍କ ପାଇଁ ସମାନ ଏବଂ ସମସ୍ତ ସମସ୍ୟା ସମାଧାନ ପାଇଁ ସହାୟକ ହୋଇଥାଏ। ପରସ୍ପର ପ୍ରତି ନିରନ୍ତର ସ୍ନେହ ସହଯୋଗ ରହିଥିବା ସେପରି ପରିବାରକୁ ବୈକୁଣ୍ଠ ସହ ତୁଳନା କରାଯାଏ। ସେହି ପରିବାରର ପ୍ରତ୍ୟେକ ସଦସ୍ୟ ସମ୍ପୂର୍ଣ୍ଣ ପରିବାରକୁ ନିଜର ମନେକରି ଥାଆନ୍ତି। ଆଗେ ବିଦ୍ୟାଳୟ ପାଠ୍ୟକ୍ରମରେ ଯୌଥ ପରିବାରର ସକାରାତ୍ମକ ଦିଗ ଆଧାରିତ ଗଳ୍ପ ଓ ଉଦାହରଣ ସ୍ଥାନ ପାଉଥିଲା, ଯାହା ସ୍ପଷ୍ଟ କରେ ଯେ ଏହା ଆମର ପରମ୍ପରା ମଧ୍ୟ ଥିଲା। ସ୍ୱାର୍ଥ, ତ୍ୟାଗ ଓ ସାମୂହିକ ସଦିଚ୍ଛା, ପାରସ୍ପରିକ ସହଯୋଗ ହେଉଛି ଯୌଥ ପରିବାରର ମୂଳମନ୍ତ୍ର। ବହୁବର୍ଷ ପୂର୍ବରୁ ଗ୍ରାମରେ କେହି ପରିବାରରୁ ଭିନ୍ନ ହେଲେ ସମାଜ ଆଖିରେ ନିନ୍ଦିତ ହେଉଥିଲା। ସମୟକ୍ରମେ ଯେଉଁମାନେ ରୋଜଗାର ଉଦ୍ଦେଶ୍ୟ ବା ଚାକିରି ପାଇ ସହରାଭିମୁଖୀ ହେଲେ ତନ୍ମଧ୍ୟରୁ ଅନେକେ ଅତ୍ୟନ୍ତ ସାର୍ଥପର ହୋଇଗଲେ। ନିଜର ଗୋଟିଏ ବା ଦୁଇଟି ସନ୍ତାନଙ୍କୁ ଉଚ୍ଚଶିକ୍ଷା ଦେଇ ସମାଜରେ ପ୍ରତିଷ୍ଠିତ କରାଇବା ଇଚ୍ଛା ସେମାନଙ୍କୁ ନିଜ ବାପା ମା'ଙ୍କଠାରୁ ଦୂରେଇ ଦେଲା।

ବୟସର ଅପରାହ୍ଣ ଛୁଇଁସାରିଥିବା ପ୍ରତ୍ୟେକ ବ୍ୟକ୍ତି ପରିବାର ସଦସ୍ୟମାନଙ୍କ ସେବା ସହାୟତା ଆଶା କରିଥାନ୍ତି। ତାହା ଯୋଗାଇଦେବା ଆମର ସାମାଜିକ କର୍ତ୍ତବ୍ୟ ମଧ୍ୟ। କିନ୍ତୁ ଯେଉଁମାନେ ଅତୀତରେ ବୃଦ୍ଧ ବାପା ମା' ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଗାଁରେ ଛାଡ଼ି ସହରକୁ ଆସିଥିଲେ ଏବେ ସେମାନଙ୍କ ପୁଅ ଝିଅ ଉଚ୍ଚ ବେତନ ପାଇଁ ବାପା ମାଆଙ୍କଠାରୁ ବହୁଦୂର ବା ବିଦେଶରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଏବଂ ସେମାନେ ବୟସର ଅପରାହ୍ଣରେ ସ୍ୱକର୍ମ ଅର୍ଜିତ ଫଳ ସ୍ୱରୂପ ଅଧିକ ନିଃସଙ୍ଗ ଜୀବନ ବିତାଉଛନ୍ତି। ଗାଁରେ ସେମାନଙ୍କ ବାପା ମା'ଙ୍କୁ ପରିବାରର ଅନ୍ୟ ସଦସ୍ୟ, ଗ୍ରାମବାସୀଙ୍କ ସହଯୋଗ ମିଳୁଥିଲା ; ଯାହାକି ସହରରେ ପାଇବା ସମ୍ଭବ ନୁହେଁ। ଏହା ପାଶ୍ଚାତ୍ୟ ସଭ୍ୟତା ଅନୁକରଣର କରୁଣ ପରିସ୍ଥିତି। ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଯୋଗୁ ସେମାନେ କେବଳ ନିଜ ପୁଅ ବୋହୂ ବା ନାତି ନାତୁଣୀଙ୍କ ସହ ସମ୍ପର୍କ ଦୃଶ୍ୟଶ୍ରାବ୍ୟରେ ସୀମିତ ରଖି ଆତ୍ମସନ୍ତୋଷ ପାଉଛନ୍ତି। କିନ୍ତୁ ସେମାନଙ୍କ ଅନ୍ତର୍ବେଦନା ନା କହିପାରୁଛନ୍ତି ନା ସହିପାରୁଛନ୍ତି। ପୁଅ ବୋହୂଙ୍କ ସେବାରୁ ବଞ୍ଚିତ ଯୋଗୁ ସେମାନେ ଭଡ଼ା ସେବିକାଙ୍କୁ ନିଯୁକ୍ତ କରୁଛନ୍ତି। କିଛି ଶାରୀରିକ ଅସୁସ୍ଥ ବ୍ୟକ୍ତିଙ୍କ ଠିକଣା ଜରାଶ୍ରମ ହୋଇଯାଇଛି। ଏହା ଯୋଗୁ ସେବା ଯୋଗାଣ ଓ ଜରାଶ୍ରମ ମଧ କିଛି ବ୍ୟକ୍ତିଙ୍କ ପାଇଁ ଆୟକାରୀ ବ୍ୟବସାୟ ହୋଇଯାଇଛି। ଏଥିପାଇଁ ରାଜ୍ୟ ଓ ବିଦେଶୀ ସହାୟତା ମିଳୁଥିବା ଜଣାଯାଏ। ଏବେ ସରକାର ପ୍ରତ୍ୟେକ ବ୍ଲକରେ ବୃଦ୍ଧାଶ୍ରମ ଖୋଲିବାକୁ ନିଷ୍ପତ୍ତି ନେଇଥିବାର ଖବର ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଆସେ ଯେ ବୃଦ୍ଧାଶ୍ରମ କାହିଁକି ଓ କାହାପାଇଁ? ଆମ ପୁରାଣ ବା ଧର୍ମଶାସ୍ତ୍ରରେ ଜରାଶ୍ରମର ସୂଚନା ନାହିଁ। ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିବା ବେଳେ ଆମର ସଂସ୍କୃତିସମ୍ପନ୍ନ ରାଜ୍ୟରେ ପରମ୍ପରା ପରିବର୍ତ୍ତେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇ ଜରାଶ୍ରମ ବ୍ୟବସ୍ଥା ଅନେକ ବୟସ୍କଙ୍କୁ ସେମାନଙ୍କ ପରିବାରରୁ ନିଶ୍ଚିତ ଦୂରେଇ ଦେବ ଏବଂ ଆଧୁନିକତାକୁ ଆଦରି ଗୁରୁଜନଙ୍କ ସେବା ପ୍ରତି ବିମୁଖ ହେଉଥିବା ପୁଅ ବୋହୂଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ।



ଆମର ଲୋକ ଚରିତ୍ର ଏତେ କଳୁଷିତ ଯେ ଏହି ବ୍ୟବସ୍ଥା ପାରିବାରିକ କଳହ, ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟମୂଳକ ଅବହେଳା ଓ ନିର୍ଯାତନାର କାରଣ ହେବ। ଏହା ମଧ ସରକାରଙ୍କ ନିଜ ନିୟମର ପରିପନ୍ଥୀ ହେବ। କାରଣ ଆମ ରାଜ୍ୟରେ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଚଳଣି ଓ କଲ୍ୟାଣ ନିୟମ ୨୦୦୯ ବଳବତ୍ତର ରହିଛି। ବରଂ ସେଇ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇ ଅବହେଳା କରୁଥିବା ରୋଜଗାରକ୍ଷମ ପୁଅମାନଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ଅନେକ ବୃଦ୍ଧାବୃଦ୍ଧଙ୍କୁ ସନ୍ତୁଷ୍ଟ କରାଇବ। ସରକାର ଏହା ପରିବର୍ତ୍ତେ ବାର୍ଦ୍ଧକ୍ୟକୁ ରାଜନୈତିକ ଅସ୍ତ୍ରକରି ସେମାନଙ୍କ ପାଇଁ ଯେଉଁ ଭତ୍ତା ବ୍ୟବସ୍ଥା କରିଛନ୍ତି ତାହା ଅନେକଙ୍କ ପାଇଁ ନିର୍ଦ୍ଦିଷ୍ଟ ଆୟ ହୋଇଥିବାବେଳେ ପ୍ରକୃତ ନିରାଶ୍ରୟମାନଙ୍କ ଲାଗି ପର୍ଯ୍ୟାପ୍ତ ହେଉନାହିଁ। ଏଯାବତ୍ ରାଜ୍ୟରେ ୪୪ଲକ୍ଷ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି। ୧୯୮୭ରେ ରାଜ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନିରାଶ୍ରୟ ବୃଦ୍ଧାବୃଦ୍ଧ ଓ ବିଧବାଙ୍କ ସହାୟତା ପାଇଁ ଭତ୍ତା ବ୍ୟବସ୍ଥା କରାଯାଇଥିଲା। ମାସିକ ୪୦ଟଙ୍କା ଓ ପରେ ୬୦ଟଙ୍କାର ଏହି ଭତ୍ତା ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ବ୍ୟବସ୍ଥାରେ ସ୍ୱଚ୍ଛତା ଥିଲା। ୧୯୯୦ ରେ ରାଜ୍ୟରେ ଜନତାଦଳ ସରକାର ଗଠିତ ହେଲା। ମୁଖ୍ୟମନ୍ତ୍ରୀ ବିଧବାଙ୍କର ବୟସ ନ ଥାଏ କହି ପ୍ରତି ବିଧବାଙ୍କୁ ଏହି ସହାୟତା ଘୋଷଣା କଲେ ଏବଂ ଯୋଜନା ବ୍ଲକ ପ୍ରଶାସନ ଅଧୀନକୁ ଆସିଲା। ତା'ପରେ ପ୍ରତିମାସରେ ଅସହାୟଙ୍କ ସଂଖ୍ୟା ବଢ଼ିଚାଲିଲା। ଏଯାବତ୍ ଏହି ଯୋଜନାରେ ହିତାଧିକାରୀ ଅପେକ୍ଷା ଅଧିକ ଉପକୃତ ହୋଇଛନ୍ତି ଅନେକ ଦଲାଲ ଓ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ। ଅନେକ ସମୟରେ ଏଥିରେ ପାରିବାରିକ ଅଶାନ୍ତି ଦାପ୍ତରିକ କେଳେଙ୍କାରୀ, ମୃତ ବ୍ୟକ୍ତିଙ୍କୁ ଭତ୍ତା ବଣ୍ଟନ ଭଳି ରୋଚକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଆସୁଛି। ଏପରି କି ରୋଜଗାରକ୍ଷମ ପୁଅମାନେ ମା' ବାପାଙ୍କ ଭତ୍ତା ପାଇଁ ବହୁ ହଜାର ଅର୍ଥ ବ୍ୟୟ କରି ହାଇକୋର୍ଟରେ ମାମଲା ବି କରୁଛନ୍ତି। ଏବେ ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫୦୦ ଟଙ୍କା ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୭୦୦ ଟଙ୍କା ଭତ୍ତା ଦିଆଯାଉଛି। ଏଥିପାଇଁ ୪୪ଲକ୍ଷ ହିତାଧିକାରୀଙ୍କ ଲାଗି ମାସିକ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଯଦି ନିରପେକ୍ଷ ତଦନ୍ତ କରାଯାଇ ରୋଜଗାରକ୍ଷମ ପୁଅ ଥିବା ବ୍ୟକ୍ତିଙ୍କ ଭତ୍ତା ପ୍ରତ୍ୟାହାର ଏବଂ ସେଇ ପୁଅମାନଙ୍କୁ ସମସ୍ତ ସରକାରୀ ସୁଯୋଗରୁ ବଞ୍ଚିତ କରି ପୂର୍ବୋକ୍ତ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଏ ତେବେ ପ୍ରକୃତ ଓ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୨୦ ବା ୩୦ଶତାଂଶକୁ ହ୍ରାସ ପାଇବ। ସରକାର ବୃଦ୍ଧାଶ୍ରମ ଖୋଲିବା ପରିବର୍ତ୍ତେ ଯୌଥ ପରିବାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ସମାଜରେ ବୃଦ୍ଧାବୃଦ୍ଧମାନେ ଅବହେଳିତ ହେବେ ନାହିଁ। ବରଂ ଏହା ଭବିଷ୍ୟତ ପାଇଁ ଉଦାହରଣ ହୋଇଯିବ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ବିମାନରେ ବୋମା ଥିବାର ମିଛ କଲ୍ କରି ଗିରଫ ହେବା ଘଟଣା ସାମ୍ନାକୁ ଆସିଛି ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ୫୯ ବର୍ଷୀୟ ସେନା କର୍ମଚାରୀ ଆଜମେର ଭଦ୍ରାଇ। ସେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସର ସୁପରିଣ୍ଟେଣ୍ଡେଟ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଆଜମେର ହାଇଦ୍ରାବାଦରୁ ଇଣ୍ଡିଗୋ ଫ୍ଲାଇଟ ଯୋଗେ ଚେନ୍ନାଇ ଯିବାର ଥିଲା। କିନ୍ତୁ ସେ ବିଳମ୍ବରେ ଆସିବାରୁ ତାଙ୍କୁ ବିମାନରେ ଯିବା ଲାଗି ଅନୁମତି ଦିଆଯାଇ ନ ଥିଲା। ପ୍ରଥମେ ସକାଳ ୫.୧୫ରେ ଫ୍ଲାଇଟ ମିସ୍ କରିବା ପରେ ୧୦.୧୫ ଫ୍ଲାଇଟରେ ଯିବାର ଥିଲା। କିନ୍ତୁ ସେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଝଗଡ଼ାରେ ଲିପ୍ତ ହୋଇ ସେଥିରେ ବି ଯାଇପାରି ନ ଥିଲେ। ପରେ ଷ୍ଟେଶନ ହାଉସ ଅଧିକାରୀ (ଏସ୍ଏଚ୍ଓ)ଙ୍କ ସହ ଯୁକ୍ତି କରିଥିଲେ ଓ ଫ୍ଲାଇଟ ବନ୍ଦ କରିବାକୁ ଧମକ ଦେଇଥିଲେ। ୬-ଇ ୬୧୫୧ ବିମାନରେ ବମ୍ ଥିବା ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ ଯୋଗେ ଜଣାଇ ବିମାନ ଉଡ଼ାଣ ବନ୍ଦ କରିବାକୁ କହିଥିଲେ। ପରେ ବିମାନବନ୍ଦରର ଏସ୍ଏଚ୍ଓ ବମ୍ ଥ୍ରେଟ ଆସେସ୍‌ମେଣ୍ଟ କମିଟିକୁ ସତର୍କ କରିବା ପରେ ବିମାନ ଉଡ଼ାଣ ବନ୍ଦ ରହିଥିଲା। ପୋଲିସ କଲ୍ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଆଜମେର ଏଭଳି ଧମକ ଦେଇଥିଲେ ବୋଲି ଜାଣିପାରିଥିଲା। ଆଜମେର ମଧ୍ୟ ମାନିଯାଇଥିଲେ। ପରେ ତାଙ୍କୁ ଏୟାରକ୍ରାଫ୍ଟ ଆକ୍ଟ ଉଲ୍ଲଂଘନ ଓ ମିଥ୍ୟା ଧମକ ଦେଇଥିବା ଅଭିଯୋଗରେ ଗିରଫ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃୟାରୀ ୧୯୯୮

- ଉତ୍ତରପ୍ରଦେଶରେ କଲ୍ୟାଣ ସିଂଙ୍କ ନେତୃତ୍ୱାଧିନ ଭାଜପା ସରକାର ସଂଖ୍ୟାଲଘୁ ହେବା ପରେ ଲୋକତାନ୍ତ୍ରିକ କଂଗ୍ରେସର ନେତା ଜଗଦମ୍ବିକା ପାଲଙ୍କ ନେତୃତ୍ୱରେ ଏକ ନୂତନ ସରକାର ଗଠନ।
- ଚଳଚ୍ଚିତ୍ରର ସୁପ୍ରସିଦ୍ଧ ଚରିତ୍ର ଅଭିନେତା ଓମ୍‌ପ୍ରକାଶଙ୍କ ୭୮ ବର୍ଷ ବୟସରେ ପରଲୋକ।
- ଭାରତର ପୂର୍ବତନ ଅଲିମ୍ପିଆନ ବାପୁ ନିମଲଙ୍କ ୯୪ ବର୍ଷ ବୟସରେ ଦେହାନ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ତୈଳ ଦର ବୃଦ୍ଧି କାହିଁକି

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ଯୋଗୁ ଆଜି ଡିଜେଲ ଓ ପେଟ୍ରୋଲ ଦାମ୍ ଆକାଶ ଛୁଇଁଛି । ତେଲ ଦର ବଢ଼ିବା ସଙ୍ଗେ ସଙ୍ଗେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଯାଉଛି । ପରିବାପତ୍ର, ଫଳ ଓ ରାଶନ ସବୁକିଛି ମହଙ୍ଗା ହୋଇଯାଉଛି । କୁହାଯାଉଛି, କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ପୁଞ୍ଜିପତିଙ୍କୁ ଲାଭବାନ୍ କରିବା ପାଇଁ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଉପରେ ଅଙ୍କୁଶ ଲଗାଉନାହାନ୍ତି । କେନ୍ଦ୍ର ସରକାର ପୁଞ୍ଜିପତିଙ୍କ ଲାଭ ପାଇଁ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟିରେ ପଞ୍ଜୀକୃତ କରୁନାହାନ୍ତି । ଭାରତରେ ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ଉପରେ ରୋକ ଲଗାଇବା ପାଇଁ ସରକାରଙ୍କୁ ପେଟ୍ରୋଲ ଏବଂ ଡିଜେଲ କୁ ଜିଏସ୍‌ଟିରେ ସାମିଲ କରିବାକୁ ପଡ଼ିବ। କିନ୍ତୁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେବେହେଲେ ଚାହିଁବେନାହିଁ। କାରଣ ଉଭୟ ସରକାର ପୁଞ୍ଜିପତିଙ୍କଠାରୁ ନିର୍ବାଚନ ସମୟରେ ଚାନ୍ଦା ନେଇଥାନ୍ତି। ସରକାର ମିଡିଲ ଇଷ୍ଟ ଦେଶଗୁଡ଼ିକୁ ତେଲ ଦର କମେଇବା ପାଇଁ କେବେହେଲେ ଅନୁରୋଧ କରି ନାହାନ୍ତି। ଓଡ଼ିଶାରେ ଅଧିକ ଦର ଦେଇ ତେଲ କିଣିବା ଯେମିତି ଗ୍ରାହକଙ୍କ ମୁଣ୍ଡରେ ବଜ୍ର ପଡ଼ିଛି। ଯଦି ସରକାର ପେଟ୍ରୋଲରେ ଏକ୍‌ସାଇଜ ଡ୍ୟୁଟି କମ୍ କରିବେ ତା'ହେଲେ ସାଧାରଣ ଗ୍ରାହକ ଶସ୍ତାରେ ପେଟ୍ରୋଲ ଓ ଡିଜେଲ ପାଇପାରିବେ।

-କାଳି ଦାସ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କଂଗ୍ରେସ ବିଧାୟକ ଦଳ ବୈଠକ**

ଭୁବନେଶ୍ୱର,(ବ୍ୟୁରୋ): କଂଗ୍ରେସ ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକ ପରେ ସୂଚନା ଦେଇ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବୁଧବାର ପ୍ରଶ୍ନକାଳ ଅଛି। ଏହାର ଆରମ୍ଭରୁ ନବ ଦାସ ହତ୍ୟାକାଣ୍ଡ କଥା ଉଠାଯିବ। ତେବେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଧାନମଣ୍ଡିରୁ ଧାନ ନ ଉଠିବା, ଚାଷୀମାନେ ଧାନ କମ୍ ଦାମ୍‌ରେ ବାହାରେ ବିକ୍ରି କରିବା ଏବଂ ନାରୀ ନିର୍ଯାତନା ଆଦି ପ୍ରସଙ୍ଗରେ ଦଳ ଜୋରଦାର ବିରୋଧ କରିବ ବୋଲି ସେ କହିଛନ୍ତି।

# ଧର୍ମେନ୍ଦ୍ର, ଜୟନାରାୟଣଙ୍କ ଆଡ଼କୁ ତଦନ୍ତ ଯାଉଛି: ପ୍ରମିଳା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ନବ ଦାସ ହତ୍ୟା ଘଟଣାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ଏହି ଘଟଣା ଏବେ ଉଗ୍ରରୂପ ଧାରଣ କରିଛି। ଉଭୟ ଦଳର ନେତା ପରସ୍ପର ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରିବାକୁ ମଧ୍ୟ ପଛାଉ ନାହାନ୍ତି।

ନବ ଦାସଙ୍କ ହତ୍ୟା ଘଟଣାରେ ବିରୋଧୀ ଦଳ ନେତାଙ୍କ ବୟାନ ପରେ ବିଜେଡି ନେତ୍ରୀ ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୂର୍ବରୁ ଗଞ୍ଜାମ ଓ ବରଗଡ଼ ଜିଲାରେ ଘଟିଥିବା କେତେକ ରାଜନୈତିକ ହତ୍ୟାକାଣ୍ଡରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ମିଳିଛି। ପଦ୍ମପୁର ଉପନିର୍ବାଚନ ବେଳେ ନବ ଦାସଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଧମକ ଦେଉଥିବା ଉଭୟ ଭାଜପାର ବରିଷ୍ଠ ନେତା ନିଜକୁ ବଞ୍ଚାଇବା ଲାଗି ମନଗଢ଼ା କାହାଣୀ ଗପୁଛନ୍ତି। ସମସ୍ତେ ଜାଣନ୍ତି ଜୟନାରାୟଣ ଜଣେ ଅଭ୍ୟାସଗତ ଅପରାଧୀ। ସେ ଏକ ହତ୍ୟା ମାମଲାରେ ଦୀର୍ଘଦିନ ଜେଲରେ ରହିବା ପରେ ଦେହ ଖରାପର ଆଳ ଦେଖାଇ ଜାମିନରେ ଆସିଛନ୍ତି। ୨୦୧୭ ସେପ୍ଟେମ୍ବର ୧୬ରେ ଗଞ୍ଜାମ ଜିଲା ଛତ୍ରପୁରରେ ଘଟିଥିବା ବହୁଚର୍ଚ୍ଚିତ ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାର ଅଭିଯୁକ୍ତମାନେ ଫେରାର ହୋଇ ଉତ୍ତରାଖଣ୍ଡର ଏକ ସରକାରୀ ଗେଷ୍ଟ ହାଉସରେ ଆଶ୍ରୟ ନେଇଥିଲେ। କଲ୍ ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା, ଏହି ହତ୍ୟା ଅଭିଯୁକ୍ତଙ୍କୁ ଓଡ଼ିଶାରୁ ଫେରାର କରାଇବା ଏବଂ ଉତ୍ତରାଖଣ୍ଡ ନେଇ ସରକାରୀ ଗେଷ୍ଟ ହାଉସରେ ରଖିବାର ସବୁ ବ୍ୟବସ୍ଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିଁ କରିଥିଲେ। ପଦ୍ମପୁର ଉପନିର୍ବାଚନ ସମୟରେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ସାଙ୍ଗଠନିକ ଦକ୍ଷତା ଓ କଠିନ ପରିଶ୍ରମ ଦେଖି ଭାଜପା ଜାଣି ସାରିଥିଲା ଯେ ସେମାନେ ଏଠାରେ ଅତ୍ୟନ୍ତ ଦୟନୀୟ ଭାବେ ହାରିବାକୁ ଯାଉଛନ୍ତି। ସେତେବେଳେ ସେ ନବ ଦାସଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଧମକଦେବାକୁ ପଛାଇ ନ ଥିଲେ। ଏବେ ନବ ଦାସଙ୍କ ହତ୍ୟା ମାମଲାରେ ଜୟନାରାୟଣ ମିଶ୍ର ଓ ଧର୍ମେନ୍ଦ୍ର ପ୍ରଧାନ ଜାଣି ସାରିଛନ୍ତି ଯେ କ୍ରାଇମବ୍ରାଞ୍ଚ ତଦନ୍ତ ସେମାନଙ୍କ ଆଡ଼କୁ ଯାଉଛି। ସେଥିପାଇଁ ସେମାନେ ଏହି ହତ୍ୟାକାଣ୍ଡକୁ ନେଇ ପ୍ରତିଦିନ ମନଗଢ଼ା କାହାଣୀ ଶୁଣାଉଛନ୍ତି ବୋଲି ପ୍ରମିଳା ଅଭିଯୋଗ କରିଛନ୍ତି।



ପ୍ରମିଳା ମଲ୍ଲିକ

### ନବ ଦାସ ହତ୍ୟାକାଣ୍ଡ ଘଟଣା
## ସଇତାନ ମୁହଁରେ ବେଦପାଠ: ସୋନାଲି

ଅନ୍ୟପକ୍ଷରେ ପ୍ରମିଳାଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତ୍ରୀ ସୋନାଲି ସାହୁ କହିଛନ୍ତି, ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍କୁଲ ପିଲାଙ୍କ ଖାଦ୍ୟ ଦୁର୍ନୀତି କରିଥିଲେ, ଯାହାର ମୂଲ୍ୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିଲାଗି ୨୦୧୧ରେ ମନ୍ତ୍ରୀମଣ୍ଡଳରୁ ଯିଏ ତଡ଼ା ଖାଇଥିଲେ ସେହି ସଇତାନଙ୍କ ମୁହଁରେ ଏବେ ବେଦପାଠ ଶୁଣିବାକୁ ମିଳୁଛି। ନିଜ ଚାକିରି ବଞ୍ଚାଇବା ଲାଗି ଯେଉଁ ଦଳ ପାଇଁ ଓକିଲାତି କରୁଛନ୍ତି ସେହି ଦଳ ଦିନେ ତାଙ୍କୁ ତଡ଼ିଦେଇଥିଲା। ବିଜେଡି ନେତା ପ୍ରତାପ ଜେନା ୨ଟି ହତ୍ୟା ମାମଲାରେ ସମ୍ପୃକ୍ତ ଅଛନ୍ତି ବୋଲି ଅଭିଯୋଗ ଆସିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ବିରୋଧରେ ପରକୀୟା ପ୍ରୀତିର କଥା ଆସିଲା ପରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଆଜି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ସେ ସମୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନାମ ଆସିଲା। ଯଦି ସୋନାଲିକା ଆପଣଙ୍କ ଝିଅ ହୋଇଥାନ୍ତା ତେବେ କ'ଣ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ଛାଡ଼ିଦେଇ ଥାଆନ୍ତେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ୨ଟି ଘଟଣାର ଅଭିଯୋଗ ଉଠାଇଛନ୍ତି ଛତ୍ରପୁର ମାମଲାରେ ପୋଲିସର ଚାର୍ଜସିଟ୍‌ରେ କ'ଣ ଲେଖାହୋଇଛି, ପୋଲିସ ଡିଜିଙ୍କୁ ପଚାରିବୁଝନ୍ତୁ। ବ୍ଲାକ୍‌ରୋଜ୍ ମାମଲାରେ କୋଟି କୋଟି ଟଙ୍କାର ଯେଉଁ ଦୁର୍ନୀତି ହୋଇଥିଲା, ତୁମର ବଡ଼ ନେତା ବୋଲାଉଥିବା ପ୍ରଣବ ପ୍ରକାଶ ଦାସଙ୍କ ସମ୍ପୃକ୍ତି କେତେ ଅଛି, ତାଙ୍କୁ ଥରେ ପଚାରନ୍ତୁ। ୫-ଟି ସଚିବ କେଉଁ କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ କେଉଁ କାର୍ଯ୍ୟ କରୁଛନ୍ତି ଥରେ ନିଜକୁ ପଚାରି ତାହାର ଉତ୍ତର ଖୋଜନ୍ତୁ ବୋଲି ସୋନାଲି କହିଛନ୍ତି।



କେରଳର କୋଚିରେ ଜଣେ ମହିଳା କର୍ମୀଙ୍କୁ ଦୁର୍ବ୍ୟବହାର କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯୁବ କଂଗ୍ରେସ ଏବଂ କେଏସ୍‌ୟୁ ସମର୍ଥକମାନେ ବିକ୍ଷୋଭ କରୁଥିବାବେଳେ ଲାଠିମାଡ଼ର ଦୃଶ୍ୟ।

# କେନ୍ଦ୍ର ଅବହେଳା ମୁଖ୍ୟ ପ୍ରସଙ୍ଗ

### ବିଜେଡି ବିଧାୟକ ଦଳ ବୈଠକ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆୟୋଜିତ ବିଜେଡି ବିଧାୟକ ଦଳ ବୈଠକ।

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିରୋଧୀଙ୍କୁ ମୁକାବିଲା କରିବା ପାଇଁ ଶାସକ ବିଜେଡି ରଣନୀତି ପ୍ରସ୍ତୁତ କରିଛି। କେନ୍ଦ୍ରୀୟ ଅବହେଳା ଓ ପାତରଅନ୍ତର ନୀତିକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପ୍ରଦାନକୁ ଯେଉଁଭଳି ଢଙ୍ଗରେ ମନା କଲେ ତାହା ପ୍ରତିଟି ଓଡ଼ିଆଙ୍କ ମନରେ ଦୁଃଖ ଦେଇଛି। ଏସବୁକୁ ଗୃହରେ ଉତ୍ଥାପନ କରିବାକୁ ବିଜେଡି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରିଛି।

ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଶେଷରେ ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ, ବିରୋଧୀ ଦଳ ପକ୍ଷରୁ ଯେଉଁ ପ୍ରସଙ୍ଗ ଉତ୍ଥାପନ ହେବ ତା'ର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି। କେନ୍ଦ୍ରୀୟ ଅବହେଳାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବ। ଏଥିସହ ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା, ଚାଉଳ କୋଟା କମାଇବା, କୋଇଲା ରୟାଲ୍‌ଟି ସଂଶୋଧନ, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼, ଏମ୍‌ଏସ୍ ସ୍ୱାମୀନାଥନ୍ କମିଟି ରିପୋର୍ଟ ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ଆଦି ଦାବି ପ୍ରସଙ୍ଗକୁ ଉଠାଇବୁ। କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବାରମ୍ବାର ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିଲାବେଳେ କେନ୍ଦ୍ର ଏହାର ସ୍ଥାୟୀ ପ୍ରତିକାର ପାଇଁ ଗୁରୁତ୍ୱ ଦେଉନାହିଁ। କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବିଗତ ବର୍ଷରେ ପ୍ରାୟ ୭୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ କାଟିଛନ୍ତି। ରେଲୱେ କ୍ଷେତ୍ରରେ କେନ୍ଦ୍ର ସରକାର ଦୀର୍ଘ ଦିନ ଧରି ଅବହେଳା କରି ଆସୁଛନ୍ତି। ଏସବୁ ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ମୁଦୁଲି କହିଛନ୍ତି।

## ନବ ଦାସ ବିଜେଡିରେ ଯୋଗଦେବା ପରେ ଅନ୍ତର୍ଦ୍ୱନ୍ଦ୍ୱ ଜଣାପଡ଼ିଯାଇଥିଲା: ନରସିଂହ

ଭୁବନେଶ୍ୱର, ୨୧।୨(ବ୍ୟୁରୋ): ନବ ଦାସଙ୍କ ହତ୍ୟା ଘଟଣାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପୁଣି ନୂଆ ଅଭିଯୋଗ ଆଣିଛନ୍ତି। ସେ ୩ଟି କଥାକୁ ଗୁରୁତ୍ୱ ଦେଇ କହିଛନ୍ତି, ନବଙ୍କୁ ହତ୍ୟା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ହୁଏତ ଏହି କଥାରେ ବ୍ୟକ୍ତିଗତ କାରଣ କିଛି ରହିଥିଲା, ଯେଉଁଥିଲାଗି ନବ ଦାସଙ୍କୁ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର କରାଯାଇଥିଲା। ନବ ଦାସ ବିଜେଡିରେ ଯୋଗଦେବା ପରେ ଅନ୍ତର୍ଦ୍ୱନ୍ଦ୍ୱ ଥିବା ବ୍ରଜରାଜନଗର ଉପନିର୍ବାଚନରେ ଜଣାପଡ଼ିଯାଇଥିଲା। ଆଉ ବ୍ୟବସାୟିକ ଦୃଷ୍ଟିକୋଣରୁ ବି ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ନରସିଂହ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଜଣେ ଅବସରପ୍ରାପ୍ତ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଯେପରି କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି ସତ୍ୟ ନିଶ୍ଚିତ ପଦାକୁ ଆସିବ ବୋଲି ସେ କହିଛନ୍ତି।

## ଏଆଇସିସି ଅଧିବେଶନରେ ଯୋଗଦେବେ ବହୁ ନେତା

ଭୁବନେଶ୍ୱର, ୨୧।୨(ବ୍ୟୁରୋ): ଛତିଶଗଡ଼ଠାରେ ଆସନ୍ତା ୨୪ରୁ ୨୬ ପର୍ଯ୍ୟନ୍ତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ୮୫ ତମ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଉଛି। ସେଠାରେ ଓଡ଼ିଶାର ପ୍ରତିନିଧିଙ୍କ ରହଣି, ଅଧିବେଶନରେ ଯୋଗଦାନ ଏବଂ ଅନ୍ୟାନ୍ୟ ତଥ୍ୟ ଯୋଗାଇଦେବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ ଅଭ୍ୟର୍ଥନା କମିଟି ନିମ୍ନମତେ ଗଠନ କରିଛନ୍ତି। ଏହି କମିଟି ରାୟପୁରଠାରେ ୨୩ରେ ପହଞ୍ଚି ଓଡ଼ିଶା ପାଇଁ ଉଦ୍ଦିଷ୍ଟ କ୍ୟାମ୍ପ ଅଫିସ୍‌ରେ ଉପସ୍ଥିତ ରହି ପ୍ରତିନିଧିମାନେ ଯେପରି ସୁଚାରୁରୂପେ ଅଧିବେଶନରେ ଯୋଗଦେଇପାରିବେ ସେନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଶରତ ଅବଗତ କରାଇଛନ୍ତି।

# ଏତେଦିନ ପରେ କିଏ ଫଟୋ ଛାଡ଼ିଲା ତଦନ୍ତ ହେଉ: ବିରୋଧୀ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

### ନବ ଦାସ ହତ୍ୟା ମାମଲା

ନବ ଦାସଙ୍କ ହତ୍ୟା ଘଟଣାର ୨୩ ଦିନ ପରେ ଗୋପାଳ କେମିତି ମାରିଲା ତାହା ଏବେ ଭାଇରାଲ ହେବାରେ ଲାଗିଛି। ୨୩ ଦିନ ପୂର୍ବରୁ ଯେଉଁ ଫଟୋ ବାହାରକୁ ଆସୁ ନ ଥିଲା ତାହା ଏବେ କିନ୍ତୁ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭକରି ସବୁଆଡ଼େ ଭାଇରାଲ ହେବା ଆରମ୍ଭ ହୋଇଛି। ତେବେ ହତ୍ୟାକାଣ୍ଡ ଏତେଦିନ ପରେ ଏଭଳି ଚିତ୍ର ଭାଇରାଲ ହେବା ପଛରେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଛାଡୁଛି ତାକୁ ନେଇ ବିରୋଧୀ ଭାଜପା ଏବଂ କଂଗ୍ରେସ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ତେବେ ମନ୍ତ୍ରୀଙ୍କ ସାମ୍ନାରେ ଗୋପାଳ ଠିଆହେବାର ଫଟୋ ସୋମବାର ବାହାରକୁ ଆସିଥିବା ବେଳେ ସେଥିରେ ସେ ବନ୍ଧୁକ ଧରିଛି ନା ନାହିଁ ଜଣାପଡୁନାହିଁ। ମଙ୍ଗଳବାର ଗୋପାଳ କର୍ମୀଙ୍କ ଗ୍ରହଣରେ ସ୍ୱାଭାବିକ ଭାବେ ପିସ୍ତଲ ଅଣ୍ଟାରେ ରଖି ଚାଲି ଚାଲି ଆସୁଥିବା ଭିଡିଓ ଭାଇରାଲ ହେଉଛି। ହେଲେ ଏଥିରେ ମଧ୍ୟ ଗୋପାଳ କେମିତି ମାରିଛି ତାହା ଦେଖାଯାଉ ନାହିଁ। ହଠାତ୍ ଏଭଳି ଫଟୋ ଏବଂ ଭିଡିଓ କାହା ପାଖରେ ଥିଲା ଏବଂ କିଏ ବର୍ତ୍ତମାନ ଏହାକୁ ଭାଇରାଲ କରୁଛି ତାକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। କଂଗ୍ରେସ ଏବଂ ଭାଜପା ଏହାକୁ ପ୍ରାୟୋଜିତ ବୋଲି କହିଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଏହି ହତ୍ୟାକାଣ୍ଡ ପ୍ରାୟୋଜିତ। ୨ଦିନ ହେଲା ଫଟୋ ଆସିବା ପରେ ନବ ଦାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ଥିବା ମଧ୍ୟ ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି।

ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ଯିଏ ଏହି ଫଟୋ ଭାଇରାଲ କରୁ ଏବଂ ଯେଉଁ ବାଟରେ ଏହି ଫଟୋଟି ବାହାରକୁ ଆସୁ, କ୍ରାଇମବ୍ରାଞ୍ଚ ଦେଖାଉ ବା ବାହାରେ ବି ଯିଏ ଦେଖାଉ ଏହା ନିଶ୍ଚିତ ଭାବେ ସନ୍ଦେହ ଘେରକୁ ଯିବ। କାରଣ ୨୪ ଦିନ ମଧ୍ୟରେ କାହିଁକି ଏହା ପଦାକୁ ଆସୁ ନ ଥିଲା ବିଧାନସଭା ଥିବାବେଳେ କାହିଁକି ଏହାକୁ ଦେଖାଗଲା। ଯିଏ ଏହି ଫଟୋ ଭାଇରାଲ କରିଛି ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦରକାର ବୋଲି ଜୟଦେବ କହିଛନ୍ତି।

ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, କ୍ରାଇମବ୍ରାଞ୍ଚ ଠିକ୍ ବାଟରେ ତଦନ୍ତ ଚଳାଇଛି। ତଦନ୍ତକୁ ଦିଗହରା କରିବା ପାଇଁ ଏବଂ ଏହାକୁ ରାଜନୀତୀକରଣ କରିବା ଲାଗି ଯେଉଁଭଳି ଭାବେ ବିରୋଧୀ ଦଳ ପକ୍ଷରୁ ଚେଷ୍ଟା କରାଯାଉଛି ତାହା ନ କରାଯାଇ ତଦନ୍ତରେ କ୍ରାଇମବ୍ରାଞ୍ଚକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ସେ କହିଛନ୍ତି।



ବଜେଟ ଅଧିବେଶନରେ ଯୋଗଦେବା ପାଇଁ ଉତ୍ତର ପ୍ରଦେଶର ଲକ୍ଷ୍ନୌସ୍ଥିତ ବିଧାନସଭାରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଦଳୀୟ ବିଧାୟକମାନେ।

# ୨୦୨୪ରେ ସରକାରର ନେତୃତ୍ୱ ନେବ କଂଗ୍ରେସ: ଖାର୍ଗେ



ନାଗାଲାଣ୍ଡର ଚୁମୁକେଡିମାଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

ନୂଆଦିଲ୍ଲୀ,୨୧।୨

୨୦୨୪ ଲୋକ ସଭା ନିର୍ବାଚନ ପରିପ୍ରେକ୍ଷୀରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଆଲୋଚନା ଜାରି ରହିଥିବାବେଳେ ଆସନ୍ତା ବର୍ଷ କେନ୍ଦ୍ରରେ ବିରୋଧୀ ମେଣ୍ଟ କ୍ଷମତାକୁ ଆସିବ ଏବଂ କଂଗ୍ରେସ ଏହାର ନେତୃତ୍ୱ ନେବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର କହିଛନ୍ତି। ରାୟପୁରରେ କଂଗ୍ରେସର ମହାସମ୍ମିଳନୀ ପୂର୍ବରୁ ଖାର୍ଗେଙ୍କ ଏଭଳି ବିବୃତିରୁ ବିରୋଧୀ ମେଣ୍ଟ ଗଠନ ନେଇ ଦଳ ବଡ଼ ନିଷ୍ପତ୍ତି ନେଇପାରେ ବୋଲି କୁହାଯାଉଛି।

ନାଗାଲାଣ୍ଡର ଚୁମୁକେଡିମାଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଖାର୍ଗେ ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ଗୈରିକ ଦଳ ବିଧାୟକମାନଙ୍କ ଉପରେ ଚାପ ପକାଇ କର୍ଣ୍ଣାଟକ, ମଣିପୁର, ଗୋଆ ଏବଂ ମଧ୍ୟପ୍ରଦେଶରେ ନିର୍ବାଚିତ ସରକାରକୁ ଭାଙ୍ଗିଥିବା ସେ ଅଭିଯୋଗ କରିଥିଲେ। ଭାଜପା ଗୋଟିଏ ପଟେ ଗଣତନ୍ତ୍ର ଏବଂ ସମ୍ବିଧାନ କଥା କହୁଥିବାବେଳେ ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛି ଓ ସମ୍ବିଧାନକୁ ଅନୁସରଣ କରୁନାହିଁ। ମୋଦି ଏକାକୀ ସାରା ଦେଶକୁ ସାମ୍ନା କରିପାରିବେ ବୋଲି ଏକାଧିକ ଥର ଗର୍ବରେ କହିଛନ୍ତି। କୌଣସି ଗଣତାନ୍ତ୍ରିକ ବ୍ୟକ୍ତି ଏଭଳି କହିପାରିବେ ନାହିଁ ବୋଲି ଖାର୍ଗେ କହିଛନ୍ତି। ଲୋକେ ଆପଣଙ୍କୁ ନିର୍ବାଚିତ କରିଛନ୍ତି ଏବଂ ୨୦୨୪ରେ ଉଚିତ୍ ଶିକ୍ଷା ଦେବେ ବୋଲି ମୋଦିଙ୍କୁ ଲକ୍ଷ୍ୟ କରି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ୨୦୨୪ରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ମେଣ୍ଟ ସରକାର କ୍ଷମତାକୁ ଆସିବ। ଏଥିପାଇଁ କଂଗ୍ରେସ ଅନ୍ୟ ଦଳଗୁଡ଼ିକ ସହ ଆଲୋଚନା ଚଳାଇଛି। ତେବେ ଖାର୍ଗେଙ୍କ କଥାରୁ ସ୍ପଷ୍ଟ ହୋଇଛି କଂଗ୍ରେସ ଅନ୍ୟମାନଙ୍କ ସହ ହାତ ମିଳାଇବା ଲାଗି ଆଲୋଚନା ଜାରି ରଖିଛି। ମେଣ୍ଟ ନିର୍ବାଚନ ପୂର୍ବରୁ ହେବ କି ପରେ ତାହା ସ୍ପଷ୍ଟ ହୋଇନାହିଁ।

## କଂଗ୍ରେସ କ୍ଷମତାକୁ ଆସିଲେ ଦୁର୍ନୀତି ବି ଆସିଥାଏ: ନଡ୍ଡା

**ବେଙ୍ଗାଲୁରୁ,୨୧।୨:** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସ ଯେତେବେଳେ ବି କ୍ଷମତାକୁ ଆସେ, ଦୁର୍ନୀତି ଏହା ସହିତ ଆସିଥାଏ। ସେଠାରେ ଭୋଟ ବ୍ୟାଙ୍କ ମଧ୍ୟ ରାଜନୀତି ଆସେ ବୋଲି ବେଙ୍ଗାଲୁରୁଠାରେ ମଙ୍ଗଳବାର ନଡ୍ଡା ଅଭିଯୋଗ କରିଛନ୍ତି। ତେବେ କର୍ଣ୍ଣାଟକର ବିକାଶ ପାଇଁ ଭାଜପାର ଡବଲ ଇଞ୍ଜିନ ସରକାରକୁ ପୁଣି ଥରେ ନିର୍ବାଚିତ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

## ରାଜ୍ୟପାଳ ପଦବୀର ମର୍ଯ୍ୟାଦା ବଢ଼ାଇଛନ୍ତି ବିଶ୍ୱଭୂଷଣ: ଆନ୍ଧ୍ର ମୁଖ୍ୟମନ୍ତ୍ରୀ



ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ

ବିଜୟୱାଡ଼ା,୨୧।୨(ଆଇଏଏନ୍‌ଏସ୍)

ବିଭିନ୍ନ ରାଜ୍ୟ ସରକାର ଏବଂ ରାଜ୍ୟପାଳମାନଙ୍କ ମଧ୍ୟରେ ବିବାଦ ଯୋଗୁ ସମ୍ପର୍କ ଖରାପ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ବିଦାୟୀ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ତାଙ୍କ ପଦବୀର ମର୍ଯ୍ୟାଦା ବଢ଼ାଇଛନ୍ତି। ସେ ବିଭିନ୍ନ ସାମ୍ବିଧାନିକ ସଂସ୍ଥା ମଧ୍ୟରେ ଅତ୍ୟନ୍ତ ସମନ୍ୱୟ ରକ୍ଷା କରିବା ସହ ରାଜ୍ୟର ବିକାଶରେ ମୂଲ୍ୟବାନ୍ ମାର୍ଗଦର୍ଶନ ଦେଇଆସୁଥିଲେ ବୋଲି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମଙ୍ଗଳବାର କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ୩ ବର୍ଷ ୬ ମାସର କାର୍ଯ୍ୟକାଳ ମଧ୍ୟରେ ବିଶ୍ୱଭୂଷଣଙ୍କ ମାର୍ଗଦର୍ଶନ ଉଦାହରଣ ହୋଇ ରହିବ। ଜଣେ ଶିକ୍ଷାବିତ୍, ଆଇନ ବିଶେଷଜ୍ଞ, ସ୍ୱାଧୀନତା ସଂଗ୍ରାମୀ ଏବଂ ଲେଖକ ଭାବେ ପରିଚିତ ବିଶ୍ୱଭୂଷଣ ଓଡ଼ିଶାରେ ୫ ଥର ବିଧାୟକ ଏବଂ ୪ ଥର ମନ୍ତ୍ରୀ ହୋଇଥିଲେ। ଜଣେ ଦକ୍ଷ ପ୍ରଶାସକ ଭାବେ ସେ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ଅଲିଭା ଚିହ୍ନ ଛାଡ଼ିଯାଇଛନ୍ତି ବୋଲି ଜଗନ କହିଥିଲେ। ବିଦାୟୀ ରାଜ୍ୟପାଳଙ୍କ ସମ୍ମାନାର୍ଥେ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉଦ୍‌ବୋଧନ ଦେଇ ଜଗନ ଏହା କହିଥିଲେ। କେନ୍ଦ୍ର ସରକାର ଗତ ସପ୍ତାହରେ ବିଶ୍ୱଭୂଷଣଙ୍କୁ ଛତିଶଗଡ଼ ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଥିଲେ।

## ପାର୍ଲାମେଣ୍ଟରେ ଶିବସେନା କାର୍ଯ୍ୟାଳୟ ଏକନାଥ ଗୋଷ୍ଠୀଙ୍କୁ ମଞ୍ଜୁର

ନୂଆଦିଲ୍ଲୀ,୨୧।୨

ନିର୍ବାଚନ କମିଶନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ପରେ ପାର୍ଲାମେଣ୍ଟ ଭବନରେ ଥିବା ଶିବସେନା କାର୍ଯ୍ୟାଳୟକୁ ଉକ୍ତ ଗୋଷ୍ଠୀକୁ ମଞ୍ଜୁର କରାଯାଇଛି। ପାର୍ଲାମେଣ୍ଟ ଭବନରେ ଥିବା ଶିବସେନା କାର୍ଯ୍ୟାଳୟକୁ ହସ୍ତାନ୍ତର କରିବା ନିମନ୍ତେ ଗୃହରେ ଶିନ୍ଦେ ଗୋଷ୍ଠୀର ନେତା ରାହୁଲ ଶେୱାଲେ ଲୋକ ସଭା ସଚିବାଳୟକୁ ପତ୍ର ଲେଖିଥିଲେ। ତଦନୁଯାୟୀ ଉକ୍ତ ପ୍ରକୋଷ୍ଠକୁ ପ୍ରକୃତ ଶିବସେନାକୁ ମଞ୍ଜୁର କରାଯାଇଛି। ପୂର୍ବରୁ ପାର୍ଲାମେଣ୍ଟ ଭବନରେ ଥିବା ଉକ୍ତ କାର୍ଯ୍ୟାଳୟକୁ ଉଭୟ ଗୋଷ୍ଠୀ ବ୍ୟବହାର କରିଆସୁଥିଲେ।

# ଏକନାଥ ହେଲେ ଶିବସେନା ଅଧ୍ୟକ୍ଷ

### ସଭରକରଙ୍କୁ ଭାରତ ରତ୍ନ ପାଇଁ ପ୍ରଥମ ଜାତୀୟ କାର୍ଯ୍ୟକାରିଣୀରେ ପ୍ରସ୍ତାବ

ମୁମ୍ବାଇ,୨୧।୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକାନଥ ଶିନ୍ଦେଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ନିର୍ବାଚନ କମିଶନ ସ୍ୱୀକୃତି ପ୍ରଦାନ କରିବା ପରେ ମଙ୍ଗଳବାର ଏହାର ପ୍ରଥମ ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସିଥିଲା। ଉକ୍ତ ବୈଠକରେ ଏକନାଥଙ୍କୁ ଶିବସେନାର ଅଧ୍ୟକ୍ଷ ଘୋଷଣା କରାଯାଇଛି। ଶିବସେନା ଜାତୀୟ କାର୍ଯ୍ୟକାରିଣୀ ପୂର୍ବରୁ ଏହାକୁ ଶିନ୍ଦେ ଗୋଷ୍ଠୀ ନ କହି ଶିବସେନା କହିବାକୁ ଗଣମାଧ୍ୟମକୁ ଦଳ ପକ୍ଷରୁ କୁହାଯାଇଥିଲା। ବୈଠକରେ ଏକନାଥଙ୍କ ଗୋଷ୍ଠୀର ସମସ୍ତ ବିଧାୟକ, ଏମ୍‌ପି ଏବଂ ଅନ୍ୟ ନେତାମାନେ ଯୋଗଦେଇଥିଲେ। ହିନ୍ଦୁତ୍ୱ ଆଦର୍ଶବାଦୀ ବିନାୟକ ଦାମୋଦର ସଭରକରଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ ଲାଗି ଦାବି କରିବାକୁ ବୈଠକରେ ପ୍ରସ୍ତାବ ଅଣାଯାଇଥିଲା। ସେହିପରି ଚର୍ଚ୍ଚଗେଟ୍ ରେଳଷ୍ଟେଶନକୁ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଚିନ୍ତାମନରାଓ ଦେଶମୁଖଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଏକନାଥ ଅଧ୍ୟକ୍ଷତା କରିଥିଲେ। ଆଲୋଚନାରେ ସ୍ଥାନ ପାଇଥିବା ଅନ୍ୟ ପ୍ରସ୍ତାବ ମଧ୍ୟରେ ରହିଛି ରାଜ୍ୟରେ ସମସ୍ତ ପ୍ରକଳ୍ପରେ ସ୍ଥାନୀୟ ଯୁବତୀଯୁବକଙ୍କୁ ୮୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରିବା, ମରାଠୀ ଭାଷାକୁ ଶ୍ରେଷ୍ଠ ଭାଷାର ମାନ୍ୟତା ଦେବା ଏବଂ ୟୁପିଏସ୍‌ସି, ଏମ୍‌ପିଏସ୍‌ସିରେ ମରାଠୀ ଛାତ୍ରୀଛାତ୍ରୀଙ୍କୁ ଦୃଢ଼ ସମର୍ଥନ। ପୂର୍ବରୁ ଉଦ୍ଧବ ଠାକରେ ଗୋଷ୍ଠୀ ମଧ୍ୟ ସଭରକରଙ୍କୁ ଭାରତ ରତ୍ନ ପାଇଁ ଦାବି କରିଥିଲା।



ଏକାନଥ ଶିନ୍ଦେ





ମଙ୍ଗଳବାର ବଜେଟ ଅଧିବେଶନ ଆରମ୍ଭରେ ବିଧାନସଭାକୁ ପ୍ରବେଶ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର।



ବିଧାନସଭାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ଖବରଦାତାମାନଙ୍କୁ ପୋଲିସ ଦଉଡ଼ି ବାରିକେଡ୍ ଦ୍ୱାରା ଅଟକାଇ ରଖିଛି। ଏହାକୁ ନେଇ ବିରୋଧୀ ଦଳ ଓ ଖବରଦାତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଧାନସଭାରେ ଶୋକ: ଦିନକ ପାଇଁ ଗୃହ ମୁଲତବୀ

## ଭୁଲ୍ ହୋଇଗଲା ନବଙ୍କ ଜନ୍ମସ୍ଥାନ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳ ଗଣେଶୀ ଲାଲଙ୍କ ଅଭିଭାଷଣ ପରେ ପରଲୋକଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ମଧ୍ୟାହ୍ନ ୧୨ଟା ୨୧ ମିନିଟରେ ଗୃହରେ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ବିଧାନସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ, ପୂର୍ବତନ ସଦସ୍ୟ ଗଙ୍ଗାଧର ଦାସ ଏବଂ ଅର୍ଜୁନ ଚରଣ ଦାସଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗୃହର ସମବେଦନା ଜଣାଇ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ମନ୍ତ୍ରୀ ତଥା ଗୃହର ସିଟିଂ ସଦସ୍ୟ ନବ ଦାସଙ୍କ ଦୁଃଖଦ ମୃତ୍ୟୁ ହୋଇଥିବା କହିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ନେତୃତ୍ୱରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କୋଭିଡ୍-୧୯ ମହାମାରୀ ପରିଚାଳନା, ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା, କ୍ୟାପିଟାଲ ହସ୍ପିଟାଲ ପିଜି ଶ୍ରେଣୀକୁ ଉନ୍ନୀତ ହେବା ଓ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ ଆଦି ସମ୍ଭବ ହୋଇଥିଲା ବୋଲି କହିଥିଲେ। ନବଙ୍କ ଜନ୍ମ ୧୯୬୨ ଜାନୁଆରୀ ୭ରେ ଝାରସୁଗୁଡ଼ାର ସରବାହଲଠାରେ ହୋଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ପ୍ରସ୍ତାବରେ ଉଲ୍ଲେଖ କରିଥିଲେ। ତେବେ ନବଙ୍କ ଜନ୍ମସ୍ଥାନକୁ ନେଇ ମୁଖ୍ୟମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ତାହା ଭୁଲ୍ ବୋଲି ଜଣାପଡ଼ିଛି। ନବଙ୍କ ଜନ୍ମ ସମ୍ବଲପୁର ସହରରେ ହୋଇଥିଲା। ସମ୍ବଲପୁର ଜିଲାର ମାନେଶ୍ୱର ନିକଟସ୍ଥ ମିର୍ଗାମୁଣ୍ଡା ତାଙ୍କର ପୈତୃକ ଗ୍ରାମ। ପରବର୍ତ୍ତୀ ସମୟରେ ସେ ନିଜର କର୍ମକ୍ଷେତ୍ର ଭାବେ ଝାରସୁଗୁଡ଼ାକୁ ବାଛିବା ପରେ ସରବାହଲରେ ଘର କରି ରହିଥିଲେ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ନବଙ୍କୁ ଷଡ଼ଯନ୍ତ୍ରପୂର୍ଣ୍ଣ ହତ୍ୟା କରାଯାଇଛି ବୋଲି କହିବାକୁ ପଛାଇ ନ ଥିଲେ। ତାଙ୍କ ବିୟୋଗରେ ସେ ଦୁଃଖିତ ଓ ମର୍ମାହତ ବୋଲି କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ (ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସ୍ୱର୍ଗତ ସଦସ୍ୟମାନଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ନିଜର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ସ୍ୱର୍ଗତ ସଦସ୍ୟଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ଶୋକ ପ୍ରସ୍ତାବ ଉପରେ ୧୩ ମିନିଟ ଧରି ଆଲୋଚନା ହୋଇଥିଲା। ଶେଷରେ ଗୃହର ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ସମ୍ମାନରେ ବାଚସ୍ପତି ବିଧାନସଭାକୁ ମଧ୍ୟାହ୍ନ ୧୨ଟା ୩୪ରୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ରାଜ୍ୟପାଳଙ୍କ ମୁହଁରେ ବିକାଶର ଚିତ୍ର



ବିଧାନସଭାରେ ଅଭିଭାଷଣ ଦେବାପାଇଁ ଆସୁଥିବା ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଶିଳ୍ପ, କ୍ରୀଡ଼ା, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ନିର୍ମାଣ, ବିମାନ ସେବା କ୍ଷେତ୍ରରେ ରାଜ୍ୟ ଆଗକୁ ମାଡ଼ିଚାଲିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଜରିଆରେ ରାଜ୍ୟରେ ପୁଞ୍ଜିନିବେଶ ବଢ଼ିବା ସହିତ ମହିଳା ଉଦ୍ୟୋଗୀ ସୃଷ୍ଟି କରାଯାଉଛି। ସରକାର ରାଜ୍ୟପାଳ ଗଣେଶୀ ଲାଲଙ୍କ ମୁହଁରେ ଏଭଳି ବିକାଶର ଚିତ୍ର ଆଙ୍କିଛନ୍ତି। ମଙ୍ଗଳବାର ବିଧାନସଭାର ବଜେଟ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ରାଜ୍ୟପାଳ ନିଜ ଅଭିଭାଷଣ ଜରିଆରେ ପ୍ରଶଂସା କରିଛନ୍ତି। ସରକାରଙ୍କ ସଫଳତା ଏବଂ ଜନହିତକର ଯୋଜନା ବିଷୟରେ ଗୃହରେ ୧ଘଣ୍ଟା ୨୦ ମିନିଟ କାଳ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି।

ରାଜ୍ୟପାଳ କହିଛନ୍ତି, ଓଡ଼ିଶା ଏକ ରୂପାନ୍ତରିତ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ୫-ଟି ଓ ମୋ ସରକାର ଉପକ୍ରମ ବୃତ୍ତିଗତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ, ଖାଦ୍ୟ ସୁରକ୍ଷା, ସ୍କୁଲ ରୂପାନ୍ତରଣ କ୍ଷେତ୍ରରେ ମୋ ସରକାର ନୂତନ ପ୍ରଶାସନିକ ମାନଦଣ୍ଡ ସ୍ଥାପନ କରିବାରେ ସକ୍ଷମ ହୋଇଛି।

ମାତ୍ର ୧୫ ମାସରେ ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ କରାଯିବା ସହ ପୁରୁଷ ହକି ବିଶ୍ୱକପ୍‌କୁ ସଫଳତାର ସହ ଆୟୋଜନ କରାଯାଇଛି। ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆସନ୍ତା ୫ ବର୍ଷ ପାଇଁ ଶିଳ୍ପନୀତି-୨୦୨୨କୁ ଅନୁମୋଦନ କରାଯାଇଛି। ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଏବଂ ବ୍ୟବସାୟ ଅନୁକୂଳ ପରିବେଶ ସହିତ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳରେ ପରିଣତ ହୋଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ତୃତୀୟ ସଂସ୍କରଣରେ ବିପୁଳ ପୁଞ୍ଜିନିବେଶ ରାସ୍ତା ଖୋଲିଛି। ସ୍କୁଲ ପିଲାଙ୍କ ମଧ୍ୟରେ ଫୁଟ୍‌ବଲକୁ ପ୍ରୋତ୍ସାହିତ କରିବା ପାଇଁ ୪୩ ହଜାରରୁ ଅଧିକ ଫୁଟ୍‌ବଲ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଛି। ହକିର ପ୍ରସାର ପାଇଁ ରାଜ୍ୟରେ ୨୦ଟି ହକି ପ୍ରଶିକ୍ଷଣ କେନ୍ଦ୍ର କରାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ପ୍ରଣୟନ କରାଯାଇଛି।

- **୨୦୨୪ ସୁଦ୍ଧା ସବୁ ଗାଁକୁ ପାନୀୟ ଜଳ**
- **୧୮ ଲକ୍ଷ କୃଷକଙ୍କୁ ୮,୭୧୧ କୋଟି ଟଙ୍କା ଫସଲ ଋଣ ପ୍ରଦାନ ଲକ୍ଷ୍ୟ**
- **ବିଜୁ ଆଦର୍ଶ କଲୋନୀ ହେବ ୨,୯୧୯ ବସ୍ତି**
- **ସ୍କୁଲ ପିଲାଙ୍କୁ ୪୩ ହଜାର ଫୁଟ୍‌ବଲ ବଣ୍ଟନ**

ପ୍ରଦୂଷଣ ମୁକ୍ତ କରିବାକୁ ପୁରୁଣା ଯାନ ହଟାଇ ବାୟୁ ପ୍ରଦୂଷଣ ହ୍ରାସ କରିବାକୁ ଓଡ଼ିଶା ମୋଟର ଯାନ ନୀତି-୨୦୨୨ ପ୍ରଣୟନ କରାଯାଇଛି। ରାଜ୍ୟରେ ବିମାନ ଚଳାଚଳକୁ ବିକଶିତ କରିବାକୁ ରାଜ୍ୟ ସରକାର ଓଡ଼ିଶା ବେସାମରିକ ନୀତି-୨୦୨୨ କାର୍ଯ୍ୟକାରୀ କରିଛନ୍ତି। ୨୦୩୦ ସୁଦ୍ଧା ରାଜ୍ୟରେ ୧୧ ହଜାର ମେଗାୱାଟ ଅକ୍ଷୟ ଶକ୍ତି ପ୍ରକଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ପ୍ରଣୟନ କରାଯାଇଛି।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କରିବାରେ ଓଡ଼ିଶା ଆଗରେ ଅଛି ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି। ୧୮ ଲକ୍ଷ କୃଷକଙ୍କୁ ୮,୭୧୧ କୋଟି ଟଙ୍କା ଫସଲ ଋଣ ପ୍ରଦାନ ଲକ୍ଷ୍ୟ ରହିଛି। ଜାଗା ମିଶନରେ ବସ୍ତିକୁ ଆଦର୍ଶ କଲୋନୀରେ ରୂପାନ୍ତରିତ କରାଯାଇଛି। ଗରିବଙ୍କୁ ପକ୍କାଘର ଯୋଗାଇବାକୁ ସରକାର ପ୍ରତିବଦ୍ଧ ଅଛନ୍ତି। ସେହିପରି ଧାନ ସଂଗ୍ରହ କରିବାରେ ଓଡ଼ିଶାକୁ ସଫଳତା ମିଳିଛି। ବସୁଧା ଯୋଜନାରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ୨୦୨୪ ସୁଦ୍ଧା ସବୁ ଗାଁକୁ ବିଶୁଦ୍ଧ ପାନୀୟ ଜଳ ମିଳିବ ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି। ଚିକିତ୍ସା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ବରଦାନ ସାଜିଛି। ୨୦୩୦ ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆ ମୁକ୍ତ କରିବାକୁ ୨୧ଟି ଜିଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଅଭିଯାନ 'ଦମନ'କୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଉପକୂଳବର୍ତ୍ତୀ ଜିଲାରେ ଲୁଣାବନ୍ଧ ନିର୍ମାଣ ଓ ସୁଦୃଢ଼ୀକରଣ ହୋଇଛି। ସମନ୍ୱିତ ଜଳସମ୍ପଦ ବିକାଶ, ଜଳ ସଂରକ୍ଷଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରକ୍ତହୀନତା ମୁକ୍ତ ଲକ୍ଷ୍ୟ ଅଭିଯାନ ଅମ୍ଳାନ ଆରମ୍ଭ ହୋଇଛି। ଜାଗା ମିଶନ ଜରିଆରେ ୧୧୫ ସହରାଞ୍ଚଳରେ ୨,୯୧୯ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି।

ବଳକା ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ। ମାଣ୍ଡିଆ ଓ ବାଜରା ଜାତୀୟ ଫସଲକୁ ବିଶ୍ୱସ୍ତରରେ ମାନ୍ୟତା ମିଳିଛି। କାଳିଆ ଯୋଜନାରେ ୪୧.୦୮ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮.୬୯ ଲକ୍ଷ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। କାଳିଆ ସ୍କଲାରଶିପ୍ ଯୋଜନାରେ ୭୬୫ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ଚଳିତ ବର୍ଷ ରାଜ୍ୟରେ ୨୫ କୋଟି ଶ୍ରମ ଦିବସ ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଏଥିରେ ୩୦ ଲକ୍ଷ ପରିବାରର ୪୬ ଲକ୍ଷ ଶ୍ରମଜୀବୀଙ୍କୁ ରୋଜଗାର ମିଳିବ। ମୁକ୍ତା ଯୋଜନାରେ ୭୦୦ କୋଟି ଟଙ୍କା ବିନିଯୋଗ ହେବ। ୬୩୨୦ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ ହେବ। ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୮ଟି ଆକାଂକ୍ଷା ଛାତ୍ରାବାସ ନିର୍ମାଣ ହୋଇଛି ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି।

# ଧର୍ମାନ୍ତରିତଙ୍କ ସଂରକ୍ଷଣ ସୁବିଧା ଉଚ୍ଛେଦ ହେଉ: ତୋଗାଡ଼ିଆ



ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡିଆ ଉଦ୍‌ବୋଧନ ଦେଉଛନ୍ତି।

ସୁନ୍ଦରଗଡ଼,୨୧।୨(ଡି.ଏନ.ଏ.)

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡିଆଙ୍କ ତିନିଦିନିଆ ସୁନ୍ଦରଗଡ଼ ଗସ୍ତ ଅବସରରେ ମଙ୍ଗଳବାର ବନଡେଗା କିଲକିଲା ଛକରେ ଅନୁଷ୍ଠିତ ପଞ୍ଚକୁଣ୍ଡୀୟ ଧର୍ମଯଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେ କହିଲେ ଯେ, ଯେଉଁମାନେ ହିନ୍ଦୁ ଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମରେ ଧର୍ମାନ୍ତରିତ ହୋଇଛନ୍ତି, ସେମାନଙ୍କ ସଂରକ୍ଷଣ ସୁବିଧା ଉଚ୍ଛେଦ ହେବା ଉଚିତ। ସରକାର ଏ ସମ୍ବନ୍ଧରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବନବାସୀ ଅଞ୍ଚଳର ଜଳ, ଜମି, ଜଙ୍ଗଲ, ଖଣି ଉପରେ ଜନଜାତିଙ୍କର ପ୍ରଥମ ଅଧିକାର ରହିଛି। ଜନଜାତି ସଂସ୍କୃତିରୁ ହିଁ ହିନ୍ଦୁ ଧର୍ମ ବିକଶିତ ହୋଇଛି। ତେଣୁ ସରଳ ବନବାସୀମାନଙ୍କୁ ଧର୍ମାନ୍ତରିତ କରାଯିବା ପ୍ରୟାସକୁ ବରଦାସ୍ତ କରାଯିବ ନାହିଁ। ଜନସଂଖ୍ୟା ଅସନ୍ତୁଳନର ପରିଣାମ କାଶ୍ମୀର ଓ ଉତ୍ତର-ପୂର୍ବରେ ଦେଖି ସାରିଛୁ। ତେଣୁ ଜନଜାତିଙ୍କ ଆର୍ଥିକ ସାମାଜିକ ବିକାଶ ପାଇଁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ କାର୍ଯ୍ୟ କରୁଛି ବୋଲି ଡ.ତୋଗାଡିଆ ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

# ଯାତ୍ରୀବାହୀ ବସ୍‌କୁ ଜାଳିଲେ ଦୁର୍ବୃତ୍ତ

ସୁନ୍ଦରଗଡ଼/ ନୂଆଗାଁ, ୨୧।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଚିତାପେଡ଼ି ପଞ୍ଚାୟତ ଅନ୍ତର୍ଗତ ଲୋଆରମ ହସ୍ପିଟାଲ ଛକ ନିକଟରେ ସୋମବାର ରାତିରେ କେହି ଦୁର୍ବୃତ୍ତ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲଗାଇ ଜାଳିଦେଇଛନ୍ତି। ରାଉରକେଲାରୁ ଲୋଆରମ ଯାତାୟାତ କରୁଥିବା ଓଡ଼ି ୧୪ ଇ ୨୮୮୮ ନମ୍ବର ଶେଫାଳି ନାମକ ଘରୋଇ ବସ୍ ରାତିରେ ଛିଡ଼ା ହୋଇଥିବାବେଳେ ଏହି ଘଟଣା ଘଟିଛି। ତେବେ ବସ୍ ଭିତରେ ଶୋଇଥିବା ବସ୍‌ର



କଣ୍ଡକ୍ଟର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଖବରପାଇ ବିଶ୍ରା ଥାନା ଅଧିକାରୀ ଭଗବାନ ପୂଜାରୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ୨୦ ଦଫା ଦାବିରେ ଆଶାକର୍ମୀଙ୍କ ସମାବେଶ




## ବିକ୍ଷୋଭ ପ୍ରଦର୍ଶନ ବେଳେ ୩ ଅସୁସ୍ଥ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ଏଆଇଟିୟୁସି ନେତୃତ୍ୱାଧୀନ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ୨୦ଦଫା ଦାବି ନେଇ ମଙ୍ଗଳବାର ଲୋୟର ପିଏମ୍‌ଜିରେ ବିଶାଳ ସମାବେଶ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୫ହଜାରରୁ ଊର୍ଦ୍ଧ୍ୱ ଆଶାକର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଆସୁଥିବା ବେଳେ ବାଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ ସେଠାରେ ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ପେନସନ୍, ସାମାଜିକ ନିରାପତ୍ତା, ମାସିକ ୨୬ହଜାର ଟଙ୍କା ଦରମା ପ୍ରଦାନ, ଅଧିକ ଅନୁଦାନ ଦେବା, ସ୍ୱାସ୍ଥ୍ୟ ପାଇଁ କେନ୍ଦ୍ର ବଜେଟରେ ୬ ପ୍ରତିଶତ ବ୍ୟୟ ବରାଦ, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ଗ୍ରାମାଞ୍ଚଳରେ ମା' ଓ ଶିଶୁର ବିକାଶ ସହିତ ନିରାପଦ ମାତୃତ୍ୱ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ଆଶାକର୍ମୀମାନେ ନିୟୋଜିତ ଅଛନ୍ତି। ଆଶାକର୍ମୀମାନେ ଗ୍ରାମାଞ୍ଚଳ ସମେତ ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳକୁ ଯାଇ ମଧ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ହେଲେ ସେମାନଙ୍କ ଦାବି ପୂରଣ ଦିଗରେ ରାଜ୍ୟ ସରକାର ଉଦାସୀନ ମନୋଭାବ ପୋଷଣ କରୁଥିବା ଆସୋସିଏଶନର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ ଏବଂ ରାଜ୍ୟ ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ଼ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆନ୍ଦୋଳନକାରୀଙ୍କ ସହ ରାଜ୍ୟସରକାର ଆଲୋଚନା କରି ନ ଥିବାରୁ ସେମାନେ ରାତିରେ ମଧ୍ୟ ରାସ୍ତାରେ ବସିରହିଥିଲେ। ଅନ୍ୟପକ୍ଷରେ ପ୍ରବଳ ଖରାରେ ଆଶାକର୍ମୀମାନେ ମାଷ୍ଟର କ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ଆସୁଥିଲେ। ଅଧାବାଟରେ ପୋଲିସ୍ ସେମାନଙ୍କୁ ଅଟକାଇବାରୁ ସେମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ୩ଜଣ ଆଶାକର୍ମୀ ଅଚେତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଧାରଣାସ୍ଥଳରେ ଥିବା ଆମ୍ବୁଲାନ୍ସରେ ଅସୁସ୍ଥମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଆଶୁ ଚିକିତ୍ସା ପରେ ସେମାନଙ୍କୁ ଛଡ଼ାଯାଇଥିଲା। ତେବେ ଏନେଇ ଆନ୍ଦୋଳନକାରୀମାନେ ଅଧିକ କ୍ଷୁବ୍ଧ ହୋଇପଡ଼ିଥିଲେ। ସାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଆଶାକର୍ମୀମାନେ ନିଜ ଅଧିକାର ପାଇଁ ଲଢ଼େଇ କରି ଆଜି ଅସୁସ୍ଥ ବୋଲି କହି ସଂଘର କର୍ମକର୍ତ୍ତାମାନେ ସରକାରଙ୍କୁ ସମାଲୋଚନା କରିଥିଲେ।

# ରଫାଦଫା ପାଇଁ ସୋମାଳିକାଙ୍କୁ ଧମକ

## ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା

ଜଗତ୍‌ସିଂହପୁର ଅଫିସ, ୨୧।୨

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ପ୍ରତିଶ୍ରୁତି ମାମଲା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବିଧାୟକଙ୍କ ବିରୋଧରେ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ସୋମାଳିକା ଦାଶ (୨୯) ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି କରି ପୋଲିସ ମାମଲା ରୁଜୁ କରିଥିଲା। ତେବେ ଉକ୍ତ ମାମଲାକୁ ରଫାଦଫା କରିବା ପାଇଁ ସୋମାଳିକାଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ସୋମାଳିକା ମଙ୍ଗଳବାର ରାତି ପ୍ରାୟ ୯ଟାରେ ଜଗତ୍‌ସିଂହପୁର ଥାନାରେ ପହଞ୍ଚି ଅତିରିକ୍ତ ଆଇଆଇସି ବବିତା ଦଳେଇଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସୋମାଳିକା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ୨/୩ ଦିନ ତଳେ ଏବଂ ସୋମବାର ଏକ ଅଜଣା ମୋବାଇଲ ନମ୍ବରରୁ ଧମକ ଆସିଥିଲା । ଟଙ୍କା ନେଇ ସମାଧାନ କରିଦିଅ। ବିଧାୟକଙ୍କ ଗୋଡ଼ ଧରି ଭୁଲ ମାଗ। କେବଳ ଏତିକି ନୁହେଁ, ଶାସକ ଦଳର କେତେଜଣ ସୋସିଆଲ ମିଡିଆରେ ତାଙ୍କ ସାଙ୍ଗମାନଙ୍କ ସହ ଥିବା ପୁରୁଣା ଫଟୋ ଶେୟାର କରୁଛନ୍ତି। ଏଭଳି କରି ମାନସିକ ଚାପ ଦେବାକୁ ଉଦ୍ୟମ କରାଯାଉଛି। ଯେହେତୁ ବିଜୟଶଙ୍କର ଶାସକ ଦଳର ବିଧାୟକ, ତେଣୁ ତାଙ୍କୁ ଘଣ୍ଟ ଘୋଡ଼ାଯାଉଛି ବୋଲି ସେ କହିଛନ୍ତି।

ଅପରପକ୍ଷେ ସୋମାଳିକାଙ୍କ ପାଇଁ ଆତ୍ମହତ୍ୟା କରିବା ଭଳି ପରିସ୍ଥିତି ସୃଷ୍ଟି କରାଯାଉଛି। କିନ୍ତୁ ସେ ଶେଷ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଲଢ଼ିବେ। ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ସୋମାଳିକା କୋହଭରା କଣ୍ଠରେ କହିଛନ୍ତି। ତାଙ୍କୁ ଆଇନଗତ ସହାୟତା କରୁଥିବା ସ୍ନିଗ୍ଧା ବିଶ୍ୱାଳ କହିଛନ୍ତି, ତାଙ୍କ ପ୍ରତି ମଧ୍ୟ ଶାସକ ଦଳର ଆକ୍ରୋଶ ବଢ଼ି ଚାଲିଛି । ସୋମାଳିକାଙ୍କ ହାତ ଛାଡ଼ିବାକୁ ଅଜଣା ମୋବାଇଲ ଫୋନ ଯୋଗେ ଧମକ ଆସୁଛି। ତାଙ୍କଠାରୁ ଦୂରେଇ ଗଲେ ମାମଲା ବନ୍ଦ ହୋଇଯିବ ବୋଲି କୁହାଯାଉଛି। ନଚେତ ଅସୁବିଧା ହେବ। କିନ୍ତୁ ସେ ସୋମାଳିକାଙ୍କ ସାଥିରେ ଅଛନ୍ତି ଏବଂ ରହିବେ ବୋଲି ଜଣାଇଛନ୍ତି। ସୋମବାର ଏକ ଅଜଣା ନମ୍ବରରୁ ଏଭଳି କଲ ଆସିଲା ପରେ ବିଶ୍ୱାଳ ସଙ୍ଗେସଙ୍ଗେ ସୋମାଳିକାଙ୍କୁ କନଫରେନ୍ସରେ ନେଇଥିଲେ। ଯେହେତୁ ତାଙ୍କ ଜୀବନ ପ୍ରତି ବିପଦ ଅଛି, ତେଣୁ ଉଭୟଙ୍କ ଦସ୍ତଖତରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରାଯାଇଛି।




ସୋମାଳିକା ଓ ବିଜୟଶଙ୍କର

ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଧାୟକ ଦାସଙ୍କ ସହ ସୋମାଳିକାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ବିବାହ ନିଷ୍ପତ୍ତି ହୋଇଥିଲା। ୧୭।୫।୨୦୨୨ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ଉଭୟ ବିବାହ ପାଇଁ ଆବେଦନ କରିଥିଲେ। ଆବେଦନର ୩୧ ଦିନ ସୋମାଳିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଧାୟକ ବିଜୟଶଙ୍କରଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ଫେରିଯାଇଥିଲେ। ଅପରପକ୍ଷେ ମା'ଙ୍କ ଦେହ ଖରାପ କାରଣରୁ ପରବର୍ତ୍ତୀ ସମୟରେ ବିବାହ କରିବେ ବୋଲି ବିଜୟଶଙ୍କର ପ୍ରତିଶ୍ରୁତି ଦେଇ ଏପର୍ଯ୍ୟନ୍ତ କୌଣସି ଆଗ୍ରହ ପ୍ରକାଶ କରିନାହାନ୍ତି। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ପର୍ଯ୍ୟାୟକ୍ରମେ ବଢ଼ି ଚାଲିଥିଲା। ଏହି ଘଟଣାରେ ପୋଲିସ ନୀରବତା ଅବଲମ୍ବନ କରିବାରୁ ସୋମାଳିକା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପୋଲିସ ମାମଲା ରୁଜୁ କରିବା ସହ ଗତ ୬ ତାରିଖରେ ଧାରା ୧୬୧ରେ ଜଗତ୍‌ସିଂହପୁର ଥାନାରେ ଏବଂ ୧୦ରେ ଧାରା ୧୬୪ରେ ଜଗତ୍‌ସିଂହପୁର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ବୟାନ ରେକର୍ଡ କରିଛି।

# ଥାନାରେ ଆତ୍ମସମର୍ପଣ କଲେ ଶୁଚିସ୍ମିତା

## ବିଇଓ ଅଫିସ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା

ଭବାନୀପାଟଣା,୨୧।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବିଇଓ ଅଫିସର ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ଲକ୍ଷାଧିକ ଟଙ୍କା ହଡ଼ପ କରି ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ହେବ ଫେରାର ଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଭବାନୀପାଟଣା ଟାଉନ ଥାନାକୁ ହଠାତ ଆସି ସେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଏସ୍‌ଡିଜେଏମ୍ ଶୁଚିସ୍ମିତାଙ୍କୁ ରିମାଣ୍ଡରେ ନେଇ ପରେ ବିଚାର ବିଭାଗୀୟ ହାଜତକୁ ପଠାଇଥିବା ପୋଲିସଠାରୁ ସୂଚନା ମିଳିଛି। ଭବାନୀପାଟଣା ବିଇଓ ଅଫିସର ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ୩୯ ଲକ୍ଷରୁ ଅଧିକ ଟଙ୍କା ନିଜର ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରି ଟଙ୍କା ହଡ଼ପ କରିଥିଲେ। ଏକ୍ସକ୍ୟାଡରମାନଙ୍କ ଦରମା ଓ ଶିକ୍ଷକଙ୍କ ବିଭିନ୍ନ ଅନୁଦାନ ହଡ଼ପ କରିଥିଲେ। ଭବାନୀପାଟଣା ବିଇଓ ଠାକୁର ଚରଣ ସାହୁ ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ ହେବା ପୂର୍ବରୁ ଶୁଚିସ୍ମିତା ସୁଆର ଫେରାର ହୋଇଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

**ବେଦାନ୍ତକୁ ଓଡ଼ିଶାର ସିଜିମାଲି ବକ୍ସାଇଟ୍ ବ୍ଲକ୍**

ନୂଆଦିଲ୍ଲୀ: ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଖଣିଜ ବ୍ଲକ ନିଲାମ ଅନ୍ତର୍ଗତ ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲାରେ ଅବସ୍ଥିତ ସିଜିମାଲି ବକ୍ସାଇଟ୍ ବ୍ଲକ୍ ପାଇଁ ବେଦାନ୍ତ ଲିମିଟେଡ୍ ପସନ୍ଦଯୋଗ୍ୟ ବିଡର ଭାବେ ଘୋଷିତ ହୋଇଛି। ଏପରିକି ବେଦାନ୍ତ ପାଇଁ ଏହି ବ୍ଲକ୍ ଏହାର ଆକାର, ଅବସ୍ଥାନ, ଏବଂ ବକ୍ସାଇଟ୍ ଗୁଣକୁ ଦୃଷ୍ଟିରେ ରଖି ରଣନୀତିକ ଭାବେ ଯୋଗ୍ୟ ବୋଲି କୁହାଯାଇଛି। ଉକ୍ତ ବ୍ଲକରେ ଆନୁମାନିକ ୩୧୧ ନିୟୁତ ଟନ୍ ବକ୍ସାଇଟ୍ ଥିବା ଆକଳନ କରାଯାଉଛି।

# ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ୬% ତଳେ ରହିବ

ନୂଆଦିଲ୍ଲୀ,୨୧।୨




ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା କାରଣରୁ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୬% ମଧ୍ୟରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏପରିକି ମଙ୍ଗଳବାର ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚର ସର୍ଭେ ଅନୁଯାୟୀ ବିଶ୍ୱରେ ମନ୍ଥରତା ଜାରି ରହିଥିବାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଜିଡିପି ୫.୯% ମଧ୍ୟରେ ବୃଦ୍ଧି ପାଇବ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯଦିଓ ବର୍ତ୍ତମାନ ଭାରତ ପାଇଁ ଅଳ୍ପ କିଛି ସକାରାତ୍ମକ ଅଛି, ଯେପରିକି ସ୍ଥାୟୀ ସରକାରୀ କ୍ୟାପେକ୍ସ, ବିଚ୍ଛିନ୍ନ କର୍ପୋରେଟର, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ୱଳ୍ପ ପ୍ରଦର୍ଶନକାରୀ ସମ୍ପତ୍ତି (ଏନ୍‌ପିଏ), ଉତ୍ପାଦନ ସହ ଜଡ଼ିତ ପ୍ରୋତ୍ସାହନ ଯୋଜନା ଏବଂ ବିଶ୍ୱ ଦ୍ରବ୍ୟର ମୂଲ୍ୟ ହ୍ରାସ ହେବା ସମ୍ଭାବନା ରହିଛି। ଏଭଳି ଅନେକ କାରଣରୁ ଆସନ୍ତା ଆର୍ଥିକ ବର୍ଷ ଭାରତ ଜିଡିପି ଅଭିବୃଦ୍ଧିକୁ ୬% ମଧ୍ୟରେ ରଖାଯାଇଛି ବୋଲି ରେଟିଂ ସଂସ୍ଥା ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁମାନ କରିଥିବା ୬.୪% ତୁଳନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୬.୧%କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ଅର୍ଥନୈତିକ ଏବଂ ଭୌଗୋଳିକ ଓ ରାଜନୈତିକ ବିକାଶର ପଥ ଉପରେ ନିର୍ଭରକରି ଆର୍ଥିକ ଅଭିବୃଦ୍ଧି ସର୍ଭେରେ ଆକଳନ କରାଯାଇଛି। ସେହିଭଳି ରେଟିଂ ଏଜେନ୍ସି ହାରାହାରି ଖୁଚୁରା ଏବଂ ହୋଲ୍‌ସେଲ ମୁଦ୍ରାସ୍ଫୀତି ଯଥାକ୍ରମେ ୫.୪%ଏବଂ ୧.୧% ହେବ ବୋଲି ଆକଳନ କରାଯାଉଛି ବୋଲି ଇଣ୍ଡିଆ ରେଟିଂର ମୁଖ୍ୟ ଅର୍ଥନୀତିଜ୍ଞ ସୁନୀଲ ସିହ୍ନା ବିସ୍ତୃତ ମତପ୍ରକାଶ କରିଛନ୍ତି।

# ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୨୧।୨

କ୍ରମାଗତ ୨ୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍‌ରେ କାରବାର ହ୍ରାସ ଘଟିଛି। ବିଶେଷକରି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୯ (୧୮.୮୨) ପଏଣ୍ଟ ଖସି ୬୦,୬୭୩ (୬୦,୬୭୨.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୮ (୧୭.୯୦) ପଏଣ୍ଟ ହ୍ରାସ ଘଟି ୧୭,୮୨୭ (୧୭,୮୨୬.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବିଓଏମ୍ ପକ୍ଷରୁ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୧।୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ନିକଟରେ ଏକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ସକ୍ଷମତା ଓ ସାମାଜିକ ଦାୟିତ୍ୱବୋଧତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏପରିକି ସେ କହିଥିଲେ, ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ରାଜ୍ୟର ଶିଳ୍ପ ଓ ବ୍ୟବସାୟିକ ଶ୍ରେଣୀକୁ ବିସ୍ତାରିତ ନେଟ୍‌ୱର୍କ ଓ ଶାଖା ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ସହ ଦେଶର ସାଧାରଣ ଲୋକଙ୍କ ଅଭିବୃଦ୍ଧି ଓ ବିକାଶକୁ ମଧ୍ୟ ପୂରଣ କରିବାକୁ ପଡିବ ବୋଲି ପାଣ୍ଡେ ମତପ୍ରକାଶ କରିଥିଲେ। ସେହିଭଳି ଗତ ୨ବର୍ଷ ମଧ୍ୟରେ ବ୍ୟାଙ୍କ ବିଭିନ୍ନ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିପାରିଛି। ବିଶେଷକରି ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ଗୁରୁତ୍ୱ ଉପରେ ସେ ବିସ୍ତୃତ ଆଲୋପାତ କରିଥିଲେ। ଏପରିକି ବ୍ୟାଙ୍କ ଓଡ଼ିଶାରେ ୫,୦୦୦କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟର ଲକ୍ଷ୍ୟ ରଖିଥିବା ସହ ବର୍ତ୍ତମାନ ରାଜ୍ୟରେ ୩୯ଟି ଶାଖା ଥିଲା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୧୨ଟି ନୂତନ ଶାଖା ଖୋଲିବା କାର୍ଯ୍ୟକ୍ରମ ରହିଛି। ଫଳରେ ରାଜ୍ୟର ବ୍ୟାଙ୍କ ଶାଖା ସଂଖ୍ୟା ମୋଟ ୫୧ରେ ପହଞ୍ଚିବ। ଏହି ପରିପ୍ରେକ୍ଷୀରେ ପାଣ୍ଡେ ୭୦ ଜଣ ଗ୍ରାହକଙ୍କୁ ୨୫କୋଟି ଟଙ୍କାର ଋଣ ମଞ୍ଜୁର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୟ କୁମାର, ଅଞ୍ଚଳ ପ୍ରବନ୍ଧକ, ଶଶାଙ୍କ ଶେଖର ସାହୁ, ଉପ-ଅଞ୍ଚଳ ପ୍ରବନ୍ଧକ, ରବିଶଙ୍କର କୁମାର, ମୁଖ୍ୟ ପ୍ରବନ୍ଧକ, ସିପିସି ପ୍ରମୁଖ ଉପସ୍ଥିତ ରହି ଗ୍ରାହକମାନଙ୍କୁ ସମ୍ବୋଧିତ କରିଥିଲେ। ଗତ ୧ ବର୍ଷ ମଧ୍ୟରେ ଓଡ଼ିଶାରେ ବ୍ୟାଙ୍କର ୩୧ଟି ନୂତନ ଶାଖା ଖୋଲିଛି। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଉପସ୍ଥିତ ଥିଲେ। ବିଶେଷକରି ଗ୍ରାହକମାନେ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଓ ତୁରନ୍ତ ଋଣ ମଞ୍ଜୁରୀ ପାଇଁ ବ୍ୟାଙ୍କକୁ ଖୁବ୍ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ଦେଶରେ ବର୍ତ୍ତମାନ ବ୍ୟାଙ୍କର ୨୧୦୦ରୁ ଊର୍ଦ୍ଧ୍ୱ ଶାଖା ରହିଥିବା ବେଳେ ୨୮ ମିଲିୟନ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରାଯାଉଛି।

# ଗ୍ରାମାଞ୍ଚଳରେ ବଢୁଛି ରେନୋଲ୍ଟର ଚାହିଦା

ନୂଆଦିଲ୍ଲୀ:୨୧।୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ରେନୋଲ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଭାରତରେ ଗ୍ରାମୀଣ ଗ୍ରାହକଙ୍କୁ ବେଶ୍ ଅଗ୍ରାଧିକାର ଦେଉଥିବା ଜଣାପଡ଼ିଛି। ଏପରିକି କମ୍ପାନୀ 'ପ୍ରୋଜେକ୍ଟ ବିସ୍ତାର' ଜରିଆରେ ଗ୍ରାମାଣୀ ଗ୍ରାହକଙ୍କ ସମ୍ପର୍କରେ ବିଭିନ୍ନ ଉଦ୍ୟମ ଆରମ୍ଭ କରିଥିଲା। ଫଳରେ କମ୍ପାନୀର ଗ୍ରାମାଞ୍ଚଳ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ସହ ବିକ୍ରି ଅନୁପାତ ମଧ୍ୟ ବଢ଼ିଛି। ଏପରିକି ୨୦୧୯ ତୁଳନାରେ ୭% ବୃଦ୍ଧି ପାଇଥିବା ବେଳେ ୨୦୨୨ରେ ଏହାର ପରିମାଣ ୩୭%ରେ ପହଞ୍ଚିଛି। ସେହିଭଳି କମ୍ପାନୀ ପକ୍ଷରୁ ମଧ୍ୟ ୨୦୦ରୁ ଅଧିକ ଗ୍ରାମରେ ଗ୍ରାମୀଣ ମହୋତ୍ସବ ଓ ମହାମାରୀ ସମୟରେ ଆଭାସି ଗ୍ରାମୀଣ ମହୋତ୍ସବର ଆୟୋଜନ କରାଯାଇଥିଲା। ଏପରିକି କମ୍ପାନୀ ପକ୍ଷରୁ ୫ଶହରୁ ଅଧିକ ତାଲିମପ୍ରାପ୍ତ ସ୍ଥାନୀୟ ପ୍ରତିନିଧିଙ୍କୁ ମଧ୍ୟ ନିଯୁକ୍ତ ପ୍ରଦାନ କରାଯାଇଛି। ବିଶେଷକରି ୪ଲକ୍ଷ ଗ୍ରାମୀଣ ଉଦ୍ୟୋଗୀଙ୍କୁ ମଧ୍ୟ ତାଲିମ ଦେବା ସହ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ଗ୍ରାମୀଣ ଇ-ଷ୍ଟୋର ସ୍ଥାପନ କରିଥିଲେ। ଅପରପକ୍ଷରେ ଗ୍ରାହକଙ୍କୁ ଭ୍ରାମ୍ୟମାଣ ଯାନ ଦ୍ୱାରା ରକ୍ଷଣାବେକ୍ଷଣ ସେବା ପ୍ରଦାନ ସହ ଛାତ୍ରବୃତ୍ତି ପ୍ରଦାନ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମର ଆୟୋଜନ ଫଳରେ ଗ୍ରାମୀଣ ଅଭିବୃଦ୍ଧି ଘଟିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ଖିମ୍‌ଜୀ ଜନପଥ ଷ୍ଟୋରର ୧୪ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୧।୨

KHIMJI ® Jewellers since 1936

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ଜନପଥ ଷ୍ଟୋର ପକ୍ଷରୁ ୧୪ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ଚେୟାରମ୍ୟାନ ଦିନେଶ ଖିମ୍‌ଜୀ, ପରିଚାଳନା ନିର୍ଦ୍ଦେଶକ କିଶୋର ଖିମ୍‌ଜୀ, ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଏବଂ ସୁମିତ୍ ଖିମ୍‌ଜୀ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବକୁ ମହା ଆଡମ୍ବର ସହକାରେ ପାଳନ କରିଥିଲେ। ଏପରିକି ବାର୍ଷିକ ଉତ୍ସବ ଅବସରରେ ଅଧିକ ଖୁସି ଭରିବା ପାଇଁ ବ୍ରାଣ୍ଡ ଅନେକ ଆକର୍ଷଣୀୟ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରିଛି। ବିଶେଷକରି ୩୦,୦୦୦ ଟଙ୍କାର ପ୍ରତ୍ୟେକ କ୍ରୟ ଉପରେ ଗୋଟିଏ ମାଗଣା ସୁନାମୁଦ୍ରା ଦିଆଯାଉଛି। ସେହିଭଳି ପ୍ରତି କ୍ରୟ ଉପରେ ଏକ ମାଗଣା ଉପହାର ଭାଉଚର ଗ୍ରାହକମାନେ ପାଇପାରିବେ। ଏହି ଅଫର ଫେବୃୟାରୀ ୨୬ ପର୍ଯ୍ୟନ୍ତ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ଚନ୍ଦ୍ରଶେଖରପୁର ଓ କଟକ ଷ୍ଟୋରରେ ଉପଲବ୍ଧ।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମର ପ୍ରତିଷ୍ଠିତ ଜନପଥ ଷ୍ଟୋରର ସଫଳତାର ୧୪ତମ ବର୍ଷକୁ ପାଳନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଏପରିକି ଷ୍ଟୋର ଆରମ୍ଭ ଦିନରୁ ଏହା କେବଳ ଏକ ଅଳଙ୍କାର ଷ୍ଟୋର ଭାବେ ନୁହେଁ ବରଂ ଭୁବନେଶ୍ୱର ଲୋକଙ୍କ ପାଇଁ ଏକ ପ୍ରତିଷ୍ଠିତ ସ୍ଥାନ ଭାବେ ପରିଚିତ। ଏହି ବର୍ଷଗୁଡ଼ିକରେ କ୍ରମାଗତ ଭାବେ ଆମକୁ ବିଶ୍ୱାସ କରି ଏବଂ ଏହାକୁ ସମଗ୍ର ଓଡ଼ିଶାରେ ସବୁଠାରୁ ଚାହିଦା ଅଳଙ୍କାର ବ୍ରାଣ୍ଡ ଭାବରେ ପରିଣତ କରିଥିବାରୁ ଆମର ପ୍ରିୟ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକ ଗ୍ରାହାକଙ୍କ ସହ ଜଡ଼ିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ସହିତ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଖିମ୍‌ଜୀ ଜୁଏଲର୍ସର ଜନପଥ ଷ୍ଟୋର ଓଡ଼ିଶାର ସବୁଠାରୁ ବଡ଼ ଅଳଙ୍କାର ଆଉଟଲେଟ ଭାବେ ଜଣାଶୁଣା। ଏଥିରେ ଆକର୍ଷଣୀୟ ସଂଗ୍ରହମାନର ସୁନା, ରୁପା ଏବଂ ହୀରା ଅଳଙ୍କାର ରହିଛି। ଓଡ଼ିଶାରେ 'ବାଲା ଏବଂ କଙ୍ଗନ୍‌ର' ସର୍ବବୃହତ୍ ସଂଗ୍ରହ ଏଠାରେ ଉପଲବ୍ଧ। ଏହା ସହ ହୀରା, ପ୍ଲାଟିନମ୍, ରୁପା ଅଳଙ୍କାର ଓ ରୁପାର ଅନେକ ସାମଗ୍ରୀ ରହିଛି। ଅଳଙ୍କାର ବ୍ୟତୀତ ଷ୍ଟୋରରେ ଅନେକ ଅନ୍ତର୍ଜାତୀୟ ବ୍ରାଣ୍ଡ ଘଣ୍ଟାର ଏକ ନିଆରା ସଂଗ୍ରହ ମଧ୍ୟ ରହିଛି।

# ନିଫ୍ଟ କ୍ୟାମ୍ପସ୍‌ରେ ୟୁବିଓଆଇ ଏଟିଏମ୍ ଲବି

ଭୁବନେଶ୍ୱର,୨୧।୨

ୟୁନିୟନ୍‌ବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଓଆଇ)ର ପଟିଆ ଶାଖା ଅଫ୍ ସାଇଟ ଏଟିଏମ୍ ଲବିକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଫଳରେ ଉଭୟ ଗ୍ରାହକ ଓ ଛାତ୍ରୀଛାତ୍ରମାନେ ଆବଶ୍ୟକ ସୁବିଧା ପାଇପାରିବେ। ଏହି ଅବସରରେ ଭୁବନେଶ୍ୱର ନିଫ୍ଟ ନିର୍ଦ୍ଦେଶକ ରାଜେଶ କୁମାର ଝା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ସର୍ବେଶ ରଞ୍ଜନଙ୍କ ସମେତ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ସତ୍ୟବାନ ବେହେରା, ସହାୟକ ମହାପ୍ରବନ୍ଧକ ହରେରାମ ସାହା, ପଟିଆ ଶାଖାର ମୁଖ୍ୟ ପ୍ରବନ୍ଧକ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଉଦ୍‌ଘାଟନୀ ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ, ନିକଟସ୍ଥ ସ୍ଥାନୀୟ ଶାଖାଗୁଡିକର ଶାଖା ପ୍ରବନ୍ଧକଙ୍କ ସମେତ ୟୁବିଓଆଇର କର୍ମଚାରୀ, ଭୁବନେଶ୍ୱର ନିଫ୍ଟର ଛାତ୍ରୀଛାତ୍ର ଏବଂ ଉକ୍ତ ଶାଖାର ବିଶିଷ୍ଟ ଗ୍ରାହକମାନେ ମଧ୍ୟ ଯୋଗ ଦେଇଥିଲେ।




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ପୁରାତନ ଛାତ୍ର ଅରବିନ୍ଦ ଦାସ ଏବଂ ପରାଗ ରାୟ ନିକଟରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କୁ ଭେଟି 'କର୍ପୋରେଟ ବ୍ରହ୍ମାସ୍ତ୍ର' ଏବଂ 'ୟୁ-ଦ କ୍ୟାରିୟର କ୍ରିଏଟର୍ ଭି ୨.୦' ନାମକ ଦୁଇଟି ପୁସ୍ତକ ପ୍ରଦାନ କରିଛନ୍ତି। ପ୍ରଫେସର ଡ. ନାୟକ ଉଭୟ ପୁରାତନ ଛାତ୍ର ତଥା ଯୁବ ଲେଖକଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଭଦ୍ରକରେ ଭୋଲ୍‌ଟାସ୍‌ର ନୂଆ ଆଉଟ୍‌ଲେଟ୍



ଭଦ୍ରକ ଅଫିସ, ୨୧।୨

ଭଦ୍ରକ ସହର ନୂଆ ବଜାରସ୍ଥିତ ରାଜଘାଟ ପୋଲ ନିକଟରେ ପ୍ରଥମକରି ଭୋଲ୍‌ଟାସ୍‌ର ନୂଆ ଆଉଟ୍‌ଲେଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ୪୫୦ ସ୍କୋୟାର ଫୁଟ୍ ବିଶିଷ୍ଟ ଏହି ଷ୍ଟୋର ରାଜ୍ୟରେ ୧୩ତମ। ଭୋଲ୍‌ଟାସ୍‌ର ଆଞ୍ଚଳିକ ମୁଖ୍ୟ ମାନସ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ଭୋଲ୍‌ଟାସ୍ ବ୍ରାଣ୍ଡର ରେଫ୍ରିଜରେଟର, ୱାଶିଂମେଶିନ, ଡିସ୍ ୱାସର୍ସ, ମାଇକ୍ରୋୱେଭ୍ ଓଭେନ, ଏୟାରକଣ୍ଡିଶନର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର କୁଲର ଆଦି ନିତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ରହିଛି। ଏହାସହ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଅଫର୍ ମଧ୍ୟ ରହିଥିବା ପ୍ରୋପ୍ରାଇଟର ସଞ୍ଜୟ ଡିଡିୱାନିୟା କହିଛନ୍ତି। ଏରିଆ ମ୍ୟାନେଜର (ସେଲ୍ସ) ଆଲୋକ ରଞ୍ଜନ ପରିଡ଼ା, ସର୍ଭିସ୍ ମ୍ୟାନେଜର କୌଶିକ୍ ସରକାର, ଏରିଆ ସର୍ଭିସ୍ ମ୍ୟାନେଜର ପ୍ରଶାନ୍ତ ମହାରଣା, ପ୍ରୋପ୍ରାଇଟର ଡିଡିୱାନିୟା ପ୍ରମୁଖ ଉଦ୍‌ଘାଟନ ବେଳେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଖଦି ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର,୨୧।୨

ଖଦି ଓ ଗ୍ରାମଦ୍ୟୋଗ ଆୟୋଗ ପକ୍ଷରୁ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ମଙ୍ଗଳବାରଠାରୁ ରାଜ୍ୟସ୍ତରୀୟ ଖଦି ମହୋତ୍ସବ ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରାୟ ୧୦୦ଟି ଷ୍ଟଲ ଖୋଲାଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଆୟୋଗର ଚେୟାରମ୍ୟାନ୍ ମନୋଜ କୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ, ଭାରତର ଖଦି ସ୍ୱଦେଶୀର ପ୍ରତୀକ। ଖଦି ଓ ଭିଲେଜ୍ ଇଣ୍ଡଷ୍ଟ୍ରିଜ୍ ମାଧ୍ୟମରେ ବହୁ ଲୋକ ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହା ବେକାରୀ ହାର କମାଇବାରେ ସାହାଯ୍ୟ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଏଥର ପ୍ରଦର୍ଶନୀ 'ଲୋକାଲ ଫର ଭୋକାଲ' ଉପରେ ଆଧାରିତ।

# ବିଓଆଇ ପକ୍ଷରୁ ଏସ୍‌ଏଚ୍‌ଜି ଋଣମେଳା

ଭୁବନେଶ୍ୱର,୨୧।୨

ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ଦ୍ୱାରା ନିକଟରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଋଣ ମେଳାର ଆୟୋଜନ କରାଯାଇଥିଲା। ଉକ୍ତ ମେଳା ପିପିଲି ଏବଂ ଟାଙ୍ଗୀଠାରେ ଅବସ୍ଥିତ ଷ୍ଟାର କୃଷି ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପିପିଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ,ପିପିଲି ବ୍ଲକ୍ ଏବିଡିଓ ଶୈଳବାଳା ତ୍ରିପାଠୀ, ବିଏଲ୍‌ସି, ବିପିସି ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଟାଙ୍ଗୀଠାରେ ଆୟୋଜିତ ମେଳାରେ ବିଓଆଇର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ଟାଙ୍ଗୀ ଏବିଡିଓ ଶାଶ୍ୱତ କୁମାର ଜେନା, ବିଏଲ୍‌ସି, ବିପିସି ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଶେଷ କରି ଉକ୍ତ ମେଳାରେ ସର୍ବମୋଟ୍ ୧୨୫ଟି ଏସ୍‌ଏଚ୍‌ଜିଙ୍କୁ ପ୍ରାୟ ୬ କୋଟି ଟଙ୍କାର ଋଣ ମଞ୍ଜୁର ପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ୩୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳାମାନେ ଉଭୟ କ୍ୟାମ୍ପରେ ଯୋଗ ଦେଇଥିଲେ। ସେହିପରି ଷ୍ଟାର କୃଷି ବିକାଶ କେନ୍ଦ୍ର ପିପିଲିର ଇନଚାର୍ଜ ନୂତନ ମିଶ୍ର, ଭୁବନେଶ୍ୱର ଅଞ୍ଚଳର ମାର୍କେଟିଂ ଇନଚାର୍ଜ ଲକ୍ଷ୍ମୀକାନ୍ତ ବେହେରା, ପିପିଲି ଶାଖା ଅଧିକାରୀ ଗୋପାଳ ଚନ୍ଦ୍ର ସାହୁ ଏବଂ ଷ୍ଟାର କୃଷି ବିକାଶ କେନ୍ଦ୍ର ଟାଙ୍ଗୀ ଇନଚାର୍ଜ ସସ୍ମିତା ଜେନାଙ୍କ ସମେତ ଶୁଭସ୍ମିତା ବିଶ୍ୱାଳ, କାମ ପ୍ରସାଦ ଲେଙ୍କା ପ୍ରମୁଖ ଉକ୍ତ କ୍ୟାମ୍ପରେ ଯୋଗଦାନ କରିଥିଲେ।

# ଏଆଇପିଏନ୍‌ବିଓଏ ପକ୍ଷରୁ ୫ମ ବୁକ୍‌ଲେଟ୍ ଉନ୍ମୋଚିତ

ଭୁବନେଶ୍ୱର,୨୧।୨

ସର୍ବଭାରତୀୟ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ପକ୍ଷରୁ ଭିଜିଲାନ୍ସ ଓ ଡିଏସି ଉପରେ ପ୍ରକାଶିତ ବୈଲୋଚନ ସାହୁ, ଏଜିଏସ୍, ଓଡ଼ିଶାଙ୍କ ୫ମ ବୁକ୍‌ଲେଟ୍‌କୁ କୋଜିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଦିଲ୍ଲୀପ ସାହା ସିଇସି ସଦସ୍ୟଙ୍କ ଉପସ୍ଥିତିରେ ଉନ୍ମୋଚନ କରିଛନ୍ତି। ଉକ୍ତ ବୁକ୍‌ଲେଟ୍‌ଟି ସମସ୍ତଙ୍କ ଦ୍ୱାରା ବହୁଳ ଭାବେ ପ୍ରଶଂସିତ ହୋଇଥିଲା। ଅନ୍ୟ ସଦସ୍ୟମାନଙ୍କ ସୁବିଧା ପାଇଁ ମଧ୍ୟ ଏହାର ଅଧିକ କପି ଯୋଗାଇବା ପାଇଁ ସେମାନେ ଅନୁରୋଧ କରୁଛନ୍ତି। ଏହା ସଦସ୍ୟମାନଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ପ୍ରକାଶନରେ ବାଲାନ୍ସ ସିଟ୍ ଏବଂ ଅନ୍ୟାନ୍ୟ ଆର୍ଥିକ ବିବରଣୀକୁ ମଧ୍ୟ ବିଶ୍ଳେଷଣ କରିବାକୁ ସ୍ଥିର କରାଯାଇଛି। ଆଗ୍ରହୀ ସଦସ୍ୟମାନେ ଉକ୍ତ ବିଷୟ ଉପରେ ଆର୍ଟିକିଲ ଓ ଇନ୍‌ପୁଟ୍ ଦେଇପାରନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ପ୍ରଥମ ଇନ୍-ହାଉସ୍ ଲାବରେଟୋରି

ଭୁବନେଶ୍ୱର,୨୧।୨



ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଓଡ଼ିଶା ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ ପକ୍ଷରୁ ପ୍ରଥମ ଇନ୍-ହାଉସ୍ ଲାବରେଟୋରିର ଶୁଭାରମ୍ଭ କରାଯାଇଛି। ବିଶେଷକରି ଦେଶର ପ୍ରମୁଖ ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ଭାବେ ବେଦାନ୍ତ ଲାଞ୍ଜିଗଡ଼ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏପରିକି ଏହାର କାର୍ଯ୍ୟକ୍ଷମତା ପାଇଁ ଏକ ନୂତନ ମାଇଲଖୁଣ୍ଟ ସହ ଭାରତରେ ପ୍ରଥମ ଇନ୍-ହାଉସ୍ ଲାବରେଟୋରି ଉଦ୍‌ଘାଟିତ ହୋଇଯାଇଛି। ଯାହାକି ଆନୁଷ୍ଠାନିକ ଭାବେ ସମସ୍ତ ପ୍ରଯୁଜ୍ୟ ଭୌତିକ ଏବଂ ରାସାୟନିକ ପାରାମିଟରରେ ଆଲୁମିନା ପରୀକ୍ଷା କରିବାରେ ସକ୍ଷମ। ନ୍ୟାଶନାଲ ଆକ୍ରିଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଏବଂ କାଲିବ୍ରେସନ୍ ଲାବରେଟୋରି (ଏନ୍‌ଏବିଏଲ୍) ବେଦାନ୍ତ ଲାଞ୍ଜିଗଡ଼ର ଗୁଣବତ୍ତା ନିୟନ୍ତ୍ରଣ ଏବଂ ଲାବରେଟୋରିକୁ ଆଇଏସ୍‌ଓ ୧୭୦୨୫:୨୦୧୭ ପ୍ରମାଣପତ୍ର ପ୍ରଦାନ କରିଛି, ଯାହାକି ଦକ୍ଷ ପରୀକ୍ଷଣ ପାଇଁ ଆବଶ୍ୟକତାକୁ ପୂରଣ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି.ପାଲ କହିଛନ୍ତି, ବେଦାନ୍ତର ଉଦ୍ୟମ ବ୍ୟବସାୟର ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟକ୍ଷମ ଏବଂ ଗୁଣାତ୍ମକ ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ଦିଷ୍ଟ। ବିଶେଷ କରି ବୈଷୟିକ ଜ୍ଞାନକୌଶଳ, ଡିଜିଟାଲ ଉଦ୍ଭାବନ ଏବଂ ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟାର ବିସ୍ତୃତ ମିଶ୍ରଣ ଯୋଗୁ ଏହା ପାଇବାକୁ ଆମେ ସମର୍ଥ ହୋଇଛୁ। ଏପରିକି ଆଇଏସ୍‌ଓ ପ୍ରମାଣପତ୍ର ଏକ ଅତିରିକ୍ତ ପୂର୍ଣ୍ଣତା ଭାବେ ଆସିଥାଏ, ଯାହାକି ଆମର ଉତ୍ପାଦ ଉପଲବ୍ଧ ମାନକ ଏବଂ ଶିଳ୍ପ ମାନଦଣ୍ଡ ସହିତ ଜଡିତ ହୋଇଛି।

# ୨୫ରୁ ୧୮ତମ ହୋମ୍ ଆଣ୍ଡ ଡେକୋର

**ଆଇଆଇଏମ୍‌ଟିଏଫ୍-୨୦୨୩**

ଭୁବନେଶ୍ୱର,୨୧।୨




ଚଳିତ ବର୍ଷ ଫେବୃୟାର ୨୫ ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନଠାରେ ସର୍ବବୃହତ୍ ରିୟଲ ଇଷ୍ଟେଟ୍ ପ୍ରଦର୍ଶନୀ 'ହୋମ୍ ଆଣ୍ଡ ଡେକୋର'-୨୦୨୩ର ଆୟୋଜନ କରାଯାଉଛି। ସେହିଭଳି ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ସହ ଜି.ଏସ୍. ମାର୍କେଟିଂ ଆସୋସିଏଟ୍ ଯୌଥ ଭାବେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର (ଆଇଆଇଏମ୍‌ଟିଏଫ୍-୨୦୨୩) ମଧ୍ୟ ଆୟୋଜନ କରୁଛନ୍ତି। ବିଶେଷକରି କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନ, ଜି.ଏସ୍. ମାର୍କେଟିଂ ଆସୋସିଏସଟ୍ ସହ ମିଳିତ ଭାବେ ଏହି ମେଳାର ଆୟୋଜନ କରୁଥିବା ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ବିସ୍ତୃତ ବର୍ଣ୍ଣନା କରିଛନ୍ତି। ସେହିଭଳି ଉକ୍ତ ପ୍ରଦର୍ଶନୀରେ ୧୦ଟି ଏୟାର କଣ୍ଡିସନର ହ୍ୟାଙ୍ଗର ରହିବ, ଯେଉଁଠାରେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କ ଉତ୍ପାଦ ପ୍ରଦର୍ଶିତ କରିପାରିବା ସହ ପରିଦର୍ଶକମାନଙ୍କ ପାଇଁ ଏକ କ୍ୟାଫେଟେରିଆର ବ୍ୟବସ୍ଥା ରହିଛି। ଉକ୍ତ ପ୍ରଦର୍ଶନୀର ସର୍ବବୃହତ୍ ହ୍ୟାଙ୍ଗର ଓଡ଼ିଶାର ରିୟଲ ଇଷ୍ଟେଟ୍ ଡେଭଲପର ମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁଠାରେ ସେମାନେ ଭୁବନେଶ୍ୱର, କଟକ, ପୁରୀ ଆଦି ସ୍ଥାନରେ ଥିବା ସମସ୍ତ (ସମାପ୍ତ ଚାଲୁଥିବା ଏବଂ ଆଗାମୀ) ହାଉସିଂ ପ୍ରୋଜେକ୍ଟ ସବୁକୁ ପ୍ରଦର୍ଶିତ କରିବେ। ଏପରିକି ସମସ୍ତ ପ୍ରଦର୍ଶିତ ପ୍ରକଳ୍ପ ଓରେରା ପଞ୍ଜୀକୃତ ହୋଇଛି। ବିଶେଷକରି ୭୨ଡେଭଲପରସ୍ ସେମାନଙ୍କର ଗୃହ ଓ ଆପାର୍ଟମେଣ୍ଟକୁ ଏଠାରେ ପ୍ରଦର୍ଶିତ କରିବେ। ଉକ୍ତ ହ୍ୟାଙ୍ଗରରେ ଏସ୍‌ବିଆଇ, ଆଇସିଆଇସିଆଇ ଏବଂ ଅନ୍ୟାନ୍ୟ ହୋମ୍ ଫାଇନାନ୍ସ କମ୍ପାନୀ ଅଂଶଗ୍ରହଣକରି ଗ୍ରାହକମାନଙ୍କୁ ହୋମ୍‌ଲୋନ୍ ନେବାର ପ୍ରକ୍ରିୟା ଓ ସୁବିଧା ଇତ୍ୟାଦି ସମ୍ବନ୍ଧରେ ବୁଝାଇବେ। ଏପରିକି ରିୟଲ ଇଷ୍ଟେଟ୍ ସହ ହୋମ୍ ଆପ୍ଲାଏନ୍ସ, ଲାଇଫ୍ ଷ୍ଟାଇଲ୍ ଉତ୍ପାଦ,ଇଣ୍ଟେରିୟର ଡେକୋରେସନ ଉତ୍ପାଦ, ଆଧୁନିକ ଆସବାବପତ୍ର ଇତ୍ୟାଦି ମଧ୍ୟ ପାର୍ଶ୍ୱବର୍ତ୍ତୀ ହ୍ୟାଙ୍ଗରଗୁଡ଼ିକରେ ପ୍ରଦର୍ଶିତ ହେବ। ଆଫଗାନିସ୍ତାନ, ବାଂଲାଦେଶ, ଦୁବାଇ, ଇରାନ, ମାଲେସିଆ, ଥାଇଲାଣ୍ଡ ଏବଂ ଇଜିପ୍ଟ ପରି ଦେଶର ପ୍ରଦର୍ଶକମାନେ ଏହି ଅନ୍ତର୍ଜାତୀୟ ମେଗା ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରୁଛନ୍ତି। ସେହିପରି ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ଝାଡ଼ଖଣ୍ଡ ଆଦି ପାର୍ଟନର ରାଜ୍ୟ ଥିବାବେଳେ ଓଡ଼ିଶା ହୋଷ୍ଟ ରାଜ୍ୟ ଭାବେ ଉକ୍ତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛି। ଆମେ କ୍ରେଡାଇ ଫାଉଣ୍ଡେଶନ ଏବଂ ଜି.ଏସ୍. ମାର୍କେଟିଂ ଆସୋସିଏଟ୍ ସମସ୍ତ ମିଡିଆ ବନ୍ଧୁଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଖବର ମାଧ୍ୟମରେ ରାଜ୍ୟ ବାଣିଜ୍ୟ ଅଭିବୃଦ୍ଧି ଏବଂ ରିୟଲ ଇଷ୍ଟେଟ୍ କାର୍ଯ୍ୟକଳାପର ପ୍ରୋତ୍ସାହନରେ ସେମାନଙ୍କର ଅବଦାନ ନିମନ୍ତେ ଅନୁରୋଧ କରୁଛୁ। ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ଆଇଆଇଟି-ଭୁବନେଶ୍ୱର, ଏନ୍‌ଆଇଟି-ରାଉରକେଲା, ସିଇଟି-ଭୁବନେଶ୍ୱର ଏବଂ ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସିଭିଲ ଇଞ୍ଜିନିୟରିଂ ଏବଂ ଆର୍କିଟେକ୍ ବିଭାଗର-୨୦୨୨ବର୍ଷର ଟପ୍ପରମାନଙ୍କୁ ସମ୍ମାନିତ କରାଯିବ। ଏହା ସହ ଓଡ଼ିଶାର ଜଣେ ବିଶିଷ୍ଟ ଷ୍ଟ୍ରକ୍ଚରାଲ ଇଞ୍ଜିନିୟରଙ୍କୁ ଲାଇଫ ଟାଇମ୍ ଆଚିଭର୍ସ ପୁରସ୍କାର ପ୍ରଦାନ କରାଯିବ।

**ମୁସଲମାନ ଛାତ୍ରଙ୍କ ଦାଢ଼ି କାଟିବା ଉପରେ ଫତୱା**

ଉତ୍ତର ପ୍ରଦେଶର ଦେଓବନ୍ଦସ୍ଥିତ ଏସିଆର ସର୍ବବୃହତ୍ ମଦ୍ରାସା ମୁସଲମାନ ଛାତ୍ରଙ୍କ ଦାଢ଼ିକଟା ଉପରେ ରୋକ୍ ଲଗାଇଛି। ଦାଢ଼ି କାଟିଲେ ସଂସ୍ଥାରୁ ବିଦା କରାଯିବ ବୋଲି ମଦ୍ରାସାର ନୋଟିସ୍ ବୋର୍ଡରେ ଚେତାବନୀ ଦିଆଯାଇଛି। ସେମିନାରିର ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ମୌଲାନା ହୁସେନ୍ ଅହମଦ ହରିଦ୍ୱାରୀ ଦାଢ଼ିକଟାକୁ 'ଅଣଇସ୍‌ଲାମୀୟ' ଦର୍ଶାଇ ଏହି ଫତ୍‌ୱା ଜାରି କରିଛନ୍ତି। ଖ୍ୟାତ ହୋଇଥିବା ୪ ଜଣ ଛାତ୍ରଙ୍କୁ ଦାର୍-ଉଲ୍-ଉଲୁମ୍‌ରୁ ବହିଷ୍କାର କରାଯାଇଥିବାବେଳେ ସେମାନେ କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି।


## ଜନ୍ମଦିନର ଶୁଭେଚ୍ଛା



ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫଟୋ ପାଇଁ ମହିଳା ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ବଦଳି

**ବେଙ୍ଗାଲୁରୁ ୨୧।୨:** ଫେସ୍‌ବୁକ୍‌ରେ ଆପତ୍ତିଜନକ ଫଟୋ ଅପ୍‌ଲୋଡ୍ ନେଇ ମୁହାଁମୁହିଁ ହୋଇଥିବା କର୍ଣ୍ଣାଟକର ୨ ଅଫିସରଙ୍କୁ ରାଜ୍ୟ ସରକାର ବଦଳି କରି ଦେଇଛନ୍ତି। ମଙ୍ଗଳବାର ଆଇପିଏସ୍ ଡି. ରୂପା ମୋଉଦଗିଲ ଏବଂ ଆଇଏଏସ୍ ରୋହିଣୀ ସିନ୍ଧୁରୀଙ୍କ ବଦଳି କରାଯାଇଥିବାବେଳେ ସେମାନଙ୍କ ପୋଷ୍ଟିଂ ହୋଇନାହିଁ। ଅନ୍ୟପକ୍ଷେ ଆଇପିଏସ୍ ରୁପାଙ୍କ ସ୍ୱାମୀ ମୁନିଶ ମୋଉଦଗିଲଙ୍କୁ ରାଜ୍ୟ ପବ୍ଲିସିଟି ଡିପାର୍ଟମେଣ୍ଟର ମୁଖ୍ୟ ସଚିବ ପଦରେ ନିଯୁକ୍ତ କରାଯାଇଛି। ଫେସ୍‌ବୁକ୍‌ରେ ଫଟୋ ଶେୟାରକୁ ନେଇ ରୂପା ଓ ରୋହିଣୀଙ୍କ ମଧ୍ୟରେ ହୋଇଥିବା ଝଗଡ଼ା ସାର୍ବଜନୀନ ହେବା ପରେ ରାଜ୍ୟ ଗୃହ ମନ୍ତ୍ରୀ ଅରାଗ ଜ୍ଞାନେନ୍ଦ୍ର ସେମାନଙ୍କୁ ଚେତାବନୀ ଦେଇଥିଲେ। ଗତ ରବିବାର ଆଇପିଏସ୍ ରୂପା ଆଇଏଏସ୍ ରୋହିଣୀଙ୍କ ଆପତ୍ତିଜନକ ଫଟୋ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ। ଏହି ଫଟୋକୁ ରୋହିଣୀ ୩ ପୁରୁଷ ଆଇଏଏସ୍ ଅଫିସରଙ୍କୁ ପଠାଇଥିବାବେଳେ ଏପରି କରି ସେ ସେବା ଆଚରଣ ଉଲ୍ଲଂଘନ କରିଥିବା ଅଭିଯୋଗ ରୁପା ଆଣିଥିଲେ। ତେବେ ରୂପାଙ୍କ ଏ ପ୍ରକାର ଅଭିଯୋଗକୁ ରୋହିଣୀ ସିଧାସଳଖ ଖଣ୍ଡନ କରିଥିଲେ।



ଡି. ରୂପା ମୋଉଦଗିଲ (ଆଇପିଏସ୍)



ରୋହିଣୀ ସିନ୍ଧୁରୀ (ଆଇଏଏସ୍)

# ମୋନୁ ମାନେସାରଙ୍କୁ ଗିରଫ କଲେ ଫେରିବନି

**ରାଜସ୍ଥାନ ପୋଲିସକୁ ହିନ୍ଦୁ ମହାପଞ୍ଚାୟତର ଚେତାବନୀ**



**ଗୁରୁଗାଁଓ,୨୧।୨**

ରାଜସ୍ଥାନର ଦୁଇ ମୁସଲମାନ ଯୁବକ ନାସିର ଏବଂ ଜୁନେଦ୍‌ଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ମୋନୁ ମାନେସାରଙ୍କ ସପକ୍ଷରେ ହିନ୍ଦୁ ମହାପଞ୍ଚାୟତ ବାହାରିଛି। ଗୋରକ୍ଷକଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି ମହାପଞ୍ଚାୟତ କହିବା ସହ ଏହାର ସିବିଆଇ ତଦନ୍ତ ଦାବି କରିଛି। ବଜରଙ୍ଗ ଦଳ ସଦସ୍ୟ ତଥା ଗୁରୁଗାଁଓରେ ହରିୟାଣା ସରକାରଙ୍କ ଗୋ ସୁରକ୍ଷା ଟାସ୍କଫୋର୍ସର ମୁଖ୍ୟ ମୋନୁଙ୍କୁ ଗିରଫ କରିବାକୁ ଆସିଥିବା ରାଜସ୍ଥାନ ପୋଲିସକୁ ମହାପଞ୍ଚାୟତର ସଦସ୍ୟମାନେ କଡ଼ା ଚେତାବନୀ ଦେଇଛନ୍ତି। ପୋଲିସ ଏଠାରୁ ମୋନୁଙ୍କୁ ଗିରଫ କରି ଫେରିବ ନାହିଁ ବୋଲି ସେମାନେ କହିଛନ୍ତି। ମାନେସାରରେ ରାଜସ୍ଥାନ ପୋଲିସ ମୋନୁଙ୍କ ଘର ଉପରେ ଚଢ଼ାଉ କରିବାକୁ ଆସିଥିବାବେଳେ ପଞ୍ଚାୟତ ସଦସ୍ୟମାନେ ଉଭୟ ପାର୍ଶ୍ୱ ରାସ୍ତାକୁ ଅବରୋଧ କରିଥିଲେ। ମୋନୁ ଓ ତାଙ୍କ ଟିମ୍ ଗୋରୁ ଚୋରାଚାଲାଣକାରୀ ଓ ମାଫିଆମାନଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ଭାଙ୍ଗିଦେଇଥିବାରୁ ତାଙ୍କ ବିରୋଧରେ ମିଥ୍ୟା ଏତଲା ରୁଜୁ ହୋଇଥିବା ପଞ୍ଚାୟତ ସଦସ୍ୟ କୁଳଭୂଷଣ ଭରଦ୍ୱାଜ କହିବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି।

# ମୋଦିଙ୍କ ଝିଆରୀ ବ୍ୟାଗ୍ ଛଡ଼ାଇନେଇଥିବା ଅଭିଯୁକ୍ତ ପୁଣି ଗିରଫ

**ନୂଆଦିଲ୍ଲୀ,୨୧।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝିଆରୀଙ୍କ ବ୍ୟାଗ୍ ଛଡ଼ାଇ ନେଇଥିବା ଅଭିଯୁକ୍ତଙ୍କୁ ସୋମବାର ପୋଲିସ ପୁନର୍ବାର ସୁଲ୍‌ତାନପୁରୀ ଅଞ୍ଚଳରୁ ଗିରଫ କରିଛି। ପୂର୍ବରୁ ବିଭିନ୍ନ ମାମଲାରେ ଗିରଫ ହୋଇଥିବା ବାଦଲ ଉକ୍ତ ଅଞ୍ଚଳରେ ରହିଥିବା ଖବର ପାଇ ପୋଲିସ ଛକି ରହିଥିଲା। ସେ ଏକ ବାଇକରେ ଆସୁଥିବାବେଳେ ପୋଲିସ ତାଙ୍କୁ ଅଟକାଇ ପକେଟରୁ ଛୁରି ବାହାରିଥିଲା। ୨୦୧୯ରେ ମୋଦିଙ୍କ ଝିଆରୀ ଦିଲ୍ଲୀର ଗୁଜରାଟୀ ସମାଜ ଗେଷ୍ଟହାଉସ୍ ନିକଟରେ ଅଟୋରୁ ଓହ୍ଲାଉଥିବାବେଳେ ଅଭିଯୁକ୍ତ ତାଙ୍କ ବ୍ୟାଗ୍ ଛଡ଼ାଇ ନେଇଥିଲେ। ସେଥିରେ ୫୬ ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ୍, ବିମାନ ଟିକେଟ ଏବଂ ଆଇଡି କାର୍ଡ ଥିଲା।

# ଅଟା ଆହୁରି ମହଙ୍ଗା ହେବ

**ତାପମାତ୍ରା ବୃଦ୍ଧି ଯୋଗୁ ଗହମ ଉତ୍ପାଦନ କମିବ: ଆଇଏମ୍‌ଡି**

**ନୂଆଦିଲ୍ଲୀ,୨୧।୨:** ଫେବୃୟାରୀରେ ପାଶ୍ଚାତ୍ୟ ପଟୁ କୌଣସି ସକ୍ରିୟ ବିଚଳନ ହୋଇ ନ ଥିବାରୁ ତାପମାତ୍ରା ସର୍ବୋଚ୍ଚ ସ୍ତରକୁ ବଢ଼ିଛି। ଏଥିଲାଗି ଭାରତରେ ଗହମ ଚାଷ ଅସ୍ୱାଭାବିକ ଭାବେ ପ୍ରଭାବିତ ହେବା ଆଶଙ୍କା ଉପୁଜିଥିବା ନେଇ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସତର୍କତା ଜାରି କରିଛି। ଏଥିସହ ରବି ଫସଲ ଲାଗି ମୃତ୍ତିକାରେ ଆର୍ଦ୍ରତା ବଜାୟ ରଖିବାକୁ ହେଲେ ଜଳସେଚନ ଓ ଅନ୍ୟ କୃଷି ପଦ୍ଧତି ଆପଣାଇବାକୁ ପଡ଼ିବ ବୋଲି ପଞ୍ଜାବ, ହରିୟାଣା ଓ ରାଜସ୍ଥାନରେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି।

ପାଶ୍ଚାତ୍ୟର ବିଚଳନ ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ଭାରତରେ ବର୍ଷା ଏବଂ ଉଚ୍ଚ ସ୍ଥାନଗୁଡ଼ିକରେ ତୁଷାରପାତ କରାଇଥାଏ। ଫେବୃୟାରୀରେ ବର୍ଷା ହେଲେ ରବି ଫସଲ ପାଇଁ ଉପଯୋଗୀ ହୋଇଥିବାରୁ ଏହାକୁ ଚାଷୀମାନେ ଅପେକ୍ଷା କରିଥାଆନ୍ତି। ଗତବର୍ଷ ମାର୍ଚ୍ଚରେ ଗ୍ରୀଷ୍ମ ପ୍ରବାହର ଆଗୁଆ ଆଗମନ ଯୋଗୁ ଗହମ ଉତ୍ପାଦନ ପ୍ରଭାବିତ ହୋଇଥିଲା। ଫଳରେ ଖାଦ୍ୟ ମୁଦ୍ରାସ୍ଫୀତି ବଢ଼ିଥିଲା। ଏ ବର୍ଷ ଫେବୃୟାରୀରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାରୁ ଅନୁରୂପ ସ୍ଥିତି ଦେଖିବାକୁ ମିଳିପାରେ ବୋଲି ଆଇଏମ୍‌ଡିର ଜଣେ ବୈଜ୍ଞାନିକ ସତର୍କ କରାଇଛନ୍ତି। ପଞ୍ଜାବ ଓ ହରିୟାଣା ଭାରତର ସର୍ବାଧିକ କୃଷିପ୍ରଧାନ ରାଜ୍ୟ। ରବି ଫସଲରେ ଗହମ ଉତ୍ପାଦନ ହ୍ରାସ ପାଇଲେ ଅଟା ମୂଲ୍ୟ ଆହୁରି ବୃଦ୍ଧି ପାଇବ। କେନ୍ଦ୍ର ସରକାର ଗହମ ଓ ଅଟା ମୂଲ୍ୟରେ ଲଗାମ ଲଗାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏଥିଲାଗି ଖୋଲା ବଜାରରେ ୩୦ ଲକ୍ଷ ଟନ୍ ଗହମ ବିକ୍ରି ସହ ରପ୍ତାନି ଉପରେ କଟକଣାକୁ ବଳବତ୍ତର ରଖାଯାଇଛି।



ପ୍ରକାଶ ଯେ, ଗୁଜରାଟ, ମହାରାଷ୍ଟ୍ର, ରାଜସ୍ଥାନର ପଶ୍ଚିମାଞ୍ଚଳ ସମେତ ଦେଶର ବିଭିନ୍ନ ଭାଗରେ ଫେବୃୟାରୀ ମାସରେ ତାପମାତ୍ରା ଅସ୍ୱାଭାବିକ ଭାବେ ବଢ଼ିଛି। ଏପରି କି ଦିଲ୍ଲୀର ସଫଦରଜଙ୍ଗ ଏୟାରପୋର୍ଟରେ ସର୍ବୋଚ୍ଚ ତାପମାତ୍ରା ୩୩.୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଯାହାକି ଗତ ୫୫ ବର୍ଷ (୧୯୬୯-୨୦୨୩)ରେ ସର୍ବାଧିକ ଏବଂ ସ୍ୱାଭାବିକ ତାପମାତ୍ରାଠାରୁ ୯ ଡିଗ୍ରୀ ସେଲ୍‌ସିୟସ୍ ଅଧିକ। ଗୁଜରାଟ, ରାଜସ୍ଥାନ, କୋଙ୍କଣ, ଗୋଆ ଓ କର୍ଣ୍ଣାଟକ ଉପକୂଳରେ ଗତ ସପ୍ତାହ (ଫେବୃୟାରୀ ୧୩-୨୦)ରେ ସର୍ବାଧିକ ତାପମାତ୍ରା ୩୫-୩୯ ଡିଗ୍ରୀ ରହିଥିବାବେଳେ ବର୍ତ୍ତମାନ ଏହା ସ୍ୱାଭାବିକଠାରୁ ୪-୯ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଛି। ସୌରାଷ୍ଟ୍ର, କଚ୍ଛ ଓ ରାଜସ୍ଥାନର ଦକ୍ଷିଣ-ପଶ୍ଚିମାଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୬-୯ ଡିଗ୍ରୀ ଉପରେ ରହିଛି।

# ୯ ରାଜ୍ୟକୁ ଜଳବାୟୁ ପରିବର୍ତ୍ତନ ବିପଦ

**ଚେନ୍ନାଇ, ୨୧।୨**

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଶ୍ୱର ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବା ୫୦ ଅଞ୍ଚଳ ମଧ୍ୟରେ ବିହାର, ଉତ୍ତର ପ୍ରଦେଶ, ତାମିଲନାଡୁ ଓ ମହାରାଷ୍ଟ୍ର ସମେତ ଭାରତର ୯ ରାଜ୍ୟ ରହିଛି। ଅଷ୍ଟ୍ରେଲିଆର କ୍ରସ୍ ଡିପେଣ୍ଡେନ୍ସି ଇନିସିଏଟିଭ୍ ପକ୍ଷରୁ ପ୍ରକାଶିତ 'ଗ୍ରସ୍ ଡୋମେଷ୍ଟିକ୍ କ୍ଲାଇମେଟ୍ ରିସ୍କ' ସୂଚକ ରିପୋର୍ଟରେ ଏହା କୁହାଯାଇଛି। ୨୦୫୦ ମସିହା ସୁଦ୍ଧା ଜଳବାୟୁ ପରିବର୍ତ୍ତନ ଜନିତ ବିପଦର ସମ୍ମୁଖୀନ ହେବାକୁ ଥିବା ୨,୬୦୦ ରାଜ୍ୟ ଓ ପ୍ରଦେଶକୁ ନେଇ ସମୀକ୍ଷା କରାଯାଇଥିଲା। ଯେଉଁ ରାଜ୍ୟରେ ଯେତେ ଅଧିକ ନିର୍ମାଣ ହୋଇଛି, ସେହି ରାଜ୍ୟ ପ୍ରତି ସେତେ ବେଶି ବିପଦ ଆଶଙ୍କା ରହିଛି। କୋଠାବାଡ଼ି ଓ ସମ୍ପତ୍ତି ଉପରେ ବନ୍ୟା, ଜଙ୍ଗଲ ନିଆଁ ଓ ସମୁଦ୍ର ପତ୍ତନ ବୃଦ୍ଧି ଭଳି ଭୀଷଣ ପାଣିପାଗ ସ୍ଥିତିର ସମ୍ଭାବ୍ୟ ପ୍ରଭାବକୁ ନେଇ ଏହି ଆକଳନ କରାଯାଇଥିଲା। ତାଲିକାର ସବା ଉପରେ ଥିବା ୫୦ ରାଜ୍ୟ ଓ ପ୍ରଦେଶର ୮୦% କ୍ଲାଇମେଟ୍ ଚେଞ୍ଜ ଦ୍ୱାରା ପ୍ରଭାବିତ ହେବ, ଯାହାକି ଚାଇନା, ଆମେରିକା ଓ ଭାରତରେ ଅବସ୍ଥିତ। ଭାରତ କଥା ଦେଖିଲେ ୨୨ତମ ସ୍ଥାନରେ ଥିବା ବିହାର ସବୁଠୁ ଅଧିକ ବିପଜ୍ଜନକ ହେବ। ସେହିପରି ଉତ୍ତର ପ୍ରଦେଶ (୨୫), ଆସାମ (୨୮), ରାଜସ୍ଥାନ (୩୨), ତାମିଲନାଡୁ (୩୬), ମହାରାଷ୍ଟ୍ର (୩୮), ଗୁଜରାଟ (୪୮), ପଞ୍ଜାବ (୫୦) ଓ କେରଳ (୫୨)କୁ ମଧ୍ୟ ଜଳବାୟୁ ପରିବର୍ତ୍ତନ ଜନିତ ଦୁଃପରିଣାମ ଭୋଗିବାକୁ ପଡ଼ିବ ବୋଲି ଏହି ସର୍ବେକ୍ଷଣରେ ଦାବି କରାଯାଇଛି।

# ଭାରତୀୟଙ୍କ ବିଦେଶ ଯାତ୍ରା: ମାସିକ ଖର୍ଚ୍ଚ ୧ ବିଲିୟନ୍ ଡଲାର

**ଆର୍‌ବିଆଇ ରିପୋର୍ଟ**

**ନୂଆଦିଲ୍ଲୀ, ୨୧।୨:** ବିଦେଶ ଯାତ୍ରାରେ ଭାରତୀୟ ମାସକୁ ୧ ବିଲିୟନ୍ ଡଲାର ଖର୍ଚ୍ଚ କରୁଛନ୍ତି। କୋଭିଡ୍ ମହାମାରୀ ପୂର୍ବ ସ୍ଥିତି ଅପେକ୍ଷା ବିଦେଶ ଗସ୍ତରେ ଭାରତୀୟଙ୍କ ଖର୍ଚ୍ଚ ଅପେକ୍ଷାକୃତ ବୃଦ୍ଧି ପାଇଥିବା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ବାହାରକୁ ଯାଉଥିବା ଅର୍ଥ ସମ୍ପର୍କିତ ରିପୋର୍ଟରେ ପ୍ରକାଶ କରାଯାଇଛି। ୨୦୨୨-୨୩ ଏପ୍ରିଲ-ଡିସେମ୍ବରରେ ଲିବରାଲାଇଜ୍ଡ ରେମିଟାନ୍ସ ସ୍କିମ୍ (ଏଲ୍‌ଆର୍‌ଏସ୍) ଅଧୀନରେ ବାହାରକୁ ଯାଇଥିବା ଅର୍ଥର ପରମାଣ ୯.୯୫ ବିଲିୟନ୍ ଡଲାର ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଆର୍‌ବିଆଇ ଡେଟା ଅନୁସାରେ ବର୍ଷ ୨୦୨୧-୨୨ରେ ଗସ୍ତରେ ୪.୧୬ ବିଲିୟନ୍ ଡଲାର ଅର୍ଥ ଖର୍ଚ୍ଚ ହୋଇଥିବାବେଳେ କୋଭିଡ୍ ପୂର୍ବରୁ ଅର୍ଥାତ୍ ୨୦୧୯-୨୦ରେ ଭାରତୀୟ ନାଗରିକ ବିଦେଶ ଗସ୍ତ ପାଇଁ ୫.୪ ବିଲିୟନ ଡଲାର ବ୍ୟୟ କରିଥିଲେ। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୭ ବିଲିୟନ୍ ଡଲାର ଦେଶ ବାହାରକୁ ଯାଇଛି। ବିଦେଶରେ ଭାରତୀୟଙ୍କ ବହୁ ସମ୍ପର୍କୀୟ ରହୁଥିବାବେଳେ ଦୁବାଇ, ଭିଏତନାମ, ଇଣ୍ଡୋନେସିଆ, ଥାଇଲାଣ୍ଡକୁ ଅଧିକମାତ୍ରାରେ ଭାରତୀୟ ଯାତ୍ରା କରୁଛନ୍ତି।


# Classified Everyday
**0674-2580101, 2549949**



**MATRIMONIAL**

**BRIDE WANTED**

Wanted a fair qualified Karan working bride, preferably in PSU Banks/Central Government, of age 25-28years, height-5'4"min for a Bhubaneswar based Karan B.Tech and MBA groom working as officer in a PSU Bank, age31 years, height -5'8". Contact -9437115533. D-2797

**GROOM WANTED**

Govt. ଚାକିରିଆ ଖୋର୍ଦ୍ଧାରେ ଏକୁଟିଆ ରହୁଥିବା Divorce କରଣ ଝିଅଙ୍କୁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। 6371298869. D-2799

Government Teacher, Age-36, Divorce କରଣ ଝିଅଙ୍କ ପାଇଁ anycaste ବରପାତ୍ର ଦରକାର। 7077495623. D-2828



**REAL ESTATE**

**SALE**

**Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

14-gunthas plot for sale at just 200mtrs away from AIIMS hospital, Patrapada, Bhubaneswar. Located at prime location on 100feet main road. Suitable for Residential or Commercial projects. Price- 35 lakhs per guntha. Non negotiable. Only genuine buyers. Contact: 9880193309. D-74512

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side** ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି **plot 30ft.** ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। **9937450545.** D-74813

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-2773

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814



**BUSINESS**

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825



Commercial space North-East facing of 3500sqft. to 14000sqft. for rent at Kesura near SBI Colony, Bhubaneswar convenient for Nursing-Home, Bank. Institute, Water, Lift, Parking & all Modern amenities. Contact. 9861010084. D-2823



Asribadaa Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

Newly open full body massage, ladies and gents. 9040171280. D-74645

**Full Body massage by experience therapist @999 only- 9078484455 (Bhubaneswar).** D-2791

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Full body massage, refresh, relaxed by expert lady therapist. 8480939300. D- 2824

Newly open SPA positively health benefit with expert. Contact: 8984068198. D-74517

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

All types body massage with hiprofile smart lady, room services available. 9937833100. D-71366

**LOST**

ମୁଁ ଶ୍ରୀ ପ୍ରଶାନ୍ତ କୁମାର ପାତ୍ର, ପି- ବୁଧରାମ ପାତ୍ର, ବର୍ତ୍ତମାନ ଠିକଣା: ସା- ପ୍ଲଟ୍ ନଂ.- 379/1732 ଖଣ୍ଡାଗର, ପୋ- ମହିଧରପଡ଼ା, ଥାନା- କଟକ ସଦର, ଜି- କଟକ ସୂଚିତ କରିବାକୁ ଚାହୁଁଛି ଯେ ତା।୨୪।୦୮।୨୦୨୨ରିଖରେ ମୁଁ ଜାଣିବାକୁ ପାଇଲି ଯେ ମୋ ଅଜାଣତରେ ଗାଡ଼ିରୁ କିମ୍ବା ମୋ ଖଣ୍ଡାଗରସ୍ଥିତ ବାସଭବନରୁ ବ୍ୟାଙ୍କ ସଞ୍ଚୟ ଖାତା ନଂ.- 30769292778 ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କିଛି ସ୍ୱାକ୍ଷରିତ ଚେକ୍ ଏବଂ ଆକ୍ସିସ୍ ବ୍ୟାଙ୍କ ଖାତା ନଂ.- 917020072446112 ସ୍ୱାକ୍ଷରିତ ଚେକ୍ କିଏ ଜାଣିଶୁଣି ନେଇ ଯାଇଛି କିମ୍ବା ହଜିଯାଇଛି। କେହି ଏହାର ସନ୍ଧାନ ପାଇଲେ 9777244808ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୭୮୨୯

**AFFIDAVIT**

By virtue of an affidavit before Executive Magistrate, Cuttack, I have changed my name from Sabitri Rout to Sabitri Mishra, W/o- Gayadhar Mishra, At- Dhaligadhia, Po.- Sandado, PS.- Khaira, Dist.- Balasore. Henceforth I shall be known as Sabitri Mishra for all purposes. D-2830

I, KANAKLATA SAHOO, W/o ROHIT MOHANTY, R/o Village-Kantia, PO- Villigram, Nimapada, Puri, Odisha-752106 have changed my name to LILI MOHANTY. D-2819

By virtue of an affidavit before Notary, Bhubaneswar, I Bulu Mallick, S/o. Radhashyam Mallick, Village: Dihudisahi, P.O.: Ardaulia, P.S.: Mangalpur, District: Jajpur declare that my Son's name is Baibhav Kumar Mallick, but his name has been wrongly mentioned as "Biswomitra Mallick" in his Birth Certificate vide Regd. No. 16365/2019. Henceforth, my son shall be known as Baibhav Kumar Mallick for all purposes.

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଫାଇନାନ୍ସ**
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
**Mob:7653803952**
**WP-7656825035**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ମନେପଡ଼ନ୍ତି
ଏକାଦଶାହ ଉପଲକ୍ଷେ



**ସ୍ୱ.ଲକ୍ଷ୍ମୀନାରାୟଣ ଦାସ**
ଟଙ୍କପାଣିରୋଡ଼, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୪୯, ତିରୋଧାନ : ୧୨.୦୨.୨୦୨୩
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଆଶୀର୍ବାଦ ଓ ଆଦର୍ଶ ଆମର ପାଥେୟ ହେଉ।
-: ଶୋକସନ୍ତପ୍ତ :-
ପତ୍ନୀ-ଝୁନି, ଝିଅ-ପିଙ୍କି, ଜ୍ୱାଇଁ-ସୋନୁ ପୁଅ-ବାପୁନ, ବୋହୂ-ଲିରା ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୭୪୫୧୬

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଧରିତ୍ରୀ
DHARITRI



# ସାନିଆଙ୍କ କ୍ୟାରିୟର ଶେଷ

**ନୂଆଦିଲ୍ଲୀ, ୨୧।୨ (ପି.ଟି.):** ଭାରତର ଭେଟେରାନ୍ ଟେନିସ୍ ଖେଳାଳି ସାନିଆ ମିର୍ଜାଙ୍କ ଅନ୍ତର୍ଜାତୀୟ କ୍ୟାରୟର ଶେଷ। ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍‌ରେ ପରାଜୟ ସହିତ ସେ ତାଙ୍କ ସ୍ୱର୍ଣ୍ଣିମ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସାନିଆ ୨୦୨୨ ସିଜନରେ ଟେନିସ୍ ଛାଡ଼ିବେ ବୋଲି ଘୋଷଣା କରିଥିଲେ। କିନ୍ତୁ କହୁଣି ଆଘାତ କାରଣରୁ ୟୁଏସ୍ ଓପନ ଖେଳିପାରି ନ ଥିଲେ। ଫଳରେ ୨୦୨୩ରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ପରେ ଅବସର ନେବାକୁ ଘୋଷଣା କରିଥିଲେ। ମାଡିସନ୍ କିଙ୍ଗ୍ସ ସାଥୀ କରି ଖେଳୁଥିବା ସାନିଆ ମହିଳା ଡବଲ୍ସ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ସାନିଅ-ମାଡିସନଙ୍କ ଯୋଡି ୪-୬, ୦-୬ ସେଟରେ ରୁଷିଆନ୍ ଯୋଡି ଭେରୋନିକା କୁଦେରମେଟୋଭା ଓ ଲିଉଡମିଲା ସାମସୋନୋଭାଙ୍କ ନିକଟରୁ ପରାଜିତ ହୋଇଥିଲେ। ପ୍ରଥମ ସେଟ୍ ୪-୪ରେ ରହିଥିବା ବେଳେ ସାନିଅ-ମାଡିସନ ପଛୁଆ ହୋଇ ଯାଇଥିଲେ। ପ୍ରଥମ ରାଉଣ୍ଡ ପରାଜିତ ହେବା ପରେ ଦ୍ୱିତୀୟ ରାଉଣ୍ଡକୁ ରୁଷୀୟ ଯୋଡି ସହଜରେ ଜିତି ନେଇଥିଲେ। ୨୦୦୩ରେ କ୍ୟାରିୟର ଆରମ୍ଭ କରିଥିବା ସାନିଆ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ଓ ମିକ୍ସଡ ଡବଲ୍ସରେ ସେ ୩ଟି ଲେଖାଏ ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ୩୬ ବର୍ଷୀୟା ସାନିଆ ପାକିସ୍ତାନ କ୍ରିକେଟର ଶୋଏବ ମଲିକଙ୍କୁ ବିବାହ କରିବା ପରେ ଦଶନ୍ଧି ହେବ ଦୁବାଇରେ ଅବସ୍ଥାନ କରି ଆସୁଛନ୍ତି। ୩ଟି ଯାକ ଡବଲ୍ସ ଟାଇଟଲ ସେ ସ୍ୱିଜରଲାଣ୍ଡର ମାର୍ଟିନା ହିଙ୍ଗିସଙ୍କ ସହିତ ବିଜୟୀ ହୋଇଥିଲେ। ଏହା ବ୍ୟତିତ ମିକ୍ସଡ ଡବଲ୍ସରେ ମହେଶ ଭୂପତିଙ୍କ ସହିତ ଅଷ୍ଟ୍ରେଲିଆନ୍ ଓପନ ଓ ଫ୍ରେଞ୍ଚ ଓପନ ଜିତିଥିବା ବେଳେ ବ୍ରୁନୋ ସୋରେସଙ୍କ ସହିତ ୟୁଏସ୍ ଓପନ ବିଜୟୀ ହୋଇଥିଲେ।ଏକମାତ୍ର ଭାରତୀୟ ମହିଳା ଖେଳାଳି ଭାବରେ ସାନିଆ ଡବଲ୍ସରେ ନମ୍ବର ୱାନ୍ ଓ ସିଙ୍ଗଲ୍ସରେ ଟପ୍-୧୦୦ରେ ସାମିଲ ହୋଇଥିଲେ। ଟେନିସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାନିଆଙ୍କୁ ୨୦୦୪ରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦୬ରେ ପଦ୍ମଶ୍ରୀ, ୨୦୧୫ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୨୦୧୬ରେ ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା।

### ସଫଳତା

ସିଙ୍ଗିଲ୍ସ ଟାଇଟଲ -୧
ଡବଲ୍ସ/ମିକ୍ସଡ ଡବଲ୍ସ-୪୩
ସିଙ୍ଗଲ୍ସ ବିଜୟ ପରାଜୟ- ୨୭୧-୧୬୧(୬୨.୭%)
ଡବଲ୍ସ/ମିକ୍ସଡ ଡବଲ୍ସ ବିଜୟ ପରାଜୟ-୫୩୧-୨୪୨(୬୮.୭%)
ଶ୍ରେଷ୍ଠ ସିଙ୍ଗଲ୍ସ ର୍ୟାଙ୍କିଙ୍ଗ-୨୭
ଶ୍ରେଷ୍ଠ ଡବଲ୍ସ ର୍ୟାଙ୍କିଙ୍ଗ-୧
କ୍ୟାରିୟର ଗ୍ରାଣ୍ଡସ୍ଲାମ-୬
ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୱିମ୍ବେଲଡନ(୨୦୧୫), ୟୁଏସ୍ ଓପନ୍(୨୦୧୫), ଅଷ୍ଟ୍ରେଲିଆନ ଓପନ(୨୦୧୬)
ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୟୁଏସ୍ ଓପନ୍ (୨୦୧୪), ଅଷ୍ଟ୍ରେଲିଆନ ଓପନ(୨୦୦୯), ଫ୍ରେଞ୍ଚ ଓପନ(୨୦୧୨))
କ୍ୟାରିୟର ପୁରସ୍କାର ରାଶି- ୭୨,୧୫,୯୮୪ ଡଲାର





## ଡିମିଟ୍ରି ଡିମିଟ୍ରୁକାସ୍ ଭାରତୀୟ ବକ୍ସିଂ ଦଳର କୋଚ୍

**ନୂଆଦିଲ୍ଲୀ, ୨୧।୨(ପି.ଟି):** ଭାରତୀୟ ବକ୍ସିଂ ଫେଡେରେଶନ (ବିଏଫ୍ଆଇ) ପକ୍ଷରୁ ଡିମିଟ୍ରି ଡିମିଟ୍ରୁକାସ୍‌ଙ୍କୁ ଭାରତୀୟ ବକ୍ସିଂ ଦଳର କୋଚ ଭାବରେ ନିଯୁକ୍ତ କରାଯାଇଛି। ଆସନ୍ତା ଦୁଇ ବର୍ଷ ପାଇଁ ଡିମିଟ୍ରିଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ବିଗତ ୧୨ ବର୍ଷ ଧରି ଡିମିଟ୍ରି ଆଇରିଶ୍ ଆଥଲେଟିକ୍ ବକ୍ସିଂ ଆସୋସିଏଶନର ହାଇ ପର୍ଫମାନ୍ସ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି। ଆଗକୁ ଆସୁଥିବା ବିଭିନ୍ନ ଟୁର୍ନାମେଣ୍ଟ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ଡିମିଟ୍ରି ଭାରତୀୟ ଦଳର ଦାୟିତ୍ୱ ନେବେ। ଭାରତ ବର୍ତ୍ତମାନ ବିଶ୍ୱର ବକ୍ସିଂ ପାୱାର ହାଉସ୍ ଭାବରେ ବିବେଚିତ ହେଉଛି। ଏପରି ସମୟରେ ଭାରତର ଦାୟିତ୍ୱ ମିଳିଥିବାରୁ ମୁ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ଡିମିଟ୍ରି ଡିମିଟ୍ରୁକାସ୍। ଏହି ନିଯୁକ୍ତି ଉପରେ ନିଜର ବୟାନ ରଖିଛନ୍ତି ବିଏଫ୍ଆଇ ସଭପତି ଅଜୟ ସିଂ। ଆଇରିଶ୍ ଆଥଲେଟିକ୍ ବକ୍ସିଂ ଆସୋସିଏଶନ ସହିତ କାମ କରି ୪୭ ବର୍ଷୀୟ ଡିମିଟ୍ରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏହା ସହିତ ଡିମିଟ୍ରିଙ୍କ ଅଧୀନରେ ଭାରତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସଫଳ ହେବା ନେଇ ଅଜୟ ସିଂ ଆଶା କରିଛନ୍ତି।

# ବୃହତ୍ ବିଜୟ ସହ ଶୀର୍ଷରେ ଇଂଲଣ୍ଡ

### ମହିଳା ଟି୨୦ କ୍ରିକେଟ ବିଶ୍ୱକପ

**କେପ୍ ଟାଉନ, ୨୧।୨**

ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପର ଗ୍ରୁପ୍ 'ବି' ଶେଷ ମ୍ୟାଚରେ ଇଂଲଣ୍ଡ ୧୧୪ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଏହି ଦଳ ୪ ମ୍ୟାଚରୁ ୮ ପଏଣ୍ଟ ପାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଦଖଲ କରିଛି। ଭାରତ ସମାନ ସଂଖ୍ୟକ ମ୍ୟାଚ ଖେଳିଥିଲେ ହେଁ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଫଳରେ ଏହି ଗ୍ରୁପ୍‌ରୁ ଶୀର୍ଷ ୨ ଦଳଭାବେ ଇଂଲଣ୍ଡ ଓ ଭାରତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ପ୍ରଥମ ସେମିଫାଇନାଲରେ ଗୁରୁବାର ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆକୁ ଭେଟିବ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଇଂଲଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୩୩ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ନାତାଲି ସ୍କିଭର-ବ୍ରଣ୍ଟଙ୍କ ବିସ୍ଫୋରକ ୮୧ (୪୦ ବଲ, ୧୨ ଚୌକା, ୧ ଛକା) ରନ ସହାୟତାରେ ଦଳ ବଡ଼ ସ୍କୋର ଛିଡ଼ା କରିଥିଲା। ଡାନି ୱାଟ ୩୩ ବଲ୍‌ରୁ ୫୯ (୭ ଚୌକା, ୨ ଛକା) ଓ ଆମି ଜୋନ୍ସ ୩୧ ବଲ୍‌ରୁ ୪୭ (୫ ଚୌକା, ୧ ଛକା) ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ଫତିମା ସାନା ୨ଟି ଏବଂ ସାଦିଆ ଇକବାଲ, ନିଦା ଦର ଓ ତୁବା ହାସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୧୪ ରନ ବିଜୟ ଲକ୍ଷ୍ୟରେ ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ତୁବା ହାସନ ସର୍ବାଧିକ ୨୮ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ କାଥରିନ ସ୍କିଭର-ବ୍ରଣ୍ଟ ଓ ଚାର୍ଲି ଡିନ୍ ୨ଟି ଲେଖାଏ ଏବଂ ନାତାଲି ସ୍କିଭର-ବ୍ରଣ୍ଟ, ସାରା ଗ୍ଲେନ ଓ ସୋଫି ଏକଲେଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନାତାଲି ସ୍କିଭର-ବ୍ରଣ୍ଟ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ପ୍ଲେୟର ଅଫ ଦି ମ୍ୟାଚ ନାତାଲି ସ୍କିଭର-ବ୍ରଣ୍ଟ।

# ପୃଥ୍ୱୀ ଶ'ଙ୍କ ନାମରେ ମାମଲା ରୁଜୁ କଲେ ସପ୍‌ନା

**ମୁମ୍ବାଇ,୨୧।୨**

ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କ ନାମରେ ମାମଲା ରୁଜୁ କରିଛନ୍ତି ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପ୍‌ନା ଗିଲ୍। ମଙ୍ଗଳବାର ମୁମ୍ବାଇର ଏକ ସେସନ୍ସ କୋର୍ଟରୁ ସପ୍‌ନାଙ୍କୁ ଜାମିନ ମିଳିବା ପରେ ସେ ପୃଥ୍ୱୀ ଶ'ଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ପୃଥ୍ୱୀ ଶ' ଓ ଅନ୍ୟମାନେ ତାଙ୍କର ସମ୍ମାନ ହାନି କରିବା ସହିତ ଅସଦାଚରଣ କରିଥିବା ନେଇ ଅଭିଯୋଗ ଆସିଛି। ପୃଥ୍ୱୀ ମାରଣାସ୍ତ୍ର ସହିତ ତାଙ୍କୁ ଆକ୍ରମଣ କରିଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ସପ୍‌ନାଙ୍କ ଏଫ୍ଆଇଆର୍ ଆଧାରରେ ପୋଲିସ ଆଇପିସିର ଧାରା ୩୪, ୧୨୦ ଏ, ୧୪୪, ୧୪୬, ୧୪୮, ୧୪୯, ୩୨୩, ୩୨୪, ୩୫୧, ୩୫୪ ଓ ୫୦୯ରେ ମାମଲା ରୁଜୁ କରିଛି। ଏହାସହିତ ମୋଟର ଭେହିକିଲ ଆକ୍ଟ ୧୯୮୮ର ଧାରା ୧୮୪ ଅନୁଯାୟୀ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରୁବାର ସେଲ୍‌ଫି ଉଠାକୁ କେନ୍ଦ୍ର କରି ଝଗଡ଼ାର ଭିଡିଓ ଭାଇରାଲ ହେବା ପରେ ଓଶିୱାରା ପୋଲିସ ସପ୍‌ନାଙ୍କୁ ଗିରଫ କରିଥିଲା। ମୁମ୍ବାଇ ବିମାନବନ୍ଦର ନିକଟବର୍ତ୍ତୀ ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବା ବେଳେ ଶୋଭିତା ଠାକୁର ଏବଂ ସପନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ୍ୟ ଅଧିକ ଫଟୋ ଉଠାଇବା



ସପ୍‌ନା ଗିଲ୍

### ସେଲ୍‌ଫି ବିବାଦ

ପାଇଁ ଉଭୟ ପୃଥ୍ୱୀଙ୍କୁ ଛାଡି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ଗାଡିକୁ ପିଛା କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ପୃଥ୍ୱୀଙ୍କ ସାଙ୍ଗ ଆଶିଷ ଯାଦବ ଏନେଇ ଥାନାରେ ଏକ ମାମଲା ରୁଜୁ କରିଥିଲେ। ଉଭୟ ଶୋଭିତା ଏବଂ ସପ୍‌ନା ୫୦ ହଜାର ଟଙ୍କା ଦାବି କରିଥିବା ବେଳେ ପଇସା ନ ମିଳିଲେ ମିଛ ମାମଲାରେ ଫସାଇବାକୁ ଧମକ ଦେଇଥିବା ଏଫ୍ଆଇଆରରେ ଉଲ୍ଲେଖ ରହିଥିଲା। ତେବେ ସପ୍‌ନା ଓ ଶୋଭିତା ଅଭିଯୋଗକୁ ଖଣ୍ଡନ କରିବା ସହିତ ପୃଥ୍ୱୀ ଶ' ନିଶାରେ ଥିଲେ ବୋଲି କହିଛନ୍ତି। ଏପରି କି କୋର୍ଟରେ ସପ୍‌ନା କହିଥିଲେ ପୃଥ୍ୱୀ ଶ' କିଏ ମୁଁ ଜାଣିନି ଆଉ ମୁଁ ସେଲ୍‌ଫି ନେବାକୁ ପ୍ରୟାସ ବି କରି ନ ଥିଲି। ଏହି ମାମଲାରେ ଓଶିୱାରା ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୪ ଜଣ ଫେରାର ଅଛନ୍ତି। ମଙ୍ଗଳବାର ଆଶିଷ ଦ୍ୱିତୀୟ ଥର ପୋଲିସ ନିକଟରେ ହାଜର ହୋଇଛନ୍ତି। ସପ୍‌ନା ଗିଲ୍ ତାଙ୍କୁ ହତ୍ୟା ଧମକ ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି।

### ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍

# ୧୦ ମିଟର ରାଇଫଲରେ ରୁଦ୍ରାଂଶଙ୍କୁ ସ୍ୱର୍ଣ୍ଣ

**କାଇରୋ,୨୧।୨(ପି.ଟି)**

ବିଶ୍ୱ ଚାମ୍ପିୟନ ରୁଦ୍ରାଂଶ ପାଟିଲ ପୁରୁଷ ୧୦ ମିଟର ଏୟାର ରାଇଫଲ ବର୍ଗରେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। କାଇରୋରେ ଅନୁଷ୍ଠିତ ବିଶ୍ୱ ଶୁଟିଂ ଚାମ୍ପିୟନଶିପରେ ମଙ୍ଗଳବାର ପାଟିଲ ସ୍ୱର୍ଣ୍ଣ ଜିତିବା ସହିତ ଭାରତର ଆଧିପତ୍ୟ ଜାରି ରହିଛି। ୩ ସ୍ୱର୍ଣ୍ଣ ସହିତ ଭାରତ ବର୍ତ୍ତମାନ ୪ଟି ପଦକ ହାସଲ କରିଛି। ସ୍ୱର୍ଣ୍ଣ ପଦକ ମୁକାବିଲାରେ ଜର୍ମାନୀର ମାକ୍ସିମିଲାନ ଅଲବ୍ରିଚ୍‌ଙ୍କୁ ୧୬-୮ରେ ପରାସ୍ତ କରିଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ରୁଦ୍ରାଂଶ। ର୍ୟାଙ୍କିଙ୍ଗ ରାଉଣ୍ଡରେ ରୁଦ୍ରାଂଶ ୨୬୨ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ଥିବା ବେଳେ ଅଲବ୍ରିଚ୍ ୨୬୦.୬ ପଏଣ୍ଟ ସ୍କୋର କରିଥିଲେ। ଏହା ପୂର୍ବରୁ କ୍ୱାଲିଫାଇଂ ରାଉଣ୍ଡରେ ସେ ୬୨୯.୩ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହି ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଏହି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦିବ୍ୟାଂଶ ସିଂ ପନୱାର ଓ ହୃଦୟ ହଜାରିକା ଅଳ୍ପକେ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହୋଇଥିଲେ। ଏହା ପୂର୍ବରୁ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ବର୍ଗରେ ଆର. ନର୍ମଦା ନିତିନ ଓ ରୁଦ୍ରାଂଶ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ୧୦ ମିଟର ଏୟାର ପିସ୍ତଲ ବର୍ଗରେ ବରୁଣ ତୋମାର ବ୍ରୋଞ୍ଜ ବିଜୟୀ ହୋଇଥିବା ବେଳେ ରିଦିମ୍ ସାଙ୍ଗୱନ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, February 22/2023 Page 20 ₹ 7.00



## ୧୦୦୦ କୋଟିରେ ଶାହରୁଖଙ୍କ 'ପଠାନ୍'

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ମୁଭି 'ପଠାନ୍' ବିଶ୍ୱବ୍ୟାପୀ ୧୦୦୦ କୋଟି କ୍ଲବରେ ସାମିଲ ହୋଇଛି; ଯାହାକି ଭାରତରେ ୫ମ ଚଳଚ୍ଚିତ୍ର ହୋଇପାରିଛି।

୦୬

୦୮

## ଟେଷ୍ଟ ସିରିଜରୁ ଓହରିଲେ ୱାର୍ନର

ଆହତ ସମସ୍ୟା ଯୋଗୁ ଭାରତ ବିପକ୍ଷ ଚଳିତ ଟେଷ୍ଟ ସିରିଜର ଅବଶିଷ୍ଟ ମ୍ୟାଚରୁ ଓହରି ଯାଇଛନ୍ତି ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର।







ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଅତି ନିକଟରୁ ଗୁଳି କରୁଥିବାର ଏକ ଫଟୋ ସୋମବାର ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ମଙ୍ଗଳବାର ଆଉ ଏକ ୫ ସେକେଣ୍ଡର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଯେଉଁଥିରେ ନବଙ୍କ କାର୍ ନିକଟକୁ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସ ଆସୁଥିବାର ଦୃଶ୍ୟ ରହିଛି।

# ୪ ବର୍ଷର ଶିଶୁକୁ ଝୁଣି ମାରିଦେଲେ କୁକୁର

**ହାଇଦ୍ରାବାଦ,୨୧।୨**

ହାଇଦ୍ରାବାଦରେ ରବିବାର ସନ୍ଧ୍ୟାରେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେଇଛନ୍ତି। ମୃତ ଶିଶୁ ନିଜାମାବାଦର ଗଙ୍ଗାଧରଙ୍କ ପୁଅ ପ୍ରଦୀପ ବୋଲି ଜଣାପଡ଼ିଛି। ତାଙ୍କ ପରିବାର ବାଗ୍ ଆମ୍ବେରପେଟ୍‌ର ଏରୁକୁଲା ବସ୍ତିରେ ରହୁଥିବାବେଳେ ଗଙ୍ଗାଧର ଏକ ଅଟୋମୋବାଇଲ ୱାର୍କଶପ୍‌ରେ ୱାଚ୍‌ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଘଟଣା ଦିନ ଗଙ୍ଗାଧର ତାଙ୍କର ଦୁଇ ପୁଅଙ୍କୁ କାର୍ଯ୍ୟସ୍ଥଳକୁ ଆଣିଥିଲେ। ସେ ସେମାନଙ୍କୁ ବାହାରେ ଖେଳିବାକୁ ଛାଡ଼ିଦେଇ ୱାର୍କଶପ୍‌ରେ କାର୍ଯ୍ୟରତ ଥିଲେ। କିଛି ସମୟ ପରେ ପୁଅର କାନ୍ଦ ଶୁଣି ସେ ଧାଇଁଯାଇ ୩ଟି କୁକୁର ଆକ୍ରମଣ କରୁଥିବା ଦେଖିଥିଲେ। ସେ କୁକୁରଙ୍କୁ ଘଉଡ଼ାଇ ପୁଅକୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ପ୍ରଦୀପଙ୍କର ମୃତ୍ୟୁ ଘଟିଥିଲା। ସିସିଟିଭି କ୍ୟାମେରାରେ କଏଦ ହୋଇଥିବା କୁକୁର ଆକ୍ରମଣ ☞ପୃଷ୍ଠା-୨



# ଯୁଦ୍ଧ ପାଇଁ କ୍ଷେପଣାସ୍ତ୍ର ପ୍ରସ୍ତୁତ

## ଆମେରିକା ସହ ଆଣବିକ ଚୁକ୍ତି ରଦ୍ଦ କଲେ ପୁଟିନ୍

**ମସ୍କୋ,୨୧।୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆମେରିକା ସହ ସ୍ୱାକ୍ଷରିତ ଶେଷ ଆଣବିକ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ମଙ୍ଗଳବାର ରଦ୍ଦ କରିଦେଇଛନ୍ତି। ଏଥିସହ ନୂଆ ଭୂପୃଷ୍ଠଭିତ୍ତିକ ରଣନୈତିକ ଆଣବିକ ଅସ୍ତ୍ରଗୁଡ଼ିକୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରି ରଖିଥିବା ନେଇ ୱାଶିଂଟନକୁ ସେ ଧମକ ଦେଇଛନ୍ତି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସେନାକୁ ୟୁକ୍ରେନ୍ ଉପରେ 'ସ୍ୱତନ୍ତ୍ର ସାମରିକ ଅପରେଶନ୍' ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କିଭ୍ ଗସ୍ତ କରି ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଅତିରିକ୍ତ ୫୦୦ ନିୟୁତ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାର ଦିନକ ପରେ ପୁଟିନ୍ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ନ୍ୟୁ ଷ୍ଟ୍ରାଟେଜିକ୍ ଆର୍ମ୍ସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ)ରେ ନିଜ ସହଭାଗିତାକୁ ରଦ୍ଦ ପାଇଁ ରୁଷିଆ ବାଧ୍ୟ ହୋଇଛି। କାରଣ ଆଣବିକ ପରୀକ୍ଷଣ ପାଇଁ ୱାଶିଂଟନରେ କେତେଜଣ ବ୍ୟକ୍ତି ଯୋଜନା କରୁଛନ୍ତି। ଆବଶ୍ୟକ ହେଲେ ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଆଣବିକ ସହଯୋଗ ମଧ୍ୟ କ୍ଷେପଣାସ୍ତ୍ର ପରୀକ୍ଷା ଲାଗି ପ୍ରସ୍ତୁତ ହେବା ଉଚିତ। ଅବଶ୍ୟ ଆମେ ପ୍ରଥମେ ଏପରି କରିବୁ ନାହିଁ। କିନ୍ତୁ ଯଦି ଆମେରିକା ପରୀକ୍ଷଣ କରେ ତେବେ ☞ପୃଷ୍ଠା-୨



ଫେଡେରାଲ ଆସେମ୍ବ୍ଲିରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

### ନ୍ୟୁ ଷ୍ଟାର୍ଟ କ'ଣ

ଉଭୟ ରୁଷିଆ ଓ ଆମେରିକା ନିକଟରେ ଶୀତଳଯୁଦ୍ଧ ବେଳର ବହୁ ଆଣବିକ ଅସ୍ତ୍ର ବର୍ତ୍ତମାନ ମଧ୍ୟ ମହଜୁଦ ରହିଛି। ୨୦୧୦ ଏପ୍ରିଲ ୮ରେ ସ୍ୱାକ୍ଷରିତ ଷ୍ଟ୍ରାଟେଜିକ୍ ଆର୍ମ୍ସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ) ଅନୁସାରେ ସେସବୁର ସଂଖ୍ୟା ସୀମିତ ରଖିବା ପାଇଁ ସହମତି ପ୍ରକାଶ ପାଇଥିଲା। ସେଥିରେ କିଛି ପରିବର୍ତ୍ତନ ଅଣାଯିବା ପରେ ୨୦୧୧ ଫେବୃୟାରୀ ୫ରେ ଏହା କାର୍ଯ୍ୟକାରୀ ହୋଇଥିଲା। ୨୦୨୧ରେ ଉକ୍ତ ଚୁକ୍ତିର ଅବଧି ଶେଷ ହୋଇଥିବାବେଳେ ଆଉ ୫ ବର୍ଷ ବୃଦ୍ଧି କରାଯାଇଥିଲା। ୨୦୨୬ରେ ଶେଷ ହେବାକୁ ଥିବା ନ୍ୟୁ ଷ୍ଟାର୍ଟ ରାଜିନାମା ଅନୁସାରେ ଉଭୟ ପକ୍ଷ ନିଜ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ, ବୁଡ଼ାଜାହାଜ କ୍ଷେପଣାସ୍ତ୍ର ଏବଂ ଭାରି ବମ୍ବର ସଂଖ୍ୟା ୧,୫୫୦ରେ ସୀମିତ ରଖିବେ ବୋଲି ସହମତି ପ୍ରକାଶ କରିଥିଲେ।




**ଶ୍ରୀମନ୍ଦିରରେ ଆଜି ୪ଘଣ୍ଟା ଦର୍ଶନ ବନ୍ଦ**

**ପୁରୀ ଅଫିସ:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦଇତମହାପାତ୍ର ସେବକମାନେ ଏହି ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦଇତମହାପାତ୍ର ସେବକମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟ ନୀତି ହେବ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୧୧ତମ ଶ୍ରାଦ୍ଧୋତ୍ସବ, ପାୱାର ହାଉସ ଛକସ୍ଥିତି ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୭ତମ ପ୍ରତିଷ୍ଠା ଦିବସ, ରାଜ୍ୟ ସଂଗ୍ରହାଳୟ ପରିସରସ୍ଥ ସଂସ୍କୃତି ଭବନ ସଭାଗୃହ, ପୂର୍ବାହ୍ନ ୧୦ଟା ୩୦।
- କସ୍ତୁରବା ଗାନ୍ଧୀଙ୍କ ୭୯ତମ ପୁଣ୍ୟ ତିଥି, କସ୍ତୁରବା ନାରୀ ମହଲ, ପୂର୍ବାହ୍ନ ୧୧ଟା।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ 'ୟୁଗ୍ମା- ଜାତୀୟସ୍ତରୀୟ ବକ୍ତୃତା କାର୍ଯ୍ୟକ୍ରମ, ସ୍କୁଲ ପରିସର, ଅପରାହ୍ନ ୪ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା ଉଦ୍‌ଘାଟିତ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ, ଭୁବନେଶ୍ୱର ଆନୁକୂଲ୍ୟରେ ୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

ବାଲିଅନ୍ତା
- ଶ୍ରୀ ଗଣେଶଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଗ୍ରାମଦେବତୀ ମା' ବନଦୁର୍ଗାଙ୍କ ନୂତନ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା, ମହାନ୍ତିପାଟଣା, ସକାଳ ୮ଟା।
- ବାଦୀପାଲା ଉଦ୍‌ଯାପନ, ଶାଳେଶ୍ୱର, ସନ୍ଧ୍ୟା ୭ଟା ୩୦।

କଣ୍ଟାପଡ଼ା
- ଏସ୍. ଭି. ନିର୍ତ୍ତାରର ୩୯ତମ ପ୍ରତିଷ୍ଠା ଦିବସ ପାଳନ, ଓଲଟପୁର, ଅପରାହ୍ନ ୪ଟା।

ପୁରୀ
- ଭାଜପାର କାର୍ଯ୍ୟକାରିଣୀ ବୈଠକ, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।
- ଗାନ୍ଧୀ ଶିଳ୍ପ ବଜାର ପ୍ରଦର୍ଶନୀ, ଗୋଲ୍ଡେନ ବିଚ୍, ସନ୍ଧ୍ୟା ୬ଟା।
- ସୁଜନ କମ୍ୟୁନିକେଶନର ଉଦ୍‌ଘାଟନୀ ଉତ୍ସବ, ୱାଟର ୱାର୍କ ରୋଡ଼, ସନ୍ଧ୍ୟା ୬ଟା ୩୦।

# ଖୋର୍ଦ୍ଧାରେ ପଶିଲା ଦନ୍ତା, ଲୋକେ ଭୟଭୀତ

**ଖୋର୍ଦ୍ଧା ଅଫିସ,୨୧।୨**



ଖୋର୍ଦ୍ଧାରେ ପୁଣି ପଶିଲା ଦନ୍ତା ହାତୀ। ମଙ୍ଗଳବାର ଅପରାହ୍ନ ୩ଟାରେ ଚନ୍ଦକା ପଟୁ ଏକ ଦନ୍ତା ନିକଟ ଜଙ୍ଗଲ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟ କାଜୁ ଜଙ୍ଗଲକୁ ପଶି ଆସିଥିଲା। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ବନ ବିଭାଗର ଏକ ଟିମ୍ ହାତୀର ଗତିବିଧି ଉପରେ ନଜର ରଖିଥିଲା। ଦୀର୍ଘ ୫ ଘଣ୍ଟା କାଜୁ ଜଙ୍ଗଲ ମଧ୍ୟରେ ରହିବା ପରେ ପାନବରଜ ଦେଇ ଦନ୍ତା ଜରିପୁଟ ଜଙ୍ଗଲ ଆଡ଼କୁ ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଦନ୍ତା ଘଉଡ଼ାଇବା ଲାଗି ବନ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଏହି ଦନ୍ତା ସୋମବାର ଟାଙ୍ଗିଆପଡ଼ା ଜଙ୍ଗଲ ନିକଟ ଗ୍ରାମୀଣ ଜଙ୍ଗଲରେ ବୁଲୁଥିବା ବେଳେ ଗୁରୁଜଙ୍ଗ ହାଇଟେକ୍ ନର୍ସରୀ ଦେଇ କାଜୁ ଜଙ୍ଗଲକୁ ଆସିଥିଲା।

ସୂଚନାଥାଉ କି, ପୂର୍ବରୁ ଚନ୍ଦକା ପଟୁ ଦନ୍ତା ମେଡିକାଲ ପଛପଟ କାଜୁ ଜଙ୍ଗଲ ଭିତରେ ପଶିବାର ନଜିର ରହିଛି। ଗତ ଦୁଇ ବର୍ଷ ମଧ୍ୟରେ ଦନ୍ତା ଖୋର୍ଦ୍ଧା ମେଡିକାଲରେ ୩ ଥର ପଶିଥିବା ବେଳେ ସହରରେ ଏହାକୁ ମିଶାଇ ୫ଥର ପଶିଲେଣି। ଜଙ୍ଗଲରେ ଖାଦ୍ୟ ଏବଂ ପାଣିର ଅଭାବ ଯୋଗୁ ହାତୀମାନେ ଏବେ ଗ୍ରାମାଞ୍ଚଳ ଓ ସହରମୁହାଁ ହେଉଛନ୍ତି। ଏ ସମ୍ପର୍କରେ ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କୁହନ୍ତି, ଦନ୍ତା ଏବେ ଜରିପୁଟ ଜଙ୍ଗଲରେ ରହିଥିବା ବେଳେ ତା'ର ଗତିବିଧି ଉପରେ ନଜର ରଖାଯାଇଛି। ଆଖପାଖ ଗ୍ରାମର ଲୋକଙ୍କୁ ଅନ୍ଧାରରେ ବାହାରକୁ ନ ବାହାରିବା ଲାଗି ପରାମର୍ଶ ଦିଆଯାଇଛି। ଦନ୍ତାକୁ ଚନ୍ଦକାରେ ଛାଡ଼ିବାକୁ ଚେଷ୍ଟା କରାଯିବ। ଅନ୍ୟପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ଚନ୍ଦକା ଜଙ୍ଗଲରେ ରହିଥିବା ଦନ୍ତାଙ୍କ ଉପରେ ନଜର ରଖିବା ଦରକାର। ଜଙ୍ଗଲ ପରିବେଶରେ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ପାନୀୟଜଳ ବ୍ୟବସ୍ଥା କରାଗଲେ ସେମାନେ ଗାଁ କିମ୍ବା ସହରମୁହାଁ ହେବେନାହିଁ। ହାତୀଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଜରୁରୀ ବୋଲି ସେ କହିଛନ୍ତି।

**ଘଉଡ଼ାଇବା ପାଇଁ ବନ କର୍ମଚାରୀ ନାକେଦମ୍**

# ରାସ୍ତାରେ କ୍ଷୀର ଢାଳି ଚାଷୀଙ୍କ ପ୍ରତିବାଦ



ଚାଷୀମାନେ ରାସ୍ତାରେ କ୍ଷୀର ଢାଳୁଛନ୍ତି।

**ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୨୧।୨(ସ୍ୱ.ପ୍ର.)**

- ଗୋଖାଦ୍ୟ, ଔଷଧର ମୂଲ୍ୟ ବଢ଼ିଛି
- କମ୍ ଦାମରେ ଦୁଗ୍ଧ ସଂଗ୍ରହ କରାଯାଉଥିବା ଅଭିଯୋଗ

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣା ବଜାରରେ ମଙ୍ଗଳବାର ଓମ୍‌ଫେଡ଼୍‌ର ଦୁଗ୍ଧଚାଷୀମାନେ ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏବେ ଖୋଲା ବଜାରରେ ଗୋଖାଦ୍ୟ, ଔଷଧ ଆଦି ମୂଲ୍ୟ ଦ୍ୱିଗୁଣିତ ହୋଇଯାଇଛି। ଏସବୁ ଅଧିକ ଦରରେ କିଣିବାକୁ ପଡୁଥିବାବେଳେ କମ୍ ଦାମରେ କ୍ଷୀର ବିକ୍ରି କରିବାକୁ ପଡୁଛି। ଦୁଗ୍ଧ ସଂଗ୍ରହ ସଂସ୍ଥା ଓମ୍‌ଫେଡ୍ ଚାଷୀମାନଙ୍କଠାରୁ କମ୍ ଦରରେ କ୍ଷୀର କିଣୁଥିବାରୁ ସେମାନଙ୍କର କ୍ଷତିଭରଣା ହୋଇପାରୁନାହିଁ। ତେଣୁ ଉତ୍ପାଦିତ କ୍ଷୀରର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରି ଚାଷୀଙ୍କଠାରୁ ଅଧିକ ମୂଲ୍ୟରେ କିଣିବା ପାଇଁ ଚାଷୀମାନେ ଦାବି କରିବା ସହ ରାସ୍ତାରେ ଶହ ଶହ ଲିଟର କ୍ଷୀର ଢାଳି ପ୍ରତିବାଦ କରିଥିଲେ। ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ପ୍ରତିବାଦ କାର୍ଯ୍ୟକ୍ରମରେ ଦୁଗ୍ଧ ଚାଷୀ ହରିବନ୍ଧୁ ରାଉତ, ବିଶ୍ୱନାଥ ପରିଡ଼ା, କୁନ ମଲିକ, ତନ୍ମୟ କୁମାର ଦାସ, ଅଭିନ୍ନ ସାମଲ, ଉଲ୍ଲାସ ଜେନା, ବଳରାମ ସାମଲ, ସୋମନାଥ ଜେନା, ଅଶୋକ ରାଉତ, ପରମାନନ୍ଦ ରାଉତ, ଅକ୍ଷୟ ରାଉଳ, ସୁରେନ୍ଦ୍ର ବାରିକଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

## ଦିବ୍ୟାଙ୍ଗ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**କଟକ ଅଫିସ,୨୧।୨**

ବିଡ଼ାନାସୀ ଥାନା ଅଧୀନ ନୂଆସାହି ଅଞ୍ଚଳରେ ଥିବା ଏକ ଦିବ୍ୟାଙ୍ଗ ସ୍କୁଲ ଶ୍ରେଣୀଗୃହରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ନିଆଳି ବ୍ଲକ ଅନ୍ତର୍ଗତ ଅଡ଼ଶପୁର ନିକଟ ପତ୍ରକଣାର ରାକେଶ ମହାପାତ୍ର। ଖବରପାଇ ଛାତ୍ରଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଡ଼ାନାସୀ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ୍ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପାରିପାର୍ଶ୍ୱିକସ୍ଥିତି ଅନୁଧ୍ୟାନ କରିବା ପରେ ରାକେଶ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅପରପକ୍ଷରେ ରାକେଶଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଓ କିଛିଦିନ ଧରି ସେ ବିଷାଦଗ୍ରସ୍ତ ଥିଲେ ବୋଲି ସହପାଠୀମାନେ କହିଛନ୍ତି। ଏଥିସହ ସେ ଅନେକ ସମୟରେ ସାଙ୍ଗମାନଙ୍କ ସହ ମିଶୁ ନଥିବାବେଳେ ଚୁପଚାପ୍ ରହୁଥିବା ପୋଲିସ ଜାଣିବାକୁ ପାଇଛି। ତେବେ ପୋଲିସ ରାକେଶଙ୍କ ପରିବାର ଲୋକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରିଛି।

## ଅର୍ଥାଭାବରୁ ହୋଇପାରୁନି ପିଣ୍ଟୁ ନନ୍ଦଙ୍କ ଅପରେଶନ

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ଓଲିଉଡ୍ ଅଭିନେତା ପିଣ୍ଟୁ ନନ୍ଦ ଲିଭରଜନିତ ରୋଗରେ ପୀଡ଼ିତ ହୋଇ ଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଅପରେଶନ ହୋଇପାରିନାହିଁ। ଫେବୃୟାରୀ ୭ରୁ ସେ ଚିକିତ୍ସା ପାଇଁ ଦିଲ୍ଲୀ ଯାଇଥିଲେ। ତେବେ ଆର୍ଥିକ ସମସ୍ୟା ଯୋଗୁ ତାଙ୍କର ଯକୃତ ପ୍ରତିରୋପଣ ହୋଇପାରିନାହିଁ। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷରୁ ଅଧିକ ଟଙ୍କା ତାଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇସାରିଲାଣି। ଏବେ ସେ ଆଇସିୟୁରେ ଅଛନ୍ତି ବୋଲି ମଙ୍ଗଳବାର ତାଙ୍କ ଭାଇ ଅଭିରାମ ନନ୍ଦ ସୂଚନା ଦେଇଛନ୍ତି। ଅଧିକ ଟଙ୍କା ଆବଶ୍ୟକ। ହେଲେ ସରକାରୀ ସ୍ତରରେ କୌଣସି ସହାୟତା ଏ ପର୍ଯ୍ୟନ୍ତ ମିଳିନାହିଁ। ଚିକିତ୍ସା ପାଇଁ ଆମେ ଦିଲ୍ଲୀରେ ଥିବାରୁ ସହାୟତା ପାଇଁ କାହାକୁ ଯୋଗାଯୋଗ କରିପାରୁ ନାହୁଁ। ସେଠାରେ ଥିବା କେତେଜଣ ସହଯୋଗୀ ଏ ନେଇ ଚେଷ୍ଟା କରୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଅଭିନେତା ପିଣ୍ଟୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଯକୃତ ପ୍ରତିରୋପଣ ପାଇଁ ତାଙ୍କୁ ଦିଲ୍ଲୀ ଯିବାକୁ ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ଏହାପରେ ଗତ ଫେବୃୟାରୀ ୭ରେ ତାଙ୍କୁ ଦିଲ୍ଲୀ ନିଆଯାଇଥିଲା। ତାଙ୍କ ପାଇଁ ଓଡ଼ିଶା ସିନେ ଆସୋସିଏଶନ୍‌ର ସଦସ୍ୟା ସଦସ୍ୟ ଏବଂ କେତେଜଣ କଳାକାରଙ୍କ ସମେତ ଯୁବ ସାମାଜିକ କର୍ମୀ ପାଣ୍ଠି ସଂଗ୍ରହ କରି ତାଙ୍କୁ ଯୋଗାଇ ଦେଇଥିଲେ।

# ସ୍ୱଦେଶ ଫେରିଲେ ୫ ଲକ୍ଷରୁ ଉର୍ଦ୍ଧ୍ୱ ପକ୍ଷୀ

**ବାଲୁଗାଁ,୨୧।୨(ଡି.ଏନ୍.ଏ.)**



କିଛିଦିନ ହେବ ଗ୍ରୀଷ୍ମର ମାତ୍ରା ବୃଦ୍ଧି ପାଇଥିବା ବେଳେ ଚିଲିକାରୁ ମଙ୍ଗଳବାର ସୁଦ୍ଧା ୫ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶାଗତ ପକ୍ଷୀ ସ୍ୱଦେଶ ଫେରିଯାଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି। ତେବେ ଅଭୟାରଣ୍ୟ ନଳବଣ ଆକାଶରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ଏକତ୍ରିତ ହୋଇ ଇଂଲିଶ ଅକ୍ଷର ୟୁ ଓ ଭି ସଦୃଶ ଦଳ ଦଳ ହୋଇ ସ୍ୱଦେଶ ଫେରୁଥିବା ଦେଖିବାକୁ ମିଳିଛି।

ଗତ ଅକ୍ଟୋବରରୁ ଶୀତ ଆଗମନରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିଲା। ସୁଦୂର ବରଫାବୃତ୍ତ ଅଞ୍ଚଳରେ ଶୀତ ଋତୁରେ ଅତ୍ୟଧିକ ହିମ ପ୍ରବାହ ଯୋଗୁ ଏଥିରୁ ରକ୍ଷା ପାଇବା ସହ ଉପଯୁକ୍ତ ଖାଦ୍ୟ ଓ ନିରାପଦ ବାସସ୍ଥାନ ଅନ୍ୱେଷଣରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସିଥିଲେ। ଗୁଳ୍ମଜାତୀୟ ଉଦ୍ଭିଦ ଓ ଛୋଟ ଛୋଟ ମାଛ, କଙ୍କଡ଼ା, ଜଳଚର କୀଟପତଙ୍ଗ ଆଦି ଏହି ପକ୍ଷୀଙ୍କ ମୁଖ୍ୟ ଆହାର ପାଲଟିଥିଲା। ନଳବଣକୁ ପକ୍ଷୀମାନେ ନିରାପଦ ବାସସ୍ଥାନ ଭାବେ ଗ୍ରହଣ କରିବା ସହ ଏଠାରେ ଚାରି ମାସ ରହିବା ମଧ୍ୟରେ ଅଣ୍ଡା ଦେଇ ବଂଶ ବିସ୍ତାର କରିଛନ୍ତି। ଫେବୃୟାରୀରେ ତାପମାତ୍ରା ବଢ଼ିବା ଯୋଗୁ ଏହି ପକ୍ଷୀ ଶାବକଙ୍କ ସହ ସ୍ୱଦେଶ ଫେରିବା ଆରମ୍ଭ କରୁଥିବା ଦେଖିବାକୁ ମିଳୁଛି। ପ୍ରକାଶ ଯେ, ଚଳିତ ବର୍ଷ ଚିଲିକାରେ ମୋଟ ୧୧ ଲକ୍ଷ ୩୧ ହଜାର ୯୨୯ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ସେଥିମଧ୍ୟରୁ ନଳବଣରେ ୩ ଲକ୍ଷ ୪୨ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା ବୋଲି ଗତ ଜାନୁୟାରୀ ୪ରେ ବିଭାଗୀୟ ଗଣନାରୁ ଜଣାପଡ଼ିଥିଲା। ବିଗତ ବର୍ଷଗୁଡ଼ିକରେ ଚିଲିକାରେ ୧୮୩ରୁ ଉର୍ଦ୍ଧ୍ୱ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତବର୍ଷ ପ୍ରଜାତି ସଂଖ୍ୟା ୧୮୪ରେ ସୀମିତ ଥିଲା। ସେମାନଙ୍କ ମଧ୍ୟରୁ ୟୁରାସିୟାନ୍ କୁଜଅନ୍, ପିଣ୍ଟେଲ୍, ଗଡ଼ୱିଟ୍, ସୋଭଲର, ଗଡ୍‌ୱାଲ୍ ଆଦି ପ୍ରଜାତି ସର୍ବାଧିକ ଥିଲେ। ତେବେ ଚିଲିକାର ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ପକ୍ଷୀ ଚଳିତ ବର୍ଷ ୨୨ଟି ଆସିଥିବା ଗଣନାରୁ ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଶୀତର ପ୍ରକୋପ ବୃଦ୍ଧି ହେତୁ ଏହି ପକ୍ଷୀ ୧୨ଶହରୁ ଉର୍ଦ୍ଧ୍ୱ ଚିଲିକାରେ ଦୃଷ୍ଟିଗୋଚର ହୋଇଥିଲା, ଯାହାକି ପର୍ଯ୍ୟଟକଙ୍କୁ ବେଶ୍ ବିମୋହିତ କରିଥିଲା।




ତାଳଚେରକୁ ଜିଲା ଘୋଷଣା କରାଯିବା ଦାବିରେ ତାଳଚେର ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। (ଫଟୋ- ମନୋରଞ୍ଜନ)



ଆଇଏମ୍ଏମ୍‌ଟି ଅଡିଟୋରିୟମରେ ମଙ୍ଗଳବାର ସିଏସ୍ଆଇଆର୍-ଆଇଆଇଏମ୍‌ଟିର ଜିଜ୍ଞାସା ଟିମ୍ ତରଫରୁ ଆୟୋଜିତ ଶାନ୍ତିସ୍ୱରୂପ ଭଟ୍ଟନାଗର ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଜଣେ ଛାତ୍ର ପ୍ରଶ୍ନ ପଚାରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**



@ ସତ୍ୟ



@ ସୋମନାଥ



@ ସୌମ୍ୟ



@ ବିପିନ



@ କମଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## 'ଶାନ୍ତିସ୍ୱରୂପ ଭଟ୍ଟନାଗର ଭାରତୀୟ ପ୍ରାଦ୍ୟୋଗିକ ଗବେଷଣାକୁ ନୂଆ ଦିଗ ଦେଇଥିଲେ'

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ସାର୍ ଶାନ୍ତିସ୍ୱରୂପ ଭଟ୍ଟନାଗର ଏକାଧାରରେ ଜଣେ ଶିକ୍ଷାବିତ୍, ବୈଜ୍ଞାନିକ ଓ ଅନୁଷ୍ଠାନ ନିର୍ମାତା ଥିଲେ। ସେ ଭାରତୀୟ ପ୍ରାଦ୍ୟୋଗିକ ଗବେଷଣାକୁ ନୂଆ ଦିଗ ଓ ଦିଗନ୍ତ ଦେଇଥିଲେ ବୋଲି ସିଏସ୍ଆଇଆର୍-ଆଇଆଇଏମ୍‌ଟିର ମହାନିର୍ଦ୍ଦେଶକ ତଥା ଶାନ୍ତିସ୍ୱରୂପ ଭଟ୍ଟନାଗର ସମ୍ମାନରେ ସମ୍ମାନିତ ବିଶିଷ୍ଟ ବୈଜ୍ଞାନିକ ଡ. ଜି. ନରହରି ଶାସ୍ତ୍ରୀ କହିଛନ୍ତି। ସିଏସ୍ଆଇଆର୍-ଆଇଆଇଏମ୍‌ଟିର ଜିଜ୍ଞାସା ଟିମ୍ ତରଫରୁ ମଙ୍ଗଳବାର ଶାନ୍ତିସ୍ୱରୂପ ଭଟ୍ଟନାଗର ସ୍ମାରକୀ ବକ୍ତୃତା ଆଇଏମ୍ଏମ୍‌ଟି ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ନରହରି ଶାସ୍ତ୍ରୀ ସ୍ମାରକୀ ବକ୍ତୃତା ପ୍ରଦାନ କରି ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ମୁଁ ନୁହେଁ ଆମେ' - ଆମର ଧ୍ୟେୟ ହେଲେ ଅନୁଷ୍ଠାନ ସଫଳ ହୋଇପାରିବ। ସେ କହିଥିଲେ, ଡ. ଭଟ୍ଟନାଗର ସିଏସ୍ଆଇଆର୍‌ର ପ୍ରାଣ ପ୍ରତିଷ୍ଠାତା, ପ୍ରଥମ ମହାନିର୍ଦ୍ଦେଶକ ଥିଲେ। ଜିଜ୍ଞାସାର ପ୍ରମୁଖ ତଥା ସିଏସ୍ଆଇଆର୍‌ର ପ୍ରଧାନ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାସ କହିଲେ, ଜିଜ୍ଞାସା ବୈଜ୍ଞାନିକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସେତୁ ପରି କାମ କରିବାର ଲକ୍ଷ୍ୟ ରଖିଛି। ପିଲାଙ୍କୁ ବୈଜ୍ଞାନିକ ଚିନ୍ତନ ଅଭିମୁଖୀ କରିବା ପାଇଁ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ବ୍ୟାଖ୍ୟାନକୁ ଶୁଣିବା ପାଇଁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରୀଛାତ୍ରୀଙ୍କୁ ସେ ସାଧୁବାଦ ଦେଇଥିଲେ। ଡ. ଉମାକାନ୍ତ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ମମତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ସନ୍ତୋଷ କୁମାର ବେହେରା, ଡ. ବିକାଶ କୁମାର ଜେନା, ଡ. ସିମନ୍ତିନି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପଲସର ଲୁଟେରା ଧରାପଡ଼ିଲେ**

ଭୁବନେଶ୍ୱର,୨୧।୨(ବ୍ୟୁରୋ): କଳା ପଲ୍‌ସରରେ ଛିନତାଇ କରୁଥିବା ୨ ଲୁଟେରାକୁ ମଙ୍ଗଳବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱରର ସୁଶାନ୍ତ ମହାରଣା ଓ ତ୍ରିଲୋଚନ ନାଥ । ସେମାନଙ୍କଠାରୁ ଚୋରିରେ ବ୍ୟବହୃତ ପଲସର,୨୦ ଗ୍ରାମ ରୁପା ଅଳଙ୍କାର, ୫ ମୋବାଇଲ ,ନଗଦ ୧୦ ହଜାର ଟଙ୍କା, ଭ୍ୟାନିଟି ବ୍ୟାଗ,ଏଟିଏମ କାର୍ଡ ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୂର୍ବରୁ ଅଭିଯୁକ୍ତ ସୁଶାନ୍ତଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୬ଟି ଏବଂ ତ୍ରିଲୋଚନଙ୍କ ନାମରେ ୧୪ଟି ମାମଲା ରୁଜୁ ହୋଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି ।

## ସଂକ୍ଷେପରେ

### କଣ୍ଡରା ପୋଖରୀ ପୁନରୁଦ୍ଧାର କରାଯାଉ

ପୁରୁଣା ଭୁବନେଶ୍ୱର,୨୧।୨(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମ ୫୯ନଂ. ୱାର୍ଡ ଅନ୍ତର୍ଗତ ଐତିହ୍ୟ କଣ୍ଡରା ପୋଖରୀର ପୁନରୁଦ୍ଧାର ନେଇ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ କରାଯାଇଥିବା ଅହୋରାତ୍ର ଧାରଣା ୧୦ମ ଦିନରେ ପହଞ୍ଚିଛି। ଏହି ଅବସରରେ ଜାଗରଠାରୁ ମଞ୍ଚ ଏକ ନିଆରା ଢଙ୍ଗରେ ଧାରଣା ଆରମ୍ଭ କରିଛି। ଏକ ଅଖଣ୍ଡ ଦୀପ ଲଗାଇବା ସହ ଦାବି ପୂରଣ ନ ହେବା ଯାଏ ଏହି ଦୀପ ଜଳିବ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ କହିଛନ୍ତି। ଅନ୍ୟପଟେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କଣ୍ଡରା ପୋଖରୀ ପରିଦର୍ଶନ କରିଛନ୍ତି। ବିଏମ୍‌ସି କମିଶନରଙ୍କ ସହିତ ଆଲୋଚନା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୨୧।୨(ବ୍ୟୁରୋ) ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ସଂପୃକ୍ତ ୨ ଭାଇଙ୍କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ସାଲିଆ ସାହିରେ ରହୁଥିବା କେନ୍ଦୁଝରର ଶୈବ ମହାକୁଡ ଓ ରାମାୟ ମହାକୁଡ। ଘଟଣାରେ ଜଡ଼ିତ ଅନ୍ୟ ୨ ଭାଇ ଓ କିଛି ସହଯୋଗୀ ଏବେ ବି ଫେରାର ଅଛନ୍ତି । ତାଙ୍କଠାରୁ ଗୋଟିଏ ସ୍କୁଟି ଜବତ ହୋଇଛି । ସୂଚନାଯୋଗ୍ୟ, ସୋମବାର ଅଭିଯୁକ୍ତଦ୍ୱୟଙ୍କ ବାପା କାଳିଆ ମହାକୁଡ଼ ନିଶାଗ୍ରସ୍ତ ଅବସ୍ଥାରେ ଏକ କଟୁରୀ ଧରି ବୁଲୁଥିଲେ। ଉକ୍ତ ସାହିର ରଜତ ନାମକ ଯୁବକ ତାଙ୍କଠାରୁ କଟୁରୀ ମାଗିବା ସହିତ ଘରକୁ ପଳାଇବା ପାଇଁ କହିଥିଲେ । ଏଥିରେ ରାଗିଯାଇ କାଳିଆ ରଜତଙ୍କୁ ଗାଳି କରିବା ସହ ଘଟଣା ବିଷୟରେ ଯାଇ ୪ ପୁଅଙ୍କୁ କହିଥିଲେ। ପରଦିନ ସକାଳେ ରଜତ ଘରେ ଶୋଇଥିବା ସମୟରେ କାଳିଆଙ୍କ ୪ ପୁଅ ଓ ତାଙ୍କର କିଛି ସହଯୋଗୀ ଯାଇ ତାଙ୍କୁ କାଠ ଫାଳିଆରେ ଅତର୍କିତ ଆକ୍ରମଣ କରିଥିଲେ।

### ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ

ନିମାପଡ଼ା,୨୧।୨(ଡି.ଏନ୍.ଏ.)- ନିମାପଡ଼ା ଅଞ୍ଚଳର ୧୫ ବର୍ଷୀୟା ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ବାପା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପହରଣକାରୀ ଯୁବକ ଓ ତାଙ୍କ ବାପାଙ୍କ ବିରୋଧରେ ଏକ ମାମଲା (ନଂ. ୩୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଗତ ୧୩ ତାରିଖରେ ସ୍କୁଲକୁ ଯାଇଥିବାବେଳେ ଯୁବକ ତାଙ୍କୁ କେଉଁଆଡେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଅପହୃତାଙ୍କ ବାପା ଅପହରଣକାରୀ ଯୁବକଙ୍କ ବାପାଙ୍କୁ ପଚାରିବାରେ, ସେ ସୋମବାର ଅପହୃତାଙ୍କ ବାପାଙ୍କୁ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପୂର୍ବରୁ ନାବାଳିକାଙ୍କୁ ଅପହରଣକାରୀ ଯୁବକ ଭଲପାଉଛି ବୋଲି କହି ଛାତ୍ରୀ ଜଣକ ସ୍କୁଲ, ଟିଉସନ୍ ଯିବା ବାଟରେ ବିଭିନ୍ନ ସମୟରେ ଅଟକାଇ ହଇରାଣ କରୁଥିଲେ। ଏପରିକି ମୁଁ ନାବାଳିକାଙ୍କୁ ଭଲ ପାଉଛି, ବିବାହ କରିବି, ମୋତେ ବିବାହ ନ କଲେ ତତେ ଜୋରଜବରଦସ୍ତି ଉଠାଇ ନେବି, ମୋର କେହି କିଛି କରିପାରିବେନି ବୋଲି ଯୁବକ ନାବାଳିକାଙ୍କୁ ଧମକଚମକ ଦେଇଥିବା ସମ୍ପର୍କରେ ନାବାଳିକା ତାଙ୍କ ଘରେ କହିଥିଲେ। ପରେ ତାଙ୍କ ବାପା ଉକ୍ତ ଯୁବକଙ୍କୁ ବୁଝାଶୁଝା କରି ତାଗିଦ୍ କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ତୁରନ୍ତ ନାବାଳିକାଙ୍କୁ ଠାବ କରି ଅପହରଣକାରୀ ଯୁବକ ଓ ତାଙ୍କ ବାପାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ନିକଟରେ ଦାବି କରିଛନ୍ତି।

# ଦୋଳପୂର୍ଣ୍ଣିମା ପୂର୍ବରୁ ଦୋଳବେଦି କାର୍ଯ୍ୟ ସରିବ

**ଶ୍ରୀମନ୍ଦିର ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ**

■ମେଣ୍ଢାପୋଡ଼ି, ଦୋଳପୂର୍ଣ୍ଣିମାର ନୀତିନିର୍ଘଣ୍ଟ ଚୂଡ଼ାନ୍ତ



ପୁରୀ ଅଫିସ,୨୧।୨

ଶ୍ରୀମନ୍ଦିର ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକ ମଙ୍ଗଳବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ ମହାପ୍ରଭୁଙ୍କ ଅଗ୍ନିଉତ୍ସବ(ମେଣ୍ଢାପୋଡ଼ି) ଓ ଦୋଳପୂର୍ଣ୍ଣିମା ନୀତିକାନ୍ତି ସମ୍ପର୍କରେ ଆଲୋଚନା ହେବା ସହ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାର୍ଚ୍ଚ ୬ରେ ହେବାକୁ ଥିବା ମେଣ୍ଢାପୋଡି ବା ଅଗ୍ନିଉତ୍ସବ ନୀତି ସହ ୭ ତାରିଖରେ ହେବାକୁ ଥିବା ଦୋଳପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ସୁନାବେଶ ପାଇଁ ନୀତି ଓ ଦୋଳବେଦି ଉପରେ ହେବାକୁ ଥିବା ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ଚାଲୁଥିବାରୁ ଦୋଳପୂର୍ଣ୍ଣିମା ଦିନ ବିମାନରେ ଠାକୁର ବିଜେ କରି କିଭଳି ଦୋଳବେଦିକୁ ଆସିବେ ଓ ନୀତିକାନ୍ତି ଅନୁଷ୍ଠିତ ହେବ, ସେନେଇ ଛତିଶା ନିଯୋଗର ସଦସ୍ୟମାନେ ବୈଠକରେ ପ୍ରଶ୍ନ ଉଠାଇଥିଲେ। ତେବେ ଆସନ୍ତା ୨ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ତଥା ମହାପ୍ରଭୁଙ୍କ ସୁରୁଖୁରୁରେ ନୀତି ସମ୍ପାଦନ ହେବା ନେଇ ମୁଖ୍ୟ ପ୍ରଶାସକ ପ୍ରତିଶ୍ରୁତି ଦେଇଛନ୍ତି। ଦୋଳପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଦୋଳବେଦିକୁ ଆସି ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କରିବା ପରେ ପୂଜା ଓ ଭୋଗ କରାଯାଇଥାଏ। ଏଥିପାଇଁ ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣିମା ଦିନ ଚୂଡ଼ାନ୍ତ ହୋଇଥିବା ନୀତିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇ କହିଥିଲେ, ମେଣ୍ଢାପୋଡି ଏବଂ ଦୋଳପୂର୍ଣ୍ଣିମା ନୀତି ଯେପରି ଠିକ୍ ସମୟରେ ହେବ ଓ ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେନେଇ ଆଲୋଚନା ହୋଇଥିଲା। ତେବେ ନୀତିନିର୍ଘଣ୍ଟରେ କିଛିଟା ପରିବର୍ତ୍ତନ କରାଯାଇଛି। ଅପରପକ୍ଷେ ଶ୍ରୀମନ୍ଦିର ଚାରିପାଖରେ କାମ ଚାଲିଥିବା ବେଳେ ଦୋଳବେଦି ପାଖରେ ମଧ କାର୍ଯ୍ୟ ଚାଲିଛି। ତେବେ ଦୋଳପୂର୍ଣ୍ଣିମା ପୂର୍ବରୁ ଦୋଳବେଦି କାର୍ଯ୍ୟ ଶେଷ କରାଯିବ। ଯେପରି ନୀତିରେ କୌଣସି ସମସ୍ୟା ନ ହେବ ଓ ଭକ୍ତଙ୍କ ଭାବନାକୁ ଯେପରି ଆଘାତ ନ ହେବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସେହିପରି ଶ୍ରୀମନ୍ଦିର ଭିତର ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ କହିଥିଲେ, ଦୋଳବେଦି ନିକଟରେ ଚାଲିଥିବା କାର୍ଯ୍ୟ ଆସନ୍ତା ୧ କିମ୍ବା ୨ ତାରିଖରେ ଶେଷ ହେବ ବୋଲି ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ତେବେ କାମ ଚାଲିଥିବାରୁ ଦୋଳବେଦି ପରିସରକୁ ଭକ୍ତଙ୍କ ଯିବା ଉପରେ କଟକଣା ଲାଗିବା କଥାକୁ ପ୍ରଧାନ ଖଣ୍ଡନ କରିଛନ୍ତି। ବୈଠକରେ ସେପରି କିଛି ଆଲୋଚନା ହୋଇ ନ ଥିବାବେଳେ ଭକ୍ତଙ୍କ ସୁବିଧା ପାଇଁ ଶୀଘ୍ର କାମ ସାରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୬ ତାରିଖ ମେଣ୍ଢାପୋଡି ନୀତି ପାଇଁ ସନ୍ଧ୍ୟା ୭ଟାରେ ଠାକୁର ଦୋଳବେଦିକୁ ବିଜେ କରିବେ। ସେଠାରେ ନୀତି ସାରି ରାତି ୯ଟା ୧୫ରେ ଦୋଳବେଦିରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ସେହିପରି ୭ତାରିଖ ଦୋଳପୂର୍ଣ୍ଣିମା ଦିନ ସକାଳ ୮ଟାରେ ନାଭିକଟା ମଣ୍ଡପକୁ ଦିଅଁ ବିଜେ କରିବା ପରେ ୮ଟା ରୁ ୯.୩୦ ମଧ୍ୟରେ ସୁନାବେଶ ସମ୍ପନ୍ନ କରାଯିବ। ଏହାପରେ ପୂର୍ବାହ୍ନ ୧୦ଟାରେ ବିମାନକୁ ଦିଅଁ ବିଜେ କରି ବେଢ଼ା ପରିକ୍ରମା କରିବେ। ରାତ୍ର ୯.୩୦ ପର୍ଯ୍ୟନ୍ତ ଦୋଳବେଦିରେ ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ସୂଚନା ଦିଆଯାଇଛି। ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡ.କନୱର ବିଶାଳ ସିଂ, ପରିଚାଳନା କମିଟିର ସେବାୟତ ସଦସ୍ୟ, ଛତିଶା ନିଯୋଗ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ମଙ୍ଗଳବାର ଆୟୋଜିତ '୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୨୩'ର ଦ୍ୱିତୀୟ ସନ୍ଧ୍ୟାରେ ଜଣେ ସଙ୍ଗୀତଜ୍ଞ ରାଗ ସଙ୍ଗୀତ ପରିବେଷଣ କରୁଛନ୍ତି।

# 'ବହୁଳ ବ୍ୟବହାର ଦ୍ୱାରା ମାତୃଭାଷା ବଞ୍ଚି ରହିବ'




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ଜନସାଧାରଣଙ୍କ ବହୁଳ ବ୍ୟବହାର ଦ୍ୱାରା ମାତୃଭାଷା ବଞ୍ଚିବ ଓ ବିକଶିତ ହୋଇପାରିବ। ବିଶେଷତଃ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କର ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଥାବାର୍ତ୍ତା ଓ ନିମନ୍ତ୍ରଣ ଆଦି ଓଡ଼ିଆରେ କରିବା ସହ ଚଳିତ ବର୍ଷକୁ ମାତୃଭାଷାରେ ନିମନ୍ତ୍ରଣପତ୍ର ବର୍ଷ ଭାବରେ ପାଳନ ପାଇଁ ଅନୁଷ୍ଠାନ ସଂଭାବନା ପକ୍ଷରୁ ମଙ୍ଗଳବାର ଆୟୋଜିତ ହେଉଥିବା ଓଡ଼ିଆ ମହୋତ୍ସବର ଅନ୍ୟତମ ପ୍ରମୁଖ କାର୍ଯ୍ୟକ୍ରମ 'ବିଶ୍ୱ ମାତୃଭାଷା ଦିବସ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ପାଦକ ଦେବ ପରିଜା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇଥିଲେ। ପ୍ରମୁଖ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସଂଭାବନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ ଯୋଗଦେଇଥିଲେ।

# ରାଜଧାନୀରୁ ବାଇକ୍ ଚୋରି, ବ୍ରହ୍ମଗିରିରେ ବିକ୍ରି

**ଗ୍ୟାଙ୍ଗ୍‌ର ୨ ଗିରଫ, ୧୧ ବାଇକ ଜବତ**

■ମତ୍ସ୍ୟଜୀବୀଙ୍କୁ ବିକ୍ରି କରୁଥିଲେ ଗାଡ଼ି ଇଞ୍ଜିନ

■ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ରାଜଧାନୀରେ ଦୀର୍ଘଦିନ ଧରି ବାଇକ ଚୋରି କରୁଥିବା ଏକ ଗ୍ୟାଙ୍ଗର ୨ସଦସ୍ୟଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳର ଅଶୋକ ସାହୁ ଓରଫ ଡାକୁ ଏବଂ ଖୋର୍ଦ୍ଧାର ଦୈତାରୀ ବେହେରା। ସେମାନଙ୍କଠାରୁ ମୋଟ ୧୧ଟି ମୋଟରସାଇକେଲ ଜବତ କରାଯାଇଛି। ସେଥିରୁ ୩ଟି ନୟାପଲ୍ଲୀ ଅଞ୍ଚଳରୁ ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟ ୮ଟି କେଉଁ ଅଞ୍ଚଳର ସେ ନେଇ ତଦନ୍ତ ଚାଲିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଭିଯୁକ୍ତଦ୍ୱୟ ଭୁବନେଶ୍ୱରରୁ ଗାଡ଼ି ଚୋରାଇ ନେଇ ଚେଚିସ ଓ ଇଞ୍ଜିନ ନମ୍ବର ବଦଳାଇ ବ୍ରହ୍ମଗିରିରେ ବିକ୍ରି କରୁଥିଲେ। ଏପରିକି କିଛି ବାଇକ ଇଞ୍ଜିନକୁ ମାଛ ଡଙ୍ଗାରେ ବ୍ୟବହାର ନିମନ୍ତେ ମତ୍ସ୍ୟଜୀବୀଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତ ଡାକୁଙ୍କ ନାମରେ ନୟାପଲ୍ଲୀ ଓ ଚନ୍ଦ୍ରଶେଖରପୁର ଥାନାରେ ମୋଟ ୫ ମାମଲା ଥିବାବେଳେ ଦୈତାରୀଙ୍କ ନାମରେ ୩ଟି ମାମଲା ରହିଛି। ଏହି ଚୋରି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବାକୁ ଯୋଜନା ରହିଛି ବୋଲି ଜୋନ-୫ ଏସିପି ସଞ୍ଜୀବ ଶତପଥୀ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ କିଛିମାସ ଧରି ଲଗାତର ଭାବେ ନୟାପଲ୍ଲୀ ଅଞ୍ଚଳରୁ ବାଇକ୍ ଚୋରି ହେଉଥିବା ବାରମ୍ବାର ଅଭିଯୋଗ ଆସିବାରୁ ପୋଲିସ ଚିନ୍ତାରେ ପଡ଼ିଥିଲା। ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ଛାନଭିନ ଆରମ୍ଭ କରିଥିଲା। ଗତ ୧୧ ତାରିଖରେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ପ୍ଲଟ ନମ୍ବର ଏନ୍-୪/୧୪୬ରୁ ଅଭିଯୁକ୍ତଦ୍ୱୟ ଏକ ମୋଟର ସାଇକେଲ ଚୋରି କରିନେଇଥିଲେ। ଏନେଇ ଗାଡ଼ି ମାଲିକ ରାଜେଶ କୁମାର ପଣ୍ଡା ଥାନାରେ ଅଭିଯୋଗ କରିବାରୁ ପୋଲିସ ସିସିଟିଭି ଫୁଟେଜରୁ ଚିହ୍ନଟ କରି ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମଗିରି ଓ ଅନ୍ୟ ଜଣଙ୍କୁ ଖୋର୍ଦ୍ଧାରୁ ଗିରଫ କରିବାରେ ସକ୍ଷମ ହୋଇଥିଲା ।

# 'ନାରୀ ଶିକ୍ଷାର ପ୍ରସାର କରିଥିଲେ ଆଚାର୍ଯ୍ୟ ହରିହର'

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ହରିହର ଦାସଙ୍କ ୫୨ତମ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଯୋଗଦେଇ ବକ୍ତାମାନେ କହିଛନ୍ତି, ହରିହର ପଞ୍ଚସଖା ଯୁଗର ଅନ୍ୟତମ ସାଧକ। ସେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହଯୋଗୀ ଭାବେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ପରବର୍ତ୍ତୀ ଅବସ୍ଥାରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କଦ୍ୱାରା ଲିଖିତ 'ଚାଇଲ୍ଡ୍ ଇଜି ଫାଷ୍ଟ ଗ୍ରାମାର' ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସବୁସମୟରେ ଇଂଲିଶ ଶିକ୍ଷାରେ ସହଯୋଗ କରିଆସିଛି। ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସହ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସେ ଜନମାନସରେ ପ୍ରଚାର ଓ ପ୍ରସାର କରିବାରେ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । ଦେଶ ସ୍ୱାଧୀନତା ପରେ ନିର୍ବାଚନ ପ୍ରକ୍ରିୟା ରାଜନୀତିରୁ ଦୂରେଇ ରହି ସର୍ବୋଦୟ ଆନ୍ଦୋଳନ, ଭୂଦାନ କାର୍ଯ୍ୟ କରିବା ସହ ନାରୀଶିକ୍ଷାର ଉନ୍ନତି ପାଇଁ ଆଜୀବନ କାର୍ଯ୍ୟ କରିଥିଲେ। ଅତିଥି ଭାବେ ଡ. ମିହିର ପଟ୍ଟନାୟକ, ଭାଗବତ ପ୍ରସାଦ ଦାସ, ଆଡ୍‌ଭୋକେଟ୍ ସିଦ୍ଧାର୍ଥ ଦାସ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂହ ପ୍ରମୁଖଙ୍କୁ ଆଚାର୍ଯ୍ୟ ହରିହର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

### ମାତୃଭାଷା ବିଲୟ ହେବାରୁ ମା' ରୋକିପାରିବେ

ଭୁବନେଶ୍ୱର,୨୧।୨(ବ୍ୟୁରୋ): ମାଆମାନେ ନିଜ ପିଲାଙ୍କୁ ମାତୃଭାଷା ଠିକ୍ ଭାବରେ ବୁଝାଇବା ଆବଶ୍ୟକ। ପିଲାମାନଙ୍କୁ ମାତୃଭାଷା ଶିକ୍ଷାଦାନ ପରେ ଗୁରୁତ୍ୱ ଦିଆଯାଉ। ଏ ନେଇ ମଙ୍ଗଳବାର ବିଶ୍ୱ ମାତୃଭାଷା ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଦିବସ ପାଳନ ଅବସରରେ ଅନୁରୋଧ କରାଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ସମ୍ମିଳନୀର ସଭାପତି ବିଭୂତି ମିଶ୍ର ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଏହି ବୈଠକରେ ସମ୍ମିଳନୀର ଉପ ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, କୋଷାଧ୍ୟକ୍ଷ ସୌଦାମିନୀ ସାମନ୍ତରାୟ, ଶାଖା ଯୁଗ୍ମ ସମ୍ପାଦକ ଅକ୍ଷୟ ଜେଠୀ, କମାଣ୍ଡ ନନ୍ଦ କିଶୋର ସାମଲ , ରଶ୍ମିପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦର ୧୫ ଦଫା ଦାବି

ଭୁବନେଶ୍ୱର,୨୧।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ପରିଷଦର ସଭାପତି ଓ ଅନ୍ୟମାନେ।

ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦ ପକ୍ଷରୁ ପାରମ୍ପରିକ ଲୋକକଳା ଯୋଜନାକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ୧୫ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଛି। ଗତ ୮ ତାରିଖରେ ଏନେଇ ଦାବି ପତ୍ର ପ୍ରଦାନ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ସରକାରଙ୍କ ନିକଟରୁ କୌଣସି ଉତ୍ତର ମିଳି ନାହିଁ। ତେବେ ମାର୍ଚ୍ଚ ୮ ତାରିଖ ପୂର୍ବରୁ ଦାବି ପୂରଣ କରା ନ ଗଲେ କଳାକାରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପରିଷଦର ସଭାପତି ତ୍ରିମନ ମାଝୀ ସୂଚନା ଦେଇଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତିଙ୍କ ସହ ଖୋର୍ଦ୍ଧା ଜିଲା ସଭାପତି କୁମୁଦ ଚନ୍ଦ୍ର ବେହେରା, ଢେଙ୍କାନାଳ ଜିଲା ସଭାପତି ଅଶୋକ ସାମଲ, ରାୟଗଡ଼ା ଜିଲା ସଭାପତି ସନ୍ତୋଷ ତାଣ୍ଡି, ନୂଆପଡ଼ା ଜିଲା ସଭାପତି ବଳରାମ ସୁରୀ ପ୍ରମୁଖ ଯୋଗଦେଇ ସଂଗଠନର ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ତର୍ଜାତୀୟ ସଂସ୍ଥା ୟୁନିସେଫ୍ ପକ୍ଷରୁ ପୂର୍ବରୁ ଲୋକକଳା ସଙ୍ଘର ବିକାଶ ପାଇଁ ଆର୍ଥିକ, ବୈଷୟିକ ଓ ମାନବ ସମ୍ବଳ ପ୍ରଦାନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ, କଳାକାରଙ୍କ ପାଇଁ ୨୦୦ରୁ ୩୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା ସହ ବର୍ଷକୁ ସର୍ବନିମ୍ନ ୧୦୦ରୁ ୧୫୦ ଦିନ କାର୍ଯ୍ୟ ପ୍ରଦାନ, କଳାକାର ଭତ୍ତା ବୃଦ୍ଧି ଆଦି ୧୫ ଦଫା ଦାବି ରହିଛି। ତେବେ ତୁରନ୍ତ ଦାବି ପୂରଣ ନ କଲେ ପାରମ୍ପରିକ ବେଶ ପୋଷାକରେ ପାରମ୍ପରିକ ବାଦ୍ୟ ଯନ୍ତ୍ର ସହ କଳାକାର ବିଧାନସଭା ଘେରିବେ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଆରମ୍ଭ ଦାବି

**ଜିଲାପାଳଙ୍କୁ ଜଣାଇଲା ସେବା ପ୍ରତିନିଧି ସଂଘ**

ପୁରୁଣା ଭୁବନେଶ୍ୱର,୨୧।୨(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜଙ୍କ ୯୦୦ ବର୍ଷର ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରାରେ ୯ବର୍ଷ ହେବ ପୂର୍ଣ୍ଣଚ୍ଛେଦ ପଡ଼ିଛି। କପିଳେଶ୍ୱର ମନ୍ଦିରରେ ମଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ପାଇଁ ଏହି ବିଭ୍ରାଟ ଘଟିଥିବା କୁହାଯାଉଛି। କପିଳେଶ୍ୱର ମନ୍ଦିରରେ କେଉଁ ସେବାନୀତି ରହିଛି, ତାହା ଅଦ୍ୟାବଧି ମନ୍ଦିର ପ୍ରଶାସନ କିମ୍ବା ପରିଚାଳନା କମିଟି ପାଖରେ ତଥ୍ୟ ନ ଥିବା ଜଣାପଡ଼ିଛି। ଲିଙ୍ଗରାଜଙ୍କ ଜାଗର ଯାତ୍ରା ଯିବାର ପ୍ରଥମ ଶନିବାର ଶ୍ରୀଜୀଉ କପିଳେଶ୍ୱର ମନ୍ଦିର ଯାତ୍ରା କରିଥାନ୍ତି। ସେଠାରେ ଭେଟଆଳତି, ଅନ୍ୟାନ୍ୟ ପୂଜାନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହା ଆବହମାନ କାଳରୁ ପ୍ରଚଳିତ ରହିଛି। ତେବେ ୯ ବର୍ଷ ପୂର୍ବେ ମଲ୍ଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ମନ୍ଦିର ପ୍ରଶାସନ ସମାଧାନ କରିବାରେ ବିଫଳ ହେବାରୁ ଠାକୁରଙ୍କ ହାଣ୍ଡିଭଙ୍ଗା ଯାତ୍ରା ପୁନଃ କାର୍ଯ୍ୟକାରୀ ହେବାରେ ସୁଧାର ଆସିପାରୁନାହିଁ। ଇତିମଧ୍ୟରେ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଉଚ୍ଚ ନ୍ୟାୟାଳୟ ଉଭୟ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଆଣି ତୁରନ୍ତ ଠାକୁରଙ୍କ ପରମ୍ପରା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ଏହାକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନ ବିଫଳ ହୋଇଛି। ଫଳରେ ବିଗତ ବର୍ଷମାନଙ୍କରେ ଠାକୁରଙ୍କ ବୀରକିଶୋରୀ ବଲ୍ଲଭ ପରେ ନୀତି ବନ୍ଦ ହେଉଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ମଧ ହାଣ୍ଡିଭଙ୍ଗା ଯାତ୍ରା କରିବାକୁ ସେବା ପ୍ରତିନିଧି ସଙ୍ଗଠନ ପକ୍ଷରୁ ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଥିଲା। ମଙ୍ଗଳବାର ଅନୁରୂପ ଭାବେ ପୂଜାପଣ୍ଡା ନିଯୋଗ ପକ୍ଷରୁ ଶ୍ରୀଲିଙ୍ଗରାଜ ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୁନଃ ନୀତି ବିଭ୍ରାଟ ହେଲେ ନିଯୋଗ ଦାୟୀ ରହିବ ନାହିଁ ବୋଲି ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।

# କ୍ଷୁଦ୍ର ଚଳଚ୍ଚିତ୍ର ବାୟୋସ୍କୋପ୍ ଉଦ୍‌ଘାଟିତ

ପୁରୀ ଅଫିସ,୨୧।୨

ପୁରୀ ପିଙ୍କ୍‌ହାଉସ ନିକଟ ବେଳାଭୂମିରେ ମଙ୍ଗଳବାର ୨୦ତମ କ୍ଷୁଦ୍ର ଚଳଚ୍ଚିତ୍ର ବାୟୋସ୍କୋପ୍ ଉଦ୍‌ଘାଟିତ ହୋଇଛି। ଦେଶର ବିଭିନ୍ନ ସ୍ଥାନରୁ ବିଭିନ୍ନ ପ୍ରକାରର ୬୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଚଳଚ୍ଚିତ୍ର ଏଠାରେ ସ୍କ୍ରିନିଂ କରାଯିବ। ଉତ୍ସବରେ ଅତିଥି ଭାବେ ବଙ୍ଗାଳି ଅଭିନେତ୍ରୀ କୋମଲିକା ଏବଂ ସମ୍ମାନିତ ଅତିଥି ଭାବେ ଉନିକା ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କ୍ଷୁଦ୍ର ଚଳଚ୍ଚିତ୍ର ବାୟୋସ୍କୋପ୍ କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ବ ପ୍ରଦର୍ଶିତ ହେବ। ବର୍ତ୍ତମାନ ସୁଦ୍ଧା ୩୦ରୁ ଅଧିକ ଚଳଚ୍ଚିତ୍ର ପହଞ୍ଚିଥିବା ବେଳେ ପ୍ରଦର୍ଶନୀରେ ୬୦ରୁ ଅଧିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର ସମ୍ଭାବନା ରହିଥିବା ଆୟୋଜକମାନେ ସୂଚନା ଦେଇଛନ୍ତି। ପ୍ରଦଶନୀରେ ବେଙ୍ଗଲୀ, ହିନ୍ଦୀ, ଇଂଲିଶ୍, ମରାଠୀ ଏବଂ ଓଡ଼ିଆ ଆଦି ଭାଷାର ବିଭିନ୍ନ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ଟାରୁ ରାତି ୧୨ ଟା ୪୦ ପର୍ଯ୍ୟନ୍ତ ୪ଟି ଶୋ'ରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ଚଳଚ୍ଚିତ୍ର ସଂଖ୍ୟା ବଢେ ତେବେ ଅବଧି ବଢାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ତେବେ କୋଭିଡ୍ ପରେ ଏହା ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର ଫେଷ୍ଟିଭାଲ୍ ପୁରୀରେ ଅନୁଷ୍ଠିତ ହେଉଛି। ଯେ କୌଣସି ବ୍ୟକ୍ତି ଏଠି ଚଳଚ୍ଚିତ୍ର ଦେଖାଇପାରିବେ। ଏହି ଚଳଚ୍ଚିତ୍ରଗୁଡିକ ପୁରୀର ସମୁଦ୍ରକୂଳରେ ନିର୍ମିତ ତମ୍ବୁରେ ପ୍ରଦର୍ଶିତ ହେବ। ପ୍ରଥମ ଦିନରେ ବଙ୍ଗାଳୀ ଫିଲ୍ମ ସତ୍ୟଜିତ୍ ରାୟଙ୍କ ଜଳସାଗର ପ୍ରଦର୍ଶନ ହୋଇଥିଲା। ଏହି ଉତ୍ସବ ପାଳନ ପାଇଁ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦୦ ପ୍ରତିନିଧି ଆସୁଛନ୍ତି। ସାମ୍ପ୍ରତିକ ସଂସ୍କରଣରେ ଯେକୌଣସି ଇଚ୍ଛୁକ ବ୍ୟକ୍ତି ଚାହିଁଲେ ନିଜର ନୃତ୍ୟ, ଗୀତ ବିଭିନ୍ନ ପ୍ରକାର ଆଲୋଚନା ଓ ସାହିତ୍ୟ ଆସରା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରିପାରିବ ବୋଲି ଆୟୋଜକ ପ୍ରକାଶ କହିଛନ୍ତି। ବାୟୋସ୍କୋପ୍‌ର ଗତ ସଂସ୍କରଣରେ ୧୦ ହଜାରରୁ ଅଧିକ ପ୍ରତିନିଧି ଏବଂ ୩୫୦୦ଚଳଚ୍ଚିତ୍ର ନିର୍ମାତା ଅଂଶଗ୍ରହଣ କରିଥିବା ବେଳେ ଚଳିତବର୍ଷ ୪୦୦ ପ୍ରତିନିଧି ଏହି ଉତ୍ସବରେ ଯୋଗଦେଇଛନ୍ତି।



ଫିଲ୍ମ ଫେଷ୍ଟିଭାଲରେ ବଙ୍ଗାଳୀ ଫିଲ୍ମ ଜଳସାଗରର ଏକ ଦୃଶ୍ୟ।

## ସଂକ୍ଷେପରେ

### ସୁନାଚେନ୍ ପାଇ ଫେରାଇଲେ ସ୍ୱଚ୍ଛସାଥି ପୂଜା: ସମ୍ବର୍ଦ୍ଧିତ କଲା ବିଏମ୍‌ସି

ଭୁବନେଶ୍ୱର, ୨୧।୨(ବ୍ୟୁରୋ)- ଏବେ ବି ସମାଜରେ ସାଧୁତା ଦେଖିବାକୁ ମିଳୁଛି। ଅଭାବ ଅନଟନ ମଣିଷପଣିଆକୁ ସମ୍ପୂର୍ଣ୍ଣରୂପେ ମାରିପାରିନାହିଁ, ଯାହାର ଏକ ଉଦାହରଣ ସାଜିଛନ୍ତି ବିଏମ୍‌ସିର ସ୍ୱଚ୍ଛସାଥି ପୂଜା ସିଂହ। ଚନ୍ଦ୍ରଶେଖରପୁରସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରେ ପୂଜା କାମ କରୁଥିବାବେଳେ ଅଳିଆ ଭିତରୁ ୬ରୁ ୭ ଭରି ଓଜନର ଏକ ସୁନାଚେନ୍ ପାଇଥିଲେ। ଏହି ଚେନ୍‌କୁ ନିଜ ପାଖରେ ନ ରଖି ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପରେ ତଦନ୍ତ କରି ସୁନାଚେନ୍‌ଟିକୁ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି। ତାଙ୍କର ଏଭଳି କାର୍ଯ୍ୟ ପାଇଁ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଘଟଣା ଅନୁଯାୟୀ, ଶୈଳଶ୍ରୀବିହାର ଜିଏ କଲୋନୀର ବାସିନ୍ଦା ହେଉଛନ୍ତି ବିଭୂତି ଭୂଷଣ ସେଠୀ। ଜାଗର ଦିନ ବିଭୂତିଙ୍କ ମା'ଙ୍କର ଶ୍ରାଦ୍ଧବାର୍ଷିକୀ ଥିଲା। ଏଥିପାଇଁ ଘରେ ପୂଜା ହୋଇଥିଲା। ବିଭୂତି ରାତିରେ ଶୋଇବାବେଳେ ସୁନାଚେନ୍‌ଟିକୁ ବେକରୁ କାଢି ମା'ଙ୍କ ଫଟୋ ପାଖରେ ରଖି ଦେଇଥିଲେ। ପରଦିନ ସକାଳେ ଫଟୋ ପାଖରେ ଗଦା ହୋଇଥିବା ଫୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ଚେନ୍‌ଟିକୁ ନେଇ ସେ ଘର ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ପରେ ଡଷ୍ଟବିନ୍‌ରୁ ଅଳିଆ ବିଏମ୍‌ସି ସଫେଇ ଗାଡ଼ି ଏବଂ ଚନ୍ଦ୍ରଶେଖରପୁରସ୍ଥିତ ଏମ୍‌ସିସିକୁ ଯାଇଥିଲା। ବିଭୂତି ଚେନ୍ ପିନ୍ଧିବା ପାଇଁ ଖୋଜିବାବେଳେ ଭୁଲବଶତଃ ଅଳିଆ ସମେତ ଚେନ୍‌ଟିକୁ ଡଷ୍ଟବିନ୍‌ରେ ପକାଇଦେଇଥିବା ଜାଣିଥିଲେ। ପରେ ସମ୍ପୃକ୍ତ ଜୋନର ଜେଡିସି ପୁରନ୍ଦର ନନ୍ଦଙ୍କୁ ଏ ନେଇ ସୂଚନା ଦେଇଥିଲେ। ଏପଟେ ପୂଜା ଏମ୍‌ସିସିରେ ଅଳିଆ ପୃଥକୀକରଣ କରିବା ସମୟରେ ଏହି ଚେନ୍‌ଟିକୁ ପାଇଥିଲେ। ସେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ବିଭୂତିଙ୍କୁ ଯୋଗାଯୋଗ କରାଯାଇ ଚେନ୍‌ଟି ଫେରାଇ ଦିଆଯାଇଛି। ପୂଜାଙ୍କର ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ମେୟର, କମିଶନର, ଅତିରିକ୍ତ କମିଶନର ଏବଂ ଅନ୍ୟ ଅଧିକାରୀମାନେ ସମ୍ବର୍ଦ୍ଧିତ କରିବା ସହ ସାଧୁବାଦ ଜଣାଇଥିଲେ।

### ମେଧାବୀ ଛାତ୍ରଙ୍କ କୃତିତ୍ୱ

ବଡ଼ମ୍ବା,୨୧।୨(ଡି.ଏନ୍.ଏ. ) ବଡ଼ମ୍ବାର ଜଣେ ମେଧାବୀ ଛାତ୍ର ସହକାରୀ ପ୍ରାଧାପକ ଭାବେ ନିଯୁକ୍ତି ପାଇଛନ୍ତି। ସେ ହେଲେ କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ନିଜିଗଡ ବଡ଼ମ୍ବା ପଥୁରିଆ ସାହି ନିବାସୀ ନମିତା ରାଉତରାୟ ଓ ମିହିରଙ୍କ ପୁତ୍ର ସିଦ୍ଧାର୍ଥ ରାଉତରାୟ। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ସହକାରୀ ପ୍ରାଧାପକ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଛନ୍ତି। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ନୂତନ ବିଦ୍ୟାର୍ଥୀଙ୍କ ଅନୁସନ୍ଧାନ ପ୍ରଶିକ୍ଷଣ ଶିବିର

ବାରଙ୍ଗ,୨୧।୨(ଡି.ଏନ୍.ଏ.)- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ନୂତନ ବିଦ୍ୟାର୍ଥୀଙ୍କ ନିମନ୍ତେ ଅନୁସନ୍ଧାନ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି. ଆର୍. ଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ପ୍ରଥମେ ଗୁରୁପୂଜା ଏବଂ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆୟୁର୍ବେଦ ମହାବିଦ୍ୟାଳୟର ଡିନ୍ ପ୍ରଫେସର ଡା. ପ୍ରଦୀପ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରଫେସର ରଞ୍ଜିତା କୁଲକର୍ଣ୍ଣି ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ଦେବୀ ପ୍ରସାଦ ସାହୁ ବର୍ତ୍ତମାନର ଯୁଗ ଆୟୁର୍ବେଦର ବୋଲି ମତବ୍ୟକ୍ତ କରିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ନୂତନ ବିଦ୍ୟାର୍ଥୀଙ୍କୁ ଅନୁସନ୍ଧାନ ଭିତ୍ତିକ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଜନ ସମ୍ପର୍କ ଅଧିକାରୀ ଓ ମାନବ ସଂସାଧନ ମୁଖ୍ୟ ପ୍ରଫେସର ବିଜୟ ଲକ୍ଷ୍ମୀ ମହାନ୍ତି ବିଶ୍ୱରେ ଆୟୁର୍ବେଦରେ ଆଦର ଓ ଲୋକପ୍ରିୟତା ବୃଦ୍ଧି ବିଷୟ ସହ ଛାତ୍ରୀଛାତ୍ରଙ୍କ ଦାୟିତ୍ୱବୋଧ ବିଷୟରେ ଉପଦେଶ ଦେଇଥିଲେ। ଡାଇରେକ୍ଟର ଅପରେସନ ଗୌରବ ବର୍ମା ଆମ ସଂସ୍କୃତି ସହ ଆୟୁର୍ବେଦର ସମ୍ପର୍କ ବିଷୟରେ ସୂଚନା ଦେଇଥିଲେ। ଆଡମିଶନ ଡାଇରେକ୍ଟର ଡା. ମଳୟ ମଲ୍ଲ ଛାତ୍ରୀଛାତ୍ରଙ୍କୁ ପାଠପଢାରେ ମନୋନିବେଶ କରି ବିଶ୍ୱବିଦ୍ୟାଳୟର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ଡା. ନଗେନ୍ଦ୍ର ପ୍ରସାଦ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡା. ଅମରେଶ କର ଓ ଡା. ପ୍ରିୟାଞ୍ଜୁ ତ୍ରିପାଠୀ ପରିଚାଳନା କରିଥିଲେ। ଡା. ପଲ୍ଲବୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ପୁରାତନ ବର୍ଷର ଛାତ୍ରୀଛାତ୍ର କେ. ଆର. ସନ୍ତୋଷିନୀ, ଅଙ୍କିତା ମହାନ୍ତି, ସୌମ୍ୟା ମେହେର, ସୃଷ୍ଟି ରାଜ, ପୁନମ ପ୍ରୀତି ନାୟକ, ତନିଶୀ ମହାପାତ୍ର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ଗୁଣାତ୍ମକ ଶିକ୍ଷା ପାଇଁ ପଦକ୍ଷେପ ନିଅ'

**ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା**

ଭୁବନେଶ୍ୱର, ୨୧।୨(ବ୍ୟୁରୋ)


ଦକ୍ଷତା ବିକାଶ କର୍ମଶାଳାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ।

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷମାନଙ୍କ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର କୃଷି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଅଧ୍ୟକ୍ଷମାନେ ନିଜ ବିଦ୍ୟାଳୟର ପ୍ରତ୍ୟେକ ବିଷୟର ଫଳାଫଳ ନିୟମିତ ସମୀକ୍ଷା କରିବା ସହ ଗୁଣାତ୍ମକ ଶିକ୍ଷା ପାଇଁ ପଦକ୍ଷେପ ନେବା ଓ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଓ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଅଧ୍ୟକ୍ଷମାନଙ୍କ କର୍ତ୍ତବ୍ୟ ଉପରେ ସେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ଅଧ୍ୟକ୍ଷମାନଙ୍କ ପାଇଁ ଏକ ଆହ୍ୱାନ। ସେମାନେ ବ୍ଲକରେ ଥିବା ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ସହ ସମନ୍ୱୟ ରଖି ଆସନ୍ତା ଶିକ୍ଷାବର୍ଷ ଆରମ୍ଭରେ ନାମଲେଖା ଅଭିଯାନ ପାଇଁ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୨ ଶିକ୍ଷାବର୍ଷ ପରୀକ୍ଷାରେ ଧନ୍ଦାମୂଳକ ଶିକ୍ଷାରେ ବିଭିନ୍ନ ଟ୍ରେଡ୍‌ରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ସମ୍ପର୍କରେ ନିର୍ଦ୍ଦେଶକ ରଘୁରାମ ଆୟାର ଆଲୋକପାତ କରିଥିଲେ।

ଏହି ଅବସରରେ ସମଗ୍ର ଶିକ୍ଷା ଓ ଷ୍ଟାର୍ସ ମାଧ୍ୟମରେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ, ୧୭୪ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ପୁନର୍ବିନ୍ୟାସ ଓ ଅନୁଦାନର ସୁବିନିଯୋଗ ଉପରେ ଆଲୋଚନା ହୋଇଥିଲା। ଏହି ବିଦ୍ୟାଳୟ ଗୁଡ଼ିକୁ କିପରି ସୁଦୃଢ଼ କରାଯାଇପାରିବ ଏବଂ ଛାତ୍ରୀଛାତ୍ରମାନେ ବିଭିନ୍ନ କର୍ମସଂସ୍ଥାନରେ ଯୋଗଦେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଅଧ୍ୟକ୍ଷମାନେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ୟୁନିସେଫ୍‌ର ଯଶୋବନ୍ତ ଶିଙ୍ଘାଲ ଓଡ଼ିଶା କ୍ୟାରିୟର ପୋର୍ଟାଲକୁ ଛାତ୍ରୀଛାତ୍ର କିପରି ଲଗ୍‌ଇନ କରିବେ ସେନେଇ ତାଲିମ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଉଦୟନାଥ ଦାଶ ନେତୃତ୍ୱ ବିକାଶ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ରାଜ୍ୟର ୨୩୧ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ମଧ୍ୟରୁ ପ୍ରଥମ ଦିବସରେ ୧୧୬ ଅଧ୍ୟକ୍ଷ ଉପସ୍ଥିତ ଥିବାବେଳେ ଦ୍ୱିତୀୟ ଦିବସରେ ଅବଶିଷ୍ଟ ୧୧୫ ଜଣ ଅଧ୍ୟକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ୭ ଦିନିଆ ଭ୍ରମଣରେ ଯିବେ ୧୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଭାରତ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ**

ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ପାଇଁ ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ଭାରତ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ତରର ଏହି ପରିଭ୍ରମଣ କାର୍ଯ୍ୟକ୍ରମରୁ ଯୁବସ୍ୱେଚ୍ଛାସେବୀ ଓ ଅଧିକାରୀଗଣ ସକାରାତ୍ମକ ଅନୁଭୂତି ସଂଗ୍ରହ କରି ଭବିଷ୍ୟତରେ ସମାଜସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ୧,୨୪,୧୦୦ ଛାତ୍ରୀଛାତ୍ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ 'ମୋ କଲେଜ ଅଭିଯାନ'ର ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ସ୍ୱେଚ୍ଛାସେବୀମାନେ ନିଜ ଅନୁଭୂତିକୁ ଲିପିବଦ୍ଧ କରି ଆଗାମୀ ଦିନରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଉଚ୍ଚଶିକ୍ଷା ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ସଫଳ ହେଲେ ଆଗାମୀ ବର୍ଷରେ ଏହାକୁ ଅଧିକ ବ୍ୟାପକ କରାଯିବ। ଏହି ପରିଭ୍ରମଣ ଅବସରରେ ସ୍ୱେଚ୍ଛାସେବୀମାନେ ଦେଶର ବିଭିନ୍ନ ସହର ପରିକ୍ରମା କରିବା ସହିତ ଐତିହ୍ୟ, ପରମ୍ପରା ସମ୍ପର୍କରେ ଅବଗତ ହୋଇ ସଂସ୍କୃତି ସହିତ ଅଧିକ ଯୋଡ଼ି ହୋଇପାରିବେ ବୋଲି ସଚିବ ଆଶାବ୍ୟକ୍ତ କରିଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ ଏହି ୭ ଦିନର ଭ୍ରମଣ ଦ୍ୱାରା ସ୍ୱେଚ୍ଛାସେବୀମାନେ ନିଜ ନିଜ ସମସ୍ୟାର ସମାଧାନ କରି ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚିବାକୁ ଦେବାର କଳା ଶିଖିପାରିବେ ବୋଲି କହିଥିଲେ।

# କାରଖାନା ସମ୍ମୁଖରେ ଆମରଣ ଅନଶନ

ଖୁଣ୍ଟୁଣୀ, ୨୧।୨(ଡି.ଏନ୍.ଏ.)

**ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ବିଫଳ**

ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁରଠାରେ ସ୍ଥାପିତ ଟାଟା ଷ୍ଟିଲ ମାଇନିଂ ଲିଃର ସ୍ଥାୟୀ କର୍ମଚାରୀ ବିପିନ ବେହେରାଙ୍କୁ ଗତବର୍ଷ ମେ' ୨୦ରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହାକୁ ବିରୋଧକରି ମଙ୍ଗଳବାର ବିପିନ ପରିବାର ସଦସ୍ୟଙ୍କ ସହ କାରଖାନା ମୁଖ୍ୟ ଫାଟକ ଆଗରେ ଅନଶନରେ ବସିଛନ୍ତି। ବିପିନଙ୍କୁ ବୁଝାଇବା ପାଇଁ ଖୁଣ୍ଟୁଣୀ ପୋଲିସ ଓ କାରଖାନା କର୍ତ୍ତୃପକ୍ଷ ଚେଷ୍ଟା କରି ବିଫଳ ହୋଇଛନ୍ତି।

କାରଖାନାକୁ ଉଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ଆସିବା ଓ ରାସ୍ତା ନିର୍ମାଣ ପାଇଁ ବିପିନ ସୀମିତ କ୍ଷତିପୂରଣ ନେଇ ଜମି ଯୋଗାଇ ଦେଇଥିଲେ। ପରେ କାରଖାନା କର୍ତ୍ତୃପକ୍ଷ ମଧ୍ୟ ବିପିନଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ବିପିନ ଅନନ୍ତପୁର ଗ୍ରାମ କମିଟି ସଭାପତି ହେବାରୁ କାରଖାନା କର୍ତ୍ତୃପକ୍ଷ କାରଖାନାରେ ବିପିନଙ୍କୁ ବିଭିନ୍ନ ବିଭାଗକୁ ବଦଳି କରିଥିଲେ। ପରେ



ବିପିନଙ୍କ ପରିବାର ଲୋକେ ଧାରଣାରେ ବସିଛନ୍ତି।

ଉଦ୍ଦେଶ୍ୟମୂଳକ ଭାବେ ଗଞ୍ଜାମର ଗୋପାଳପୁରକୁ ବଦଳି କରିଥିଲେ। ହେଲେ ବିପିନ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିବାରୁ ଗୋପାଳପୁର ଯିବାକୁ ଅନିଚ୍ଛା ପ୍ରକାଶ କରି କାରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଫଳରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ପରେ ତାଙ୍କୁ କାରଖାନା କର୍ତ୍ତୃପକ୍ଷ ଚାକିରିରେ ପୁନଃ ଅବସ୍ଥାପିତ କଲେ ନାହିଁ। ଏଣୁ ସେ ବାଧ ହୋଇ କାରଖାନା ମୁଖ୍ୟ ଫାଟକ ଆଗରେ ଆମରଣ ଅନଶନ କରିବେ ବୋଲି ଗତ ୧୦ ତାରିଖରେ ଜିଲାପାଳ, ଉପଜିଲାପାଳ, କାରଖାନା କର୍ତ୍ତୃପକ୍ଷ, ଜିଲା ଶ୍ରମ ବିଭାଗ, ଖୁଣ୍ଟୁଣୀ ପୋଲିସକୁ ଲିଖିତ ଭାବେ ଜଣାଇଥିଲେ। ସୋମବାର ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆଙ୍କ ଉଦ୍ୟମକ୍ରମେ ଉପଜିଲାପାଳ ନିଜ କାର୍ଯ୍ୟାଳୟରେ କାରଖାନାର ମାନବ ସମ୍ବଳ ଅଧିକାରୀ ଜୟନ୍ତ କୁମାର ନନ୍ଦଙ୍କୁ ଡକାଇ ବିପିନଙ୍କୁ ପୁନଃ ନିଯୁକ୍ତି ଦେବାକୁ କହିଥିଲେ। ହେଲେ ଏଥିରେ ନନ୍ଦ ଅରାଜି ହେବାରୁ ଆଲୋଚନା ବିଫଳ ହୋଇଥିଲା। କୌଣସି ଉପାୟ ନ ପାଇ ବିପିନ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ ନନ୍ଦ କହିଛନ୍ତି, ବିପିନଙ୍କୁ ଚାକିରିରୁ ଛଟେଇ କିମ୍ବା ବାହାର କରିବାର କୌଣସି ଯୋଜନା କାରଖାନା ପକ୍ଷରୁ କରାଯାଇନାହିଁ। ତାଙ୍କୁ ଟ୍ରେନିଂରେ ଗୋପାଳପୁର ଯିବା ପାଇଁ କୁହାଯାଇଥିଲା। ହେଲେ ସେ ଏଥିରେ ଅରାଜି ହୋଇଥିଲେ। ତଥାପି କାରଖାନା ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ନନ୍ଦ କହିଛନ୍ତି।

# ଏଡିଏମ୍‌ଙ୍କ ଦ୍ୱାରସ୍ଥ ହେଲେ ଅଧ୍ୟାପକ, କର୍ମଚାରୀ

## ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ, ସଚିବଙ୍କୁ ଚିଠି ଲେଖିଲେ

କଟକ ଅଫିସ,୨୧।୨

**ସିଟି କଲେଜରେ ବଢୁଛି ବିବାଦ**

ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ଅଧ୍ୟକ୍ଷ ଓ ଅଧ୍ୟାପକ, କର୍ମଚାରୀଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ, ମଙ୍ଗଳବାର ପ୍ରାୟ ୫୦ଜଣ ଅଧ୍ୟାପକ ଏବଂ କର୍ମଚାରୀ କଟକ ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି କି ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ ଏବଂ ସଚିବ ବିଷ୍ଣୁପଦ ସେଠୀଙ୍କୁ ପତ୍ର ଲେଖିଛନ୍ତି। ଅଧ୍ୟକ୍ଷ ଜଣେ ଅବସରପ୍ରାପ୍ତ କିରାଣୀଙ୍କ ସହଯୋଗରେ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ କାଗଜପତ୍ରକୁ ନଷ୍ଟ କରୁଛନ୍ତି। ଏଥିସହିତ ଦୀର୍ଘବର୍ଷ ହେବ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ଜୀବିକା ଓ ଚାକିରିରେ ଅସୁବିଧା ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ମଙ୍ଗଳବାର ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଉକ୍ତ ଅବସରପ୍ରାପ୍ତ କିରାଣୀଙ୍କୁ ଅଧ୍ୟାପକ ଓ କର୍ମଚାରୀମାନେ ଦେଖିବାରୁ ତାଙ୍କୁ ପୁର୍ନବାର କଲେଜକୁ ଆସିବାକୁ ବାରଣ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ଦେଖିବାକୁ ମିଳିଥିଲା। ଉକ୍ତ କିରାଣି ଯିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏହାର ପ୍ରତିବାଦ କରି ଅଧ୍ୟାପକ ଏବଂ କର୍ମଚାରୀମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଥିଲେ। ଏନେଇ କଲେଜ ଅଧ୍ୟକ୍ଷଙ୍କୁ ପଚରାଯିବାରେ ସେ କୌଣସି ମତ ଦେବାକୁ ମନା କରିଦେଇଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୨୧।୨(ସ୍ୱ.ପ୍ର.)



କଟକ ଜିଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ମଙ୍ଗଳବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ରଞ୍ଜନ ପ୍ରଧାନଙ୍କ ସ୍ତ୍ରୀ ଲିଜାମ୍ବିନୀ (୨୪)। ଅପରପକ୍ଷେ ତାଙ୍କୁ ହତ୍ୟା କରାଯାଇଛି ବୋଲି ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୦ରେ ଏହି ଥାନା ଅନ୍ତର୍ଗତ ପୋଡାମରାଇ ପଞ୍ଚାୟତର ଏରକଣା ଗ୍ରାମର ସୁନାକର ନାୟକଙ୍କ ଝିଅ ଲିଜାମ୍ବିନୀଙ୍କ ସହ ରଞ୍ଜନଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହର ଏକ ବର୍ଷ ପରେ ଲିଜାମ୍ବିନୀଙ୍କ ଏକ ଶିଶୁ କନ୍ୟା ଜନ୍ମ ହୋଇ ମୃତ୍ୟୁ ଘଟିଥିଲା । ଏହାପରଠାରୁ ସ୍ୱାମୀ ଓ ଶାଶୁଘର ଲୋକେ ଲିଜାମ୍ବିନୀଙ୍କ ସହ ଭଲ ସମ୍ପର୍କ ରଖୁ ନ ଥିଲେ। ଛୋଟ ବଡ଼ ସମସ୍ୟାକୁ ନେଇ ବାରମ୍ବାର କଳିଝଗଡା ବାରମ୍ବାର ହେଉଥିଲା। ଲିଜାମ୍ବିନୀଙ୍କ ବାପା ବହୁ ସମୟରେ ଏହାର ଆପୋସ ସମାଧାନ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସୋମବାର ଝିଅଠାରୁ ଫୋନ ପାଇ ସୁନାକର ତାଙ୍କ ଶାଶୁ ଘରେ ପହଞ୍ଚି ଏଭଳି ଏକ ବିବାଦର ସମାଧାନ କରାଇ ରାତିରେ ଘରକୁ ଫେରିଥିଲେ । ସକାଳୁ ଲିଜାମ୍ବିନୀଙ୍କ ଦେହ ଖରାପ ଥିବା ନେଇ ତାଙ୍କ ଶ୍ୱଶୁର ସୁନାକରଙ୍କୁ ଫୋନ ଯୋଗେ ଜଣାଇବା ସହ ତୁରନ୍ତ ଆସିବାକୁ କହିଥିଲେ। ଏହାପରେ ସୁନାକର ସେଠାରେ ପହଞ୍ଚିବାବେଳକୁ ଝିଅକୁ ମୃତ ଅବସ୍ଥାରେ ପାଇଥିଲେ। ତାଙ୍କୁ ହତ୍ୟା କରିବା ପରେ ଶାଶୁଘର ଲୋକେ ରଶିରେ ଝୁଲାଇ ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ସୁନାକର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଭଦ୍ରେଶ୍ୱର ପୋଲିସ ଘଟଣାସ୍ଥଳରେ ଅନୁସନ୍ଧାନକାରୀ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ପୋଲିସ ଥାନାରେ ମାମଲା (ନଂ. ୧୨/୨୩) ରୁଜୁ କରି ସ୍ୱାମୀ ରଞ୍ଜନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ଅଭ୍ୟାସଗତ ଅପରାଧୀ ଅମିତଙ୍କୁ ୩ ମାସ ତଡ଼ିପାର୍

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ଦୀର୍ଘ ୧୨ ବର୍ଷ ହେଲା ରାଜଧାନୀରେ ବିଭିନ୍ନ ଅପରାଧ ଘଟାଉଥିବା ଅଭ୍ୟାସଗତ ଅପରାଧୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରସ୍ଥିତ କୁଞ୍ଜପାଟଣା ଗ୍ରାମର ଅମିତ ସ୍ୱରୂପ ମହାପାତ୍ର ଓରଫ ସିଦ୍ଧୁଲ (୩୦)ଙ୍କୁ କମିଶନରେଟ ପୋଲିସ ୩ମାସ ପାଇଁ ତଡ଼ିପାର୍ ନିର୍ଦ୍ଦେଶ ଦେଇଛି। ତଡ଼ିପାର କାହିଁକି କରା ନ ଯିବ ସେ ନେଇ ତାଙ୍କୁ ପୋଲିସ ପକ୍ଷରୁ ନୋଟିସ୍ କରାଯାଇଥିଲା। ହେଲେ ସେ କମିଶନରେଟ ପୋଲିସ କାର୍ଯ୍ୟାଳୟରେ ହାଜର ହୋଇ ନ ଥିଲେ। ତେଣୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ-୨୦୦୩ର ଧାରା ୪୬(କ) ଅନୁସାରେ ଅମିତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲିଙ୍ଗରାଜ ଥାନା ଓ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଅଞ୍ଚଳରେ ସୋମବାର ରାତିଠାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ତାଙ୍କ ବିରୋଧରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ମଧ୍ୟ ସିଆର୍‌ପିସି-୧୧୦ ଧାରା ଲାଗୁ କରାଯାଇଛି। ଅମିତଙ୍କ ନାମରେ ଲିଙ୍ଗରାଜ ଥାନାରେ ୫ଟି ଓ ଏୟାରପୋର୍ଟ ଥାନାରେ ୪ଟି ମାମଲା ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଯୁବ ଖବରଦାତାଙ୍କୁ କରୋନା ସେବକ ସମ୍ମାନ


ଖବରଦାତା ରମେଶଚନ୍ଦ୍ର ସାହୁଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

ମାହାଙ୍ଗା,୨୧।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ସ୍ଥିତ ନଡ଼ିଆସାହାସପୁରଠାରେ ରବୀନ୍ଦ୍ରନାଥ ସାହୁ ସ୍ମୃତି କମିଟି ପକ୍ଷରୁ ଯୁବ ଖବରଦାତା ରମେଶ ଚନ୍ଦ୍ର ସାହୁଙ୍କୁ କରୋନା ସେବକ ସମ୍ମାନରେ ସମ୍ମାନିତ କରାଯାଇଛି । ପରିବେଶବିତ୍ ପି.ବି.ଏସ୍ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କବୟିତ୍ରୀ ଲବଙ୍ଗଲତା ରାଉତ , ମୁଖ୍ୟବକ୍ତା ଭାବେ ମାହାଙ୍ଗା ପ୍ରେସ୍ କ୍ଲବ ସଭାପତି ଖବରଦାତା ଦୀପକ କୁମାର ସାହୁ ,ସମ୍ମାନିତ ଅତିଥି ଭାବେ ଖବରଦାତା ଏକାଦଶୀ ସେଠୀ,ଖବରଦାତା ସତ୍ୟାନନ୍ଦ ମଲିକ ପ୍ରମୁଖ ଯୋଗଦେଇ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ଖବରଦାତା ସାହୁଙ୍କୁ ପୁଷ୍ପଗୁଚ୍ଛ ,ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ରମେଶ କୁମାର ପୃଷ୍ଟି ଅତିଥି ପରିଚୟ, ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ସାହୁ ବିବରଣୀ ପାଠ ଓ ଆଇନଜୀବୀ ଆଲୋକ ଜେନା ଧନ୍ୟବାଦ ଦେଇଥିଲେ। ଖବରଦାତା ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି,ଏହି ସମ୍ମାନର ଶ୍ରେୟ ତାଙ୍କ ମାତାପିତା ଓ ଶିକ୍ଷକମାନଙ୍କ ଯୋଗୁ ସମ୍ଭବ ହୋଇପାରିଛି । ତେଣୁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ସମାଜରେ ଘଟୁଥିବା ଘଟଣାବଳୀକୁ ଯେକୌଣସି ପରିସ୍ଥିତିରେ ନିର୍ଭୟ ସହକାରେ ପ୍ରକାଶ କରିବେ ବୋଲି କହିଥିଲେ ।

# ପୁଞ୍ଜିପତିଙ୍କ ହାତକୁ ଜାତୀୟ ସମ୍ପତ୍ତି ଟେକି ଦେଇଛନ୍ତି କେନ୍ଦ୍ର ସରକାର

କଟକ ଅଫିସ,୨୧।୨:

**ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ**



ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ଅନ୍ୟମାନେ।

ଅହେତୁକ ଦରଦାମ ବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା, ଆର୍ଥିକ ବିଶୃଙ୍ଖଳା, ନିମ୍ନଗାମୀ ଅର୍ଥନୀତି ସହ ଦେଶର ଶାସକ ଦଳ ହିଂସା, ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବାରେ ଲାଗିଛି। ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ କଂଗ୍ରେସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ତାହାକୁ ନିର୍ବାହ କରିବା ପାଇଁ ଦଳ ବଦ୍ଧପରିକର ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି। କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶକ୍ତିନଗରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାରକୁ ଜେନା ଟାର୍ଗେଟ କରିଥିଲେ। କେନ୍ଦ୍ର ସରକାର ଓ ଆଦାନୀ ମେଗା ସ୍କାମରେ ଜଡ଼ିତ ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟୀ ବ୍ୟବସାୟୀଙ୍କୁ ଦେଶର ସମ୍ପତ୍ତି ଏବଂ ବ୍ୟାଙ୍କରେ ଥିବା ଦେଶର କୋଟି କୋଟି ଜନସାଧାରଣଙ୍କ ସଞ୍ଚୟ ରାଶି ଓ ଏଲଆଇସି ଭଳି ସଂସ୍ଥାରେ ଥିବା ଜମା ବାବଦ ବହୁ କୋଟି ଟଙ୍କାର ପୁଞ୍ଜିକୁ ନିଜର କ୍ଷମତା ବଳରେ ଚାପ ପ୍ରୟୋଗ କରି ଆଦାନୀ ବ୍ୟବସାୟୀ ସାମ୍ରାଜ୍ୟକୁ ବୃଦ୍ଧି କରିବା ପାଇଁ ଦେଇଛନ୍ତି। ୨୦୧୪ ମସିହା ବେଳକୁ ଗୌତମ ଆଦାନୀଙ୍କର ସ୍ଥାନ ବିଶ୍ୱ ଧନୀ ତାଲିକାରେ ୬୦୯ ଥିଲା। ତାଙ୍କ କମ୍ପାନୀର ସମୁଦାୟ ବ୍ୟବସାୟିକ ସମ୍ପତ୍ତି ୫୨ ହଜାର କୋଟି ଟଙ୍କା ଥିଲା। କିନ୍ତୁ ୨୦୨୨ ଶେଷ ସୁଦ୍ଧା ଆଦାନୀ ବିଶ୍ୱରେ ତୃତୀୟ ବୃହତ୍ତମ ଧନୀ ତାଲିକାରେ ସାମିଲ ହୋଇଛନ୍ତି। ଏହି ୯ ବର୍ଷ ଭିତରେ ଆଦାନୀ ଗ୍ରୁପର ବ୍ୟବସାୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଲମ୍ବି ଯାଇଛି। କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ କିଛି ପୁଞ୍ଜିପତିଙ୍କ ହାତକୁ ଜାତୀୟ ସମ୍ପତ୍ତି ଟେକି ଦେଇଛନ୍ତି। ଯଦ୍ୱାରା ଭାରତବର୍ଷର ପୁଞ୍ଜିବାଦ ଅଭ୍ୟୁଦୟ ହୋଇଛି। ମୋଦି ନିଜର ବ୍ୟକ୍ତିଗତ ସମ୍ପର୍କ ଯୋଗୁଁ ଆଦାନୀ ଓ ଆମ୍ବାନୀଙ୍କୁ ବହୁ ଭାବରେ ଲାଭ ଦେଉଛନ୍ତି ବୋଲି ଜେନା ଅଭିଯୋଗ ଆଣିଛନ୍ତି।

ସେ ଆହୁରି କହିଛନ୍ତି, କଂଗ୍ରେସ ଦଳ ଆଦାନୀ ସହିତ ଏହି ଅର୍ଥନୈତିକ କାରବାର ଓ ମହା ଠକେଇର ସତ୍ୟତାକୁ ଜାଣିବା ପାଇଁ ଏକ ଯୁଗ୍ମ ସଂସଦୀୟ କମିଟି ବା ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଦାବି କରୁଥିଲାବେଳେ କେନ୍ଦ୍ର ସରକାର ଏହାକୁ କାହିଁକି ଗ୍ରହଣ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଇଡି, ସିବିଆଇ, ଆୟକର, ସେବି ଭଳି ଏଜେନ୍ସି ସମସ୍ତ ଘଟଣାରେ ତଦନ୍ତ କରୁଥିଲାବେଳେ ଏ ଘଟଣାରେ କାହିଁକି ତଦନ୍ତ କରୁନାହାନ୍ତି ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ମନୋଜ ବିଶ୍ୱାଳ, ଡ. ବିପ୍ଳବ ଶିଳାଦିତ୍ୟ, ଶିଶିର ରଥ, ସମରେନ୍ଦ୍ର ହାତୀ, ଶୋଭା ସିଂ, ଉଗ୍ରସେନ ଭୂୟାଁ, ସତୀଶ ଶେଖର, ରାମଚନ୍ଦ୍ର ଗୋଛାୟତ, ଆଶୁତୋଷ ରାଉତ, ରାକେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନି ଟାର୍ଗେଟ, ଚାଷୀଙ୍କ ଆନ୍ଦୋଳନ ଚେତାବନୀ


ପିଠୁକୁଳି ପାକ୍ସ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

ବୋଲଗଡ଼,୨୧।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଠୁକୁଳି ସେବା ସମବାୟ ସମିତି ଲିଃ.(ପାକ୍ସ)ର ବହୁ ଚାଷୀଙ୍କ ଟୋକନ ଅବଧି ଶେଷହେବାକୁ ସ୍ୱଳ୍ପଦିନ ରହିଛି। ଟୋକନ ଅବଧି ଶେଷହେବା ପୂର୍ବରୁ ତୁରନ୍ତ ଟାର୍ଗେଟ୍ ଆସିବା ଦାବିରେ ମଙ୍ଗଳବାର ପିଠୁକୁଳି ପାକ୍ସ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଥିଲେ। ଟାର୍ଗେଟ୍ ନ ଆସିଲେ ଆସନ୍ତା ୨୩ ତାରିଖରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚାଷୀମାନଙ୍କ ସହିତ ପାକ୍ସ ପରିଚାଳନା ପରିଷଦ ସଭାପତି ପବିତ୍ର ମୋହନ ମାଝୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଟାର୍ଗେଟ ଦେବା ପାଇଁ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ ସୁଫଳ ମିଳୁନାହିଁ ବୋଲି ଚାଷୀମାନେ କହିଛନ୍ତି। ପ୍ରକାଶ ଯେ, ଉକ୍ତ ସମିତି ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ କରିଥିବା ଚାଷୀଙ୍କ ମଧ୍ୟରୁ ୨୧୦ ଚାଷୀଙ୍କ ପାଇଁ ଆବଶ୍ୟକ ୫ ହଜାର ୪୮୩ କୁଇଣ୍ଟାଲ ଟାର୍ଗେଟ ଦରକାର। ତନ୍ମଧ୍ୟରୁ ଗତ ଜାନୁୟାରୀ ୨୪ ଓ ୨୫ରେ ୫୦ ଜଣ ଚାଷୀଙ୍କ ୧୧୧୭ କୁଇଣ୍ଟାଲ ଧାନ ପିଠୁକୁଳି ପାକ୍ସ ମଣ୍ଡିରେ କ୍ରୟ କରାଯିବ ବୋଲି ମେସେଜ୍ ଆସିଥିଲା। ତେବେ ମେସେଜ୍ ଆସିଥିବା ଧାର୍ଯ୍ୟ ତାରିଖଠାରୁ ଟାର୍ଗେଟ୍ ନ ଆସିବାରୁ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି । ଫଳରେ ୨୪ ଓ ୨୫ ତାରିଖର ଟୋକନ ଅବଧି ଶେଷ ହେବାର ଭୟ ଚାଷୀଙ୍କୁ ଘାରିଛି। ଟୋକନ ଅବଧି ଲାପ୍ସ ହେବାର ସମୟ ସ୍ୱଳ୍ପଦିନ ଥିବାବେଳେ ଟାର୍ଗେଟ୍ ନାହିଁ କହି ଧାନ କିଣାଯାଉନାହିଁ। ପିଠୁକୁଳି ସେବା ସମବାୟ ସମିତିକୁ ତୁରନ୍ତ ଟାର୍ଗେଟ୍ ଦେବା ସହ ଚାଷୀଙ୍କ ଧାନ କିଣାଯିବାକୁ ଦାବି ହେଉଛି।

## ପାକ୍ସ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ବିକ୍ଷୋଭ

ବେଗୁନିଆ,୨୧।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳିସେବା ସମବାୟ ସମିତି(ପାକ୍ସ) କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଚାଷୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାକ୍ସ ଜରିଆରେ ମଣ୍ଡିରେ ଧାନ ଦେବା ପାଇଁ ଟାର୍ଗେଟ ମିଳୁନି,ଏପରିକି ୧୩୨ଜଣ ଚାଷୀଙ୍କର ଟୋକନ୍ ଅବଧି ଶେଷ ହେବାକୁ ବସିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗ ଗୁରୁତ୍ୱ ଦେଉନାହିଁ। ଫଳରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚାଷୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଥାଉ କି, ଉକ୍ତ ସମିତିର ମଣ୍ଡିରେ ଧାନ ବିକ୍ରି ପାଇଁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ଖରିଫ ଋତୁରେ ୧୩ ହଜାର କୁଇଣ୍ଟାଲ ଧାନ ଦେବାକୁ ଆଦେଶ ଜାରି ହୋଇଥିଲା। ୨୬୮ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ଅବଶିଷ୍ଟ ୧୩୨ଜଣ ଚାଷୀଙ୍କ ପାଇଁ ଆଉ ୩୯୧୫ କୁଇଣ୍ଟାଲ ଧାନ ଦେବା ପାଇଁ ଟାର୍ଗେଟ ଆବଶ୍ୟକ। ଏମାନଙ୍କ ମଧ୍ୟରୁ ଜାନୁୟାରୀ ୨୬ରେ ୧୪ଜଣ ଚାଷୀଙ୍କ ୬୯୫ କୁଇଣ୍ଟାଲ, ଫେବୃୟାରୀ ୧ରେ ୩୯ଜଣ ଚାଷୀଙ୍କ ୧୧୯୬ କୁଇଣ୍ଟାଲ ଓ ସେହି ମାସ ୨ରେ ୪୪ଜଣ ଚାଷୀଙ୍କ ୧୧୨୭ କୁଇଣ୍ଟାଲ ଏବଂ ୮ରେ ୩୫ଜଣ ଚାଷୀଙ୍କ ୮୯୫ କୁଇଣ୍ଟାଲ ଧାନ ବିକ୍ରି କରିବା ଲାଗି ମେସେଜ୍ ଚାଷୀଙ୍କ ମୋବାଇଲ ନମ୍ବରକୁ ଆସିଥିଲା। ମାତ୍ର ଏହାର ବୈଧତା ୧ ମାସ ରହିବ ବୋଲି ସୂଚନା ଦିଆଯାଇଥିଲା। ତେବେ ସମୟସୀମା ଅତିକ୍ରମ କରିବାକୁ ୧୪ଜଣ ଚାଷୀଙ୍କ ୪ଦିନ ି ରହିଥିବାବେଳେ ଆଉ କେତେଜଣ ଚାଷୀଙ୍କ ୧୦ରୁ ୧୪ଦିନ ଅବଧି ରହିଛି। ପାକ୍ସରେ ଆଉ ଟାର୍ଗେଟ ନାହିଁ, ଯେତିକି ଟାର୍ଗେଟ ମିଳିଥିଲା ତାହା ଏବେ ଶେଷ ହୋଇଯାଇଛି ବୋଲି କୁହାଯାଉଛି। ତେବେ ଧାନ ବିକ୍ରି ଚାଷୀଙ୍କୁ ଚିନ୍ତା ଘାରିଛି। ଏ ସମ୍ପର୍କରେ ଜିଲା ସିଏସ୍ଓ ସୁଗୁଡା ମୁର୍ମୁ କହିଛନ୍ତି, ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସିଲେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ।

## ଅଭ୍ୟାସଗତ ଅପରାଧୀ ଅମିତଙ୍କୁ ୩ ମାସ ତଡ଼ିପାର୍

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ଦୀର୍ଘ ୧୨ ବର୍ଷ ହେଲା ରାଜଧାନୀରେ ବିଭିନ୍ନ ଅପରାଧ ଘଟାଉଥିବା ଅଭ୍ୟାସଗତ ଅପରାଧୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରସ୍ଥିତ କୁଞ୍ଜପାଟଣା ଗ୍ରାମର ଅମିତ ସ୍ୱରୂପ ମହାପାତ୍ର ଓରଫ ସିଲୁଙ୍କୁ କମିଶନରେଟ ପୋଲିସ ୩ମାସ ପାଇଁ ତଡ଼ିପାର୍ ନିର୍ଦ୍ଦେଶ ଦେଇଛି। ତଡ଼ିପାର କାହିଁକି କରା ନ ଯିବ ସେ ନେଇ ତାଙ୍କୁ ପୋଲିସ ପକ୍ଷରୁ ନୋଟିସ୍ କରାଯାଇଥିଲା। ହେଲେ ସେ କମିଶନରେଟ ପୋଲିସ କାର୍ଯ୍ୟାଳୟରେ ହାଜର ହୋଇ ନ ଥିଲେ। ତେଣୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ-୨୦୦୩ର ଧାରା ୪୬(କ) ଅନୁସାରେ ଅମିତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲିଙ୍ଗରାଜ ଥାନା ଓ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଅଞ୍ଚଳରେ ସୋମବାର ରାତିଠାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ତାଙ୍କ ବିରୋଧରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ମଧ ସିଆର୍‌ପିସି-୧୧୦ ଧାରା ଲାଗୁ କରାଯାଇଛି। ଅମିତଙ୍କ ନାମରେ ଲିଙ୍ଗରାଜ ଥାନାରେ ୫ଟି ଓ ଏୟାରପୋର୍ଟ ଥାନାରେ ୪ଟି ମାମଲା ରହିଛି। ସୂଚନା ଅନୁଯାୟୀ, ଅମିତ ୨୦୧୦ରୁ ୨୦୨୨ ପର୍ଯ୍ୟନ୍ତ ବିଭିନ୍ନ ଅପରାଧ ଘଟାଇଥିଲେ।

## ସଂକ୍ଷେପରେ

### ୫ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୧।୨(ବ୍ୟୁରୋ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ନିଶାବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ବାୟା ବାବା ବସ୍ତିରେ ରହୁଥିବା କଟକ ଜିଲାର ଛବି ଭଞ୍ଜ (୬୧)। ତାଙ୍କ ଠାରୁ ୫ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ ଓ ନଗଦ ୭୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତ ଛବିଙ୍କ ନାମରେ ପୂର୍ବରୁ ଉକ୍ତ ଥାନାରେ ୪ଟି ବେଆଇନ ନିଶା କାରବାର ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି ।

### ରାସ୍ତାକଡ଼ରେ ଅଳିଆ ପକାଇବାରୁ ଅଟୋ ସିଜ୍

ଭୁବନେଶ୍ୱର, ୨୧।୨ (ବ୍ୟୁରୋ): ରାସ୍ତାକଡ଼ରେ ଅଳିଆ ପକାଇବାରୁ ଏକ ଅଟୋକୁ ସିଜ୍ କରିଛି ବିଏମ୍‌ସି। ମଙ୍ଗଳବାର ସକାଳେ ଭେରତପୁର ଅଞ୍ଚଳରେ ଏକ ଅଟୋରିକ୍ସା ଆବର୍ଜନା ଭର୍ତ୍ତି ବ୍ୟାଗ୍‌ଗୁଡ଼ିକୁ ରାସ୍ତାକଡ଼ରେ ପକାଉଥିଲେ। ବିଏମ୍‌ସିର କେଜେତଣ ଅଧିକାରୀ ସହର ବୁଲୁଥିବା ସମୟରେ ଏଭଳି ଦୃଶ୍ୟ ଦେଖିବାକୁ ପାଇଥିଲେ। ସେମାନେ ସମ୍ପୃକ୍ତ ଅଟୋ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପରେ ସମ୍ପୃକ୍ତ ଅଟୋକୁ ସିଜ୍ କରାଯାଇଥିଲା। କିଛିଦିନ ତଳେ ବିଏମ୍‌ସି ପକ୍ଷରୁ ଏକ ଏସ୍ଓପି ଜାରି କରାଯାଇଥିଲା। ଏଥିରେ ସର୍ବସାଧାରଣ ସ୍ଥାନରେ ଅଳିଆ ପକାଇଲେ ୧୦ହଜାର ଟଙ୍କା ଜରିମାନା ଆଦାୟ ହେବ ବୋଲି ସୂଚନା ଦିଆଯାଇଥିଲା। ଏହାପରେ ୧୧ ତାରିଖରେ ବାହାରେ ଅଳିଆ ପକାଇବା ଓ ପୋଡ଼ିବା କାରଣରୁ ଏକ ରେଷ୍ଟୁରାଣ୍ଟକୁ ୫୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଦିନକୁ ଦିନ ବିଏମ୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି। ପ୍ରଥମେ ସଚେତନ କରିବା ପରେ ଏବେ ଜରିମାନା ଆଦାୟ ଏବଂ ଗାଡ଼ି ସିଜ୍ କରୁଥିବା ନଜରକୁ ଆସୁଛି।

### ଜନବିଦ୍ୟାମନ୍ଦିର ପୁରାତନ ଛାତ୍ରଙ୍କ ବୈଠକ

ବାଲିପାଟଣା,୨୧।୨(ଡି.ଏନ୍.ଏ.): ଜନବିଦ୍ୟାମନ୍ଦିର ଚଣାହଟାର ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବ୍ରଜରାଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ପଞ୍ଜୀକୃତ ଅନୁଷ୍ଠାନ ପିପୁଲ୍ସ ହାଇସ୍କୁଲ ଏକ୍ସ ଷ୍ଟୁଡେଣ୍ଟ୍ ଆସୋସିଏଶନର କର୍ମକର୍ତ୍ତା ଚୟନ କରାଯାଇଥିଲା। ଅନୁଗ୍ରହ ନାରାୟଣ ପଟ୍ଟନାୟକ ସଭାପତି, ବ୍ରଜରାଜ ଜେନା ଉପସଭାପତି, ଦିଲୀପ କୁମାର ଓଝା ସାଧାରଣ ସମ୍ପାଦକ, ରମେଶ ଚନ୍ଦ୍ର ସାହାଣୀ, ଭବାନୀ ଶଙ୍କର ଦାଶ, ପ୍ରସନ୍ନ ମହାନ୍ତି, ଲକ୍ଷ୍ମଣ କୁମାର ମିଶ୍ର ସମ୍ପାଦକ ଓ ଅମରେଶ ସ୍ୱାଇଁ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୭ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ତାଲିକା ସଂଗ୍ରହ ଲାଗି ପ୍ରତି ଗ୍ରାମ ପାଇଁ ପ୍ରତିନିଧିଙ୍କୁ ଦାୟିତ୍ୱ ଦିଆଯାଇଛି। ସରପଞ୍ଚ ବାହାନ ଭୋଇ, ରମେଶ ସାହାଣୀ, ଅଧାପକ ଭବାନୀ ଶଙ୍କର ଦାଶ, ନରହରି ବେହେରା, ବିଭୁ ପ୍ରସାଦ ସାହୁ ଉପସ୍ଥିତ ଥିଲେ।


ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର 'ଶତାବ୍ଦୀର କଳାକାର' ପକ୍ଷରୁ କଳିଙ୍ଗ ନାଟ୍ୟ ମହୋତ୍ସବରେ ପରିବେଷିତ ନାଟକ 'ହାରମୋନିୟମ୍'ର ଏକ ଦୃଶ୍ୟ।

## ୭ ଦିନିଆ ଭ୍ରମଣରେ ଯିବେ ୧୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଭାରତ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ**

ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ପାଇଁ ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ଭାରତ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ତରର ଏହି ପରିଭ୍ରମଣ କାର୍ଯ୍ୟକ୍ରମରୁ ଯୁବସ୍ୱେଚ୍ଛାସେବୀ ଓ ଅଧିକାରୀଗଣ ସକାରାତ୍ମକ ଅନୁଭୂତି ସଂଗ୍ରହ କରି ଭବିଷ୍ୟତରେ ସମାଜସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ୧,୨୪,୧୦୦ ଛାତ୍ରୀଛାତ୍ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ 'ମୋ କଲେଜ ଅଭିଯାନ'ର ଅଧକ୍ଷ ଆକାଶ ଦାସନାୟକ ଯୋଗଦେଇ ସ୍ୱେଚ୍ଛାସେବୀମାନେ ନିଜ ଅନୁଭୂତିକୁ ଲିପିବଦ୍ଧ କରି ଆଗାମୀ ଦିନରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଉଚ୍ଚଶିକ୍ଷା ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ସଫଳ ହେଲେ ଆଗାମୀ ବର୍ଷରେ ଏହାକୁ ଅଧିକ ବ୍ୟାପକ କରାଯିବ। ଏହି ପରିଭ୍ରମଣ ଅବସରରେ ସ୍ୱେଚ୍ଛାସେବୀମାନେ ଦେଶର ବିଭିନ୍ନ ସହର ପରିକ୍ରମା କରିବା ସହିତ ଐତିହ୍ୟ, ପରମ୍ପରା ସମ୍ପର୍କରେ ଅବଗତ ହୋଇ ସଂସ୍କୃତି ସହିତ ଅଧିକ ଯୋଡ଼ି ହୋଇପାରିବେ ବୋଲି ସଚିବ ଆଶାବ୍ୟକ୍ତ କରିଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ ଏହି ୭ ଦିନର ଭ୍ରମଣ ଦ୍ୱାରା ସ୍ୱେଚ୍ଛାସେବୀମାନେ ନିଜ ନିଜ ସମସ୍ୟାର ସମାଧାନ କରି ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚିବାକୁ ଦେବାର କଳା ଶିଖିପାରିବେ ବୋଲି କହିଥିଲେ।

ସୂଚନାଯୋଗ୍ୟ, 'ଭାରତ ଦର୍ଶନ' ରାଜ୍ୟ ସରକାରଙ୍କ ଏକ ଅଭିନବ ଏବଂ ସମଗ୍ର ଦେଶରେ ପ୍ରଥମ କରି ହେଉଥିବା କାର୍ଯ୍ୟକ୍ରମ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ମନରେ ସେବା ମନୋଭାବ ଅଧିକ ଜାଗ୍ରତ କରାଇବା ପାଇଁ ରାଜ୍ୟର ୧୦୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ଉତ୍ତର ଭାରତର ମଥୁରା, ବୃନ୍ଦାବନ, ଦିଲ୍ଲୀ, ଜୟପୁର, ରାୟପୁର ସମେତ ବିଭିନ୍ନ ସହର ଓ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାର ସୁଯୋଗ ଦେଇଛନ୍ତି। ସ୍ୱେଚ୍ଛାସେବୀମାନଙ୍କ ସହିତ କାର୍ଯ୍ୟକ୍ରମ ଅଧିକାରୀମାନେ ମଧ ସାମିଲ ହୋଇଛନ୍ତି। ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ୭ ଦିନିଆ ଭ୍ରମଣ ଅବସରରେ ସ୍ୱେଚ୍ଛାସେବୀମାନେ ଉତ୍ତର ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହିତ ଅନ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମର କାର୍ଯ୍ୟାବଳୀକୁ ଅନୁଧାନ କରିବେ। ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଏବଂ ଶେଷରେ ନିରଦ ବରଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ସୁନାଚେନ୍ ପାଇ ଫେରାଇଲେ ସ୍ୱଚ୍ଛସାଥି ପୂଜା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଏବେ ବି ସମାଜରେ ସାଧୁତା ଦେଖିବାକୁ ମିଳୁଛି। ଅଭାବ ଅନଟନ ମଣିଷପଣିଆକୁ ସମ୍ପୂର୍ଣ୍ଣରୂପେ ମାରିପାରିନାହିଁ, ଯାହାର ଏକ ଉଦାହରଣ ସାଜିଛନ୍ତି ବିଏମ୍‌ସିର ସ୍ୱଚ୍ଛସାଥି ପୂଜା ସିଂହ। ଚନ୍ଦ୍ରଶେଖରପୁରସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରେ ପୂଜା କାମ କରୁଥିବାବେଳେ ଅଳିଆ ଭିତରୁ ୬ରୁ ୭ ଭରି ଓଜନର ଏକ ସୁନାଚେନ୍ ପାଇଥିଲେ। ଏହି ଚେନ୍‌କୁ ନିଜ ପାଖରେ ନ ରଖି ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପରେ ତଦନ୍ତ କରି ସୁନାଚେନ୍‌କୁ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି। ତାଙ୍କର ଏଭଳି କାର୍ଯ୍ୟ ପାଇଁ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଘଟଣା ଅନୁଯାୟୀ, ଶୈଳଶ୍ରୀବିହାର ଜିଏ କଲୋନୀର ବାସିନ୍ଦା ହେଉଛନ୍ତି ବିଭୂତି ଭୂଷଣ ସେଠୀ। ଜାଗର ଦିନ ବିଭୂତିଙ୍କ ମା'ଙ୍କର ଶ୍ରାଦ୍ଧବାର୍ଷିକୀ ଥିଲା। ଏଥିପାଇଁ ଘରେ ପୂଜା ହୋଇଥିଲା। ବିଭୂତି ରାତିରେ ଶୋଇବାବେଳେ ସୁନାଚେନ୍‌କୁ ବେକରୁ କାଢି ମା'ଙ୍କ ଫଟୋ ପାଖରେ ରଖି ଦେଇଥିଲେ। ପରଦିନ ସକାଳେ ଫଟୋ ପାଖରେ ଗଦା ହୋଇଥିବା ଫୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ଚେନ୍‌କୁ ନେଇ ସେ ଘର ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ପରେ ଡଷ୍ଟବିନ୍‌ରୁ ଅଳିଆ ବିଏମ୍‌ସି ସଫେଇ ଗାଡ଼ି ଏବଂ ଚନ୍ଦ୍ରଶେଖରପୁରସ୍ଥିତ ଏମ୍‌ସିସିକୁ ଯାଇଥିଲା। ବିଭୂତି ଚେନ୍ ପିନ୍ଧିବା ପାଇଁ ଖୋଜିବାବେଳେ ଭୁଲବଶତଃ ଅଳିଆ ସମେତ ଚେନ୍‌କୁ ଡଷ୍ଟବିନ୍‌ରେ ପକାଇଦେଇଥିବା ଜାଣିଥିଲେ। ପରେ ସମ୍ପୃକ୍ତ ଜୋନର ଜେଡିସି ପୁରନ୍ଦର ନନ୍ଦଙ୍କୁ ଏ ନେଇ ସୂଚନା ଦେଇଥିଲେ। ଏପଟେ ପୂଜା ଏମ୍‌ସିସିରେ ଅଳିଆ ପୃଥକୀକରଣ କରିବା ସମୟରେ ଏହି ଚେନ୍‌କୁ ପାଇଥିଲେ। ସେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ।

## ରାଜଧାନୀରୁ ବାଇକ୍ ଚୋରି, ବ୍ରହ୍ମଗିରିରେ ବିକ୍ରି

ଭୁବନେଶ୍ୱର,୨୧।୨(ବ୍ୟୁରୋ)

- ମତ୍ସ୍ୟଜୀବୀଙ୍କୁ ବିକ୍ରି କରୁଥିଲେ ଗାଡ଼ି ଇଞ୍ଜିନ
- ଅଭିଯୁକ୍ତ ଦ୍ୱୟଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ରାଜଧାନୀରେ ଦୀର୍ଘଦିନ ଧରି ବାଇକ ଚୋରି କରୁଥିବା ଏକ ଗ୍ୟାଙ୍ଗର ୨ସଦସ୍ୟଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳର ଅଶୋକ ସାହୁ ଓରଫ ଡାକୁ ଏବଂ ଖୋର୍ଦ୍ଧାର ଦୈତାରୀ ବେହେରା। ସେମାନଙ୍କଠାରୁ ମୋଟ ୧୧ଟି ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ଭୁବନେଶ୍ୱରରୁ ଗାଡ଼ି ଚୋରାଇ ନେଇ ଚେଚିସ ଓ ଇଞ୍ଜିନ ନମ୍ବର ବଦଳାଇ ବ୍ରହ୍ମଗିରିରେ ବିକ୍ରି କରୁଥିଲେ। ଏପରିକି କିଛି ବାଇକ ଇଞ୍ଜିନକୁ ମାଛ ଡଙ୍ଗାରେ ବ୍ୟବହାର ନିମନ୍ତେ ମତ୍ସ୍ୟଜୀବୀଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତ ଡାକୁଙ୍କ ୫ ମାମଲା ଥିବାବେଳେ ଦୈତାରୀଙ୍କ ନାଁରେ ୩ଟି ମାମଲା ରହିଛି ।

## ଆନ୍ତର୍ଜାତିକ ମାତୃଭାଷା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପିଲାମାନେ।

ଖୋର୍ଦ୍ଧା ଅଫିସ,୨୧।୨

ସିଗ୍‌ମା ପବ୍ଲିକ ସ୍କୁଲରେ ମାତୃଭାଷା ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧରେ ଓଡ଼ିଆ ଭାଷାରେ ସୁତ୍ରଲିଖନ, ପୁସ୍ତକ ପଠନ, ପରସ୍ପର ମଧ୍ୟରେ କଥୋପକଥନ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ବିରଞ୍ଚି ନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆରେ ଶୁଦ୍ଧଲିଖନ, ପୁସ୍ତକ ପଠନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ମାତୃଭାଷା ପ୍ରତି ସଦାସର୍ବଦା ଆଗ୍ରହ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ କହିଥିଲେ, ଭାରତରେ ଓଡ଼ିଶା ଏକ ମାତ୍ର ଭାଷା ଭିତ୍ତିକରାଜ୍ୟ। ଓଡ଼ିଆ ହେଉଛି ଓଡ଼ିଶାଲୋକଙ୍କ ମାତୃଭାଷା। ଅନ୍ୟ ଭାଷାରେ ପାଠ ପଢୁଥିଲେ ମଧ ଓଡିଆଭାଷାରେ ପ୍ରତିଦିନ କିଛି ସମୟ ପଠନ ଲିଖନ କଲେ ମାତୃଭାଷା ଦିବସର ତାତ୍ପର୍ଯ୍ୟ ବୃଦ୍ଧି ପାଇବ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ


ଜଣେ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଜଟଣୀ,୨୧।୨(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଉତ୍ସବକୁ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁକ୍ତା ମାନସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ସମ୍ମାନିତ ଅତିଥି ସମାଜସେବୀ ସଙ୍ଗଠକ ପ୍ରମୋଦ ହରିଚନ୍ଦନ, ଶିକ୍ଷାବିତ୍ ଅଶୋକ ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାରତୀ ସାହୁ, ସମିତି ସଭ୍ୟ ପ୍ରିୟରଞ୍ଜନ ବେହେରା, ଏଲିମେନଟାରି ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ମହାନ୍ତି, ସିଆରସିସି ଚିତ୍ତରଞ୍ଜନ ମହାପାତ୍ର, ସରପଞ୍ଚ ଅହଲ୍ୟା ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଟୁଲୁ ଦେଇ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ଜିତେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ରବିନାରୟଣ ଦାସ, ସୁରେଶ ଛୋଟରାୟ, ବାବୁଲି ମହାନ୍ତିଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## 'ଗୁଣାତ୍ମକ ଶିକ୍ଷା ପାଇଁ ପଦକ୍ଷେପ ନିଅ'

ଭୁବନେଶ୍ୱର, ୨୧।୨(ବ୍ୟୁରୋ)


ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷମାନଙ୍କ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର କୃଷି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଅଧକ୍ଷମାନେ ନିଜ ବିଦ୍ୟାଳୟର ପ୍ରତ୍ୟେକ ବିଷୟର ଫଳାଫଳ ନିୟମିତ ସମୀକ୍ଷା କରିବା ସହ ଗୁଣାତ୍ମକ ଶିକ୍ଷା ପାଇଁ ପଦକ୍ଷେପ ନେବା ଓ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଓ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଅଧକ୍ଷମାନଙ୍କ କର୍ତ୍ତବ୍ୟ ଉପରେ ସେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ଅଧକ୍ଷମାନଙ୍କ ପାଇଁ ଏକ ଆହ୍ୱାନ। ସେମାନେ ବ୍ଲକରେ ଥିବା ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ସହ ସମନ୍ୱୟ ରଖି ଆସନ୍ତା ଶିକ୍ଷାବର୍ଷ ଆରମ୍ଭରେ ନାମଲେଖା ଅଭିଯାନ ପାଇଁ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୨ ଶିକ୍ଷାବର୍ଷ ପରୀକ୍ଷାରେ ଧନ୍ଦାମୂଳକ ଶିକ୍ଷାରେ ବିଭିନ୍ନ ଟ୍ରେଡ୍‌ରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ସମ୍ପର୍କରେ ନିର୍ଦ୍ଦେଶକ ରଘୁରାମ ଆୟାର ଆଲୋକପାତ କରିଥିଲେ।

ଏହି ଅବସରରେ ସମଗ୍ର ଶିକ୍ଷା ଓ ଷ୍ଟାର୍ସ ମାଧ୍ୟମରେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ, ୧୭୪ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ପୁନର୍ବିନ୍ୟାସ ଓ ଅନୁଦାନର ସୁବିନିଯୋଗ ଉପରେ ଆଲୋଚନା ହୋଇଥିଲା। ଏହି ବିଦ୍ୟାଳୟ ଗୁଡ଼ିକୁ କିପରି ସୁଦୃଢ଼ କରାଯାଇପାରିବ ଏବଂ ଛାତ୍ରୀଛାତ୍ରମାନେ ବିଭିନ୍ନ କର୍ମସଂସ୍ଥାନରେ ଯୋଗଦେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଅଧକ୍ଷମାନେ ଧ୍ୟାନ ଦେବାକୁ ପରମର୍ଶ ଦିଆଯାଇଥିଲା। ୟୁନିସେଫ୍‌ର ଯଶୋବନ୍ତ ଶିଘାଲ ଓଡ଼ିଶା କ୍ୟାରିୟର ପୋର୍ଟାଲକୁ ଛାତ୍ରୀଛାତ୍ର କିପରି ଲଗ୍‌ଇନ କରିବେ ସେନେଇ ତାଲିମ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଉଦୟନାଥ ଦାଶ ଅଧକ୍ଷମାନଙ୍କର ନେତୃତ୍ୱ ବିକାଶ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ରାଜ୍ୟରେ ଥିବା ମୋଟ ୨୩୧ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ମଧ୍ୟରୁ ପ୍ରଥମ ଦିବସରେ ୧୧୬ ଅଧକ୍ଷ ଅଂଶଗ୍ରହଣ କରିଥିବାବେଳେ ଦ୍ୱିତୀୟ ଦିବସରେ ଅବଶିଷ୍ଟ ୧୧୫ ଜଣ ଅଧକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୨ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ହେଲେ ଜ୍ଞାନ

**ଡେଲାଙ୍ଗ,୨୧।୨(ଡି.ଏନ୍.ଏ.):** ଡେଲାଙ୍ଗ-ପିପିଲି ନିର୍ବାଚନ ମଣ୍ଡଳୀର



ଯୁବନେତା ଜ୍ଞାନରଞ୍ଜନ ପଟ୍ଟନାୟକ ଅଖିଳ ଭାରତ କଂଗ୍ରେସ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଜାତୀୟ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖାରଗେ, ସାଧାରଣ ସମ୍ପାଦକ ରାହୁଲ ଗାନ୍ଧୀ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ୫ ବର୍ଷ ପାଇଁ ପଟ୍ଟନାୟକଙ୍କୁ ଅଖିଳ ଭାରତ କଂଗ୍ରେସ କମିଟିର ସ୍ଥାୟୀ ସଦସ୍ୟ ଭାବେ ନିର୍ବାଚିତ କରାଯାଇଛି। ଡେଲାଙ୍ଗ ବ୍ଲକର ବେରବୋଇ ପଞ୍ଚାୟତ ଉଦୟପୁର ଗ୍ରାମର ପଟ୍ଟନାୟକ ନିରାକାରପୁର କଲେଜରେ ଅଧ୍ୟୟନ କରୁଥିବାବେଳେ ଛାତ୍ର ସଂସଦ ସଭାପତି ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ପିସିସି ସଭ୍ୟ ଭାବରେ ମଧ କାର୍ଯ୍ୟ କରିଛନ୍ତି। ସେ ଡେଲାଙ୍ଗ ବ୍ଲକରୁ ପ୍ରଥମ ଥର ପାଇଁ ଏଆଇସିସିର ସ୍ଥାୟୀ ସଦସ୍ୟ ହୋଇଛନ୍ତି।

### ବିକ୍ରମ ମହାନ୍ତିଙ୍କ ସ୍ମୃତିସଭା ପାଳିତ

**ଅସ୍ତରଙ୍ଗ,୨୧।୨(ଡି.ଏନ୍.ଏ.):** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମର ସଫଳ ଚାଷୀ ବିକ୍ରମ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ବାପି ପ୍ରଧାନ, ପ୍ରକାଶ ମଲ୍ଲିକ, ଦୁର୍ଗାଚରଣ ମହାନ୍ତି, ରାଜକିଶୋର ମହାନ୍ତି, ଅଭୟ କୁମାର ସାହୁ, ନୀଳମଣି ଲେଙ୍କା, ବାଉରୀବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିକ୍ରମଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ତାଙ୍କର କାର୍ଯ୍ୟର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ବୀଣାପାଣି ଭଜନ ସନ୍ଧ୍ୟା ପକ୍ଷରୁ ମାନସ କୁମାର ପରିଡାଙ୍କ ପରିଚାଳନାରେ ରଘୁ, ଅକ୍ଷୟ, ଶୁଭ, କୃଷ୍ଣ, ମାଧବ, ଶିରୀଶ, ପୂର୍ଣ୍ଣିମା, ନୀର ହିମାଂଶୁ ପ୍ରମୁଖ ବିଭିନ୍ନ ଭଜନ ପରିବେଷଣ କରିଥିଲେ।

### ୫ ଦିନିଆ ସ୍ୱାସ୍ଥ୍ୟ, ଆରୋଗ୍ୟ ତାଲିମ ଶିବିର

**ଡେଲାଙ୍ଗ,୨୧।୨(ଡିଏନ୍ଏ):** ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଡେଲାଙ୍ଗ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ସୋମବାରଠାରୁ ୫ ଦିନିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଶିବିରରେ ଡେଲାଙ୍ଗ ବ୍ଲକର ସମସ୍ତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦୂତ ରୂପେ ବ୍ଲକର ୩ଟି ସ୍ଥାନରେ ତାଲିମ ପ୍ରଦାନ କରାଯାଉଛି। ଉଚ୍ଚ ପ୍ରାଥମିକରୁ ଜଣେ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ଉଚ୍ଚ ବିଦ୍ୟାଳୟରୁ ଜଣେ କ୍ରୀଡ଼ା ଶିକ୍ଷକ, ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଆରୋଗ୍ୟ ଦୂତ ପ୍ରଶିକ୍ଷଣ ଦିଆଯାଇ ଦୂତ ଭାବରେ ଅବସ୍ଥାପିତ କରାଯିବ। ମଙ୍ଗଳବାର ଶିବିରର ଦ୍ୱିତୀୟ ଦିବସ ଅବସରରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ତୋଷ ତ୍ରିପାଠୀ, ଡ. ପ୍ରଭାତ ଦାଶ, ଡ. ତପନ ଦାଶ, ଡ. ଜୟଶ୍ରୀ ଶ୍ରୀଚନ୍ଦନ, ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା, ଦେବାଶିଷ ପଣ୍ଡା ପ୍ରମୁଖ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ବିପିଏମ୍ ଦିଲୀପ ପରିଡ଼ା କହିଥିଲେ।

# ଏସ୍‌ସିଏସ୍ କଲେଜ ବିଶ୍ୱବିଦ୍ୟାଳୟ ହେଉ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର
- ନାକ୍ ଟିମ୍ ଦ୍ୱାରା ଏ- ଗ୍ରେଡ୍ ମିଳିଛି

**ପୁରୀ ଅଫିସ,୨୧।୨**

ପୁରୀର ବହୁ ପୁରାତନ କଲେଜ ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରିବାକୁ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ଷଡ଼ଙ୍ଗୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାନସଭାର ବଜେଟ ଅଧିବେଶନରେ ଯୋଗଦେବା ପୂର୍ବରୁ ବିଧାୟକ ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି। ବିଧାୟକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି କି, ଭାରତବର୍ଷର ଶ୍ରୀକ୍ଷେତ୍ର ଧାମ ତଥା ପୁରୀ ଜିଲାର ସର୍ବପ୍ରାଚୀନ ମହାବିଦ୍ୟାଳୟ ସାମନ୍ତଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଟେ। ବିଶ୍ୱବିଖ୍ୟାତ ଅନ୍ତରୀକ୍ଷ ବୈଜ୍ଞାନିକ ସାମନ୍ତ ଚନ୍ଦ୍ରଶେଖର ବା ପଠାଣି ସାମନ୍ତଙ୍କ ନାମରେ ନାମିତ ଅଟେ। ୧୯୪୪ ମସିହାରୁ ପ୍ରାୟ ୭ରୁ ଆଠ ଦଶନ୍ଧି ଧରି କେବଳ ପୁରୀ ନୁହେଁ ଓଡ଼ିଶା ଏବଂ ଭାରତ ବର୍ଷରେ ଗୁଣାତ୍ମକ ଉଚ୍ଚ ଶିକ୍ଷା ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବର୍ତ୍ତମାନ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଏବଂ ବାଣିଜ୍ୟର ୩ଟି ବିଷୟରେ ପ୍ରାୟ ୩୦ଟି ବିଭାଗ ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଛି। ମହାବିଦ୍ୟାଳୟର ଛାତ୍ରୀଛାତ୍ର ସଂଖ୍ୟା ୪ହଜାରରୁ ଅଧିକ। ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଉଚ୍ଚ ପଦବୀରେ ଅବସ୍ଥିତ ହୋଇଛନ୍ତି। ସେହିପରି ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷା ସହିତ ଓଡ଼ିଆ, ଇଂଲିଶ, ଅର୍ଥନୀତି, ଭୂଗୋଳ, ବାଣିଜ୍ୟ, କମ୍ପ୍ୟୁଟର ବିଜ୍ଞାନ, ଜୀବ ବିଜ୍ଞାନ ଓ ରସାୟନ ବିଜ୍ଞାନ ଆଦି ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରାଯାଉଛି। ଅପରପକ୍ଷେ ମହାବିଦ୍ୟାଳୟରେ ଦକ୍ଷତା ଭିତ୍ତିକ ପାଠ୍ୟକ୍ରମ ଏବଂ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ କାର୍ଯକ୍ରମ ମଧ୍ୟ ରହିଛି। ମହାବିଦ୍ୟାଳୟର ଉଚ୍ଚ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏବଂ ଏହାର ଭୌଗୋଳିକ ଅବସ୍ଥିତି ଓ ପର୍ଯ୍ୟାପ୍ତ ଭିତ୍ତିଭୂମିକୁ ବିଚାରକୁ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ରାଷ୍ଟ୍ରୀୟ ପ୍ରତ୍ୟାୟନ ଓ ମୂଲ୍ୟାୟନ ପରିଷଦ (ନାକ୍) ଦ୍ୱାରା ଉକ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏ ଗ୍ରେଡ୍ ଦିଆଯାଇଛି, ଯାହା ମହାବିଦ୍ୟାଳୟର ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।

ତେବେ ସରକାର ରାଜ୍ୟର ବିଭିନ୍ନ ଜିଲାର ଅଗ୍ରଣୀ ମହାବିଦ୍ୟାଳୟଗୁଡ଼ିକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଉଛନ୍ତି। ଯାହା ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଶିକ୍ଷା ଓ ଅନୁସନ୍ଧାନର ଗୁଣାତ୍ମକ ବିକାଶ ହେବା ସଙ୍ଗେ ସଙ୍ଗେ ଉଚ୍ଚ ଶିକ୍ଷାର ପ୍ରସାର ହୋଇପାରିବ। ତେଣୁ ଶିକ୍ଷାର ବିକାଶକୁ ଦୃଷ୍ଟି ତଥା ପୁରୀବାସୀଙ୍କ ଅନୁରୋଧକୁ ରକ୍ଷା କରି ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଉ ବୋଲି ବିଧାୟକ ଷଡଙ୍ଗୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରତିନିଧି ଦଳରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ପୁରୀ କଲେଜର ପୂର୍ବତନ ଛାତ୍ର ନେତା ତଥା ଓଡ଼ିଶା ଯୁବ ଚେତନା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର, ଶ୍ରୀଶ୍ରୀ କ୍ଷେତ୍ର ସୂଚନାର ସମ୍ପାଦକ ରାଜେଶ ମହାନ୍ତି, ଛାତ୍ର ନେତା ମଧୁସୂଦନ ମିଶ୍ର, ଜୟନ୍ତ ଦାସ, ଉମାକାନ୍ତ ନାୟକ, ସୋନି ପଣ୍ଡା, ସଂଗ୍ରାମ କାନୁନଗୋ, ବିଦ୍ରୋହ ସିଂହ, ଭାଜପା ଜିଲା ସଭାପତି ଜୟନ୍ତ ଦାଶ, ବିଶ୍ୱଜିତ ମହାନ୍ତି, ଅଭିଜିତ ପଣ୍ଡା, ମିଥୁନ ଜେନା, ସୁମନ୍ତ ମହାରଣା, ଅନିକେତ କର, କାମାକ୍ଷା ସାମନ୍ତରାୟ, ସଞ୍ଜୟ ପ୍ରଧାନ ଏବଂ ପଦିଆ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଜୟନ୍ତ ଷଡ଼ଙ୍ଗୀ ସମର୍ଥକଙ୍କ ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

# ରାଜଧାନୀରୁ ବାଇକ୍ ଚୋରି, ବ୍ରହ୍ମଗିରିରେ ବିକ୍ରି

**୨ ଗିରଫ, ୧୧ ବାଇକ୍ ଜବତ**

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

ରାଜଧାନୀରେ ଦୀର୍ଘଦିନ ଧରି ବାଇକ ଚୋରି କରୁଥିବା ଏକ ଗ୍ୟାଙ୍ଗର ୨ସଦସ୍ୟଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳର ଅଶୋକ ସାହୁ ଓରଫ ଡାକୁ ଏବଂ ଖୋର୍ଦ୍ଧାର ଦୈତାରୀ ବେହେରା। ସେମାନଙ୍କଠାରୁ ମୋଟ ୧୧ଟି ମୋଟରସାଇକେଲ ଜବତ କରାଯାଇଛି। ସେଥିରୁ ୩ଟି ନୟାପଲ୍ଲୀ ଅଞ୍ଚଳରୁ ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟ ୮ଟି କେଉଁ ଅଞ୍ଚଳର ସେ ନେଇ ତଦନ୍ତ ଚାଲିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଭିଯୁକ୍ତଦ୍ୱୟ ଭୁବନେଶ୍ୱରରୁ ଗାଡ଼ି ଚୋରାଇ ନେଇ ଚେଚିସ ଓ ଇଞ୍ଜିନ ନମ୍ବର ବଦଳାଇ ବ୍ରହ୍ମଗିରିରେ ବିକ୍ରି କରୁଥିଲେ। ଏପରିକି କିଛି ବାଇକ ଇଞ୍ଜିନକୁ ମାଛ ଡଙ୍ଗାରେ ବ୍ୟବହାର ନିମନ୍ତେ ମତ୍ସ୍ୟଜୀବୀଙ୍କୁ ବିକ୍ରି କରୁଥିଲେ। ଗତ କିଛିମାସ ଧରି ଲଗାତର ଭାବେ ନୟାପଲ୍ଲୀ ଅଞ୍ଚଳରୁ ବାଇକ୍ ଚୋରି ହେଉଥିବା ବାରମ୍ବାର ଅଭିଯୋଗ ଆସିବାରୁ ପୋଲିସ ଚିନ୍ତାରେ ପଡ଼ିଥିଲା। ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ଛାନଭିନ ଆରମ୍ଭ କରିଥିଲା। ଗତ ୧୧ ତାରିଖରେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ପ୍ଲଟ ନମ୍ବର ଏନ୍-୪/୧୪୬ରୁ ଅଭିଯୁକ୍ତଦ୍ୱୟ ଏକ ମୋଟର ସାଇକେଲ ଚୋରି କରିନେଇଥିଲେ। ଏନେଇ ଗାଡ଼ି ମାଲିକ ରାଜେଶ କୁମାର ପଣ୍ଡା ଥାନାରେ ଅଭିଯୋଗ କରିବାରୁ ପୋଲିସ ସିସିଟିଭି ଫୁଟେଜରୁ ଚିହ୍ନଟ କରି ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମଗିରି ଓ ଅନ୍ୟ ଜଣଙ୍କୁ ଖୋର୍ଦ୍ଧାରୁ ଗିରଫ କରିବାରେ ସକ୍ଷମ ହୋଇଥିଲା ।

# 'ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ଲକ୍ଷ୍ୟ'



ଗୋପରେ ଅନୁଷ୍ଠିତ ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଗୋପ,୨୧।୨(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ରହୁଥିବା ଶିକ୍ଷିତ ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ନିଯୁକ୍ତି ଦେଉଛନ୍ତି। ଏପରି ଏକ ଯୋଜନା ପ୍ରସ୍ତୁତ ହେବା ପରଠାରୁ ରାଜ୍ୟର ବିଭିନ୍ନ ବ୍ଲକ ଅଞ୍ଚଳରେ ମଧ ଅନେକ ଯୁବତୀଯୁବକ ସ୍ୱାବଲମ୍ବୀ ହୋଇପାରିଥିବା ମଙ୍ଗଳବାର ଗୋପ ବ୍ଲକ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ଜିଲା ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ଯୋଗଦେଇ ସୂଚନା ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପରାମର୍ଶ ଶିବିରରେ ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ଚିନ୍ମୟ କୋଠାରୀ ପ୍ରମୁଖ ଯୋଗଦେଇ ସରକାରଙ୍କ ମୂଳଲକ୍ଷ୍ୟ ଓ ତା'ର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ନିୟୋଜନ ବିଭାଗ ଓ ଗୋପ ବ୍ଲକର ଏହି ମିଳିତ ଉଦ୍ୟମରେ ଅନୁଷ୍ଠିତ ପରାମର୍ଶ ଶିବିରରେ ଗୋପ ବ୍ଲକର ୩୧ଟି ପଞ୍ଚାୟତରୁ ୧୬୮ଜଣ ଶିକ୍ଷିତ ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଏହି ପରାମର୍ଶ ଶିବିରରେ ରାଜ୍ୟ ଓ ଜିଲା ଅଞ୍ଚଳର କେତେକ କମ୍ପାନୀ କର୍ତ୍ତୃପକ୍ଷ ଯୋଗଦେଇ କମ୍ପାନୀ ପକ୍ଷରୁ ତାମିଲ ନେବାକୁ ଆସୁଥିବା ଯୁବତୀ ଯୁବକଙ୍କ ଲାଗି କେଉଁ କେଉଁ ସୁଯୋଗ ରହିଛି ସେ ସମ୍ପର୍କରେ ସୂଚନା ଦେଇଥିବା ବେଳେ ମହିଳାମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା କହିଥିଲେ। ଏହି ତାଲିମ ପ୍ରଦାନ ପର୍ଯ୍ୟାୟ କ୍ରମେ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଗୋପ ବ୍ଲକ ଜୀବିକା ମିଶନର ରୁବିଲତା ଓଝା, ମଞ୍ଜୁଲତା ପ୍ରଧାନ, ବେବୀ ବେହେରା, ପ୍ରଭାତି ପଟ୍ଟନାୟକ, ଜ୍ୟୋସ୍ନାରାଣୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଆଚାର୍ଯ୍ୟ ବ୍ୟାୟାମ ଓ କ୍ରୀଡ଼ାନୁଷ୍ଠାନ ପକ୍ଷରୁ ପୁରୀରେ ମଙ୍ଗଳବାର ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳନ କରାଯାଉଛି।

# 'ଆଚାର୍ଯ୍ୟଙ୍କ ସତ୍ୟ ପଥ ଅନୁସରଣ କରି ଭଲ ମଣିଷ ହୁଅ'

**ଆଚାର୍ଯ୍ୟ ହରିହରଙ୍କ ୧୪୫ତମ ଜୟନ୍ତୀ**

**ପୁରୀ ଅଫିସ,୨୧।୨**

ଆଚାର୍ଯ୍ୟ ବ୍ୟାୟାମ ଓ କ୍ରୀଡ଼ାନୁଷ୍ଠାନ ଏବଂ ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ୧୪୫ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଆଚାର୍ଯ୍ୟ ହରିହର ଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଚାର୍ଯ୍ୟଙ୍କ ସତ୍ୟ, ତ୍ୟାଗ ଓ ଅହିଂସା ପଥ ଅନୁସରଣ କରି ଜୀବନରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଓ ସୂଚନା ଅଧିକାରୀ ମାୟାଧର ମାନସିଂହ, ବରିଷ୍ଠ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଜ୍ୟୋତିର୍ବିଦ୍ ଅନାମଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ଚନ୍ଦ୍ର ଦାଶଙ୍କ ଦ୍ୱାରା ଆଚାର୍ଯ୍ୟଙ୍କ ତିଳତର୍ପଣ ପରେ ବେଦପାଠ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ଆଚାର୍ଯ୍ୟ ହରିହର ଛକ ପର୍ଯ୍ୟନ୍ତ ଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାତୃଭାଷା ଦ୍ୱାରା ମାତୃଭୂମିର ସେବା କରିପାରିବା

**ପୁରୀ ଅଫିସ,୨୧।୨**

ଫେବୃୟାରୀ ୨୨ ତାରିଖକୁ ବିଶ୍ୱ ମାତୃଭାଷା ଦିବସ ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ମାତୃଭାଷାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ନିଜ ମାତୃଭାଷାକୁ ଶ୍ରେଷ୍ଠ ମଣିଲେ ହିଁ ମଣିଷ ଶ୍ରେଷ୍ଠ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଡ.ହରପ୍ରସାଦ ମିଶ୍ର ଯୋଗଦେଇ ମାତୃଭାଷା ଦିବସର ଇତିହାସ ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସୋସିଆଲ ମିଡିଆରେ ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରିବା ସହ ଶୁଦ୍ଧ ଲିଖନ ଓ ପଠନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ମାତୃଭାଷା ଅଧ୍ୟୟନ ଦ୍ୱାରା କିପରି ଭବିଷ୍ୟତ ନିର୍ମାଣ କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନିଜ ମାତୃଭାଷା ଦ୍ୱାରା ମାତୃଭୂମିର କିଭଳି ସେବା କରିପାରିବା ସେଉପରେ ଅତିଥିମାନେ କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ କବିତା ଆବୃତ୍ତି କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପିକା ଝରଣା ସାହୁ, ଅଧାପିକା ଶିବାନୀ ଜେନା, ଅଧାପିକା ଲଳିତା ବେହେରା ଓ ଅଧାପିକା କବିତା ସାହୁ ପରିଚାଳନା କରିଥିଲେ।

# ମାତୃଭାଷା ସୁରକ୍ଷା ନେଇ ଆଲୋଚନା

**ଡେଲାଙ୍ଗ,୨୧।୨(ଡି.ଏନ୍.ଏ.)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗୁଆଳିପଡା କଲ୍ୟାଣ ମଣ୍ଡପ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଗୋଲଖଚନ୍ଦ୍ର ବରାଳ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ଆଚାର୍ଯ୍ୟ ସର୍ବେଶ୍ୱର ବାରିକ୍ ପ୍ରମୁଖ ଉପସ୍ଥିତ ରହି ମାତୃଭାଷାର ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଖବରଦାତା ପ୍ରଦୀପ ରଞ୍ଜନ ବିଶ୍ୱାଳ, ସନ୍ତୋଷ ପଟ୍ଟନାୟକ, ଚିତ୍ତରଞ୍ଜନ ଜେନା ପ୍ରମୁଖ ପୁରସ୍କୃତ କରିଥିଲେ। ଗୁରୁମା ଟୁକୁନି ମହାପାତ୍ର, ଚିନ୍ମୟୀ ମହାପାତ୍ର, ମନସ୍ୱିନୀ ଜେନା, ବିଜୟଲକ୍ଷ୍ମୀ ନାୟକ, ମମତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଗଡମୋଟରୀ ପଞ୍ଚାୟତର ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାନ୍ତି ଡେଲାଙ୍ଗ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାଶ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଓଡ଼ିଶା ପାଇଁ ବ୍ରୋଞ୍ଜ ଜିତିଲେ ଧନଲକ୍ଷ୍ମୀ

**ପୁରୀ ଅଫିସ,୨୧।୨**

କଥାରେ ଅଛି ଗୁରୁ ଛାତ୍ରୀଛାତ୍ରଙ୍କ ଭିତରେ ଲୁଚି ରହିଥିବା ଦକ୍ଷତା ଓ ସାମର୍ଥ୍ୟକୁ ପରିପ୍ରକାଶ କରିବା ପାଇଁ ଅପ୍ରାଣ ଉଦ୍ୟମ କରେ ଏବଂ ଏହି ଦକ୍ଷତା ଦିନେ ନିଜର ବିଦ୍ୟାଳୟ, ସହର, ରାଜ୍ୟ ଓ ଦେଶର ନାମକୁ ସାରା ବିଶ୍ୱରେ ଗୌରବାନ୍ୱିତ କରେ ଶିଷ୍ୟ। ଏହି ଉକ୍ତିକୁ ସାକାର କରିବାରେ ସମର୍ଥ ହୋଇଛନ୍ତି ପୁରୀ ଜିଲା ସ୍କୁଲର କ୍ରୀଡ଼ାଶିକ୍ଷକ ରଞ୍ଜନ କୁମାର ରେଡ୍ଡୀ ଓ ତାଙ୍କର ଶିଷ୍ୟା ଧନଲକ୍ଷ୍ମୀ ରାଓ। ଧନଲକ୍ଷ୍ମୀ ରାଓ ଜାତୀୟ ସବ୍ ଜୁନିୟର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଓଡିଶା ପାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ରତିଯୋଗତା ଗତ ୧୬ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ କୋଲକାତାରେ ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ ସବଜୁନିୟର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପରେ ଧନଲକ୍ଷ୍ମୀ ଭାଗ ନେଇଥିଲେ। ତେବେ ଦୀର୍ଘ ୩୦ ବର୍ଷର ଅପେକ୍ଷାର ଅବସାନ ଘଟାଇ ଓଡ଼ିଶାକୁ ବ୍ରୋଞ୍ଜ ପଦକ ଦେବାରେ ସଫଳତା ହାସଲ କରିଛନ୍ତି ଧନଲକ୍ଷ୍ମୀ। ଧନଲକ୍ଷ୍ମୀ ସୋମବାର ଟ୍ରେନ ଯୋଗେ ପୁରୀ ଫେରିଛନ୍ତି। ତାଙ୍କର ସଫଳତା ପାଇଁ ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର, ଧନଲକ୍ଷ୍ମୀ ରାଓ, କ୍ରୀଡାଶିକ୍ଷକ ରଞ୍ଜନ କୁମାର ରେଡ୍ଡୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସେହିପରି ନିତା ସ୍ପୋର୍ଟସ ଏକାଡେମୀ, ଜିଲା ସ୍କୁଲ ପ୍ରାକ୍ତନ ଛାତ୍ର ସଂସଦ ଓ ଅଭିଭାବକ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ଧନଲକ୍ଷ୍ମୀ ଗରିବ ପରିବାରର। ଧନଲକ୍ଷ୍ମୀଙ୍କ ଅଜା ତ୍ରିନାଥ ରାଓ ଜଣେ ଅଟୋ ଡ୍ରାଇଭର ଓ ମାତା ରାଧା ରାଓ ଜଣେ ଗୃହିଣୀ। ସ୍ୱଳ୍ପ ପଇସାରେ ପରିବାର ଭରଣପୋଷଣ କରନ୍ତି ଅଜା ତ୍ରିନାଥ। ଧନଲକ୍ଷ୍ମୀଙ୍କ ପାଖରେ ଲୁକ୍କାୟିତ କ୍ରୀଡା ପ୍ରତିଭାକୁ ଆବିଷ୍କାର କରିଥିଲେ କ୍ରୀଡାଶିକ୍ଷକ ରଞ୍ଜନ କୁମାର ରେଡ୍ଡୀ। ପରିବାର ସହିତ କଥା ହୋଇ ପୁରୀ ଜିଲା ସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ରଙ୍କ ସାହାଯ୍ୟ ଓ ସହଯୋଗ ବଳରେ ତାଙ୍କୁ ଜିମ୍ନାଷ୍ଟିକ ଶିକ୍ଷା ଦେବାରେ ଲାଗିଥିଲେ ରଞ୍ଜନ ରେଡ୍ଡୀ। ଏହି ଦୃଢ଼ତାର ଶିକ୍ଷାର ଆଜି ମୂଲ୍ୟ ଦେଇଛନ୍ତି ଶିଷ୍ୟା ଧନଲକ୍ଷ୍ମୀ।

# ମାଆ, ମାତୃଭାଷା ପ୍ରତି ଶିଶୁ କୃତଜ୍ଞ ରହିବା ଉଚିତ

**ଆନ୍ତର୍ଜାତିକ ମାତୃଭାଷା ଦିବସ**

**ପୁରୀ ଅଫିସ ୨୧।୨**

ଆର୍ନ୍ତଜାତିକ ମାତୃଭାଷା ଦିବସ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ମାରୁତି ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଫେସର ଡ.ମହେଶ୍ୱର ଦାଶଙ୍କ ସଭାପତିତ୍ୱରେ ଉକ୍ତ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହ ଯୋଗଦେଇ ମାତୃଭାଷାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଭାବେ ସାହିତ୍ୟିକ ଆଲୋକ ପ୍ରଧାନ ଯୋଗଦେଇ ଶିଶୁଙ୍କୁ ମାଆ ଓ ମାତୃଭାଷା ପ୍ରତି କୃତଜ୍ଞ ରହିଲେ ସେ ଭବିଷ୍ୟତରେ ସୁନାଗରିକ ଭାବେ ସମାଜକୁ ଦିଗ୍‌ଦର୍ଶନ ଦେଇପାରିବ ବୋଲି କହିଥିଲେ। ପ୍ରଧାନାଚାର୍ଯ୍ୟ ବିନୋଦ ସେନାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ରଥ ଧନ୍ୟବାଦ ଦେଇଥିଲେ। ପରେ ଶିଶୁଙ୍କ ଦ୍ୱାରା କବି ଓ ଲେଖକମାନଙ୍କର ବେଶ ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା କୁମାରୀ ପଟ୍ଟନାୟକ ମୁଖ୍ୟ ଅତିଥି, ସାହିତ୍ୟିକ ଡ. ନୃସିଂହଚରଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଦୁର୍ଗା ପ୍ରସାଦ ମହାପାତ୍ର, ପ୍ରଫେସର ଅତୁଲ ନନ୍ଦ ମଞ୍ଚାସୀନ ଅତିଥି ଭାବେ ସାମିଲ ଥିଲେ। ପରେ ପରିଚାଳନା କମିଟିର ସଭ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ କର ଓ ଅନନ୍ତ ତିଆଡ଼ି, ଅଧାପକ ସୁଶାନ୍ତ ଶତପଥୀ ଏବଂ ବିଶ୍ୱନାଥ ମିଶ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପରେ ଛାତ୍ରୀ ମିରା ଦାଶ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ପ୍ରିୟପତ୍ର ଓ ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ଆନୁକୂଲ୍ୟରେ ଭକ୍ତ ସାଲବେଗ ପୀଠ ପାଠାଗାର ସଭାଗୃହରେ ମାତୃଭାଷା ଦିବସ ପାଳନ କରାଯାଇଛି। ମେଳା କମିଟି ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ବୈଠକରେ ପ୍ରିୟପତ୍ର ସମ୍ପାଦକ ବିପିନବିହାରୀ ଦଳାଇଙ୍କ ପରିଚାଳନାରେ ମାତୃଭାଷା ଓ ଆମ ଦାୟିତ୍ୱ ସମ୍ବନ୍ଧରେ ଚର୍ଚ୍ଚା କରାଯାଇଥିଲା। ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ଏବଂ ପୁସ୍ତକ ମେଳା କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର ଭାଷା ସମ୍ବନ୍ଧରେ କହିଥିଲେ। ଦୟାନିଧି ତ୍ରିପାଠୀ, ସୁନୀଲ ରଥ, ହେମନ୍ତ ଛୋଟରାୟ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ହେମାଙ୍ଗିନୀ ମହାନ୍ତି, ବିଜୟ ମିଶ୍ର, ଶରତ ଚନ୍ଦ୍ର ସାହୁ, ଜାନକୀବଲ୍ଲଭ ଦାଶ, ବିଜୟ ପଣ୍ଡା, ଦେବରାଜ ପ୍ରଧାନ, ଭାଗୀରଥି ମହାନ୍ତି, ମହେନ୍ଦ୍ର ଦାଶ, ଚନ୍ଦ୍ରଶେଖର ମହାରାଣା, ଚନ୍ଦ୍ରଶେଖର ନାୟକ ପ୍ରଭୃତି ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଶିକ୍ଷକ ପ୍ରଶିକ୍ଷଣ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କୁ ପ୍ରୋତ୍ସାହନ, ବିଚ୍ଛିନ୍ନାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଭାଷା ସୁରକ୍ଷା କାର୍ଯ୍ୟକ୍ରମ, ଗଣମାଧ୍ୟମ ଓ ପ୍ରଶାସନ କ୍ଷେତ୍ରରେ ଭାଷା ବ୍ୟବହାର ଓ ଶୁଦ୍ଧତା ପ୍ରତି ଦୃଷ୍ଟି, ପିଲାଙ୍କ ପାଇଁ ପଠନ, ଲିଖନ କର୍ମଶାଳା ଆଦି କାର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ମଧୁବନସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃଭାଷା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ଅଶୋକ ମିଶ୍ର, ସମ୍ମାନିତ ଅତିଥି ଅଧାପକ ମୀନକେତନ ପାଟଯୋଶୀ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଯୋଗଦେଇଥିଲେ। ଶିକ୍ଷକ ବିଷ୍ଣୁପ୍ରସାଦ ପାଣି ଅତିଥି ପରିଚୟ ଦେଇଥିଲେ। ଶେଷରେ ପୁଷ୍ପଲତା ସେଠୀ ଧନ୍ୟବାଦ ଦେଇଥିଲେ। ପରେ ପିଲାମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।



ଅନ୍ତର୍ଜାତୀୟ ମାତୃଭାଷା ପାଳନ ଅବସରରେ ସ୍ୱଦେଶୀ ବେଶରେ ସଜ୍ଜିତ ମାରୁତି ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଭାରତକୁ ବିଶ୍ୱର ଶିକ୍ଷା ପେଣ୍ଠସ୍ଥଳୀ କରିବାକୁ ଆହ୍ୱାନ

ଭୁବନେଶ୍ୱର,୨୧।୨(ବ୍ୟୁରୋ): ଜାତୀୟ ଶିକ୍ଷା ନୀତି ପ୍ରଣୟନ ଦ୍ୱାରା ଆମର ଶିକ୍ଷା ବ୍ୟବସ୍ଥାକୁ ଅନ୍ତର୍ଜାତୀୟକରଣ କରୁଛୁ। ଜାମ୍ମୁକଶ୍ମୀରରେ ବିକାଶର ନୂଆ ସୂର୍ଯ୍ୟୋଦୟ ହୋଇଛି। ଶିକ୍ଷା ମନ୍ତ୍ରଣାଳୟ କଶ୍ମୀରର ସ୍କୁଆର୍ଟ ବିଶ୍ୱବିଦ୍ୟାଳୟକୁ ବୈଶ୍ୱିକରଣ କରିବା ପାଇଁ ସବୁ ପ୍ରକାର ସହଯୋଗ ପ୍ରଦାନ କରିବ। ଭାରତକୁ ବିଶ୍ୱର ଶିକ୍ଷା ପେଣ୍ଠସ୍ଥଳୀ ଭାବେ ପରିଣତ କରିବା ପାଇଁ ସବୁ ବିଶ୍ୱବିଦ୍ୟାଳୟକୁ ଆଗେଇ ଆସିବା ପାଇଁ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଭବନଠାରେ କଶ୍ମୀରର ସ୍କୁଆଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଶିକ୍ଷା ମେଳା- ୨୦୨୩ରେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ମେଳାରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜମ୍ମୁକଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, ରାଷ୍ଟ୍ରମନ୍ତ୍ରୀ ଡା. ଜିତେନ୍ଦ୍ର ସିଂହ ଓ ଆଇସିସିଆର୍‌ର ସଭାପତି ଡ. ବିନୟ ସହସ୍ରବୁଦ୍ଧେ ପ୍ରମୁଖ ଉପସ୍ଥିତ ଥିଲେ।

### ଅଳିଆ ପକାଇବାରୁ ଅଟୋ ସିଜ୍

ଭୁବନେଶ୍ୱର, ୨୧।୨ (ବ୍ୟୁରୋ): ରାସ୍ତାକଡ଼ରେ ଅଳିଆ ପକାଇବାରୁ ଏକ ଅଟୋକୁ ସିଜ୍ କରିଛି ବିଏମ୍‌ସି। ମଙ୍ଗଳବାର ସକାଳେ ଭରତପୁର ଅଞ୍ଚଳରେ ଏକ ଅଟୋରିକ୍ସା ଆବର୍ଜନା ଭର୍ତ୍ତି ବ୍ୟାଗ୍‌ଗୁଡ଼ିକୁ ରାସ୍ତାକଡ଼ରେ ପକାଉଥିଲା। ବିଏମ୍‌ସିର କେତେଜଣ ଅଧିକାରୀ ସହର ବୁଲୁଥିବା ସମୟରେ ଏଭଳି ଦୃଶ୍ୟ ଦେଖିବାକୁ ପାଇଥିଲେ। ସେମାନେ ସମ୍ପୃକ୍ତ ଅଟୋ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପରେ ସମ୍ପୃକ୍ତ ଅଟୋକୁ ସିଜ୍ କରାଯାଇଥିଲା। କିଛିଦିନ ତଳେ ବିଏମ୍‌ସି ପକ୍ଷରୁ ଏକ ଏସ୍‌ଓପି ଜାରି କରାଯାଇଥିଲା। ଏଥିରେ ସର୍ବସାଧାରଣ ସ୍ଥାନରେ ଅଳିଆ ପକାଇଲେ ୧୦ହଜାର ଟଙ୍କା ଜରିମାନା ଆଦାୟ ହେବ ବୋଲି ସୂଚନା ଦିଆଯାଇଥିଲା। ଏହାପରେ ୧୧ ତାରିଖରେ ବାହାରେ ଅଳିଆ ପକାଇବା ଓ ପୋଡ଼ିବା କାରଣରୁ ଏକ ରେଷ୍ଟୁରାଣ୍ଟକୁ ୫୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଦିନକୁ ଦିନ ବିଏମ୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି। ପ୍ରଥମେ ସଚେତନ କରିବା ପରେ ଏବେ ଜରିମାନା ଆଦାୟ ଏବଂ ଗାଡ଼ି ସିଜ୍ କରୁଥିବା ନଜରକୁ ଆସୁଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୧।୨(ବ୍ୟୁରୋ):ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାୟା ବାବା ବସ୍ତିରେ ରହୁଥିବା କଟକ ଜିଲାର ଛବି ଭଞ୍ଜ। ତାଙ୍କ ଠାରୁ ୫ କେଜି ୩୦୦ ଗ୍ରାମ ଗଞ୍ଜେଇ ଓ ୭୦୦ ଟଙ୍କା ଜବତ କରାଯାଇଛି। ଛବିଙ୍କ ନାମରେ ପୂର୍ବରୁ ୪ଟି ବେଆଇନ ନିଶା କାରବାର ମାମଲା ରହିଛି।

# 'ଗୁଣାତ୍ମକ ଶିକ୍ଷା ପାଇଁ ପଦକ୍ଷେପ ନିଅ'

**ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା**

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷମାନଙ୍କ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର କୃଷି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଅଧ୍ୟକ୍ଷମାନେ ନିଜ ବିଦ୍ୟାଳୟର ପ୍ରତ୍ୟେକ ବିଷୟର ଫଳାଫଳ ନିୟମିତ ସମୀକ୍ଷା କରିବା ସହ ଗୁଣାତ୍ମକ ଶିକ୍ଷା ପାଇଁ ପଦକ୍ଷେପ ନେବା ଓ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଓ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଅଧ୍ୟକ୍ଷମାନଙ୍କ କର୍ତ୍ତବ୍ୟ ଉପରେ ସେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ଅଧ୍ୟକ୍ଷମାନଙ୍କ ପାଇଁ ଏକ ଆହ୍ୱାନ। ସେମାନେ ବ୍ଲକରେ ଥିବା ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ସହ ସମନ୍ୱୟ ରଖି ଆସନ୍ତା ଶିକ୍ଷାବର୍ଷ ଆରମ୍ଭରେ ନାମଲେଖା ଅଭିଯାନ ପାଇଁ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୨ ଶିକ୍ଷାବର୍ଷ ପରୀକ୍ଷାରେ ଧନ୍ଦାମୂଳକ ଶିକ୍ଷାରେ ବିଭିନ୍ନ ଟ୍ରେଡ୍‌ରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ସମ୍ପର୍କରେ ନିର୍ଦ୍ଦେଶକ ରଘୁରାମ ଆୟାର ଆଲୋକପାତ କରିଥିଲେ।

ଏହି ଅବସରରେ ସମଗ୍ର ଶିକ୍ଷା ଓ ଷ୍ଟାର୍ସ ମାଧ୍ୟମରେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ, ୧୭୪ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ପୁନର୍ବିନ୍ୟାସ ଓ ଅନୁଦାନର ସୁବିନିଯୋଗ ଉପରେ ଆଲୋଚନା ହୋଇଥିଲା। ଏହି ବିଦ୍ୟାଳୟ ଗୁଡ଼ିକୁ କିପରି ସୁଦୃଢ଼ କରାଯାଇପାରିବ ଏବଂ ଛାତ୍ରୀଛାତ୍ରମାନେ ବିଭିନ୍ନ କର୍ମସଂସ୍ଥାନରେ ଯୋଗଦେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଅଧ୍ୟକ୍ଷମାନେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ୟୁନିସେଫ୍‌ର ଯଶୋବନ୍ତ ଶିଘାଲ ଓଡ଼ିଶା କ୍ୟାରିୟର ପୋର୍ଟାଲକୁ ଛାତ୍ରୀଛାତ୍ର କିପରି ଲଗ୍‌ଇନ କରିବେ ସେନେଇ ତାଲିମ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଉଦୟନାଥ ଦାଶ ନେତୃତ୍ୱ ବିକାଶ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ରାଜ୍ୟର ୨୩୧ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ମଧ୍ୟରୁ ପ୍ରଥମ ଦିବସରେ ୧୧୬ ଅଧ୍ୟକ୍ଷ ଉପସ୍ଥିତ ଥିବାବେଳେ ଦ୍ୱିତୀୟ ଦିବସରେ ଅବଶିଷ୍ଟ ୧୧୫ ଜଣ ଅଧ୍ୟକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


ଦକ୍ଷତା ବିକାଶ କର୍ମଶାଳାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ।

# ସୁନାଚେନ୍ ପାଇ ଫେରାଇଲେ ସ୍ୱଚ୍ଛସାଥୀ ପୂଜା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**ସମ୍ବର୍ଦ୍ଧିତ କଲା ବିଏମ୍‌ସି**

ଏବେ ବି ସମାଜରେ ସାଧୁତା ଦେଖିବାକୁ ମିଳୁଛି। ଅଭାବ ଅନଟନ ମଣିଷପଣିଆକୁ ସମ୍ପୂର୍ଣ୍ଣରୂପେ ମାରିପାରିନାହିଁ, ଯାହାର ଏକ ଉଦାହରଣ ସାଜିଛନ୍ତି ବିଏମ୍‌ସିର ସ୍ୱଚ୍ଛସାଥି ପୂଜା ସିଂହ। ଚନ୍ଦ୍ରଶେଖରପୁରସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରେ ପୂଜା କାମ କରୁଥିବାବେଳେ ଅଳିଆ ଭିତରୁ ୬ରୁ ୭ ଭରି ଓଜନର ଏକ ସୁନାଚେନ୍ ପାଇଥିଲେ। ଏହି ଚେନ୍‌କୁ ନିଜ ପାଖରେ ନ ରଖି ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପରେ ତଦନ୍ତ କରି ସୁନାଚେନ୍‌ଟିକୁ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି। ତାଙ୍କର ଏଭଳି କାର୍ଯ୍ୟ ପାଇଁ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଘଟଣା ଅନୁଯାୟୀ, ଶୈଳଶ୍ରୀବିହାର ଜିଏ କଲୋନୀର ବାସିନ୍ଦା ହେଉଛନ୍ତି ବିଭୂତି ଭୂଷଣ ସେଠୀ। ଜାଗର ଦିନ ବିଭୂତିଙ୍କ ମା'ଙ୍କର ଶ୍ରାଦ୍ଧବାର୍ଷିକୀ ଥିଲା। ଏଥିପାଇଁ ଘରେ ପୂଜା ହୋଇଥିଲା। ବିଭୂତି ରାତିରେ ଶୋଇବାବେଳେ ସୁନାଚେନ୍‌ଟିକୁ ବେକରୁ କାଢି ମା'ଙ୍କ ଫଟୋ ପାଖରେ ରଖି ଦେଇଥିଲେ। ପରଦିନ ସକାଳେ ଫଟୋ ପାଖରେ ଗଦା ହୋଇଥିବା ଫୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ଚେନ୍‌ଟିକୁ ନେଇ ସେ ଘର ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ପରେ ଡଷ୍ଟବିନ୍‌ରୁ ଅଳିଆ ବିଏମ୍‌ସି ସଫେଇ ଗାଡ଼ି ଏବଂ ଚନ୍ଦ୍ରଶେଖରପୁରସ୍ଥିତ ଏମ୍‌ସିସିକୁ ଯାଇଥିଲା। ବିଭୂତି ଚେନ୍ ପିନ୍ଧିବା ପାଇଁ ଖୋଜିବାବେଳେ ଭୁଲବଶତଃ ଅଳିଆ ସମେତ ଚେନ୍‌ଟିକୁ ଡଷ୍ଟବିନ୍‌ରେ ପକାଇଦେଇଥିବା ଜାଣିଥିଲେ। ପରେ ସମ୍ପୃକ୍ତ ଜୋନର ଜେଡିସି ପୁରନ୍ଦର ନନ୍ଦଙ୍କୁ ଏ ନେଇ ସୂଚନା ଦେଇଥିଲେ। ଏପଟେ ପୂଜା ଏମ୍‌ସିସିରେ ଅଳିଆ ପୃଥକୀକରଣ କରିବା ସମୟରେ ଏହି ଚେନ୍‌ଟିକୁ ପାଇଥିଲେ। ସେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ବିଭୂତିଙ୍କୁ ଯୋଗାଯୋଗ କରାଯାଇ ଚେନ୍‌ଟି ଫେରାଇ ଦିଆଯାଇଛି। ପୂଜାଙ୍କର ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ମେୟର, କମିଶନର, ଅତିରିକ୍ତ କମିଶନର ଏବଂ ଅନ୍ୟ ଅଧିକାରୀମାନେ ସମ୍ବର୍ଦ୍ଧିତ କରିବା ସହ ସାଧୁବାଦ ଜଣାଇଥିଲେ।


ବିଏମ୍‌ସି ପକ୍ଷରୁ ସ୍ୱଚ୍ଛସାଥି ପୂଜା ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର 'ଶତାବ୍ଦୀର କଳାକାର' ପକ୍ଷରୁ କଳିଙ୍ଗ ନାଟ୍ୟ ମହୋତ୍ସବରେ ପରିବେଷିତ ନାଟକ 'ହାରମୋନିୟମ୍'ର ଏକ ଦୃଶ୍ୟ।

# ୭ ଦିନିଆ ଭ୍ରମଣରେ ଯିବେ ୧୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଭାରତ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ**

ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ପାଇଁ ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ଭାରତ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରୁ ଯୁବସ୍ୱେଚ୍ଛାସେବୀ ଓ ଅଧିକାରୀଗଣ ସକାରାତ୍ମକ ଅନୁଭୂତି ସଂଗ୍ରହ କରି ଭବିଷ୍ୟତରେ ସମାଜସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ୧,୨୪,୧୦୦ ଛାତ୍ରୀଛାତ୍ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ 'ମୋ କଲେଜ ଅଭିଯାନ'ର ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଉଚ୍ଚଶିକ୍ଷା ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ସଫଳ ହେଲେ ଆଗାମୀ ବର୍ଷରେ ଏହାକୁ ଅଧିକ ବ୍ୟାପକ କରାଯିବ। ଏହି ପରିଭ୍ରମଣ ଅବସରରେ ସ୍ୱେଚ୍ଛାସେବୀମାନେ ଦେଶର ବିଭିନ୍ନ ସହର ବୁଲି ଐତିହ୍ୟ, ପରମ୍ପରା ସମ୍ପର୍କରେ ଅବଗତ ହୋଇ ସଂସ୍କୃତି ସହିତ ଅଧିକ ଯୋଡ଼ି ହୋଇପାରିବେ ବୋଲି ସଚିବ ଆଶାବ୍ୟକ୍ତ କରିଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ ଏହି ୭ ଦିନର ଭ୍ରମଣ ଦ୍ୱାରା ସ୍ୱେଚ୍ଛାସେବୀମାନେ ନିଜ ନିଜ ସମସ୍ୟାର ସମାଧାନ କରି ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚିବାକୁ ଦେବାର କଳା ଶିଖିପାରିବେ ବୋଲି କହିଥିଲେ।

ସୂଚନାଯୋଗ୍ୟ, 'ଭାରତ ଦର୍ଶନ' ରାଜ୍ୟ ସରକାରଙ୍କ ଏକ ଅଭିନବ ଏବଂ ଦେଶରେ ପ୍ରଥମ କରି ହେଉଥିବା କାର୍ଯ୍ୟକ୍ରମ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ମନରେ ସେବା ମନୋଭାବ ଅଧିକ ଜାଗ୍ରତ କରାଇବା ପାଇଁ ରାଜ୍ୟର ୧୦୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ଉତ୍ତର ଭାରତର ମଥୁରା, ବୃନ୍ଦାବନ, ଦିଲ୍ଲୀ, ଜୟପୁର, ରାୟପୁର ସମେତ ବିଭିନ୍ନ ସହର ଓ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାର ସୁଯୋଗ ଦେଇଛନ୍ତି। ସ୍ୱେଚ୍ଛାସେବୀମାନଙ୍କ ସହିତ କାର୍ଯ୍ୟକ୍ରମ ଅଧିକାରୀମାନେ ମଧ୍ୟ ସାମିଲ ହୋଇଛନ୍ତି। ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ୭ଦିନିଆ ଭ୍ରମଣ ଅବସରରେ ସ୍ୱେଚ୍ଛାସେବୀମାନେ ଉତ୍ତର ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହିତ ଅନ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମର କାର୍ଯ୍ୟାବଳୀକୁ ଅନୁଧ୍ୟାନ କରିବେ। ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଏବଂ ନିରଦ ବରଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

### ଜନବିଦ୍ୟାମନ୍ଦିର ପୁରାତନ ଛାତ୍ରଙ୍କ ବୈଠକ

ବାଲିପାଟଣା,୨୧।୨(ଡି.ଏନ୍.ଏ.): ଜନବିଦ୍ୟାମନ୍ଦିର ଚଣାହଟାର ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବ୍ରଜରାଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ପଞ୍ଜୀକୃତ ଅନୁଷ୍ଠାନ ପିପୁଲ୍ସ ହାଇସ୍କୁଲ ଏକ୍ସ ଷ୍ଟୁଡେଣ୍ଟ୍ ଆସୋସିଏଶନର କର୍ମକର୍ତ୍ତା ଚୟନ କରାଯାଇଥିଲା। ଅନୁଗ୍ରହ ନାରାୟଣ ପଟ୍ଟନାୟକ ସଭାପତି, ବ୍ରଜରାଜ ଜେନା ଉପସଭାପତି, ଦିଲୀପ କୁମାର ଓଝା ସାଧାରଣ ସମ୍ପାଦକ, ରମେଶ ଚନ୍ଦ୍ର ସାହାଣୀ, ଭବାନୀ ଶଙ୍କର ଦାଶ, ପ୍ରସନ୍ନ ମହାନ୍ତି, ଲକ୍ଷ୍ମଣ କୁମାର ମିଶ୍ର ସମ୍ପାଦକ ଓ ଅମରେଶ ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୭ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ତାଲିକା ସଂଗ୍ରହ ଲାଗି ପ୍ରତି ଗ୍ରାମ ପାଇଁ ପ୍ରତିନିଧିଙ୍କୁ ଦାୟିତ୍ୱ ଦିଆଯାଇଛି। ମାର୍ଚ୍ଚ ଶେଷ ସପ୍ତାହରେ ରାଜ୍ୟପାଳ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ୭୭ ବର୍ଷ ପ୍ଲାଟିନମ୍ ଜୁବିଲିର ଉଦ୍‌ଯାପନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସରପଞ୍ଚ ବାହାନ ଭୋଇ, ରମେଶ ସାହାଣୀ, ଅଧ୍ୟାପକ ଭବାନୀ ଶଙ୍କର ଦାଶ, ନରହରି ବେହେରା, ବିଭୁ ପ୍ରସାଦ ସାହୁ, ସୂର୍ଯ୍ୟନାରାୟଣ ମହାନ୍ତି, ସୁରେଶ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦାଶ, ଶକ୍ତିପ୍ରସାଦ ଦାସ, ସ୍ୱରୂପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅମିତଙ୍କୁ ୩ ମାସ ତଡ଼ିପାର୍

ଭୁବନେଶ୍ୱର,୨୧।୨(ବ୍ୟୁରୋ)

- ଲିଙ୍ଗରାଜ, ଏୟାରପୋର୍ଟ ଥାନାରେ ୯ ମାମଲା
- ୧୨ ବର୍ଷ ହେଲା ଘଟାଉଥିଲେ ଅପରାଧ

ଦୀର୍ଘ ୧୨ ବର୍ଷ ହେଲା ରାଜଧାନୀରେ ବିଭିନ୍ନ ଅପରାଧ ଘଟାଉଥିବା ଅଭ୍ୟାସଗତ ଅପରାଧୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରସ୍ଥିତ କୁଞ୍ଜପାଟଣା ଗ୍ରାମର ଅମିତ ସ୍ୱରୂପ ମହାପାତ୍ର ଓରଫ ସିତୁଲ (୩୦)ଙ୍କୁ କମିଶନରେଟ ପୋଲିସ ୩ମାସ ପାଇଁ ତଡ଼ିପାର୍ ନିର୍ଦ୍ଦେଶ ଦେଇଛି। ତଡ଼ିପାର କାହିଁକି କରା ନ ଯିବ ସେ ନେଇ ତାଙ୍କୁ ପୋଲିସ ପକ୍ଷରୁ ନୋଟିସ୍ କରାଯାଇଥିଲା। ହେଲେ ସେ କମିଶନରେଟ ପୋଲିସ କାର୍ଯ୍ୟାଳୟରେ ହାଜର ହୋଇ ନ ଥିଲେ। ତେଣୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ-୨୦୦୩ର ଧାରା ୪୬(କ) ଅନୁସାରେ ଅମିତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲିଙ୍ଗରାଜ ଥାନା ଓ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଅଞ୍ଚଳରେ ସୋମବାର ରାତିଠାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ତାଙ୍କ ବିରୋଧରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ମଧ୍ୟ ସିଆର୍‌ପିସି-୧୧୦ ଧାରା ଲାଗୁ କରାଯାଇଛି। ଅମିତଙ୍କ ନାମରେ ଲିଙ୍ଗରାଜ ଥାନାରେ ୫ଟି ଓ ଏୟାରପୋର୍ଟ ଥାନାରେ ୪ଟି ମାମଲା ରହିଥିବା ପୋଲିସ କହିଛି। ଏପରିକି ୨୦୨୦ ଜୁଲାଇରେ ସେ ଲିଙ୍ଗରାଜ ଥାନା ହାଜତରୁ ଖସି ପଳାଇଥିଲେ ବୋଲି ପୋଲିସ କହିଛି।


ଅମିତ ସ୍ୱରୂପ ମହାପାତ୍ର ଓରଫ ସିତୁଲ

# ଟିକେଟ୍ ବ୍ଲାକର୍‌ରୁ ଅପରାଧ ଜଗତରେ ପାଦ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

**ଖାରପଡ଼ା ପେଟ୍ରୋଲ ପମ୍ପରେ ଗୁଳିମାଡ଼ ଘଟଣା**

- ୧୦ମାସ ପରେ ମୁଖ୍ୟ ଅଭିଯୁକ୍ତ ମନୋଜ ଗିରଫ
- ବନ୍ଧୁକ ଜବତ, ବିଭିନ୍ନ ଥାନାରେ ୧୫ ମାମଲା

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡ଼ା ପେଟ୍ରୋଲ ପମ୍ପରେ ଗୁଳିମାଡ଼ ଘଟଣାରେ ଦୀର୍ଘ ୧୦ ମାସ ପରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ମନୋଜ ବେହେରାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ବନ୍ଧୁକ ସମେତ ୨ଟି ମାଗାଜିନ୍ ଓ ୯ଟି ଅଫୁଟା ଗୁଳି ଜବତ ହୋଇଛି। ତେବେ ଟିକେଟ୍ ବ୍ଲାକର୍‌ରୁ ସେ ଅପରାଧ ଜଗତରେ ପାଦ ଥାପିଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମନୋଜଙ୍କୁ ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି, ମନୋଜଙ୍କ ନାମରେ ଭୁବନେଶ୍ୱର ସହାଞ୍ଚଳ ପୋଲିସ ଜିଲାର ବିଭିନ୍ନ ଥାନାରେ ଗୁଳିମାଡ଼, ଚୋରି, ଲୁଟ୍, ଡକାୟତି ଆଦି ୧୫ଟି ମାମଲା ରହିଥିବା ବେଳେ ପୂର୍ବରୁ ଗିରଫ ହୋଇ ଜେଲ ମଧ୍ୟ ଯାଇଛନ୍ତି। ମନୋଜଙ୍କ ସହଯୋଗୀମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଛି।

ସୂଚନା ଅନୁଯାୟୀ, ମନୋଜଙ୍କ ପୈତୃକ ଘର ସମ୍ବଲପୁର ଜିଲାର ବୁର୍ଲା ଥାନା ଅନ୍ତର୍ଗତ ଗାନ୍ଧୀନଗର ଅଞ୍ଚଳରେ ହୋଇଥିବା ବେଳେ ସେ ଖାରବେଳନଗର ଥାନା ଅନ୍ତର୍ଗତ ରିକ୍ସା କଲୋନୀରେ ରହି ଆସୁଥିଲେ। ସେ ୨୦୧୬ରୁ ଅପରାଧ ଜଗତରେ ପାଦ ଥାପିଥିଲେ। ସେହି ସମୟରେ ମନୋଜ ଶ୍ରୀୟା ଟକିଜ୍ ପରିସରରେ ଟିକେଟ୍ ବ୍ଲାକ୍ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଗୁଳିମାଡ଼ କରିଥିଲେ। ୨୦୨୨ ମାର୍ଚ୍ଚ ୨୭ ରାତିରେ ଖାରପଡ଼ା ଗୋଲେଇ ଛକସ୍ଥିତ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପରେ ମନୋଜ ଦୁଇ ସହଯୋଗୀ ତେଲ ପକାଇବାକୁ ଆସି କର୍ମଚାରୀଙ୍କ ସହ ଗଣ୍ଡଗୋଳ କରିଥିଲେ। ସେହି ସମୟରେ ସେମାନେ ମନୋଜଙ୍କୁ ଡାକିଥିଲେ। ମନୋଜ ତାଙ୍କର ୧୦ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ୨ ରାଉଣ୍ଡ ଗୁଳିଚାଳନା କରିଥିଲେ। ଗୋଟିଏ ରାଉଣ୍ଡ ଗୁଳି ଲକ୍ଷ୍ୟଚ୍ୟୁତ ହୋଇଥିବାବେଳେ ଅନ୍ୟ ଗୁଳିଟି ବିଶ୍ୱଜିତ ନାମକ ଯୁବକଙ୍କ ଗୋଡ଼ରେ ବାଜିଥିଲା। ଏହାପରେ ମନୋଜ ତାଙ୍କ ସହଯୋଗୀଙ୍କ ସହ ଗାଡ଼ିରେ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୩୪/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।


ଗିରଫ ଅଭିଯୁକ୍ତ ମନୋଜ ବେହେରା।

# ଥଇଥାନ ଅପେକ୍ଷାରେ ଆମିଷ ବେପାରୀ

ଭୁବନେଶ୍ୱର, ୨୧।୨ (ବ୍ୟୁରୋ)

- ବ୍ୟବସାୟୀ ସଂଘ ସହ ଆଲୋଚନା କରିବାକୁ ଭୁଲିଗଲା ବିଏମ୍‌ସି
- ସବୁ ଆମିଷ ବ୍ୟବସାୟୀଙ୍କ ପାଇଁ ମାର୍କେଟ ନିର୍ମାଣ ଦାବି

ରାଜଧାନୀ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ପ୍ରତି ୱାର୍ଡରେ ମାଂସ ମାର୍କେଟ ନିର୍ମାଣ ହେବା ସହ ଆମିଷ ବ୍ୟବସାୟକୁ ବ୍ୟବସ୍ଥିତ କରାଯିବ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ସେହିଭଳି ଆସନ୍ତା ଦୁଇବର୍ଷ ମଧ୍ୟରେ ସବୁ ୱାର୍ଡ଼ରେ ମାର୍କେଟ ନିର୍ମାଣ ହେବ। ଏଥିପାଇଁ ପ୍ରତ୍ୟେକ ୨ମାସରେ ଥରେ ମାଂସ ବ୍ୟବସାୟୀଙ୍କ ସହ ମେୟର ଆଲୋଚନା କରିବେ ବୋଲି ମଧ୍ୟ ନିର୍ଦ୍ଧାରିତ ହୋଇଥିଲା। ଏହାଦ୍ୱାରା ମାର୍କେଟ ନିର୍ମାଣ କାର୍ଯ୍ୟ କେତେବାଟ ଆଗେଇଲା ସେ ସମ୍ପର୍କରେ ବ୍ୟବସାୟୀମାନେ ଅବଗତ ହୋଇପାରିବେ। ଏଥିସହ ସେମାନଙ୍କର ସମସ୍ୟା, ଦାବି ଉପସ୍ଥାପନ କରିପାରିବେ। ଡିସେମ୍ବର ୫ରେ ପ୍ରଥମ କରି ବ୍ୟବସାୟୀଙ୍କ ସହ ବିଏମ୍‌ସି ଆଲୋଚନା କରିଥିଲା। ଏହାପରେ ଫେବୃୟାରୀ ୫ରେ ଦ୍ୱିତୀୟ ଆଲୋଚନା ହେବା କଥା। ମାତ୍ର ଫେବୃୟାରୀ ମାସ ସରିବାକୁ ବସିଥିବାବେଳେ ବ୍ୟବସାୟୀ ଓ ବିଏମ୍‌ସିର କୌଣସି ଆଲୋଚନା ହୋଇପାରିନାହିଁ। ଅପରପକ୍ଷେ ଘାଟିକିଆରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ମାଂସ ମାର୍କେଟରେ ମାତ୍ର ୧୨ଜଣଙ୍କ ପାଇଁ ଥଇଥାନର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ୧୧ଜଣଙ୍କୁ ଦୋକାନ ଆବଣ୍ଟନ କରାଯାଇଥିବାବେଳେ ଗୋଟିଏ ଦୋକାନ ବନ୍ଦ ପଡ଼ିଛି। ସମ୍ପୃକ୍ତ ୱାର୍ଡରେ ୨୪ଜଣ ମଟନ୍ ବ୍ୟବସାୟୀ ଥିବାବେଳେ ୧୨ଜଣ ରାସ୍ତାକଡ଼ରେ ବ୍ୟବସାୟ କରୁଛନ୍ତି। ସହରରେ ହଜାର ହଜାର ଆମିଷ ବେପାରୀ ଥିବାବେଳେ ଘାଟିକିଆରେ ଗୋଟିଏ ମାର୍କେଟ ନିର୍ମାଣ କରିବା ସମୁଦ୍ରକୁ ଶଙ୍ଖେ ସଦୃଶ। ଅପରପକ୍ଷେ ସୋମବାର ବିଏମ୍‌ସିର ବଜେଟ୍ ପାସ୍ ହୋଇ ଥିବାବେଳେ ଏଥିରେ ୧ନଂ ଏବଂ ଅନ୍ୟ କେତେକ ମାର୍କେଟର କଳେବର ବଦଳାଇବାକୁ ପ୍ରସ୍ତାବ ରହିଛି। ତେଣୁ ଏଥିମଧ୍ୟରେ ସମସ୍ତ ଆମିଷ ବ୍ୟବସାୟୀଙ୍କୁ ସାମିଲ କରାଯାଇ ସେମାନଙ୍କ ପାଇଁ ସୁବ୍ୟବସ୍ଥିତ ମାର୍କେଟ ନିର୍ମାଣ କରାଯିବାକୁ ଦାବି କରାଯାଉଛି।

ଭୁବନେଶ୍ୱରରେ ରହୁଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ଲୋକ ଆମିଷ ପ୍ରିୟ। ଏମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ସହରରେ ୩୩୫୦ରୁ ଊର୍ଦ୍ଧ୍ୱ ଆମିଷ ବ୍ୟବସାୟୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩୫୦ରୁ ଊର୍ଦ୍ଧ୍ୱ ମଟନ୍ ବ୍ୟବସାୟୀ ହୋଇଥିବାବେଳେ ୧ହଜାର ଚିକେନ୍ ବ୍ୟବସାୟୀ ଏବଂ ୨ହଜାରରୁ ଊର୍ଦ୍ଧ୍ୱ ମାଛ ବ୍ୟବସାୟୀ ରହିଛନ୍ତି। ସେହିପରି ସହରରେ ବଡ଼ ଆମିଷ ବଜାର ଭାବେ ୪ନଂ, ୩ ନଂ, ୧ ନଂ ଓ ୮ନଂ. ମାର୍କେଟ, ବଡ଼ଗଡ଼ ହାଟ, ସୁନ୍ଦରପଦା, ଡମଣା ଆଦି କେତେକ ମାର୍କେଟ ରହିଛି। ଯେଉଁଠାରେ ମାଛ, ଚିକେନ୍, ମଟନ୍ ଉପଲବ୍ଧ ହେଉଛି। ତେବେ କେବଳ ୮ନଂ ମାର୍କେଟକୁ ଛାଡ଼ିଦେଲେ ଅନ୍ୟ ସବୁଠାରେ ଯିଏ ଯେପରି ଭାବେ ପାରୁଛନ୍ତି ବ୍ୟବସାୟ କରୁଛନ୍ତି। ସ୍ୱଚ୍ଛତା କିମ୍ବା ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ କରାଯାଉନାହିଁ। ଏହାବାଦ୍ ବିଭିନ୍ନ ଛକ ଏପରିକି ଗଳିଗୁଡିକରେ ମଧ୍ୟ ଆମିଷ ବେପାରୀ ବସୁଛନ୍ତି। ଏହାଦ୍ୱାରା ସ୍ମାର୍ଟସିଟିରେ ଏକ ନକାରାତ୍ମକ ଛବି ପ୍ରତିଫଳିତ ହେବା ସହ ପରିବେଶ ଅପରିଷ୍କାର ରହୁଛି। ତେଣୁ ଏହାକୁ ଦୂର କରିବା ସହ ଆମିଷ ବଜାରକୁ ବ୍ୟବସ୍ଥିତ କରିବା ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଛି। ସେହିପରି କେବଳ ମାଂସ ମାର୍କେଟ ନିର୍ମାଣ ନ କରି ମାଛ ବ୍ୟବସାୟୀଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘ ରାଜ୍ୟ ସଭାପତି ଶେଖ ମୁସ୍ତାକିମ୍ ବକ୍ସ କହିଛନ୍ତି, ଆମିଷ ବ୍ୟବସାୟ ସମୟରେ ସ୍ୱଚ୍ଛତା ଉପରେ ଦୃଷ୍ଟି ଦିଆଯିବା ନିହାତି ଆବଶ୍ୟକ, ଯାହା କରାଯାଉ ନାହିଁ। ବେପାରୀମାନେ ଯେଉଁଠି ପାରୁଛନ୍ତି ମାଂସ କାଟୁଛନ୍ତି। ସେମାନଙ୍କ ପାଇଁ ଏକ ସୁବ୍ୟବସ୍ଥିତ ମାର୍କେଟ ନିର୍ମାଣ କରିବାକୁ ବାରମ୍ବାର ବିଏମ୍‌ସି ପାଖରେ ଦାବି କରାଯିବା ପରେ ଘାଟିକିଆରେ ମାର୍କେଟ ନିର୍ମାଣ ହେଲା। ୬୭ଟି ୱାର୍ଡ ପାଇଁ ଗୋଟିଏ ମାତ୍ର ମାର୍କେଟ ହୋଇଛି। ସମସ୍ତ ୱାର୍ଡରେ ମାର୍କେଟ ନିର୍ମାଣ ନ ହେବା ପର୍ଯ୍ୟନ୍ତ ୟୁନିଟ-୮ ଭଳି ଭେଣ୍ଡିଂ ଜୋନ୍ ଢଙ୍ଗରେ ବ୍ୟବସ୍ଥିତ କରାଯାଉ। ମୁଖ୍ୟରାସ୍ତାରେ ଆମିଷ ବେପାର ବନ୍ଦ କରିବାକୁ ଗତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଜୟଦେବ ବିହାର ମୁଖ୍ୟ ରାସ୍ତାରୁ ହଟି ମଟନ୍ ଓ ମାଛ ବ୍ୟବସାୟୀମାନେ ନିକଟରେ ଥିବା ଦୁର୍ଗାମଣ୍ଡପ ପାଖରେ ବସିଛନ୍ତି। ମାତ୍ର ସେଠାରେ ତାଙ୍କୁ ବସିବାକୁ ଦିଆଯାଉ ନାହିଁ। ସେଠାରେ ୨ଜଣ ମଟନ୍ ବ୍ୟବସାୟୀ ଥିବାବେଳେ ୩୫ଜଣ ମାଛ ବ୍ୟବସାୟୀ ରହିଛନ୍ତି। ଏହା କେବଳ ଗୋଟିଏ ଅଞ୍ଚଳ କଥା ନୁହେଁ, ସହରର ବହୁତ ସ୍ଥାନରେ ଆମିଷ ବ୍ୟବସାୟୀମାନେ ଏଭଳି ଅବ୍ୟବସ୍ଥାରେ ବେପାର କରିବାକୁ ବାଧ୍ୟ ହେଉଛନ୍ତି। ଯଦି ବିଏମ୍‌ସି ବ୍ୟବସାୟୀଙ୍କ ସମସ୍ୟା ନ ବୁଝିବ ତେବେ ସେମାନଙ୍କ ପାଇଁ ବେପାର କରିବା କଷ୍ଟକର ହୋଇ ପଡିବ ବୋଲି ମୁସ୍ତାକିମ୍ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ବିଏମ୍‌ସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।



# ମିଶନଶକ୍ତି ମହିଳାଙ୍କ ପ୍ରଗତିର ସାଥୀ

**ଖୋର୍ଦ୍ଧା ଅଫିସ,୨୧।୨**

ଖୋର୍ଦ୍ଧା ଜିଲା ପ୍ରଶାସନ, ଓର୍‌ମାସ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡ଼ିଆରେ ମଙ୍ଗଳବାର ୫ମ ଦିବସୀୟ ଜିଲାସ୍ତରୀୟ ପଲ୍ଲିଶ୍ରୀ, ପୁସ୍ତକ ଓ କୃଷି ଯାନ୍ତ୍ରିକ ମେଳା, ଜିଲା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ମନ୍ତ୍ରୀ ପ୍ରଦୀପ ଅମାତ୍ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟ ସରକାର କୃଷି ଓ କୃଷକଙ୍କ ଆର୍ଥିକ ବିକାଶକୁ ପ୍ରାଥମିକତା ଦେଉଛନ୍ତି। ଜଳସେଚନଠାରୁ ଆରମ୍ଭ କରି କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଯୋଗାଇଦେବା ବ୍ୟବସ୍ଥା କରିଛନ୍ତି। ସମାଜ ବିକାଶରେ ମହିଳାଙ୍କ ସହଭାଗିତାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ମିଶନ ଶକ୍ତି ମହିଳାମାନଙ୍କ ପ୍ରଗତିର ସାଥୀ ପାଲଟିଛି ବୋଲି କହିଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କହିଥିଲେ, ସରକାର ମହିଳାଙ୍କ ଆର୍ଥିକ ବିକାଶକୁ ପ୍ରାଧାନ୍ୟ ଦେଇ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ଶିଳ୍ପର ଅଭିବୃଦ୍ଧି, ବିଶ୍ୱକପ୍ ଆୟୋଜନ, ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି। ମା'ମାନେ ସାମାଜିକ ସ୍ରୋତରେ ସାମିଲ ହୋଇ ପ୍ରଗତିପଥରେ ଆଗେଇ ଚାଲିଛନ୍ତି।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ, ସରକାର ମହିଳାଙ୍କୁ ସବୁକ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି। ମହିଳାଙ୍କ ଆର୍ଥିକ ବିକାଶରେ ସହାୟକ ହୋଇପାରିବ। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଥିଲେ, ମହିଳାମାନେ କେବଳ ଗ୍ରାମାଞ୍ଚଳରେ ସୀମିତ ନ ରହି ବିଭିନ୍ନ ଅଞ୍ଚଳ ବୁଲି ନିଜ ପାରଦର୍ଶିତାର ପରିଚୟ ଦେଉଛନ୍ତି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଥିଲେ, ମହିଳାଙ୍କ ଉନ୍ନତିରେ ଦେଶର ଉନ୍ନତି। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ କହିଲେ ଯେ, ପଲ୍ଲିଶ୍ରୀ ମେଳା ମହିଳା, କୃଷି ଓ କୃଷକଙ୍କ ବିକାଶ ଦିଗରେ ବେଶ୍ ସହାୟକ ହୋଇପାରିବ। ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିୟାନ କହିଲେ ଯେ, ବନ ବିଭାଗର ବିଭିନ୍ନ ଉନ୍ନୟନ ଯୋଜନାରେ ମହିଳାଙ୍କୁ ପ୍ରାଥମିକତା ଦିଆଯାଉଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ କହିଥିଲେ, ୨୦୨୦ରେ ଆୟୋଜିତ ମେଳାରେ ୧ କୋଟିର ବେପାର ହୋଇଥିଲା। ଚଳିତ ବର୍ଷ ଅଧିକ ଆଶା ରହିଛି। ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାରେ ଖୋର୍ଦ୍ଧା ସମେତ ଅନ୍ୟାନ୍ୟ ଜିଲାରୁ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ହସ୍ତକଳା, ହସ୍ତଶିଳ୍ପ ପ୍ରଦର୍ଶନ ସହ କୃଷିମେଳାରେ ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କୁ ସଚେତନ କରାଯିବ। ଚଳିତ ବର୍ଷ ୨୪୦ଟି ଷ୍ଟଲ୍ ପଡ଼ିଛି। ସେଥିରୁ ୧୪୦ଟି ଏସ୍‌ଏଚ୍‌ଜି, କୃଷି ଓ ଉପକରଣରେ ୫୦ଟି ଷ୍ଟଲ୍ ରହିଥିବା ବେଳେ ପୁସ୍ତକ ଓ ଅନ୍ୟ ଷ୍ଟଲ ରହିଛି। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ସହ ସେମାନଙ୍କ ଉତ୍ପାଦ ବିକ୍ରି ଲାଗି ବଜାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ସଭାପତିତ୍ୱ ଭାଷଣରେ ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ମହିଳାଙ୍କ ଦକ୍ଷତା, ଆର୍ଥିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପଲ୍ଲିଶ୍ରୀ ମେଳା ବିଭିନ୍ନ ଅଞ୍ଚଳର ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନୀରେ ସ୍ଥାନ ପାଇଛି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ଏହା ହେଉଛି ଏକ ମାଧ୍ୟମ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ଦେଇଥିଲେ। ଓର୍‌ମାସ ଉପ ନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ଓ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚିରସ୍ରୋତା ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବା ବେଳେ ପ୍ରଥମ ସନ୍ଧ୍ୟାରେ ପାଇକ ଆଖଡ଼ା, ରଘୁରାଜପୁର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟାନୁଷ୍ଠାନର କୁନି କଳାକାରମାନେ ଚିତ୍ତାକର୍ଷକ ଗୋଟିପୁଅ, ଗଞ୍ଜାମର ଚୈତନ୍ୟ ନିତ୍ୟାନନ୍ଦ ଘଣ୍ଟ, ମୃଦଙ୍ଗ ସଂଘ ପକ୍ଷରୁ ପଶୁମୁଖା ନୃତ୍ୟ, ବଉଳା ଗାଈ ଓ ବାଘ ଲଢ଼େଇ ଦର୍ଶକଙ୍କ ମନ ମୋହିଥିଲା।



ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳା ଉଦ୍‌ଘାଟନ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳା ଉଦ୍‌ଘାଟିତ**
- ବିକାଶରେ ମହିଳାଙ୍କ ସହଭାଗିତାକୁ ଗୁରୁତ୍ୱ
- ୨୪୦ ଷ୍ଟଲ୍‌ରେ ହସ୍ତଶିଳ୍ପ, କୃଷି ଉପକରଣ, ପୁସ୍ତକ ମେଳା
- ପାଇକ ଆଖଡ଼ା, ଗୋଟିପୁଅ, ପଶୁମୁଖା ମନ ମୋହିଲା

## ସଂକ୍ଷେପରେ

### ମନ୍ଦିର ତାଲା ଭାଙ୍ଗି ସୁନାଗହଣା, ଟଙ୍କା ନେଇଗଲେ
#### ମା'ଙ୍କ ଆଖି ତାଡ଼ି ଦେଲେ ଦୁର୍ବୃତ୍ତ



**ଖୋର୍ଦ୍ଧା ଅଫିସ,୨୧।୨:** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଧଉଳିମୁହଁ ଗ୍ରାମଦେବତୀ କାଳି ଠାକୁରାଣୀଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ନେଇଯାଇଛନ୍ତି। ଏଥିସହ ମା'ଙ୍କ ସୁନାଚିତା, ସୁନା ଓ ରୁପାହାର, ମଙ୍ଗଳସୂତ୍ର, କାନଫୁଲ ସମେତ ଦାନବାକ୍ସ ତାଲା ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ଗ୍ରାମବାସୀଙ୍କ ଠାରୁ ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସବୁଦିନ ପରି ଦେବ ନୀତି ସମ୍ପନ୍ନ ପରେ ପୂଜକ ରାତିରେ ମନ୍ଦିର ବନ୍ଦ କରି ଯାଇଥିଲେ। ସକାଳେ ମନ୍ଦିର ଖୋଲିବାକୁ ଆସିବା ବେଳେ ମୁଖ୍ୟ ଫାଟକ ତାଲା ଭଙ୍ଗାଯାଇଥିବା ଏବଂ ମା'ଙ୍କ ସ୍ୱର୍ଣ୍ଣ ଅଳଙ୍କାର ଏବଂ ଦାନ ବାକ୍ସ ଭଙ୍ଗାଯାଇଥିବା ଦେଖିବାକୁ ପାଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଛାନ୍‌ଭିନ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଉକ୍ତ ଅଞ୍ଚଳରେ କିଛିଦିନ ହେବ ଲଗାତର ଭାବେ ମନ୍ଦିରରୁ ଚୋରି ହେଉଥିବା ଜଣାପଡ଼ୁଛି। ନିକଟରେ ଝିଙ୍କିଝାରୀ ଗ୍ରାମ ମନ୍ଦିର ଏବଂ ସେହି ଗ୍ରାମର ଏକ ବଣିଆ ଦୋକାନରୁ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଥିଲେ। ସେହିପରି ତାପଙ୍ଗ ହନୁମାନ ମନ୍ଦିରରୁ ମଧ ଚୋରି ହୋଇଥିବା ଜଣାପଡ଼ିଛି। ପୋଲିସର ନିଷ୍କ୍ରିୟତାରୁ ଗ୍ରାମୀଣ ମନ୍ଦିରଗୁଡିକ ସୁରକ୍ଷିତ ନୁହଁ ବୋଲି ଗ୍ରାମବାସୀ କହିଛନ୍ତି। ଚୋରି ଘଟଣାର ଅନୁସନ୍ଧାନ କରାଯିବ ବୋଲି ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି।

### ଜମି ଦେବାକୁ କହି ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

**ନିରାକାରପୁର,୨୧।୨(ଡି.ଏନ୍.ଏ.):** ଜମି ଦେବାକୁ କହି ଟଙ୍କା ଠକିନେବା ଅଭିଯୋଗରେ ନିରାକାରପୁର ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଡିଆ ପଞ୍ଚାୟତ କୋଲସାହି ଗ୍ରାମର ଗତିକୃଷ୍ଣ ଦାଶ(୪୮)। ସୂଚନା ମୁତାବକ, ଜଣେ ବ୍ୟକ୍ତିଙ୍କୁ ଜମି ଦେବାକୁ କହି ଗତିକୃଷ୍ଣ ତାଙ୍କ ଠାରୁ ଟଙ୍କା ନେଇଥିଲେ। ପରେ ବ୍ୟକ୍ତି ଜଣଙ୍କ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏପରିକି ଗତିକୃଷ୍ଣ ଫେରାର ହୋଇଯାଇଥିଲେ। ଏନେଇ ବ୍ୟକ୍ତିଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୋମବାର ଗତିକୃଷ୍ଣ ଖୋର୍ଦ୍ଧା କୋର୍ଟକୁ ଆସିଥିବା ବେଳେ ଖବରପାଇ ପୋଲିସ ତାଙ୍କୁ ଧରିବା ସହ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୪/୨୩)ରୁଜୁ ହୋଇଥିବା ପୋଲିସ କହିଛି।

### ଅର୍ଜୁନ ହେଲେ ନିର୍ବାଚନ ଅଧିକାରୀ

**ଜଟଣୀ,୨୧।୨(ଡି.ଏନ୍.ଏ.):** ଜଟଣୀ ଲୟର୍ସ ଆସୋସିଏଶନର ନିର୍ବାଚନ ଅଧିକାରୀଭାବେ ଆଇନଜୀବୀ ଅର୍ଜୁନ ଚରଣ ସାମନ୍ତରାୟ ମନୋନୀତ ହୋଇଛନ୍ତି। ଲୟର୍ସ ଆସୋସିଏଶନର ୨୦୨୩-୨୪ ପାଇଁ ହେବାକୁ ଥିବା ନିର୍ବାଚନ ନିମନ୍ତେ ନିର୍ବାଚନ ଅଧିକାରୀ ପାଇଁ ଆସୋସିଏଶନ ପକ୍ଷରୁ ଗତ ୧୨ତାରିଖରେ ଏକ ସାଧାରଣ ପରିଷଦ ବୈଠକ ହୋଇଥିଲା। ଆସୋସିଏଶନର ସଭାପତି ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଓଡ଼ିଶା ଷ୍ଟେଟ ବାର୍ କାଉନସିଲର ଚିଠି ସଂଖ୍ୟା ଓଏସବିସି/୯୪୭୫(୧୫୨)/୨୩ ଆଧାରରେ ଆଇନଜୀବୀ ଅର୍ଜୁନଙ୍କୁ ନିର୍ବାଚନ ଅଧିକାରୀଭାବେ ଚୟନ କରାଯାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୨୧।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଆରେଡି ଗ୍ରାମସ୍ଥିତ ଗ୍ରାମେଶ୍ୱର ଦେବଙ୍କ ପୀଠରେ ପାଞ୍ଚଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ମଙ୍ଗଳବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା ଓ ଅନ୍ୟାନ୍ୟ ପୂଜା କରାଯାଇ ଅପରାହ୍ନରେ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ନିଆଯିବା ସହ ଯଜ୍ଞ ମଣ୍ଡପ ନିକଟରେ ଫୁଲତୋଡ଼ା ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ଶେଷ ଦିବସରେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଯୋଗଦେଇଥିଲେ।

# 'ମାତୃଭାଷା ହେଉଛି ଆମ ପରିଚୟ'



ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଅବସରରେ ବେଗୁନିଆରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିମାନେ।

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୧।୨ (ଡି.ଏନ୍.ଏ.)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଲ୍ଲାହାଟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟଙ୍କ ତତ୍ତ୍ୱାବଧାନରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହାକୁ ଆଚାର୍ଯ୍ୟା ମାନସୀ ଦାଶ ପରିଚାଳନା କରିଥିଲେ। ଆଚାର୍ଯ୍ୟା ଗାୟତ୍ରୀ ପାଣିଗ୍ରାହୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ମାତୃଭାଷା ହେଉଛି ଆମ ପରିଚୟ ବୋଲି ମତପ୍ରକାଶ ପାଇଥିଲା। ଜ୍ୟୋତ୍ସ୍ନାମୟୀ ଦାଶ, ଗୀତାଞ୍ଜଳି ମହାପାତ୍ର, ସସ୍ମିତା ସାହୁ ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଶିଶୁ ବର୍ଗରେ ସ୍ୱାଗତ ପ୍ରିୟଦର୍ଶୀ ପାଇକରାୟ, ତନୁଶ୍ରୀ ତ୍ରିପାଠୀ, ସୁସ୍ମିନ ପାତ୍ର ଓ ବାଳବର୍ଗରେ ସୌମ୍ୟରୂପା ରଥ, ଦେବୀ ପ୍ରସାଦ ସାହୁ, ମଧୁସ୍ମିତା ଶ୍ରୀଚନ୍ଦନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ସଭାଗୃହରେ 'ଆନ୍ତର୍ଜାତିକ ମାତୃଭାଷା ଦିବସ' ପାଳିତ ହୋଇଯାଇଛି। ଗେଡ଼ିଆପଲ୍ଲୀ ବାଣିଶ୍ରୀ କଳାନିକେତନ ଆନୁକୂଲ୍ୟରେ ଏକ ସଭା ହୋଇଥିଲା। ଅବସରପ୍ରାପ୍ତ ସେନାଧିକାରୀ ବସନ୍ତ ହୋତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାଲା ଗାୟକ ବସନ୍ତ ଦାସ ମଙ୍ଗଳାଚରଣ ପାଠ କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ମାତୃଭାଷା ବିକାଶ ସମ୍ବନ୍ଧୀୟ ସଚେତନତା ସଙ୍ଗୀତ ଗାନ କରିଥିଲେ। ବୋଲଗଡ଼ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ର ମୁଖ୍ୟ ଅତିଥି, ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଅତିଥିଭାବେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ସଙ୍କଳ୍ପ କରିଥିଲେ। ତେବେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଭାଷା ପ୍ରତି ପ୍ରୀତିର ଅଭାବ ପରିଲକ୍ଷିତ ହୋଇଛି। ଏବେ ମଧ ଶିକ୍ଷା, ସରକାରୀ ଦପ୍ତର ଓ ସାମାଜିକ ସ୍ତରରେ ଉଚ୍ଚାରଣ ଏବଂ ବ୍ୟବହାର ଆଶାତୀତ ଭାବେ ହ୍ରାସ ପାଇଛି ବୋଲି ମତପ୍ରକାଶ ପାଇଥିଲା। କବି ଶତ୍ରୁଘ୍ନ ସାହୁ, କଳ୍ପତରୁ ପଣ୍ଡା, ରଶ୍ମିରଞ୍ଜିତା ମହାପାତ୍ର, ସଂଘମିତ୍ରା ରଥ, ବନ୍ଦିତାରାଣୀ ଦାସ, ମାନସୀ ଦାସ, ଶରତ ପଣ୍ଡା, ଗିରିଜା ପ୍ରସାଦ ରାଉତରାୟ, ରାଜକିଶୋର ସାହୁ, ବୁଲା ବେହେରା, ଅଶ୍ୱିନୀ ପଟ୍ଟନାୟକ, ସତ୍ୟବାଦୀ ସାହୁ, ଡା.ସୁଧୀର ସାହୁ, ରାମଚନ୍ଦ୍ର ସାହୁ, ବିଭୁଚନ୍ଦ୍ର ଦାସ, ମନୋଜ ମହାପାତ୍ର, ପୀତାମ୍ବର ବେହେରା, ବିଜୟାନନ୍ଦ ମହାନ୍ତି, ଶେଖର ପ୍ରଧାନ ଯୋଗଦେଇଥିଲେ। ପ୍ରତିମା ପ୍ରଧାନ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଅକ୍ଷୟ ରଥ ଧନ୍ୟବାଦ ଦେଇଥିଲେ।

## ନୂତନ ପେନ୍‌ସନ ସ୍କିମ୍ ବନ୍ଦ ପାଇଁ ଦାବିପତ୍ର

**ଜଟଣୀ,୨୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶ୍ରମିକ ୟୁନିୟନ ପକ୍ଷରୁ ରେଳମଣ୍ଡଳ ପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ୟୁନିୟନ ମହାମନ୍ତ୍ରୀ ପି.କେ. ପାଟଶାହାଣୀଙ୍କ ଆହ୍ୱାନକ୍ରମେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ୧୫ଟି ଶାଖା କର୍ମଚାରୀ ନୂତନ ପେନ୍‌ସନ ଯୋଜନାକୁ ରଦ୍ଦକରି ପୁରାତନ ପେନ୍‌ସନ ଯୋଜନା ଲାଗୁ କରିବା ପାଇଁ ନିଜ ନିଜ ଶାଖା ଅଧୀନରେ ଥିବା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ପୋଷ୍ଟର ଓ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ। ପୁରାତନ ପେନ୍‌ସନ ଯୋଜନା ଲାଗୁ ପାଇଁ ଚଳିତ ମାସ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଥିବା ବେଳେ ସମସ୍ତ ଶାଖା ଅଧୀନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାରୋଡ ରେଳ ଶ୍ରମିକ ୟୁନିୟନର ମଣ୍ଡଳ ସଂଯୋଜକ ରଞ୍ଜିତ କୁମାର ଦାସଙ୍କ ନେତୃତ୍ୱରେ ଏମ୍‌ଡି. ଜାକିରୁଦ୍ଦିନ, ପି.କେ. ପଣ୍ଡା, ସଚ୍ଚିଦାନନ୍ଦ ରାଉତ, ବି.ଡି. ଜେନା, ଶାଖା ସମ୍ପାଦକ ପ୍ରମୋଦ କୁମାର ରାୟ, ନିର୍ମଳ ପରିଡ଼ା, ପ୍ରଦୀପ ବେହେରାଙ୍କ ସହିତ ବହୁ କର୍ମୀ ଯୋଗଦେଇ ଧାରଣା ଦେଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ ଅଶୋକ କୁମାରଙ୍କୁ ପ୍ରଦାନ କରାଯାଇଥିଲା।

## କେଜିଏରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ବେପାରୀ ଗିରଫ

**ଯାଁଲା,୨୧।୨(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଅରିଶଳ ଗ୍ରାମର ଚକରା ଜେନା। ଯାଞ୍ଚ ବେଳେ ତାଙ୍କ ଘରୁ ୧କେଜି ୨୭୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଅରିଶଳ ଗ୍ରାମର ଚକରାଙ୍କ ଘରେ ଚଢ଼ାଉ କରିଥିଲା। ପୋଲିସ ତାଙ୍କୁ ଧରିବା ସହ ଯାଞ୍ଚ ବେଳେ ଗଞ୍ଜେଇ ଜବତ କରିଥିଲା। ବେଆଇନ ଭାବେ ସାଧାରଣ ଲୋକଙ୍କୁ ଏହି ଗଞ୍ଜେଇ ବିକ୍ରି କରୁଥିବା ପଚରାଉଚରା ବେଳେ ଚକରା ସ୍ୱୀକାର କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

**କୃଷ୍ଣପ୍ରସାଦ,୨୧।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସବିତା ବିଶ୍ୱାଳଙ୍କ ନେତୃତ୍ୱରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୬ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ବ୍ରହ୍ମପୁର ମେଡିକାଲର ଡା. ରାଜେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପରୀକ୍ଷା କରାଯାଇଥିଲା। ଶିବିରରେ ବ୍ରହ୍ମପୁର ରୋଟାରି କ୍ଲବ ସଭାପତି ସୁମିତ୍ ପଟ୍ଟନାୟକ, ରାଜେଶ୍ୱର ରାଓ ବାବୁ ଯୋଗଦେଇଥିଲେ। ଭରତ ବେହେରା, ବିଷ୍ଣୁପ୍ରସାଦ ବେହେରା, ଅଞ୍ଚଳ ବିଶ୍ୱାଳ, ଶିବ ପ୍ରସାଦ ଦଳାଇ ପରିଚାଳନାରେ ସହଯୋଗ କରିଥିଲେ।

## ୩୬୯ ଜଣ ପାଇଲେ ଭିନ୍ନକ୍ଷମ ପ୍ରମାଣପତ୍ର


ଜଣେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୨୧।୨**

ଖୋର୍ଦ୍ଧା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୪୨୨ ଜଣ ପଞ୍ଜୀକରଣ କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ମୋଟ୍ ୩୬୯ ଜଣଙ୍କୁ ନୂତନ ଭାବେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଅସ୍ଥିଶଲ୍ୟରେ ମୋଟ ୧୭୪ ଜଣ ପ୍ରମାଣପତ୍ର ପାଇଥିବା ବେଳେ ଦୃଷ୍ଟିବାଧିତରେ ୫୩, ଶ୍ରବଣ ବାଧିତରେ ୫୫, ମାନସିକ ବିକାରଗ୍ରସ୍ତରେ ୮୭ ଜଣ ପାଇଛନ୍ତି। ଖୋର୍ଦ୍ଧା ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ, ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ବାଣ୍ଟିଥିଲେ। ଖୋର୍ଦ୍ଧା ବ୍ଲକର ସମସ୍ତ ଜନପ୍ରତିନିଧି, ଖୋର୍ଦ୍ଧା ପୌର ପରିଷଦର ସତ୍ୟଶଙ୍କର ମଙ୍ଗରାଜ, ପ୍ରିୟଙ୍କା ବଡ଼ଜେନା, ଟାଙ୍ଗିଆପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ଜେନା, ଅନନ୍ୟା ଛୋଟରାୟ, ଧନଞ୍ଜୟ ଛୋଟରାୟ, ବିଭୁ ପ୍ରସାଦ ସୁବୁଦ୍ଧି, ଅଶୋକ କୁମାର ପାଟଶାଣୀ, ପ୍ରମୋଦ ନାୟକ, ସରସ୍ୱତୀ ସେଠୀଙ୍କ ସହିତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପ୍ରମୁଖ ସହଯୋଗ କରିଥିଲେ।

**ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

# ଟାଇବ୍ରେକରରେ ଶରଧାପୁର ଚାମ୍ପିୟନ

### ବାବା ଆମ୍ବେଡ୍‌କର ଫୁଟ୍‌ବଲ ଟୁର୍ନାମେଣ୍ଟ

**ନିରାକାରପୁର,୨୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ଖେଳପଡ଼ିଆରେ ବାବା ଆମ୍ବେଡ୍‌କର ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ବାବା ଆମ୍ବେଡ୍‌କର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ୍ ଶରଧାପୁର ଫୁଟ୍‌ବଲ ଆସୋସିଏଶନ ଖୋର୍ଦ୍ଧା ଓ ମା' ମଙ୍ଗଳା ଫୁଟ୍‌ବଲ ଆସୋସିଏଶନ ଗଡ଼ମାଣତ୍ରୀ ମଧ୍ୟରେ ହୋଇଥିଲା। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ଶରଧାପୁର ୩-୨ ଗୋଲରେ ଗଡ଼ମାଣତ୍ରୀକୁ ହରାଇ ଚାମ୍ପିୟନ ହୋଇଛି। ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା, ସାମାଜିକ କର୍ମୀ ବିଶ୍ୱଭୂଷଣ ଛୋଟରାୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ନରେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଫାଇନାଲରେ

**ବେଗୁନିଆ,୨୧।୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ୩୬ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଘାଟିକିଆ ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଓ କଟକର ଚାନ୍ଦ କ୍ଲବ ମଧ୍ୟରେ ହୋଇଥିଲା। ବଜରଙ୍ଗବାଲୀ କ୍ଲବର ଖେଳାଳି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ଆଉ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଚାନ୍ଦ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବଜରଙ୍ଗବାଲୀ କ୍ଲବ ୨-୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳକ, ପ୍ରଫୁଲ୍ଲ କୁମାର ବେହେରା, ସଖାବତ ଅଲ୍ଲୀ ଖାଁ ଓ ବିଦେଶୀ ନାୟକ ସହ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଡ଼ବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ ମୁଖ୍ୟ ଅତିଥି, ମେହେଫୁସ ଖାଁ ଓ ସ୍ଥାନୀୟ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଜୟୀ ଟିମ୍‌ର ତୋଫାନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଫୈଜଲ ହୋସେନ ଖାଁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବର ଉପଦେଷ୍ଟା ତଥା ପୂର୍ବତନ ସର୍ବଭାରତୀୟ ଖେଳାଳି ଦୟାନ ଖାଁ ଧନ୍ୟବାଦ ଦେଇଥିଲେ। ଯାଜପୁର ଜିଲା ଧର୍ମଶାଳା ଫୁଟ୍‌ବଲ ଏକାଡେମୀ ଓ ଭୁବନେଶ୍ୱରର ସାନ୍ କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ବୁଧବାର ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୃଷ୍ଣପ୍ରସାଦ,୨୧।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତର ଅଣୁଆ ଗ୍ରାମବାସୀଙ୍କ ନେତୃତ୍ୱରେ ରଘୁନାଥ ଦେବ ଏବଂ ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସ ଶୋଭାଯାତ୍ରାରେ ମହିଳା ପୁରୁଷ ସାମିଲ ହୋଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ୧୧ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଦେବେନ୍ଦ୍ର ଜେନା, ସମ୍ପାଦକ ସୀମାଞ୍ଚଳ ତରେଇଙ୍କ ନେତୃତ୍ୱରେ ୧୫ଜଣିଆ କମିଟି ଉତ୍ସବରେ ସହଯୋଗ କରିଥିଲେ। ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ପହଞ୍ଚିବା ପରେ ବିଜେ ପ୍ରତିମାକୁ ମନ୍ଦିର ସିଂହାସନ ଆରୋହଣ କରାଯାଇଥିଲା। ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ନେତୃତ୍ୱରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଜିଲାର ପଣ୍ଡିତମାନେ ଯୋଗଦେଇଥିଲେ। ପଦ୍ମଚରଣ ତରେଇ, ମହେଶ୍ୱର ବିଶ୍ୱାଳ, ଶରତ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଶିବରାମ ଜେନା, ଅଶୋକ ବିଶ୍ୱାଳ, ସତ୍ୟବାନ୍ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କଟକରେ ହେବ ଟ୍ରାଇବାଲ ଭିଲେଜ

**କଟକ ଅଫିସ,୨୧।୨**

ହାଡିଆ ପଠାକୁ ଲାଗି ମହାନଦୀ କୂଳରେ ନିର୍ମାଣ ହେବ ଟ୍ରାଇବାଲ ଭିଲେଜ(ଆଦିବାସୀ ଜନଜାତି ଗ୍ରାମ)। ଏଥିସହ ପିଲାଙ୍କ ଖେଳକୁଦ ପାଇଁ ଖେଳପଡିଆ, ହସ୍ତଶିଳ୍ପ କଳା ଗ୍ୟାଲେରି, ଜୈବିକ ଉଦ୍ୟାନ ସହ ମୁକ୍ତାକାଶ ପାଠାଗାର ସ୍ଥାପନ କରାଯିବ। ଏନେଇ ମଙ୍ଗଳବାର କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତ ଯୋଜନା ମୁତାବକ, କୌଣସି କଂକ୍ରିଟ୍ ନିର୍ମାଣ ନ କରାଯାଇ ବାଲିଯାତ୍ରା ପଡିଆ ଓ ତତ୍‌ସଂଲଗ୍ନ ହାଡିଆ ପଠାକୁ ଲାଗି ମହାନଦୀ କୂଳର ୪୨୬ ଏକର ଜମିରେ ସିଡିଏ ପକ୍ଷରୁ ଖୁବ୍‌ଶୀଘ୍ର ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଆଦେଶକୁ ଭିତ୍ତିକରି ଏହି ଉନ୍ନତୀକରଣ କାର୍ଯ୍ୟ କରାଯିବ। ସେଥିପାଇଁ ତୁରନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଚେନ୍ନାଇର ଜନ୍ ଅର୍ବାନ ସ୍ପେସ୍ ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏନ୍‌ଜିଟି ଗାଇଡ୍ ଲାଇନ୍ ମୁତାବକ ଉକ୍ତ ଅଞ୍ଚଳକୁ ଯେପରି ସାଧାରଣ ଲୋକଙ୍କର ବ୍ୟବହାର ଉପଯୋଗୀ କରାଯିବ ଏବଂ ଲୋକାଭିମୁଖୀ ପ୍ରକଳ୍ପ ପ୍ରସ୍ତୁତ ହେବ ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମୋଟ ୪୨୬ ଏକର ଜମିରୁ ୨୬୧ ଏକରରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯିବ। ଏହାର ଦାୟିତ୍ୱ ବନ ବିଭାଗକୁ ହସ୍ତାନ୍ତର କରାଯିବ। ସେହିପରି ଐତିହାସିକ ବାଲିଯାତ୍ରା ପାଇଁ ୩୪ ଏକର ଜମିକୁ ଛାଡି ଅବଶିଷ୍ଟ ୧୩୧ ଏକର ଜମିରେ ଉପରୋକ୍ତ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରାଯିବ। ସିଡିଏ ଉପାଧ୍ୟକ୍ଷ ତଥା କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସିଡିଏର ଯନ୍ତ୍ରୀଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।


ବୈଠକରେ ସିଡିଏ ଉପାଧ୍ୟକ୍ଷ ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

**ସିଡିଏରେ ସମୀକ୍ଷା ବୈଠକ**

■ମହାନଦୀ କୂଳ ୪୨୬ ଏକର ଜମିରେ ନୂତନ ପ୍ରକଳ୍ପ

## ସଂକ୍ଷେପରେ

### ବିଭୁ ହୋତା ପାଇବେ କିଶୋରୀ ଚରଣ ପୁରସ୍କାର

**କଟକ ଅଫିସ, ୨୧।୨:** ଯୁବ କଥାକାର ବିଭୁ ହୋତା ଚଳିତବର୍ଷ କିଶୋରୀ ଚରଣ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହୋତାଙ୍କ ଦ୍ୱାରା ଲିଖିତ ତଥା ଭୁବନେଶ୍ୱରସ୍ଥିତ ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ଜହ୍ନପା' ପାଇଁ ସେ ଏହି ପୁରସ୍କାର ପାଇବେ। ତାଙ୍କ ପୁସ୍ତକ 'ଜହ୍ନପା' ସମେତ ଗଳ୍ପ ସଂକଳନ 'ଟାକୁଆ', 'ବୁନ୍ଦାଏ ବସୁଧା', 'ରଙ୍ଗଛୁଆଁ', 'କା କୁମାର କଥା' ଏବଂ 'ଉପନ୍ୟାସ 'ନହକା ଆକାଶ' ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ସୂଚନାଯୋଗ୍ୟ, କିଶୋରୀ ଚରଣ ସ୍ମୃତି ସଂସଦ ପକ୍ଷରୁ ୪୦ ବର୍ଷରୁ କମ୍ ବୟସ୍କ ଲେଖକଙ୍କ ଦ୍ୱାରା ରଚିତ ଗଳ୍ପ, ଉପନ୍ୟାସ ପୁସ୍ତକ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। କିଶୋରୀ ଚରଣଙ୍କ ୯୯ତମ ଜୟନ୍ତୀ ପାଳନ ଅବସରରେ ଆସନ୍ତା ମାର୍ଚ୍ଚ ୧ରେ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ହୋତାଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ସ୍ମୃତି ସଂସଦର ସମ୍ପାଦକ ବିଜୟାନନ୍ଦ ସିଂହ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ଯୁବ ସଂଗଠକ ଦେବାଶିଷ ଦାସଙ୍କ ସ୍ମୃତିସଭା

**କଟକ ଅଫିସ, ୨୧।୨:** ସାମାଜିକ କର୍ମୀ ତଥା ଯୁବ ସଂଗଠକ ଦେବାଶିଷ ଦାସଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ହରିହରଘାଟସ୍ଥିତ ଦେବାଶିଷଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ମୃତିଚାରଣ କରାଯାଇଥିଲା। ଉକ୍ତ ସଭାରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ମହମ୍ମଦ ମୋକିମ୍, ଡ. ପାବକ କାନୁନ୍‌ଗୋ, ଡା. ରବିରଞ୍ଜନ ସାହୁ, ପୂର୍ଣ୍ଣେନ୍ଦୁ ପ୍ରତାପ ସ୍ୱାଇଁ, ପ୍ରଶାନ୍ତ ନାୟକ, ଭିକାରୀ ଦାସ, କର୍ପୋରେଟର ଆରତୀ ସାହୁ, ବିଜୟ ଦଳେଇ, ଦୀପ୍ତିରଞ୍ଜନ ରାୟ, ଧର୍ମେଶ ନାୟକ, ଶଶୀଭୂଷଣ ଦାସ ପ୍ରମୁଖ ଯୋଗଦେଇ ସମାଜସେବା ସହିତ ଅନ୍ୟାୟ ବିରୋଧରେ ସଂଗ୍ରାମ ଅବ୍ୟାହତ ରହିବ ବୋଲି କହିଥିଲେ। ଆଇନଜୀବୀ ମିତ୍ରଭାନୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଲକ୍ଷ୍ମୀ ନାରାୟଣ କଲେଜରେ ସମ୍ବର୍ଦ୍ଧନା ସଭା

**ମଙ୍ଗୁଳି-ଜଗତପୁର,୨୧।୨(ଡି.ଏନ୍.ଏ.):** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ କଲେଜ ଇତିହାସ ବିଭାଗ ପକ୍ଷରୁ କଲେଜର ପୂର୍ବତନ ଛାତ୍ରୀ ମୋନାଲିସା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୋନାଲିସା ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ମନୋନୀତ ହୋଇ କନ୍ଦରପୁର କଲେଜ ଇତିହାସ ବିଭାଗରେ ନୂତନ ଅଧାପିକା ଭାବେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ଇତିହାସ ବିଭାଗର ମୁଖ୍ୟ କମଳ ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଲେଜ ଅଧକ୍ଷା ପ୍ରଫେସର ସସ୍ମିତା ପଟ୍ଟନାୟକ ଯୋଗଦେଇ ନୂତନ ଅଧାପିକାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଛାତ୍ରୀଛାତ୍ରମାନେ ଭଲ ପାଠପଢି କଲେଜର ଗାରିମା ବଜାଇ ରଖିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଧାପିକା ପୁଷ୍ପା ମଞ୍ଜରୀ ଦାଶ, ଇତିହାସ ବିଭାଗର ଅଧାପିକା ସୁଭାଷିନୀ ସ୍ୱାଇଁ ଓ ଅଧାପକ ପ୍ରକାଶ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଅବସରରେ ମୋନାଲିସା ନିଜର ଅନୁଭୂତି ସମ୍ପର୍କରେ କହିଥିଲେ।

# 'ସଦ୍‌ଗୁରୁ ମନୁଷ୍ୟଙ୍କୁ ସତ୍‌ପଥ ଦେଖାନ୍ତି'



**କଟକ ଅଫିସ,୨୧।୨**

**ଛତ୍ରବଜାର ବାର୍ଷିକ ସତ୍‌ସଙ୍ଗ**

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମୋତ୍ସବ ଓ ଛତ୍ରବଜାର ବାର୍ଷିକ ସତ୍‌ସଙ୍ଗ ଶଙ୍କରପୁର ଉପରସାହି ମଙ୍ଗଳା ମନ୍ଦିର ନିକଟ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ୩୬ ନମ୍ବର ୱାର୍ଡ ଉପଯୋଜନା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଆଲୋଚକ ଡ. ବିଜୟ କୁମାର ପରିଡ଼ା କହିଥିଲେ, ସତ୍‌ଗୁରୁ ମନୁଷ୍ୟକୁ ସତ୍‌ପଥ ଦେଖାଇଥାନ୍ତି। ବର୍ତ୍ତମାନ ସମଗ୍ର ମଣିଷ ସମାଜ ଗୋଟିଏ ବାରୁଦ ପାହାଡ଼ ଉପରେ ଛିଡ଼ା ହୋଇଛି। କେତେବେଳେ ଯେ ବିସ୍ଫୋରଣ ହୋଇ ବିଶ୍ୱକୁ ଧ୍ୱଂସ କରିଦେବ ତାହା କହିହେବ ନାହିଁ। ଏଥିରୁ ରକ୍ଷା ପାଇବା ପାଇଁ ଗୁରୁ ହିଁ ଏକମାତ୍ର ଆଶ୍ରୟସ୍ଥଳ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ପ୍ରମୋଦ କୁମାର ଶତପଥୀ, ସଞ୍ଜୀବ କୁମାର ନାୟକ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ନଗେନ୍ଦ୍ରନାଥ ସ୍ୱାଇଁ ଅଧ୍ୟକ୍ଷତା କରି ଗୁରୁ କେନ୍ଦ୍ରିକ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ଗୌତମ ତ୍ରିପାଠୀ ପ୍ରାରମ୍ଭିକ ସୂଚନା, ନିରଞ୍ଜନ ପଣ୍ଡା ସତ୍ୟାନୁସରଣ ଓ ପ୍ରମୋଦ କୁମାର ସାହୁ ଗ୍ରନ୍ଥ ପାଠ କରିଥିଲେ। ଦୀପକ ରାଉତ ଧ୍ୱନି ଦେଇଥିଲେ। ରାଜକିଶୋର ପ୍ରଧାନ, ରାମଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ମୁଦୁଲି, ସୁଧାଂଶୁ ଶେଖର ବାରିକ, ନାରାୟଣ ନନ୍ଦ, ଶଙ୍କର ସେଠୀ, କିଶୋର ସେଠୀ, ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଠାକୁରଙ୍କ ପ୍ରତିକୃତି ସହ ଭଜନ, କୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା।



କଟକ ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ବିଭିନ୍ନ ଗଣବେଶରେ ଛାତ୍ରୀଛାତ୍ରମାନେ।

## ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ

**କଟକ ଅଫିସ ୨୧।୨**

ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜୟନ୍ତୀ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ପଦ୍ମନାଭ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାମକୃଷ୍ଣଙ୍କ ନୀତିବାଣୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ଉପସଭାପତି ଡ. ସତ୍ୟ ରାୟ, ହେମେନ୍ଦ୍ର ନାରାୟଣ ଦାସ, ଡ. ଜ୍ଞାନେନ୍ଦ୍ରନାଥ ମହାନ୍ତି, ଡ. କଲ୍ୟାଣୀ ମହାନ୍ତି, ଗୋକୁଳାନନ୍ଦ ପଟ୍ଟନାୟକ, ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ବ୍ରହ୍ମାକୁମାରୀ ପାଠଶାଳା ଉଦ୍‌ଘାଟିତ

**ଚୌଦ୍ୱାର,୨୧।୨(ଡି.ଏନ୍.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାର୍‌ବାଟିଆସ୍ଥିତ ହାଉସିଂ ବୋର୍ଡରେ ବ୍ରହ୍ମାକୁମାରୀ ପାଠଶାଳା ଉଦ୍‌ଘାଟିତ ହୋଇଯାଇଛି। ପୌର ପରିଷଦ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କେଶବ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଯୋଜିକା ବ୍ରହ୍ମାକୁମାରୀ ପାର୍ବତୀ ଓ ବ୍ରହ୍ମାକୁମାରୀ ରାଜେଶ୍ୱରୀ ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଦର୍ଶ, ଲକ୍ଷ୍ୟ ଓ ମାନବ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ବୈଷ୍ଣବ ପ୍ରଧାନ, ରାଜ କିଶୋର ବେହେରା, ଭାଗୀରଥି ସାହୁ, ନିତ୍ୟାନନ୍ଦ ବିଶ୍ୱାଳ ଯୋଗ ଦେଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ, ଗୋଲଡେନ୍ ଷ୍ଟାର ବିଜୟୀ

**ଚୌଦ୍ୱାର,୨୧।୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ଆନ୍ତଃଜିଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଗୋଲଡେନ୍ ଷ୍ଟାର କ୍ଲବ୍ ଓ ଭୁବନେଶ୍ୱରର ଓସ୍କାର ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଗୋଲଡେନ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୭୯ ରନ୍ ସଂଗ୍ରହ କରିଥିଲା। ଓସ୍କାର ସ୍ପୋର୍ଟିଂ ୧୫ ଓଭର ସୁଦ୍ଧା ସମସ୍ତ ଉଇକେଟ ହରାଇ ୫୯ ରନ୍ କରିବାରେ ସକ୍ଷମ ହୋଇଥିଲା। ୪୮ ରନ୍ ସଂଗ୍ରହ ସହିତ ୪ ଉଇକେଟ ନେଇ ପ୍ରଦୀପ ଦାସ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ଅମ୍ପାୟାର ଅନିଲ କୁମାର ମହାନ୍ତି ଓ ଜାଫର ଅଲ୍ଲୀ ସାହା ମ୍ୟାଚ୍ ପରିଚାଳନା କରିଥିଲେ। ବଡ଼ସାମନ୍ତରାପୁର ସରପଞ୍ଚ ବିଶ୍ୱଜିତ୍ ମାଝୀ ଓ ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ ଏହି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସୁନୀଲ ଚନ୍ଦ୍ର ରାଉତ, ରଞ୍ଜନ ପରିଡ଼ା, କାହ୍ନୁ ଚରଣ ଓଝା, ଅଭିରାମ ଲେଙ୍କା, ରମେଶ ହାତୀ, ପ୍ରକାଶ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେବୋତ୍ତର ଜାଗାରେ ସାଂସଦ ପାଣ୍ଠି ଖର୍ଚ୍ଚ ହୋଇଛି

**ସ୍ୱୀକାର କଲେ ବିଡିଓ**

**କଟକ ସଦର,୨୧।୨(ଡି.ଏନ୍.ଏ.)**

ଧାର୍ମିକ ସ୍ଥଳରେ ଲୋକ ସଭା କିମ୍ବା ରାଜ୍ୟ ସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ୧୯୯୭ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ପରେ କେନ୍ଦ୍ର ସରକାର ନିୟମରେ ପରିବର୍ତ୍ତନ କରି ଦେବୋତ୍ତର ଜାଗାରେ ଉକ୍ତ ପାଣ୍ଠି ଖର୍ଚ୍ଚ ନ କରିବା ପାଇଁ ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିୟମକୁ ଉଲ୍ଲଂଘନ କରି କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ଦେବୋତ୍ତର ଜାଗାରେ ବ୍ଲକ କର୍ତ୍ତୃପକ୍ଷ ଉକ୍ତ ପାଣ୍ଠି ବେପରୁଆ ଭାବେ ଖର୍ଚ୍ଚ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ତତ୍କାଳୀନ ଜିଲାପାଳ ସୁଶାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ହୋଇଥିଲା। ତଦନ୍ତବେଳେ ଏହି ଅର୍ଥ ବେଆଇନ ଭାବେ ଖର୍ଚ୍ଚ ହୋଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା ମଧ୍ୟ ମାନିଛନ୍ତି। ୨୦୦୦ ମସିହାରୁ ଅଦ୍ୟାବଧି ଜଣେ ଲୋକ ସଭା ଓ ୩ ଜଣ ରାଜ୍ୟ ସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବିଭିନ୍ନ ଦେବୋତ୍ତର ଜାଗାରେ ଖର୍ଚ୍ଚ କରାଯାଇ ସାରିଛି। ଏବେସୁଦ୍ଧା ୪୦ ଲକ୍ଷ ଟଙ୍କା ବିଭିନ୍ନ ମନ୍ଦିରର ଉନ୍ନତି ପାଇଁ ଏମ୍‌ପିମାନେ ଦେଇଥିବାବେଳେ ତାହା ଖର୍ଚ୍ଚ ହୋଇପାରିନାହିଁ। ରାଜେନ୍ଦ୍ର ନଗର ନିକଟ ଏକ ଦେବସ୍ଥଳରେ ରାଜ୍ୟ ସଭା ସଦସ୍ୟଙ୍କ ଅନୁଦାନ ୩ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ବିବାଦ ଲାଗି ରହିଛି। ତେଣୁ ଚାପର ବଶବର୍ତ୍ତୀ ହୋଇ ବେଆଇନ କାର୍ଯ୍ୟ କରି କର୍ମଚାରୀମାନେ ଆଉ ଚାକିରିକୁ ବାଜି ଲଗାଇବେ ନାହିଁ ବୋଲି ଜଣେ ବରିଷ୍ଠ ଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି।

## ରାଜସ୍ୱ ଆଦାୟରେ ନିୟୋଜିତ ମିଶନ ଶକ୍ତି ମହିଳା


ତାଲିମ ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଅନ୍ୟମାନେ।

**କଟକ ଅଫିସ,୨୧।୨**

**ଆଜିଠୁ କ୍ୟାଶ୍‌ଲେସ୍ ଜରିଆରେ ଖଜଣା ଆଦାୟ**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ନିଷ୍ପତ୍ତି ମୁତାବକ କ୍ୟାଶ୍‌ଲେସ୍ ବ୍ୟବସ୍ଥା ଜରିଆରେ ମର୍କତନଗରରେ ଥିବା ବିଭିନ୍ନ ଜମିର ଖଜଣା ଆଦାୟ ବୁଧବାରଠାରୁ ଆରମ୍ଭ ହେବ। ଏଥିରେ ମିଶନ ଶକ୍ତି ମହିଳାମାନଙ୍କୁ ନିୟୋଜିତ କରାଯାଇଛି। ଏଥିପାଇଁ ଅରୁଣୋଦୟ ମାର୍କେଟସ୍ଥିତ ସିଡିଏ ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଧିକାରୀମାନେ ଯୋଗଦେଇ ପିଓଏସ୍ ମେସିନ ଜରିଆରେ ଡେବିଟ୍ କାର୍ଡ ବ୍ୟବହାର କରାଯାଇ କିପରି ଦେୟ ଆଦାୟ କରାଯିବ ସେ ସମ୍ପର୍କରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ତାଲିମ ଦେଇଥିଲେ। ସେକ୍ଟର ୧, ୬, ୭, ୮, ୯, ୧୦, ୧୧ ଓ ୧୩ରେ ବାସ କରୁଥିବା ଲୋକଙ୍କଠାରୁ ସେମାନେ ଖଜଣା ଆଦାୟ କରିବେ। ଏତଦ୍‌ବ୍ୟତୀତ ସେମାନେ ସିଡିଏର ଏକାଧିକ ମାର୍କେଟ କମ୍ପ୍ଲେକ୍ସ ବୁଲି ବ୍ୟବସାୟୀଙ୍କଠାରୁ ଲାଇସେନ୍ସ ଫି' ଓ ସର୍ଭିସ୍ ଚାର୍ଜ ସହ ଅନ୍ୟ ଦେୟ ମଧ୍ୟ ଆଦାୟ କରିବେ। ଏହି ବ୍ୟବସ୍ଥା ଲାଗୁ ହେବା ଫଳରେ ସିଡିଏର ରାଜସ୍ୱ ବୃଦ୍ଧି ପାଇବ ବୋଲି ସିଡିଏ ବିତ୍ତ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି, ସିଡିଏ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ସିଟିଜେନ୍ ସେଣ୍ଟ୍ରିକ ବ୍ୟବସ୍ଥା କରାଯିବା ନିମନ୍ତେ ପୂର୍ବରୁ ସିଡିଏ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ଲୋକମାନେ ସେମାନଙ୍କ ଦେୟ ଅନ୍‌ଲାଇନ୍‌ରେ ପଇଠ କରିବା ସହ ଅଭିଯୋଗ ଓ ସୂଚନା ଅଧିକାର ସମ୍ପର୍କିତ ତଥ୍ୟ ପାଇପାରିବେ ବୋଲି ବୈଠକରେ କୁହାଯାଇଥିଲା। ସେହିପରି ରାଜସ୍ୱ ବୃଦ୍ଧି ନିମନ୍ତେ ଅଧିକ ଗୁରୁତ୍ୱ ଦିଆଯିବ ଓ ମିଶନ ଶକ୍ତି ମହିଳାମାନଙ୍କୁ ଏଥିରେ ନିୟୋଜିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଦାବି ପୂରଣ ପାଇଁ ଗଣଧାରଣା



ଦାବି ପୂରଣ ପାଇଁ ଭଟିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା।

**ମଙ୍ଗୁଳି-ଜଗତପୁର,୨୧।୨(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତରେ ପିଇବା ପାଣି ସମସ୍ୟାର ସମାଧାନ ଓ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ମଙ୍ଗଳବାର ଭଟିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ବ୍ଲକ ସମ୍ପାଦିକା ମମତା ସାହୁଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାରଣାରେ ବସିଥିଲେ।

ଉକ୍ତ ପଞ୍ଚାୟତରେ ପ୍ରାୟ ଦେଢ଼ବର୍ଷ ହେବ ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ସୋଲାର ସିଷ୍ଟମ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରକଳ୍ପଗୁଡିକ ୨/୩ମାସ ଚାଲିବା ପରେ ଅଚଳ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ପଞ୍ଚାୟତରେ ୮୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳୁନି। ତୁରନ୍ତ ସେମାନଙ୍କୁ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି। ବିଡିଓ ଆଶୁତୋଷ ମିଶ୍ରଙ୍କ ଅନୁପସ୍ଥିତିରେ ବ୍ଲକ ଅଧିକାରୀ ମାନସ କର ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ବିଡିଓ ନିଜେ ଏଠାକୁ ଆସି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ପ୍ରତିଶ୍ରୁତି ନ ଦେଲେ ଧାରଣାରୁ ହଟିବୁ ନାହିଁ ବୋଲି ଧାରଣାକାରୀ ଅଡି ବସିଥିଲେ। ପରେ ମାନସ ବଡିଓଙ୍କ ସହ ଫୋନ୍‌ରେ ଧାରଣାକାରୀଙ୍କ ସହ କଥା କରାଇଥିଲେ। ବିଡ଼ିଓ ଆସନ୍ତା ୧ ମାସ ମଧ୍ୟରେ ଏହାର ତଦନ୍ତ କରାଯିବା ସହ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରାମା ଦେହୁରୀ, କାଞ୍ଚନ ଜେନା, ରମାମଣି ନାୟକ, କାଦମ୍ବିନୀ ମଲ୍ଲିକ, ଝରଣା ସାହୁ, ବିନୋଦିନୀ ବେହେରା, ରଞ୍ଜୁଲତା ବେହେରା ପ୍ରମୁଖ ଧାରଣାରେ ସାମିଲ ଥିଲେ।



ଅନୁବ୍ରତ ଅମୃତ ମହୋତ୍ସବ ଅବସରରେ ଅନୁବ୍ରତ ସମିତି ପକ୍ଷରୁ କଟକ କାଠଗଡ଼ା ସାହି ତେରାପନ୍ଥ ଭବନଠାରୁ ବାହାରିଥିବା ଶୋଭାଯାତ୍ରା।

## ଏପ୍ରିଲରେ କାର୍ଯ୍ୟକ୍ଷମ ହେବ ଛତ୍ରବଜାର ଅର୍ବାନ୍ ହାଟ

**କଟକ ଅଫିସ,୨୧।୨**

**ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିଲେ କମିଶନର**

■ରାଣୀହାଟରୁ ଗୋଶାଳା ରାସ୍ତାର ହେବ ସୌନ୍ଦର୍ଯ୍ୟକରଣ

■ନିର୍ମାଣ ହେବ ମାଛ ମାର୍କେଟ

ରାଣୀହାଟ ନିକଟରୁ ଗୋଶାଳା ପର୍ଯ୍ୟନ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯିବ। ସେହିପରି ଛତ୍ରବଜାରସ୍ଥିତ ନିର୍ମାଣାଧୀନ ଅର୍ବାନ ହାଟ ନିକଟରେ ଏକ ମାଛ ମାର୍କେଟ ହେବ। ତାଳଦଣ୍ଡା କେନାଲରେ ବର୍ଜ୍ୟବସ୍ତୁ ପକାଉଥିବା ଲୋକଙ୍କୁ ସିସିଟିଭି କ୍ୟାମେରା ଜଗିବ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ମଙ୍ଗଳବାର ଉକ୍ତ ସ୍ଥାନଗୁଡିକ ପରିଦର୍ଶନ କରି ଏଭଳି ନିଷ୍ପତ୍ତି ନେଇଛନ୍ତି। କମିଶନର ସହରରେ ଚାଲୁ ରହିଥିବା ଏକାଧିକ ପ୍ରକଳ୍ପ ବୁଲି ଅନୁଧ୍ୟାନ କରିବା ସହ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ରାଣୀହାଟ ନିକଟସ୍ଥ ତାଳଦଣ୍ଡା କେନାଲରେ ବର୍ଜ୍ୟବସ୍ତୁ ନ ପକାଇବା ପାଇଁ ସେ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଜନ ସଚେତନତା ସୃଷ୍ଟି କରିବା ପାଇଁ ସେ ସିଏମ୍‌ସି ଅଧିକାରୀଙ୍କୁ ଆଦେଶ ଦେବା ସହ ସେଠାରେ ସିସିଟିଭି କ୍ୟାମେରା ଲଗାଇବା, ବର୍ଜ୍ୟବସ୍ତୁ ପକାଇବା ପାଇଁ ଏକାଧିକ ଡଷ୍ଟବିନ ସ୍ଥାପନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ରାଣୀହାଟ ନିକଟରୁ ଗୋଶାଳା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ସୌନ୍ଦର୍ଯ୍ୟକରଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସିଏମ୍‌ସି ଇଞ୍ଜିନିୟରିଂ ବିଭାଗକୁ କମିଶନର ପରାମର୍ଶ ଦେଇଥିଲେ। ଏହାପରେ ଛତ୍ରବଜାରଠାରେ ନିର୍ମାଣାଧୀନ ଅର୍ବାନ ହାଟ ପରିଦର୍ଶନ କରିଥିଲେ। ଏପ୍ରିଲ ପୂର୍ବରୁ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ସେଠାରେ ଏକ ମାଛ ମାର୍କେଟ ସ୍ଥାପନ ପାଇଁ ତୁରନ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ କଲ୍ୟାଣସ୍ଥିତ ମାତୃଭବନ ନିକଟରେ ଚାଲିଥିବା ଜାଇକା କାମ ତଦାରଖ କରି ବର୍ଷାଦିନ ପୂର୍ବରୁ ପମ୍ପିଂ ଷ୍ଟେଶନ କାର୍ଯ୍ୟକ୍ଷମ ଓ ଠିକ୍ ପରିଚାଳନା କରିବାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ କହିଥିଲେ। ଏଥିସହ ନୂଆବଜାରସ୍ଥିତ ଗାନ୍ଧିଛକ କେନାଲ ପାଖରେ ଥିବା ନୀଳକଣ୍ଠେଶ୍ୱର ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଓଏମ୍‌ପିସ୍ଥିତ ଓଏସ୍‌ଏପି ନିକଟରେ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଲାଗି ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ନିର୍ମାଣାଧୀନ ଡିଏଭି ସ୍କୁଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୨।୨୦୨୩

| | |
|---|---|
| ୪,୨୨,୭୪୦ ଟଙ୍କା | |
| ସୁନା | ୯ ଗ୍ରାମ |
| ରୁପା | ୬୩.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ

ନିମାପଡ଼ା,୨୧।୨(ଡି.ଏନ୍.ଏ.)- ନିମାପଡ଼ା ଅଞ୍ଚଳର ୧୫ ବର୍ଷୀୟା ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ବାପା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପହରଣକାରୀ ଯୁବକ ଓ ତାଙ୍କ ବାପାଙ୍କ ବିରୋଧରେ ଏକ ମାମଲା (ନଂ. ୩୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଗତ ୧୩ ତାରିଖରେ ସ୍କୁଲକୁ ଯାଉଥିବାବେଳେ ଯୁବକ ତାଙ୍କୁ କେଉଁଆଡେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଅପହୃତାଙ୍କ ବାପା ଅପହରଣକାରୀ ଯୁବକଙ୍କ ବାପାଙ୍କୁ ପଚାରିବାରେ, ସେ ସୋମବାର ଅପହୃତାଙ୍କ ବାପାଙ୍କୁ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପୂର୍ବରୁ ନାବାଳିକାଙ୍କୁ ଅପହରଣକାରୀ ଯୁବକ ଭଲପାଉଛି ବୋଲି କହି ଛାତ୍ରୀ ଜଣକ ସ୍କୁଲ, ଟିଉସନ୍ ଯିବା ବାଟରେ ବିଭିନ୍ନ ସମୟରେ ଅଟକାଇ ହଇରାଣ କରୁଥିଲେ। ଏପରିକି ମୁଁ ନାବାଳିକାଙ୍କୁ ଭଲ ପାଉଛି, ବିବାହ କରିବି, ମୋତେ ବିବାହ ନ କଲେ ତତେ ଜୋରଜବରଦସ୍ତି ଉଠାଇ ନେବି, ମୋର କେହି କିଛି କରିପାରିବେନି ବୋଲି ଯୁବକ ନାବାଳିକାଙ୍କୁ ଧମକଚମକ ଦେଉଥିବା ସମ୍ପର୍କରେ ନାବାଳିକା ତାଙ୍କ ଘରେ କହିଥିଲେ। ପରେ ତାଙ୍କ ବାପା ଉକ୍ତ ଯୁବକଙ୍କୁ ବୁଝାଶୁଝା କରି ତାଗିଦ୍ କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ତୁରନ୍ତ ନାବାଳିକାଙ୍କୁ ଠାବ କରି ଅପହରଣକାରୀ ଯୁବକ ଓ ତାଙ୍କ ବାପାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ନିକଟରେ ଦାବି କରିଛନ୍ତି।

### ଶିଶୁ ଭବନର ୪୪ ତମ ପ୍ରତିଷ୍ଠା ଦିବସ

## ଆଚାର୍ଯ୍ୟଙ୍କ 'ଭଲ ମଣିଷ ହୁଅ' ବାର୍ତ୍ତା ପ୍ରେରଣାଦାୟୀ

ସାକ୍ଷୀଗୋପାଳ,୨୧।୨(ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଋଷିପ୍ରତିମ ଆଚାର୍ଯ୍ୟ ହରିହରଙ୍କ ତିରୋଧାନ ଦିବସ ଅବସରରେ ପୁଣ୍ୟାତ୍ମା ସ୍ମୃତିରେ ସ୍ଥାପିତ ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଶିଶୁ ଭବନରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୋଷାଧକ୍ଷ ଅଜିତ ନନ୍ଦ, ସଭ୍ୟା ରାଜଲକ୍ଷ୍ମୀ ଦାସ, ସଭ୍ୟ ପ୍ରମୋଦ ରଥ, କର୍ମଚାରୀ ବୃନ୍ଦ ଏବଂ ଅନ୍ତେବାସୀ ପପୁ ଭୋଳ, ବିଷ୍ଣୁ ପ୍ରସାଦ ସାହୁ ଆଚାର୍ଯ୍ୟ ହରିହରଙ୍କ ଭଲମଣିଷ ହୁଅ ବାର୍ତ୍ତା ଶିଶୁଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି କହିଥିଲେ। ଶିଶୁ ଭବନର ଅନ୍ତେବାସୀ ପଞ୍ଚସଖା ପୀଠକୁ ଯାଇ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ଅନୁଷ୍ଠାନ ପରିସରରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅନୁଷ୍ଠାନର ପରିଚାଳକ ସୁବୋଧ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଦୋଳପୂର୍ଣ୍ଣିମା ପୂର୍ବରୁ ଦୋଳବେଦି କାର୍ଯ୍ୟ ସରିବ



### ଶ୍ରୀମନ୍ଦିର ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ

■ମେଣ୍ଢାପୋଡ଼ି, ଦୋଳପୂର୍ଣ୍ଣିମାର ନୀତିନିର୍ଘଣ୍ଟ ଚୂଡ଼ାନ୍ତ

ପୁରୀ ଅଫିସ,୨୧।୨

ଶ୍ରୀମନ୍ଦିର ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକ ମଙ୍ଗଳବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ ମହାପ୍ରଭୁଙ୍କ ଅଗ୍ନିଉତ୍ସବ(ମେଣ୍ଢାପୋଡ଼ି) ଓ ଦୋଳପୂର୍ଣ୍ଣିମା ନୀତିକାନ୍ତି ସମ୍ପର୍କରେ ଆଲୋଚନା ହେବା ସହ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାର୍ଚ୍ଚ ୬ରେ ହେବାକୁ ଥିବା ମେଣ୍ଢାପୋଡି ବା ଅଗ୍ନିଉତ୍ସବ ନୀତି ସହ ୭ ତାରିଖରେ ହେବାକୁ ଥିବା ଦୋଳପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ସୁନାବେଶ ପାଇଁ ନୀତି ଓ ଦୋଳବେଦି ଉପରେ ହେବାକୁ ଥିବା ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ଚାଲୁଥିବାରୁ ଦୋଳପୂର୍ଣ୍ଣିମା ଦିନ ବିମାନରେ ଠାକୁର ବିଜେ କରି କିଭଳି ଦୋଳବେଦିକୁ ଆସିବେ ଓ ନୀତିକାନ୍ତି ଅନୁଷ୍ଠିତ ହେବ, ସେନେଇ ଛତିଶା ନିଯୋଗର ସଦସ୍ୟମାନେ ବୈଠକରେ ପ୍ରଶ୍ନ ଉଠାଇଥିଲେ। ତେବେ ଆସନ୍ତା ୨ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ତଥା ମହାପ୍ରଭୁଙ୍କ ସୁରୁଖୁରୁରେ ନୀତି ସମ୍ପାଦନ ହେବା ନେଇ ମୁଖ୍ୟ ପ୍ରଶାସକ ପ୍ରତିଶ୍ରୁତି ଦେଇଛନ୍ତି। ଦୋଳପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଦୋଳବେଦିକୁ ଆସି ଚତୁଃପାର୍ଶ୍ୱରେ ପ୍ରଦୀକ୍ଷଣ କରିବା ପରେ ପୂଜା ଓ ଭୋଗ କରାଯାଇଥାଏ। ଏଥିପାଇଁ ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣିମା ଦିନ ଚୂଡ଼ାନ୍ତ ହୋଇଥିବା ନୀତିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇ କହିଥିଲେ, ମେଣ୍ଢାପୋଡି ଏବଂ ଦୋଳପୂର୍ଣ୍ଣିମା ନୀତି ଯେପରି ଠିକ୍ ସମୟରେ ହେବ ଓ ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେନେଇ ଆଲୋଚନା ହୋଇଥିଲା। ତେବେ ନୀତିନିର୍ଘଣ୍ଟରେ କିଛିଟା ପରିବର୍ତ୍ତନ କରାଯାଇଛି। ଅପରପକ୍ଷେ ଶ୍ରୀମନ୍ଦିର ଚାରିପାଖରେ କାମ ଚାଲିଥିବା ବେଳେ ଦୋଳବେଦି ପାଖରେ ମଧ୍ୟ କାର୍ଯ୍ୟ ଚାଲିଛି। ତେବେ ଦୋଳପୂର୍ଣ୍ଣିମା ପୂର୍ବରୁ ଦୋଳବେଦି କାର୍ଯ୍ୟ ଶେଷ କରାଯିବ। ଯେପରି ନୀତିରେ କୌଣସି ସମସ୍ୟା ନ ହେବ ଓ ଭକ୍ତଙ୍କ ଭାବନାକୁ ଯେପରି ଆଘାତ ନ ହେବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସେହିପରି ଶ୍ରୀମନ୍ଦିର ଭିତର ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ କହିଥିଲେ, ଦୋଳବେଦି ନିକଟରେ ଚାଲିଥିବା କାର୍ଯ୍ୟ ଆସନ୍ତା ୧ କିମ୍ବା ୨ ତାରିଖରେ ଶେଷ ହେବ ବୋଲି ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ତେବେ କାମ ଚାଲିଥିବାରୁ ଦୋଳବେଦି ପରିସରକୁ ଭକ୍ତଙ୍କ ଯିବା ଉପରେ କଟକଣା ଲାଗିବା କଥାକୁ ପ୍ରଧାନ ଖଣ୍ଡନ କରିଛନ୍ତି। ବୈଠକରେ ସେପରି କିଛି ଆଲୋଚନା ହୋଇ ନ ଥିବାବେଳେ ଭକ୍ତଙ୍କ ସୁବିଧା ପାଇଁ ଶୀଘ୍ର କାମ ସାରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୬ ତାରିଖ ମେଣ୍ଢାପୋଡି ନୀତି ପାଇଁ ସନ୍ଧ୍ୟା ୭ଟାରେ ଠାକୁର ଦୋଳବେଦିକୁ ବିଜେ କରିବେ। ସେଠାରେ ନୀତି ସାରି ରାତି ୯ଟା ୧୫ରେ ଦୋଳବେଦିରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ସେହିପରି ୭ତାରିଖ ଦୋଳପୂର୍ଣ୍ଣିମା ଦିନ ସକାଳ ୮ଟାରେ ନାଭିକଟା ମଣ୍ଡପକୁ ବିଜେ କରିବା ପରେ ୮ଟା ରୁ ୯.୩୦ ମଧ୍ୟରେ ସୁନାବେଶ ସମ୍ପନ୍ନ କରାଯିବ। ଏହାପରେ ପୂର୍ବାହ୍ନ ୧୦ଟାରେ ବିମାନକୁ ବିଜେ କରି ବେଢ଼ା ପରିକ୍ରମା କରିବେ। ରାତ୍ର ୯.୩୦ ପର୍ଯ୍ୟନ୍ତ ଦୋଳବେଦିରେ ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ସୂଚନା ଦିଆଯାଇଛି। ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡ.କନୱର ବିଶାଳ ସିଂ, ପରିଚାଳନା କମିଟିର ସେବାୟତ ସଦସ୍ୟ, ଛତିଶା ନିଯୋଗ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅଗ୍ନି ଉତ୍ସବ, ଦୋଳପୂର୍ଣ୍ଣିମା ନେଇ ନୀତି ନିର୍ଘଣ୍ଟ

ପୁରୀ ଅଫିସ,୨୧।୨

ମାର୍ଚ୍ଚ ୬ରେ ଦୋଳବେଦିରେ ମହାପ୍ରଭୁଙ୍କ ଅଗ୍ନିଉତ୍ସବ ବା ମେଣ୍ଢାପୋଡି ନୀତି ସମ୍ପନ୍ନ ହେବାକୁ ଥିବା ବେଳେ ୭ ତାରିଖରେ ଦୋଳପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ସେହିପରି ଉକ୍ତ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ୬ ତାରିଖ ମେଣ୍ଢାପୋଡି ନୀତି ଅବସରରେ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁଯାୟୀ ରାତି ୩ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟା ହୋଇ ୩ଟା ୩୦ରେ ଭିତର ଶୋଧ, ୪ଟାରେ ମଙ୍ଗଳ ଆରତି, ୪ଟା ୧୫ରେ ମଇଲମ, ୪ ଟା ୪୦ରେ ତଡପ ଲାଗି, ୫ଟା ୩୦ରେ ଅବକାଶ, ୬ଟାରେ ରୋଷହୋମ, ୬ଟା ୩୦ ବେଶ ଶେଷ ହେବ। ପରେ ଅନ୍ୟାନ୍ୟା ନୀତିକାନ୍ତି ହୋଇ ମହାଲକ୍ଷ୍ମୀ ମନ୍ଦିରକୁ ଦିଅଁ ବିଜେ ୬ଟା, ମହଲକ୍ଷ୍ମୀ ମନ୍ଦିରରେ ନୀତି ଶେଷ ରାତି ୭ଟା, ଠାକୁର ଦୋଳ ବେଦିକୁ ବିଜେ ରାତି ୭ଟା ୧୫, ଦୋଳବେଦି ନୀତି ସାରି ଠାକୁର ବାହୁଡ଼ା ବିଜେ ରାତି ୯ଟା ୧୫ ଓ ରାତି ୧୨ଟାରେ ରାତ୍ର ପହୁଡ଼ ହେବ।

ସେହିପରି ୭ତାରିଖ ଦୋଳପୂର୍ଣ୍ଣିମା ନୀତି ନିଘଣ୍ଟ ଅନୁଯାୟୀ ରାତି ୩ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟା ହୋଇ ୩ଟା ୩୦ରେ ଭିତର ଶୋଧ, ୪ଟାରେ ମଙ୍ଗଳ ଆରତି, ୪ ଟା ୩୦ରେ ମଇଲମ ଓ ତଡପ ଲାଗି, ୪ଟା ୧୦ରେ ତଡପ ଲାଗି, ୫ଟା ୧୫ରେ ଅବକାଶ ପରେ ଅନ୍ୟ ନୀତି ହୋଇ ୮ଟାରେ ନାଭି କଟା ମଣ୍ଡପକୁ ଦିଅଁ ବିଜେ, ରାଜାଧିରାଜା ବେଶ ୮ଟାରୁ ୯ ଟା ୩୦, ନାଭି କଟା ମଣ୍ଡପରେ ନୀତି ଶେଷ ୯ଟା ୪୫, ବିମାନକୁ ଦିଅଁ ବିଜେ ୧୦ଟା, ବିମାନ ବେଢ଼ା ଆରମ୍ଭ ୧୦ ଟା ୩୦ ରୁ ୧୧ ଟା ୩୦ ପରେ ନୀତି ସାରି ଦୋଳବେଦିରୁ ଠାକୁର ବାହୁଡ଼ା ବିଜେ ରାତି ୯ଟା, ବେଢ଼ା ଶେଷ ୧୦ଟା, ସରସ୍ୱତୀ ମନ୍ଦିର ନିକଟରେ ବନ୍ଦାପନା ୧୦ଟା ୧୫, ଭିତର କାଠ ନିକଟକୁ ଦିଅଁ ବିଜେ ୧୦ଟା ୨୦, ଜଳ ଲାଗି ୧୦ଟା ୨୫, ଚଳନ୍ତି ପ୍ରତିମା ସିଂହାସନ ଓ ଦକ୍ଷିଣ ଘରକୁ ବିଜେ ୧୦ଟା ୩୦, ସୁନାବେଶ ମଇଲମ ୧୦ ଟା ୩୫ ପରେ ଅନ୍ୟାନ୍ୟ ନୀତି ହୋଇ ରାତ୍ର ପହୁଡ ରାତି ୩ଟା ୪୫ରେ ହେବ।

ଅପରପକ୍ଷେ ଦୋଳବେଦିରେ ହେବାକୁ ଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ୭ ତାରିଖ ମଧ୍ୟାହ୍ନ ୧୨ଟା ୩୦ରେ ବିମାନ ଦୋଳବେଦିକୁ ବିଜେ କରିବ। ୧୨ ଟା ୪୫ରେ ବେଢ଼ା ଶେଷ ହେବ। ଦୋଳକୁ ଦିଅଁ ବିଜେ ୧୨ଟା ୫୦, ମଇଲମ ଓ ମହାସ୍ନାନ ୧ଟା ୧୦, ବେଶ ୧ ଟା ୨୦ ପରେ ଅନ୍ୟ ନୀତି ହୋଇ ଛେରାପହଁରା ରାତି ୮ଟା ୪୦ ପରେ ବିମାନକୁ ଦିଅଁ ବିଜେ ୯ଟା ୫, ଦୋଳବେଦି ତଳ ବେଢ଼ା ୯ଟା ୩୦ ଏବଂ ଶ୍ରୀମନ୍ଦିରକୁ ଠାକୁର ବିଜେ ରାତି ୯ଟା ୩୦ ହେବା ନେଇ ବୈଠକରେ ଚୂଡ଼ାନ୍ତ ହୋଇଛି।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ



ଶ୍ରୀଜଗନ୍ନାଥ ବଲ୍ଲଭ ନିକଟ ବେଣ୍ଟ ପୋଖରୀ ପରିସରରେ ସେବାୟତମାନେ ବେଣ୍ଟ ନୀତି ସମ୍ପନ୍ନ କରୁଛନ୍ତି।

ପୁରୀ ଅଫିସ,୨୧।୨

ଫାଲଗୁନ ଶୁକ୍ଳ ଦ୍ୱିତୀୟା ତିଥି ଅବସରରେ ମଙ୍ଗଳବାର ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ପ୍ରଥମ ବେଣ୍ଟ ନୀତ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀବିଗହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମ ଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ର ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଯାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ପରେ ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡ଼ିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦିଅନ୍ତି। ଲେଙ୍କା ସେବକ ପଇଡଗୁଡ଼ିକୁ ମୃର୍ଗ ଭାବେ ବିବେଚନା କରି ଶରବିଦ୍ଧ କରିଥାନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ ରଖାଯାଇଥିବାବେଳେ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଯାତ୍ରୀଙ୍କଠାରୁ ଲୁଟ୍ କରି ଜଣେ ଗିରଫ

**ପୁରୀ ଅଫିସ,୨୧।୨:** ଚଳନ୍ତା ଟ୍ରେନରେ ଯାତ୍ରୀଙ୍କୁ ଛୁରି ଦେଖାଇ ଲୁଟ୍ କରିବା ଘଟଣାରେ ପୁରୀ ଜିଆର୍‌ପି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପିପିଲି ଥାନା ଅଞ୍ଚଳର ଦିଲୀପ ପଣ୍ଡା। ତାଙ୍କଠାରୁ ଜିଆରପି ପୋଲିସ ଗୋଟିଏ ଭ୍ୟାନିଟି ବ୍ୟାଗ, ୧୨ ହଜାର ଟଙ୍କା, ମୋବାଇଲ୍ ଫୋନ୍, ମଙ୍ଗଳସୂତ୍ର, ସୁନା ଚେନ୍, କାନ ଫୁଲ ଆଦି ଜବତ କରିଛି। ଏ ନେଇ ରେଳବାଇ କେସ ନଂ. ୧୪/୨୩ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, କୋଲକାତା ଶିବ୍‌ପୁରର ବର୍ଣ୍ଣି ସାହୁ ପରିବାର ସହ ଜଗନ୍ନାଥ ଏକ୍ସପ୍ରେସରେ ପୁରୀ ଆସୁଥିଲେ। ଖୋର୍ଦ୍ଧା ଷ୍ଟେଶନରୁ ଦିଲୀପ ଟ୍ରେନରେ ଚଢ଼ି ଡେଲାଙ୍ଗ ପାଖରେ ବର୍ଣ୍ଣିଙ୍କ ଭଉଣୀଙ୍କୁ ଛୁରି ଦେଖାଇ ଭ୍ୟାନିଟି ସହ ଟଙ୍କା ଲୁଟ୍ କରିଥିଲା। ଟ୍ରେନ୍‌ରେ ଥିବା ଜିଆର୍‌ପି ଓ ଆରପିଏଫ ପୋଲିସଙ୍କୁ ବର୍ଣ୍ଣି ଜଣାଇବା ପରେ ଦିଲୀପଙ୍କୁ ଧରିଥିଲେ।

## ଗୋଷ୍ଠୀ ସଂଘର୍ଷ ଘଟଣା, ୬ ଗିରଫ

ଅସ୍ତରଙ୍ଗ,୨୧।୨(ଡି.ଏନ୍.ଏ.)

ନୂଆଗଡ଼ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ ଅଷ୍ଟପ୍ରହରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ପୋଲିସ ମଙ୍ଗଳବାର ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଟୁନା ବେହେରା, ଭାବଗ୍ରାହୀ ପରିଡା, ଭିକାରୀ ପରିଡା, କୈଳାସ ବେହେରା, ରବୀନ୍ଦ୍ର ସେନାପତି ଏବଂ ଫଗୁ କାପ। ଏହି ଘଟଣାରେ ସମ୍ପୃକ୍ତ ଗ୍ରାମର ଏକାଧିକ ଫେରାର ରହିଛନ୍ତି। ୨ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ପୋଲିସ ପୃଥକ ୨ଟି ମାମଲା(ନଂ.୩, ୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ମଧୁପୁର ଗ୍ରାମରେ ଅଷ୍ଟପ୍ରହର ଚାଲିଥିଲା। ତେବେ ସେଠାରେ କୌଣସି କାରଣକୁ ନେଇ ଦୁର୍ଯ୍ୟୋଧନ ସେନାପତିଙ୍କ ସହ ଏକ ଗୋଷ୍ଠୀର ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ୬ଜଣ ଗୁରୁତର ହୋଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସୁଆଣ୍ଡୋ ଗସ୍ତ ପାଇଁ ସମୀକ୍ଷା ବୈଠକ

ପୁରୀ ଅଫିସ,୨୧।୨

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ସ୍ଥାନ ସାକ୍ଷୀଗୋପାଳସ୍ଥିତ ସୁଆଣ୍ଡୋରେ ଆସନ୍ତା ୨୩ତାରିଖରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପଟ୍ଟନାୟକିଆସ୍ଥିତ ସୂଚନା କେନ୍ଦ୍ର, ସୁଆଣ୍ଡୋ ଗ୍ରାମର ଲୋକେଶ୍ୱର ମନ୍ଦିର, ଗୋପବନ୍ଧୁଙ୍କ ଷଠିଘର, ଗୋପବନ୍ଧୁ ପାର୍କରେ ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଓ ଗୋପବନ୍ଧୁ ସଂଗ୍ରହାଳୟକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିବେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲାପାଳ ସମର୍ଥ ବର୍ମା ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇନଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାନୀୟ ଜଳ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ବ୍ୟବସ୍ଥା ଇତ୍ୟାଦି ତ୍ୱରାନ୍ୱିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ଦିଲୀପ କୁମାର ମହାପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପଜିଲାପାଳ ଭବତାରଣ ସାହୁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ସଂଘର ମହିଳା ଗୋଷ୍ଠୀ, ପଞ୍ଚାୟତ ସମିତି ଅଧକ୍ଷ ମୁହାଁମୁହିଁ

ନିମାପଡ଼ା, ୨୧।୨(ଡି.ଏନ୍.ଏ.)



ବ୍ଳକ କାର୍ଯ୍ୟ ପରିସରରେ ଅଭିଯୋଗ ପାଇଁ ଆସିଥିବା ମହିଳା ମହାସଂଘର ସଦସ୍ୟ।

ନିମାପଡ଼ା ବ୍ଳକ ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତର ମାତୃକୃପା ମିଶନ ଶକ୍ତି ମହାସଂଘର ପ୍ରାୟ ୨୦ଜଣ ସଦସ୍ୟ ଓ କର୍ମକର୍ତ୍ତା ପଞ୍ଚାୟତ ମହିଳା ମହାସଂଘର ପୁନର୍ଗଠନ କରାଯିବା ସମ୍ପର୍କରେ ବ୍ଳକ ପ୍ରଶାସନ ପଦକ୍ଷେପ ନେବାକୁ ବିଡିଓଙ୍କ ସହ ଆଲୋଚନା କରିବାକୁ ଓ ବିଡିଓଙ୍କୁ ଅଭିଯୋଗ କରିବାକୁ ବ୍ଳକ କାର୍ଯ୍ୟାଳୟକୁ ଯାଇଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଳକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍)ଙ୍କୁ ମଧ୍ୟ ମହିଳାମାନେ ଏ ବାବଦରେ ଅବଗତ କରିଥିଲେ। ପରେ ମହିଳାମାନେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ହେଲେ ଅଧକ୍ଷ ଉତ୍ତେଜିତ ହୋଇ ବିଡିଓ ଛୁଟିରେ ଅଛନ୍ତି, ଆସିଲେ କଥା ବୁଝିବେ ବୋଲି କହିବା ସହ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ମହିଳା ଗୋଷ୍ଠୀ ଓ ଅଧକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଏନେଇ ମାତୃକୃପା ମିଶନ ଶକ୍ତି ମହାସଂଘ ସଭାପତି ସୁକାନ୍ତ ପରିଡ଼ା, ସମ୍ପାଦକ ବୀଣାପାଣି ବାରିକ, ସଦସ୍ୟା ଉର୍ମିଳା ବରାଳ, ରୀତା ଦାସ, ତିଳୋତ୍ତମା ଜେନା, କମ୍ୟୁନିଟି ରିସର୍ଚ୍ଚ ପର୍ସନ ସନ୍ଧ୍ୟାରାଣୀ ନାୟକ, ଅମିତା ପାଲ, କଳ୍ପନା ପରିଡ଼ା, ତପସ୍ୱିନୀ ମଲ୍ଲିକ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିପିଏମ୍ ମଧୁଛନ୍ଦା ପ୍ରଧାନ କୁହନ୍ତି, ଆସନ୍ତା ୨୩ ତାରିଖରେ ପଞ୍ଚାୟତ ମହିଳା ମହାସଂଘର ପୁନର୍ଗଠନ ପାଇଁ ବିଡିଓ ପଦକ୍ଷେପ ନେବେ ବୋଲି ବିପିଏମ୍ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଶାନ୍ତ ପଡ଼ିଥିଲେ। ଏ ନେଇ ପଞ୍ଚାୟତ ସମିତି ଅଧକ୍ଷ କୁହନ୍ତି, କୌଣସି ମହିଳାଙ୍କୁ ଗାଳିଗୁଲଜ କରିନାହିଁ। ମହିଳାମାନେ ମିଥ୍ୟା ଅଭିଯୋଗ କରିଥିବା ଅଧକ୍ଷ କହିଥିଲେ।

# ବିନା ଜଳରେ ୨ହଜାର ଏକର ଖରାଟିଆ ଧାନ ଫସଲ ନଷ୍ଟ

### ଜିଲାପାଳଙ୍କୁ ଭେଟିଲେ ଚାଷୀ



କଣାସ,୨୧।୨(ସ୍ୱ.ପ୍ର.)

କଣାସ ବ୍ଳକ ଅନ୍ତର୍ଗତ ବକୁ ଆଖପାଖ ଗ୍ରାମପଞ୍ଚାୟତର ଅନେକ ଗ୍ରାମର ଶାରଦ ଧାନ ଫସଲ ଚଳିତ ବର୍ଷ ମକରା ନଦୀର ଘାଇ ଯୋଗୁ ନଷ୍ଟ ହୋଇଯାଇଛି। ଶ୍ରୀମକୁନ୍ଦପୁର, ବଣିକୁଦ, ଶିରିପୁର, ବକୁ, କେଶପୁର, ଧୂଆଁଳ, ମଣିଜିପୁର, ରକ୍ତପଟା, ଅଶ୍ୱସ୍ତପାରି, ରୋସଣା ଗ୍ରାମର ଚାଷୀ ଖରାଟିଆ ଧାନ ଚାଷକୁ ଚାହିଁ ବସିଥିଲେ। ହେଲେ ୨ହଜାରରୁ ଅଧିକ ଏକର ଜମିରେ ଖରାଟିଆ ଧାନଚାଷ କରିଥିବାବେଳେ ମଲାଗୁଣି ନଦୀରୁ ଜଳ କମିଯିବାରୁ ଧାନ ଗଛଗୁଡ଼ିକ ମରିବାକୁ ବସିଲାଣି। ଉମାକାନ୍ତ ପଟ୍ଟନାୟକ ଓ ଶ୍ୟାମଶଙ୍କର ମିଶ୍ରଙ୍କ ସମେତ ୨୦ଜଣ ଚାଷୀ ସୋମବାର ପୁରୀଠାରେ ଜିଲାପାଳଙ୍କୁ ଭେଟି ଏ ବାବଦରେ ଜଣାଇଥିଲେ। ଜିଲାପାଳ ତୁରନ୍ତ କଣାସ ତହସିଲଦାର ସନ୍ତୋଷ ଷଡ଼ଙ୍ଗୀଙ୍କୁ ଘଟଣାସ୍ଥଳକୁ ଯାଇ ଚାଷୀଙ୍କୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳବାର ତହସିଲଦାର ଷଡ଼ଙ୍ଗୀ ମଣିପୁରଠାରେ ଥିବା ରାମ ମନ୍ଦିର ନିକଟରେ ୨ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି। ମଲାଗୁଣି ନଦୀରେ ଜଳ ନ ଥିବାରୁ ମକରା ନଦୀରୁ ଉଠାଜଳସେଚନ ଦ୍ୱାରା ଜଳ ଯୋଗାଇବା ପାଇଁ ଚାଷୀ ଦାବି କରିଥିଲେ। ହେଲେ ଉଠାଜଳ ସେଚନ ବିଭାଗ ଭୁବନେଶ୍ୱରର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଜିତ୍ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ସେଥିପାଇଁ ଯନ୍ତ୍ରୀ ମହାନ୍ତି ବୁଧବାର ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରି କିପରି ଯୁଦ୍ଧକାଳୀନ ଭିତ୍ତିରେ ମକରା ନଦୀରୁ ଉଠାଜଳସେଚନ ମାଧ୍ୟମରେ ଜଳ ପହଞ୍ଚିବା ବ୍ୟବସ୍ଥା କରିବେ, ସେନେଇ ଟେଲିଫୋନ୍ ମାଧ୍ୟମରେ ଚାଷୀଙ୍କ ସହ ଆଲୋଚନା କରିଛନ୍ତି।

# କ୍ଷୁଦ୍ର ଚଳଚ୍ଚିତ୍ର ବାୟୋଫ୍ ଉଦ୍‌ଘାଟିତ

ପୁରୀ ଅଫିସ,୨୧।୨



ଫିଲ୍ମ ଫେଷ୍ଟିଭାଲରେ ବଙ୍ଗାଳୀ ଫିଲ୍ମ ଜଳସାଗରର ଏକ ଦୃଶ୍ୟ।

ପୁରୀ ପିଙ୍କ୍‌ହାଉସ ନିକଟ ବେଳାଭୂମିରେ ମଙ୍ଗଳବାର ୨୦ତମ କ୍ଷୁଦ୍ର ଚଳଚ୍ଚିତ୍ର ବାୟୋଫ୍ ଉଦ୍‌ଘାଟିତ ହୋଇଛି। ଦେଶର ବିଭିନ୍ନ ସ୍ଥାନରୁ ବିଭିନ୍ନ ପ୍ରକାରର ୬୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଚଳଚ୍ଚିତ୍ର ଏଠାରେ ସ୍କ୍ରିନିଂ କରାଯିବ। ଉତ୍ସବରେ ଅତିଥି ଭାବେ ବଙ୍ଗାଳି ଅଭିନେତ୍ରୀ କୋମଲିକା ଏବଂ ସମ୍ମାନିତ ଅତିଥି ଭାବେ ଉନିକା ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କ୍ଷୁଦ୍ର ଚଳଚ୍ଚିତ୍ର ବାୟୋଫ୍ କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ବ ପ୍ରଦର୍ଶିତ ହେବ। ବର୍ତ୍ତମାନ ସୁଦ୍ଧା ୩୦ରୁ ଅଧିକ ଚଳଚ୍ଚିତ୍ର ପହଞ୍ଚିଥିବା ବେଳେ ପ୍ରଦର୍ଶନୀରେ ୬୦ରୁ ଅଧିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର ସମ୍ଭାବନା ରହିଥିବା ଆୟୋଜକମାନେ ସୂଚନା ଦେଇଛନ୍ତି। ପ୍ରଦଶନୀରେ ବେଙ୍ଗଲୀ, ହିନ୍ଦୀ, ଇଂଲିଶ୍, ମରାଠୀ ଏବଂ ଓଡ଼ିଆ ଆଦି ଭାଷାର ବିଭିନ୍ନ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ଟାରୁ ରାତି ୧୨ ଟା ୪୦ ପର୍ଯ୍ୟନ୍ତ ୪ଟି ଶୋ'ରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ଚଳଚ୍ଚିତ୍ର ସଂଖ୍ୟା ବଢ଼େ ତେବେ ଅବଧି ବଢ଼ାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କୋଭିଡ୍ ପରେ ଏହା ପ୍ରଥମ କ୍ଷୁଦ୍ର ଚଳଚିତ୍ର ଫେଷ୍ଟିଭାଲ୍ ପୁରୀରେ ଅନୁଷ୍ଠିତ ହେଉଛି। ଯେ କୌଣସି ବ୍ୟକ୍ତି ଏଠି ଚଳଚ୍ଚିତ୍ର ଦେଖାଇପାରିବେ। ଏହି ଚଳଚ୍ଚିତ୍ରଗୁଡ଼ିକ ପୁରୀର ସମୁଦ୍ରକୂଳରେ ନିର୍ମିତ ତମ୍ବୁରେ ପ୍ରଦର୍ଶିତ ହେବ। ପ୍ରଥମ ଦିନରେ ବଙ୍ଗାଳୀ ଫିଲ୍ମ ସତ୍ୟଜିତ୍ ରାୟଙ୍କ ଜଳସାଗର ପ୍ରଦର୍ଶନ ହୋଇଥିଲା। ଏହି ଉତ୍ସବ ପାଳନ ପାଇଁ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦୦ ପ୍ରତିନିଧି ଆସୁଛନ୍ତି। ସାମ୍ପ୍ରତିକ ସଂସ୍କରଣରେ ଯେକୌଣସି ଇଚ୍ଛୁକ ବ୍ୟକ୍ତି ଚାହିଁଲେ ନିଜର ନୃତ୍ୟ, ଗୀତ ବିଭିନ୍ନ ପ୍ରକାର ଆଲୋଚନା ଓ ସାହିତ୍ୟ ଆସରା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରିପାରିବ ବୋଲି ଆୟୋଜକ ପ୍ରକାଶ କହିଛନ୍ତି। ବାୟୋଫ୍‌ର ଗତ ସଂସ୍କରଣରେ ୧୦ ହଜାରରୁ ଅଧିକ ପ୍ରତିନିଧି ଏବଂ ୩୫୦୦ଚଳଚ୍ଚିତ୍ର ନିର୍ମାତା ଅଂଶଗ୍ରହଣ କରିଥିବା ବେଳେ ଚଳିତବର୍ଷ ୪୦୦ ପ୍ରତିନିଧି ଏହି ଉତ୍ସବରେ ଯୋଗଦେଇଛନ୍ତି।

# ଆଇଆଇଟି ମାଡ୍ରାସରେ ପ୍ରସ୍ତୁତ ଉଡ଼ନ୍ତା ଟାକ୍ସି

**ବେଙ୍ଗାଲୁରୁ**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି), ମାଡ୍ରାସ୍‌ର ଏକ ଷ୍ଟାର୍ଟ ଅପ୍ କମ୍ପାନୀ ବେଙ୍ଗାଲୁରୁର ଏରୋ ଇଣ୍ଡିଆରେ ଗୋଟିଏ ଇଲେକ୍‌ଟ୍ରିକ୍ ଉଡ଼ନ୍ତା ଟାକ୍ସିର ଏକ ପ୍ରୋଟୋଟାଇପ୍‌ର ପ୍ରଦର୍ଶନ କରିଛି। କୁହାଯାଉଛି କି, ରାସ୍ତାରେ ଚାଲୁଥିବା କାର୍ ଅପେକ୍ଷା ଏହା ୧୦ ଗୁଣ ଅଧିକ ବେଗରେ ଚାଲିପାରିବ। ଏଥିସହ ଉଡ଼ନ୍ତା କାର୍ ହେଲିକପ୍ଟରଠାରୁ ମଧ୍ୟ ଅଧିକ ଜୋରରେ ଗତି କରିପାରିବ। ଇ-ପ୍ଲେନ୍ କମ୍ପାନୀ ଅନୁସାରେ, ଏହି ଟାକ୍ସି ଥରେ ପୂରା ଚାର୍ଜ ହେବା ପରେ ୨୦୦ କିମି ପର୍ଯ୍ୟନ୍ତ ଯାଇପାରିବ। ସତ୍ୟ ଚକ୍ରବର୍ତ୍ତୀ ଏବଂ ପ୍ରାଞ୍ଜଳ ମେହେଟା ଏହି ଟାକ୍ସି ପ୍ରସ୍ତୁତକାରୀ କମ୍ପାନୀ ସ୍ଥାପନ କରିଛନ୍ତି। କମ୍ପାନୀର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ମେହେଟାଙ୍କ କହିବା ଅନୁଯାୟୀ, ଏହି ଟାକ୍ସିର ଆକାର ଛୋଟ ହୋଇଥିବାବେଳେ ଏଥିରେ ଯାତ୍ରା କରିବା ସହଜ ଏବଂ ଅଳ୍ପ ବ୍ୟୟଯୁକ୍ତ। ଏହି ଟାକ୍ସିର ଓଜନ ୨୦୦ କିଗ୍ରା ।




# ‘କଶ୍ମୀର ଫାଇଲ୍ସ’ ଶ୍ରେଷ୍ଠ ଫିଲ୍ମ





## ଦାଦାସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ

**ମୁମ୍ବାଇ**

ବିବେକ୍ ଅଗ୍ନିହୋତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ ‘ଦ କଶ୍ମୀର ଫାଇଲ୍ସ’ଶ୍ରେଷ୍ଠ ଫିଲ୍ମ କାଟାଗୋରିରେ ଦାଦାସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଆୱାର୍ଡରେ ସମ୍ମାନିତ ହୋଇଛି। ସେହିପରି ଅନୁପମ ଖେରଙ୍କୁ ମୋଷ୍ଟ ଭର୍ସାଟାଇଲ୍ ଆକ୍ଟର ଆୱାର୍ଡ ପ୍ରଦାନ କରାଯାଇଛି। ରବିବାର ମୁମ୍ବାଇ ଦ ତାଜ୍ ଏଣ୍ଡରେ ଏହି ଆୱାର୍ଡ ସେରେମୋନି ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ଫିଲ୍ମ ‘ଗଙ୍ଗୁବାଇ କାଠିଆୱାଡ଼ି’ରେ ମୁଖ୍ୟ ଭୂମିକାରେ ଅଭିନୟ ପାଇଁ ଆଲିଆ ଭଟ୍ଟଙ୍କୁ ବେଷ୍ଟ ଆକ୍ଟ୍ରେସ୍ ଏବଂ ସ୍ୱାମୀ ରଣବୀର କପୁରଙ୍କୁ ‘ବ୍ରହ୍ମାସ୍ତ୍ର’ ଫିଲ୍ମର ପ୍ରଥମ ସଂସ୍କରଣ ପାଇଁ ବେଷ୍ଟ ଆକ୍ଟର ଆୱାର୍ଡରେ ସମ୍ମାନିତ କରାଯାଇଛି। ପାନ୍ ଇଣ୍ଡିଆ ଫିଲ୍ମ‘ଆର୍‌ଆର୍‌ଆର୍’କୁ ଫିଲ୍ମ ଅଫ୍ ଦ ଇୟର୍ ଶ୍ରେଣୀରେ ଦାଦା ସାହେବ ଫାଲ୍‌କେ ନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷେ କନ୍ନଡ ହିଟ୍ ଫିଲ୍ମ ‘କନ୍ତାରା’ ପାଇଁ ବେଷ୍ଟ ପ୍ରୋମିସିଂ ଆକ୍ଟର ଆୱାର୍ଡରେ ଫିଲ୍ମ ନିର୍ମାତା ତଥା ଅଭିନେତା ରିଶବ ଶେଟ୍ଟୀଙ୍କୁ ସମ୍ମାନିତ କରାଯାଇଛି। ଦାଦା ସାହେବ ଫାଲ୍‌କେ ଭଳି ସମ୍ମାନଜନକ ପୁରସ୍କାର ପାଇ ବେଶ୍ ଉତ୍ସାହିତ ଥିବା ସହ ଆଗାମୀ ଦିନରେ ଏଭଳି ଅନେକ ମନୋରଞ୍ଜନକାରୀ ଫିଲ୍ମ ଦର୍ଶକଙ୍କୁ ଭେଟି ଦେବା ପାଇଁ ରିଶବ ଲକ୍ଷ୍ୟ ରଖିଥିବା କହିଛନ୍ତି। ‘ଭେଡଆ’ ଫିଲ୍ମ ପାଇଁ ବରୁଣ ଧୱନଙ୍କୁ କ୍ରିଟିକ୍ସ ବେଷ୍ଟ ଆକ୍ଟର ଆୱାର୍ଡ ମିଳିଛି। ରୁପାଲି ଗାଙ୍ଗୁଲିଙ୍କ ଦ୍ୱାରା ଅଭିନୀତ ଟେଲି ଧାରାବାହିକ ‘ଅନୁପମା’କୁ ଟେଲିଭିଜନ୍ ସିରିଜ୍ ଅଫ୍ ଦ ଇୟର୍ ଭାବେ ବିବେଚନା କରାଯାଇଛି। ୮୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ରେଖାଙ୍କୁ ‘ଆଉଟ୍‌ଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁଶନ ଇନ୍ ଦ ଫିଲ୍ମ ଇଣ୍ଡଷ୍ଟ୍ରି’ ଶ୍ରେଣୀରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ବଣ୍ଟନରେ ପକ୍ଷପାତିତା କରାଯାଇଥିବା ବଲିଉଡ୍ କୁଇନ୍ କଙ୍ଗନା ରାଣାୱତ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି। ଷ୍ଟାର କିଡ୍‌ମାନଙ୍କୁ ପ୍ରମୁଖ ଆୱାର୍ଡମାନ ବଣ୍ଟାଯାଇଛି। ‘ନେପୋ ମାଫିଆ’ ଜାଣିଶୁଣି ସେଲ୍ଫମେଡ୍ ଆକ୍ଟରଙ୍କ କ୍ୟାରିୟର୍‌କୁ ନଷ୍ଟ କରିବାକୁ ବସିଥିବା କଙ୍ଗନା ଅଭିଯୋଗ ଆଣିଛନ୍ତି।

# ୧୦୦୦ କୋଟି କ୍ଲବ୍‌ରେ ‘ପଠାନ୍’



**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ମୁଭି ‘ପଠାନ୍’ ବକ୍ସ ଅଫିସରେ ଇତିହାସ ରଚିଛି। ଫିଲ୍ମ ରିଲିଜ୍ ହେବାର ୨୭ ଦିନ ମଧ୍ୟରେ ବିଶ୍ୱବ୍ୟାପୀ ୧୦୦୦ କୋଟି କ୍ଲବରେ ସାମିଲ ହୋଇଛି। ଚଳଚ୍ଚିତ୍ର ଦେଶରେ ୬୨୩ କୋଟି ଆୟ କରିଥିବାବେଳେ ବିଦେଶରେ ୩୭୭ କୋଟି ଟଙ୍କା ଆୟ କରିଛି। ଏକ ରିପୋର୍ଟ ଅନୁଯାୟୀ, ଶାହରୁଖଙ୍କ ଏହି ଚଳଚ୍ଚିତ୍ର ‘ପଠାନ୍’ ଭାରତରେ ପଞ୍ଚମ ଚଳଚ୍ଚିତ୍ର ହୋଇପାରିଛି, ଯାହା ୧୦୦୦ କୋଟି ଅତିକ୍ରମ କରିଛି। ଏହାପୂର୍ବରୁ ଆମୀର ଖାନ୍‌ଙ୍କ ଫିଲ୍ମ ‘ଡଙ୍ଗଲ’ ୧ ହଜାର ୯୬୮.୦୩ କୋଟି ରୋଜଗାର କରିଥିଲା। ତା’ପରେ ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ଫିଲ୍ମ ‘ବାହୁବଳୀ-୨’ ୧ ହଜାର ୭୪୭ କୋଟି, ତୃତୀୟରେ ୟଶ୍‌ଙ୍କ ଫିଲ୍ମ ‘କେଜିଏଫ୍ -୨’ ୧ ହଜାର ୧୮ କୋଟି, ଚତୁର୍ଥରେ ଫିଲ୍ମ ‘ଆର୍‌ଆର୍‌ଆର୍’ ୧ ହଜାର ୧୭୪ କୋଟି ଟଙ୍କା ଆୟ କରିଥିଲା। ତେବେ ଏହି ସଫଳତା ମଧ୍ୟରେ ଶାହରୁଖ ତାଙ୍କ ଆଗାମୀ ଫିଲ୍ମ ‘ଯବାନ’ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଅଟିଲ କୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ‘ଯବାନ’ ଆସନ୍ତା ଜୁନ୍ ୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯୋଜନା ରହିଛି।

# ୨୬ ଜଣଙ୍କୁ ବାହାହେଲେଣି, ଆଉ ୭୪ ଥର ହେବେ

## ପାକିସ୍ତାନୀ ବୃଦ୍ଧଙ୍କ ଶତକ ଟାର୍ଗେଟ୍

**ଇସ୍‌ଲାମାବାଦ୍**

ବିବାହ ଏକ ପବିତ୍ର ବନ୍ଧନ। ବାହାଘରକୁ ସ୍ମରଣୀୟ କରିବା ପାଇଁ ଅନେକ ଲୋକଙ୍କ ବହୁ ପ୍ରକାର ଆକାଂକ୍ଷା ରହିଥାଏ। ସେହିପରି ପାକିସ୍ତାନର ଜଣେ ୬୦ ବର୍ଷୀୟ ବ୍ୟକ୍ତି ନିଜ ବାହାଘରକୁ ନେଇ ମନରେ ଅନେକ ଆଶା ରଖିଛନ୍ତି। ବୃଦ୍ଧ ୧୦୦ ଜଣଙ୍କୁ ବାହାହେବା ଲକ୍ଷ୍ୟରେ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୨୬ ଜଣଙ୍କୁ ବାହାହୋଇସାରିଥିବାବେଳେ ଆଉ ୭୪ ଥର ବାହାହେବା ଅପେକ୍ଷାରେ ଅଛନ୍ତି।



୧୦୦ ଜଣଙ୍କୁ ବାହାହେବା ଲକ୍ଷ୍ୟରେ ଥିବା ପାକିସ୍ତାନର ଏହି ବୃଦ୍ଧଙ୍କ କହିବା କଥା, ବିବାହ ପରେ ପ୍ରତ୍ୟେକ ସ୍ତ୍ରୀଙ୍କଠାରୁ ତାଙ୍କୁ ଗୋଟିଏ ଲେଖାଏ ସନ୍ତାନ ଦରକାର। ସନ୍ତାନ ଜନ୍ମ ପରେ ସେ ସେହି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବେ। ବର୍ତ୍ତମାନ ତାଙ୍କ ପାଖରେ ୪ ଜଣ ସ୍ତ୍ରୀ ରହୁଛନ୍ତି। ସେମାନଙ୍କ ବୟସ ୧୯ରୁ ୨୦ ବର୍ଷ ବୋଲି ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି। ବୃଦ୍ଧ ଜଣକ ଆଉ ମଧ୍ୟ କହିଛନ୍ତି, ବାହାହୋଇ ପିଲା ଜନ୍ମ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ। ଚ୍ୟୋତ୍ ଜିତ୍ ନାମକ ଜଣେ ଟୁଇଟର ୟୁଜର୍ ବୃଦ୍ଧଙ୍କ ସାକ୍ଷାତ୍‌କାରର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବିବାହ ପୂର୍ବରୁ ବୃଦ୍ଧ କନିଆଁଙ୍କ ପରିବାର ଲୋକଙ୍କୁ ଏ ବିଷୟରେ ଅବଗତ କରିଥିବା କହିଛନ୍ତି। ଘର ଲୋକେ ରାଜି ହେବା ପରେ ହିଁ ସେ ଯୁବତୀଙ୍କୁ ବାହା ହୋଇଥାନ୍ତି। ବୃଦ୍ଧ ଜଣକ ଛାଡ଼ପତ୍ର ଦେଇଥିବା ୨୨ ସ୍ତ୍ରୀଙ୍କୁ ଗୋଟିଏ ଲେଖାଏ ଘର ସାଙ୍ଗକୁ ଚଳିବା ପାଇଁ ଟଙ୍କା ଦେଉଛନ୍ତି। ସେ ଏବେ ୨୨ ପିଲାଙ୍କ ବାପା, ଯେଉଁମାନେ ସେମାନଙ୍କ ମା’ମାନଙ୍କ ପାଖରେ ରହୁଛନ୍ତି। ବର୍ତ୍ତମାନ ବୃଦ୍ଧଙ୍କ ଘରେ ରହୁଥିବା ତାଙ୍କ ୪ ସ୍ତ୍ରୀ ସନ୍ତାନ ପ୍ରସବ କରିବା ପରେ ସେମାନଙ୍କୁ ସେ ଛାଡ଼ପତ୍ର ଦେବେ। ଏହାପରେ ପୁଣିଥରେ ଅନ୍ୟ ଯୁବତୀଙ୍କୁ ବାହାହେବେ। ପରିବାରର ସହମତିକ୍ରମେ ଯୁବତୀମାନେ ବିବାହ କରିଥିବା କହିଛନ୍ତି। ସୋସିଆଲ ମିଡିଆରେ ୬୦ ବର୍ଷୀୟ ବୃଦ୍ଧଙ୍କ ଭିଡିଓ ୟୁଜର୍ସଙ୍କୁ ବିସ୍ମିତ କରିଦେଇଛି।

# ବିପଦର ବନ୍ଧୁ ସ୍କାଉଟ୍

## ବିଶ୍ୱ ସ୍କାଉଟ୍ସ ଦିବସ



ରବର୍ଟ ବାଡେନ-ପାୱେଲ

ବିପଦ ସମୟରେ ସ୍କାଉଟ୍ସମାନେ ସହାୟତାର ହାତ ବଢ଼ାଇଥାନ୍ତି। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୨୨ରେ ବିଶ୍ୱ ସ୍କାଉଟ୍ସ ଦିବସ ପାଳନ କରାଯାଇଥାଏ। ଏହି ଦିନ ସ୍କାଉଟିଙ୍ଗର ପ୍ରତିଷ୍ଠାତା ରବର୍ଟ ବାଡେନ-ପାୱେଲଙ୍କ ଜନ୍ମ ବାର୍ଷିକୀ। ଏହା ମଧ୍ୟ ତାଙ୍କ ପତ୍ନୀ ଓଲାଭ ବାଡେନ-ପାୱେଲଙ୍କ ଜନ୍ମ ବାର୍ଷିକୀ। ବୟ ସ୍କାଉଟ୍ସ ଏବଂ ଗର୍ଲ ଗାଇଡ୍ସ / ଗର୍ଲ ସ୍କାଉଟ୍ସ ଏବଂ ୱାର୍ଲ୍ଡ ଆସୋସିଏଶନ ଅଫ ଗର୍ଲ ଗାଇଡ୍ସ ଓ ଗର୍ଲ ସ୍କାଉଟ୍ସ ଦ୍ୱାରା ଏହି ଦିନକୁ ବିଶ୍ୱ ଚିନ୍ତାଧାରା ଦିବସ ଭାବରେ ପାଳନ କରାଯାଇଥାଏ। ଏହା ହେଉଛି ବନ୍ଧୁତ୍ୱର ଏକ ଦିନ। ପ୍ରଥମେ ୧୯୨୦ରେ ପ୍ରଥମ ବିଶ୍ୱ ସ୍କାଉଟ୍ସ ସମ୍ମିଳନୀର ଲଣ୍ଡନ ସଂସ୍କରଣରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରବର୍ଟ ବାଡେନ-ପାୱେଲ ୧୮୫୭ ଫେବୃୟାରୀ ୨୨ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମ ଦିନରେ ଏହି ଦିବସ ପାଳନ ଲାଗି ମତ ପ୍ରକାଶ ପାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବିପଦ ସମୟରେ ମାନବ ସମାଜ ପାଖରେ ବନ୍ଧୁ ଭଳି ଠିଆ ହେବାକୁ ସ୍କାଉଟ୍ସ ଦିବସ ଶିକ୍ଷା ପ୍ରଦାନ କରିଥାଏ।

# ବରଫାବୃତ ହ୍ରଦରେ ମାରାଥନ୍ ଦୌଡ଼

**ଲେହ:** ଭାରତ ଓ ଚାଇନା ସୀମାରେ ୭୦୦ ସ୍କୋୟାର କିଲୋମିଟର ବ୍ୟାପ୍ତ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ପାଙ୍ଗୋଙ୍ଗ ହ୍ରଦରେ ୨୧ କି.ମି. ମାରାଥନ୍ ଦୌଡ଼ କରି ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଶୀତ ଋତୁରେ ୧୩,୮୬୨ ଫୁଟ ଉଚ୍ଚତା ବିଶିଷ୍ଟ ପୋଙ୍ଗାଙ୍ଗ ଲୁଣା ହ୍ରଦର ଜଳ ବରଫ ହୋଇଯାଉଥିବାବେଳେ ସେଠାକାର ତାପମାତ୍ରା ବିୟୁକ୍ତ ୩୦ ଡିଗ୍ରୀ ରହିଥାଏ। ୪ ଘଣ୍ଟା ଧରି ଚାଲିଥିବା ଏହି ମାରାଥନ୍ ଦୌଡ଼ ଲୁକୁଙ୍ଗରୁ ଆରମ୍ଭ ହୋଇ ମାନ୍ ଗ୍ରାମରେ ଶେଷ ହୋଇଥିଲା। ୭୫ ଜଣ ଲୋକ ଏଥିରେ ସାମିଲ ହୋଇଥିଲେ। ବରଫରେ ଦୌଡ଼ ମଧ୍ୟ କୌଣସି ବ୍ୟକ୍ତି ଆହତ ହୋଇ ନ ଥିବା ଲଦାଖ ଜିଲା ଉନ୍ନୟନ ଆୟୁକ୍ତ ଶ୍ରୀକାନ୍ତ ବାଲାସାହେବ ସୁସେ କହିଛନ୍ତି। ଏହି ମାରାଥନ୍ ଦୌଡ଼ର ନାମ ‘ଲାଷ୍ଟ ରନ୍’ ରଖାଯାଇଥିବାବେଳେ ଜଳବାୟୁ ପରିବର୍ତ୍ତନ ଏବଂ ହିମାଳୟ ସୁରକ୍ଷା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହାର ଆୟୋଜନ କରାଯାଇଥିଲା। ପ୍ରଥମ କରି ପାଙ୍ଗୋଙ୍ଗ ଫ୍ରୋଜେନ୍ ଲେକ୍ ହାଫ୍ ମାରାଥନ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି।


**GOVERNMENT OF ODISHA**
**INVITATIONS FOR BIDS (IFB)**
**‘e’ PROCUREMENT NOTICE**

**No.B-1272:** **Bid Identification No. S.E.JSPR(R&B)-12/2022-23**

1. Name of work : Electrical Work for the year 2022-23.
2. No. of Works : Total 01 (One) No. Work
3. Estimated Cost : Above Rs.05.00 lakhs upto Rs.50.00 Lakhs (Approx)
4. Period of Completion : As per Column No.8 of this NIT.
5. Class of Contractors : As per Column No.7 of this NIT.

**Other details as follows:-**

6. Date & time of availability of bid documents in Portal : 24.02.2023 at 11.30 A.M.
7. Last date/time for receipt of bids in portal : 03.03.2023 upto 05.00 PM
8. Opening of Bid documents: 04.03.2023 at 11.30 A.M.
9. Procurement Officer : Superintending Engineer Jagatsinghpur (R&B) Division Jagatsinghpur with E-mail address eerbjspr@gmail.com

Further details can be seen from the Govt. website tendersorissa.gov.in.

**Sd./- Superintending Engineer**
**Jagatsinghpur (R&B) Division**
**OIPR-34093/11/0019/2223**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
**No.O-1881:** **e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of H.L. bridge under Biju Setu Yojana in the district of Bolangir for the year 2022-23. |
| 2. | No. of Work | : | 8 (Eight) bridge works |
| 3. | Time for completion varies from | : | 12 (Twelve) to 18 (Eighteen) calendar months |
| 4. | Approximate estimated cost varies from | : | Rs.177.14 lakhs to Rs.692.51 lakhs. |
| 5. | Mode of Submission of tender | : | Tender should be submitted online in www.tendersodisha.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-24/2022-23 | 28.02.2023 at 11.00 A.M. | 15.03.2023 upto 5.00 P.M. | 14.03.2023 upto 5.00 P.M. | 16.03.2023 at 11.00 A.M. | The date will be intimated to the technically qualified bidders later |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e tender website only.

**OIPR-25111/11/0001/2223** **Sd./- D.K. Seth, Chief Construction Engineer, R.W.Circle, Bolangir**

**OFFICE OF THE MUNICIPAL COUNCIL, SONEPUR**
**“e” Procurement Notice**
**BID Identification No: SNP-MUN-11/2022-23**
**TENDER ID: 2022_ORULB_86371**
**Tender Call Notice No. 553 / Date. 20.02.2023**

**No.C-2498:** Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of Works : 7 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.21.02.2023 from 11.00 A.M.
6. Last Date & Time for Receipt of Tenders through online : On or before Dt.03.03.2023 upto 05.00 P.M.
8. Bids received online shall be opened on : On Dt.04.03.2023 at 11.00 A.M.
9. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. www.tendersodisha.gov.in.

**Sd./- Executive Officer, Sonepur Municipality**
**OIPR-13098/11/0049/2223**

**ଉଦ୍ୟାନ ବିଭାଗ, ଅନୁଗୋଳ ଅଧୀନସ୍ଥ ଫାର୍ମମାନଙ୍କର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No. L-136: ଚଳିତ ବର୍ଷ ୨୦୨୨-୨୩ ପାଇଁ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ନିମ୍ନୋକ୍ତ ଫାର୍ମମାନଙ୍କର ଉତ୍ପାଦିତ ଆମ୍ବ, ଲିଚୁ, କାଜୁ ବାଦାମ, ସପୁରୀ ଓ ନଡ଼ିଆ ବିକ୍ରି ସକାଶେ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ପାଲଲହଡ଼ା, ଅନୁଗୋଳ, ଆଠମଲ୍ଲିକ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ।

| କ୍ର.ନଂ. | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ |
|---|---|---|---|---|
| ୧. | ଅନୁଗୋଳ ଫାର୍ମ, ଅନୁଗୋଳ | ଆମ୍ବ ଓ ଲିଚୁ | ୬୦୦୦.୦୦ | ୨୨।୦୩।୨୦୨୩, ଦିବା ୦୩ ଘଣ୍ଟା |
| ୨. | ପାଲଲହଡ଼ା ଫାର୍ମ, ପାଲଲହଡ଼ା | ଆମ୍ବ ଓ ଲିଚୁ | ୨୦୦୦୦.୦୦ | ୨୨।୦୩।୨୦୨୩, ଦିବା ୧୧ ଘଣ୍ଟା |
| | | କାଜୁ | ୫୦୦୦.୦୦ | ଦିବା ୧୧ ଘଣ୍ଟା |
| ୩. | ନାକଚି ଫାର୍ମ, ନାକଚି | ଲିଚୁ | ୫୦୦୦.୦୦ | ୨୨।୦୩।୨୦୨୩, ଦିବା ୦୧ ଘଣ୍ଟା |
| | | ଆମ୍ବ | ୧୦୦୦୦.୦୦ | ଦିବା ୦୧ ଘଣ୍ଟା |
| | | ସପୁରୀ | ୨୦୦୦.୦୦ | ଦିବା ୦୧ ଘଣ୍ଟା |
| | | ନଡ଼ିଆ | ୨୦୦୦.୦୦ | ଦିବା ୦୧ ଘଣ୍ଟା |

ଆଗ୍ରହୀ ପ୍ରାର୍ଥୀ ଟ.୫୦.୦୦ ମୂଲ୍ୟର ଆବେଦନ ଫର୍ମ ପୂରଣ କରି ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ପୋଷ୍ଟ ବା କୋରିୟର ସେବା ଦ୍ୱାରା ୨୧।୦୩।୨୦୨୩ ତାରିଖ ଅପରାହ୍ନ ୫ଘଣ୍ଟା ସୁଦ୍ଧା ଦାଖଲ କରିପାରିବେ। ଟେଣ୍ଡରଗୁଡ଼ିକ ନିର୍ଦ୍ଧାରିତ ସମୟରେ ଉଦ୍ୟାନ ଉପ-ନିର୍ଦ୍ଦେଶକ, ଅନୁଗୋଳଙ୍କ ପାଖରେ ପହଞ୍ଚିବା ଦରକାର। ଏହା ଅନୁଗୋଳ ଷ୍ଟେଟ୍ ବ୍ୟାଙ୍କ ମାର୍ଫତରେ ଦେୟ କରିବେ।

ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

**ସ୍ୱା./- ଉଦ୍ୟାନ ଉପ-ନିର୍ଦ୍ଦେଶକ, ଅନୁଗୋଳ**
**OIPR-01448/11/0001/2223**

**MUNICIPAL OFFICE, JHARSUGUDA**
**“E” Procurement Notice**
**Tender Call Notice No. 1328 JM, Dt. 17.02.2023**

**No.C-2502:** BID Documents consisting of Work, Estimated Cost, Cost of tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : EO/JMC/09/2022-23
2. Tender ID No. : 2023_ORULB_86409
3. Name of the Work : Civil construction works as mentioned in website.
4. No. of Works : 01 No.
5. Estimated Cost : As per DTCN
6. Date & Time of availability of Bid Documents in the Portal : 21.02.2023 at 06.00 PM
7. Last date & time for receipt of bids in the portal : 04.03.2023 at 06.00 PM
8. Bids received online shall be opened on : 09.03.2023 at 03.30 PM
9. Name and address of the Officer inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in

**Sd./-Executive Officer, Jharsuguda Municipality**
**OIPR-13165/11/0037/2223**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**
**ODISHA UNIVERSITY OF AGRICULTURE & TECHNOLOGY**
2023
**BHUBANESWAR - 751003, ODISHA**
**Website: www.ouat.ac.in, Email: registrarouat@gmail.com**
**Ph.: 0674-2397818/919, Fax: 0674-2397424**
**No. E-II-II-07/2013/Part-II/2860/UAT** **Dated: 20.02.2023**

**INDICATIVE ADVERTISEMENT**

No. KK-342: Applications are invited from the eligible candidates in the prescribed format for recruitment of personnels in the Post of Subject Matter Specialist (SMS) on contractual basis in the following subjects lying vacant in different **Krishi Vigyan Kendras (KVK)** under OUAT.

**Subject Matter Specialist (SMS):**
Agronomy - 04, Horticulture - 06, Plant Protection (Plant Pathology/Entomology/Nematology) - 10, Agriculture Extension - 06, Soil Science - 04, Veterinary (Animal Science) - 04, Agricultural Engineering - 07, Fishery - 02, Plant Science (PBG/Seed Technology/Plat Physiology) - 05, Forestry - 03, Total - 51 (Fifty one).

The detailed advertisement with information sheet containing number of vacancies, reservation of posts in different category, prescribed application form, application fee & mode of payment, qualification experience, scale of pay, age and other required conditions in respect of the vacancies as well as general information and instructions to the candidate can be downloaded from University website: **ouat.nic.in**.

**Last date of receipt of application: 27.03.2023 upto 5.00 P.M.**

By Order of the Vice-Chancellor
**Sd./- Lopamudra Mohanty, 20.02.2023**
**OIPR-01036/11/0051/2223** **Registrar**

**ODISHA CONSTRUCTION CORPORATION LTD.**
**(A Govt. of Odisha Undertaking)**
**OFFICE OF THE GENERAL MANAGER (MECH.), ERECTION AND MAINTENANCE,**
**CENTRAL WORKSHOP, RASULGARH, BHUBANESWAR -751010 (ODISHA)**
DESIGNED TO EXCEL
**Tel- 0674 : 2580896, E-mail: gmerectionocc@gmail.com, (GSTIN-21AAACO2571K2ZM)**

**No.CAD-4898:** **“e”-Tender Notice No. 56/OCCL/2022-23 (on-line)**

Type of work : Erection, Commissioning, Testing of 05(five) sets of Cross Regulator Gates of size 2830mm x 2350mm with 2nd Stage Embedded Parts and their screw hoists & 04(four) sets of Escape Gates of size 3000mm x 2350mm with 2nd Stage Embedded Parts and their screw hoists, painting & 2nd stage concreting of Kanupur Main Canal as per approved drawings pertaining to Kanupur gate erection project and direction of the Engineer-in-Charge. Total No. of work : 01 (One). Period of completion: 120 ( One hundred twenty) days.

| Tendering Officer | Bid Identification No. | Cost of tender document (including GST) through online transfer system | Availability of tender (Online) | Submission of Bid (Online) |
|---|---|---|---|---|
| General Manager (Mech.) Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./ E&M/ 11/2022-23 | Rs.7,080/- (Non-refundable) | 22.02.2023 10.00 AM to 03.03.2023 5.00 PM | 22.02.2023 10.00 AM to 03.03.2023 5.00 PM |

Date of Opening of the Bid: 04.03.2023 at 11.30 A.M.
Further details can be seen from the Govt. website (www.tendersodisha.gov.in) Amendment/ corrigendum/ cancellation, if any shall be posted online only.

**Sd./- General Manager (Mech.), Erection and Maintenance, OCC Ltd., Bhubaneswar**
**OIPR-34163/11/0025/2223**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES **No.CAD-4897:**

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
**Tender Call Notice No.IDCO:H.O./P&C/EST/ E-3609/03/2016/Vol-V/5317, dated 20.02.2023**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the Work: Reparing and Strengthening of Road from IOCL Depot. Main Gate to TT Parking Area at IID Centre, Somnathpur, Balasore, Odisha (305.00 Mtr. length).
2. Estimated Cost: Rs.46.85 Lakh.
3. Period of Completion: 02 (Two) Calendar Months.
4. Other details:

| Procurement Officer | Bid ID/Tender Reference No. | Availability of Tender online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/ E- 159/ 2022-23 | 28.02.2023 at 17.00 Hrs. | 15.03.2023 upto 17.00 Hrs. |

Further details can be seen from the e-Procurement Portal: www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

**Sd./- Chief General Manager (P&C), IDCO, Bhubaneswar**
**OIPR-14003/11/0304/2223**

# କୀଟନାଶକ କବକ



ପ୍ରତ୍ୟୁଷ ପଣ୍ଡା





ପ୍ରକୃତିରେ ଏପରି କେତେକ କବକ ଅଛନ୍ତି ଯେଉଁମାନେ କି କୀଟମାନଙ୍କୁ ଆକ୍ରାନ୍ତକରି ମାରିଦିଅନ୍ତି। ଏପରି କବକମାନଙ୍କୁ 'କୀଟନାଶକ କବକ' ବୋଲି କୁହାଯାଏ। ନିମ୍ନରେ ଏଭଳି କବକ ବିଷୟରେ ଆଲୋଚନା କରାଯାଇଛି। ଏମାନଙ୍କୁ ଆମେ ମଧ୍ୟ କୀଟ ନିୟନ୍ତ୍ରଣ ପାଇଁ ବ୍ୟବହାର କରିପାରିବା।

**ମେଟା ରାଇଜିୟମ୍ ଆନି ସୋପ୍ଲିଏ**

ଏହି କବକଟି ଅବଳଭୃଙ୍ଗ, ଗଛ ଡିଆଁ ପୋକ। ଉଇ ଏବଂ ଅନ୍ୟାନ୍ୟ ଭୃଙ୍ଗଜାତୀୟ କୀଟମାନଙ୍କୁ ଦାନକରେ ଓ ଫସଲର କିଛି କ୍ଷତି ନ କରି ବୃଦ୍ଧିରେ ସାହାଯ୍ୟକରେ। ଏହି କବକଟି କୀଟର ଦେହ ମଧ୍ୟକୁ ଥରେ ପ୍ରବେଶ କରିଗଲେ ବୃଦ୍ଧି ପାଇ ଧଳା ତନ୍ତୁ ଦ୍ୱାରା ସମସ୍ତ ଅଙ୍ଗକୁ ମାଡ଼ିଚାଲେ। ଏହା ପୋକର ଶରୀରରେ ଥିବା ତରଳ ଅଂଶକୁ ଖାଇ ନିଜେ ବୃଦ୍ଧି ପାଇବା ସାଙ୍ଗେ ସାଙ୍ଗେ ପୋକକୁ ମାରିଦିଏ।

କବକର ତନ୍ତୁ ଦ୍ୱାରା ଛନ୍ଦିହୋଇ କୀଟଗୁଡ଼ିକ ପତ୍ର ଉପରେ ଲାଗି ରହନ୍ତି। ପୋଷକ କୀଟ ମରିଯିବା ପରେ ପ୍ରଥମେ ଧଳାରଙ୍ଗର କବକ ବାହାରି ଆସେ। ବଜାରରେ ଏହି କବକ କଲ୍‌ଚର କାଳୀଚକ୍ର, ମେଟ୍ରୋସାଇଡ୍, ମଲ୍ଟିପ୍ଲେକ୍ସ, ମେଟାରାଇଜିୟମ, ମେଟା- ଆକ୍ୱନ, ବାୟୋମେଟ୍, ମେଟାକ୍ୱିନ୍, ଅଦୟଭିବିଏମ୍ ଇତ୍ୟାଦି ନାମରେ ମିଳୁଛି।

**ବ୍ୟବହାର**

➤୧୦ବର୍ଗ ମିଟର ତଳିଘରା ପାଇଁ ୫୦୦ ମିଲି/ଗ୍ରାମ କଲ୍‌ଚର ୧୦୦ ଲିଟର ପାଣିରେ ମିଶାଇ ଆକ୍ରମଣ ଦେଖାଦେଲେ ସିଞ୍ଚନ କରନ୍ତୁ।

➤ମୁଖ୍ୟ ଜମିରେ ପୋକ ଦେଖାଦେଲେ ୨୦୦ ଲିଟର ପାଣିରେ ୧ କି.ଗ୍ରା. କବକ କଲ୍‌ଚର ମିଶାଇ ୧ ଏକର ଜମିରେ ପତ୍ର ସିଞ୍ଚନ କରନ୍ତୁ।

➤ଯେକୌଣସି ୨୫ କି.ଗ୍ରା. ଜୈବିକ ଖତ ସହ ୧ କି.ଗ୍ରା. କଲ୍‌ଚର ମିଶାଇ ଉଇ ଓ ଅବଳ ଭୃଙ୍ଗ ଦେଖାଦେଲେ ୧ଏକର ଜମିରେ ପ୍ରୟୋଗ କରନ୍ତୁ।

**ବ୍ୟୁଭୋରିଆ ବାସିଆନା:** ଏହି କବକ ଦେଖିବାକୁ ଧଳାରଙ୍ଗର ଓ ଅଣୁବୀକ୍ଷଣ ଯନ୍ତ୍ର ତଳେ ଦେଖିଲେ ଧଳାରଙ୍ଗର ସୂତା ପରି ଦେଖାଯାଏ। ଏହାର ସ୍ପୋର୍‌ଗୁଡ଼ିକ ଦକ୍ଷତାର ସହ କୀଟମାନଙ୍କର ଶରୀରରେ ଲାଗିଯାଏ, ଯେତେବେଳେ ସ୍ପୋର୍ କୀଟର ଶରୀର ମଧ୍ୟରେ ପ୍ରବେଶ କରେ। ଶରୀର ମଧ୍ୟରେ ଏକ ପ୍ରକାର ବିଷ ନିର୍ଗତକରି ପ୍ରଥମେ କୀଟକୁ ନିସ୍ତେଜ କରି ମାରିଦିଏ। ଏହା ଧାନର କାଣ୍ଡବିନ୍ଧା ପୋକ, ପତ୍ରମୋଡ଼ା ପୋକ, ଗଛଡିଆଁ, ପତ୍ରଡିଆଁ ଓ ଗନ୍ଧିପୋକ, ବିଭିନ୍ନ ପନିପରିବା, ଫଳଗଛ, କପା, ଆଖୁ ଇତ୍ୟାଦିରେ ଲଗୁଥିବା ଧଳାମାଛି, ପତ୍ରଡିଆଁ ପୋକ, ଜଉପୋକ, ଥ୍ରୀପ୍‌ସ, ଦହିଆ ପୋକ ଦମନ ପାଇଁ ବ୍ୟବହାର କରାଯାଏ। ବଜାରରେ ଏହା ଓଃ, ଦମନ, ଲାର୍ଭୋସେଲ୍, ବାୟୋରିନ୍, ମଲ୍ଟିପ୍ଲେକ୍ସ ବାବା, ବିବିସି, ସନ୍‌ଆପ୍ରେ, ବିଭିଗାର୍ଡ, ଅଙ୍କୁଶ, ବୋଭିରିନ୍ ଇତ୍ୟାଦି ନାମରେ ମିଳେ।

ବ୍ୟବହାର : ମେଟାରାଇଜିୟମ ପରି ଏହି କବକକୁ ବ୍ୟବହାର କରାଯାଏ।

**ଭର୍ଟିସିଲିୟମଲେକାନି**

ଏହା ଧଳାରଙ୍ଗର ସୂତା ପରି ମାଡ଼ି ଯାଇଥିବାରୁ ଏହାକୁ 'ହ୍ୱାଇଟ୍ ହାଲୋ' ବୋଲି କୁହାଯାଏ। କବକର ସ୍ପୋର୍‌ଗୁଡ଼ିକ ଅଠାଳିଆ ଓ କୀଟର ଚର୍ମ ଉପରେ ଲାଗିରହେ। ସ୍ପୋର ଅଙ୍କୁରିତ ହୋଇ ଶରୀର ମଧ୍ୟକୁ ପ୍ରବେଶକରେ। ଶରୀର ଭିତରେ ଡିପୋକ୍ଲୋଇନିକ୍ ଏସିଡ୍ ଓ ବାସିଓନୋଲି ନାମକ ଦୁଇଟି ବିଷ ନିର୍ଗତକରି କୀଟଙ୍କୁ ମାରିଦିଏ। ବଜାରରେ ଏହା କିଲମାଇଟ୍, ଉଟିଚକ୍ର, ଉର୍ଟସେଲ୍ ବାୟୋଲାଇନ୍, ଭର୍ଟାଲେକ୍, ମାଇକୋଟାଲ, ମଲ୍ଟିପ୍ଲେକ୍ସ, ବର୍ଷା, ସ୍ୱାଇଓର, ଭାଇରୋଆକ୍ୱନ ଇତ୍ୟାଦି ନାମରେ ମିଳେ।

**ବ୍ୟବହାର**

ବିଭିନ୍ନ ଫସଲରେ ଲାଗୁଥିବା କାତିପୋକ ଦମନ ପାଇଁ ଏହା ବ୍ୟବହାର କରାଯାଏ। ୩୫୦-୪୦୦ ଲିଟର ପାଣିରେ ୧ ଲିଟର କଲ୍‌ଚର ମିଶାଇ ୧ଏକର ଫସଲରେ ପତ୍ର ସିଞ୍ଚନ କରାଯାଏ।

**ନୋମୁରିଆ ରିଲେୟି**

ଏହି କବକ ଦେଖିବାକୁ ଧଳା ରଙ୍ଗର ଏବଂ ଏହାର ସ୍ପୋର୍‌ଗୁଡ଼ିକର ଫିକାଳିଆ, ସବୁଜରଙ୍ଗ। ଏହା କାଣ୍ଡବିନ୍ଧା, ପତ୍ରମୋଡ଼ା ଓ ସବୁଜ ରଙ୍ଗର ଶଁବାଳୁଆ, ନଳୀପୋକ, କର୍ତ୍ତକକୀଟ, ପତ୍ରଖିଆ ଗୋଟିପୋକ, ଆମେରିକୀୟ ଫଳବିନ୍ଧା ପୋକ ଇତ୍ୟାଦିକୁ ଆକ୍ରାନ୍ତକରେ। ଲାର୍ଭାକୁ ଆକ୍ରାନ୍ତ କରିବା ସମୟରେ ଲାର୍ଭା ଧଳାରଙ୍ଗର ଦେଖାଯାଏ। ପରେ ସ୍ପୋର ହୋଇଯିବା ପରେ ଫିକା ସବୁଜ ରଙ୍ଗକୁ ପରିବର୍ତ୍ତନ ହୋଇଯାଏ। ବଜାରରେ ଏହା ଇକୋଟକ୍ସ ନାମରେ ମିଳେ।

ବ୍ୟବହାର : ଏହା ଉଭୟ ମୃତ୍ତିକା ଉପଚାର ଓ ପତ୍ର ସିଞ୍ଚନ ରୂପେ ବ୍ୟବହାର କରାଯାଏ। ହେକ୍ଟର ପ୍ରତି ୨୫୦-୫୦୦ ଗ୍ରାମ ୫୦୦ ଲିଟର ପାଣିର ମିଶାଇ ଅପରାହ୍ନ ସମୟରେ ପ୍ରୟୋଗ କରାଯାଏ। ମାଟିର ବର୍ଗମିଟର ପ୍ରତି ୪ଗ୍ରାମ ଯେକୌଣସି ଜୈବ କମ୍ପୋଷ୍ଟ ସହ ମିଶାଇ ପ୍ରୟୋଗ କରିବାକୁ ପଡ଼େ। ସୂର୍ଯ୍ୟମୁଖୀ, ଚିନାବାଦାମ ବା କୁସୁମୀ ତେଲ ମିଶାଇଲେ ଏହି କବକ କାର୍ଯ୍ୟକାରିତା ବୃଦ୍ଧିପାଏ।

**ହିରସୁଟେଲା ଥମସନି ଓ ହିରସୁଟେଲା ସିଟ୍ରିଫର୍ମସ**

ଏହି ଶ୍ରେଣୀୟ କବକ ଗଛଡିଆଁ ଓ ପତ୍ରଡିଆଁ ପୋକ ପ୍ରାକୃତିକ ଦମନରେ ବହୁତ ସାହାଯ୍ୟ କରିଥାଏ। ଆକ୍ରାନ୍ତ ପୋକର କବକର ଧଳା ତନ୍ତୁ ଦ୍ୱାରା ଆବୃତ୍ତ ହୁଏ। ଏହାର ରଙ୍ଗ ପ୍ରଥମେ ଲହୁଣି ବର୍ଣ୍ଣ ଏବଂ ପରେ ବାଦାମୀ ବର୍ଣ୍ଣ ଦେଖାଯାଏ। କବକ ତନ୍ତୁ ଦ୍ୱାରା ଛନ୍ଦିହୋଇ ପୋକଗୁଡ଼ିକ ପତ୍ର ଉପରେ ଲାଖି ରହନ୍ତି। ବଜାରରେ ଏହା ମାଇଁ କେୟାର ନାମରେ ମିଳୁଛି।

**ପ୍ୟାରସିଲୋମଇସେସ୍ ଫ୍ୟୁମାସୋରୋସିଅସ୍**

ଏହି କବକଟି ମୁଖ୍ୟତଃ ପନିପରିବା, ଚାଇ ଆଦିରେ ଲାଗୁଥିବା ନାଲି ଅଷ୍ଟପଦୀ ଦମନ ପାଇଁ ବ୍ୟବହାର କରାଯାଏ। ଏହି କବକ ସ୍ପୋର ଅଷ୍ଟପଦୀ ସଂସ୍ପର୍ଶରେ ଆସିଲେ ଅଙ୍କୁରିତ ହୁଏ ଓ ଶରୀର ମଧ୍ୟକୁ ପ୍ରବେଶକରେ। ଶରୀର ମଧ୍ୟରେ ଏହା ବୃଦ୍ଧି ପାଇ କୀଟକୁ ନିଷ୍କ୍ରିୟ କରିଦିଏ ଏବଂ ସମସ୍ତ ପ୍ରକାର ଶରୀର କ୍ରିୟାକୁ ବନ୍ଦ କରିଦିଏ। ଶେଷରେ କୀଟକୁ ମାରିଦେଇଥାଏ।

ବ୍ୟବହାର : ବଜାରରେ ଏହି କବକ କଲ୍‌ଚର ମାଇକୋମାଇଟ୍ ଏବଂ ନିମୋଟେଶକଣ୍ଟ୍ରୋଲ ନାମରେ ମିଳୁଛି। ୫୦୦ ମି.ଲି. କଲ୍‌ଚର ୫୦୦ ଲିଟର ପାଣିରେ ମିଶାଇ ୧ହେକ୍ଟର ଜମିରେ ସିଞ୍ଚନ କରିବାକୁ ହୁଏ।

-ପ୍ରଥମ ବର୍ଷ ସ୍ନାତକୋତ୍ତର (କୃଷି), କୀଟତତ୍ତ୍ୱ ବିଜ୍ଞାନ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଉତ୍ତର ପ୍ରଦେଶ
ମୋ : ୯୬୧୨୬୩୬୧୬୩

# ପରିବା ଚାଷ ଦେଇଛି ପରିଚୟ





**ସଫଳ କୃଷିଜୀବୀ**
**ପ୍ରମୋଦ ମହାନ୍ତ**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଇଚିଣ୍ଡା ଗ୍ରାମର ଯୁବଚାଷୀ ପ୍ରମୋଦ ମହାନ୍ତ। ସ୍ଥାନୀୟ ଅଞ୍ଚଳରେ ପରିବା ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ବେଙ୍ଗାଲୁରୁରେ ଏକ ପ୍ରାଇଭେଟ କମ୍ପାନୀରେ କିଛିବର୍ଷ ଚାକିରି କରିବା ପରେ ସେ ଫେରି ଆସିଥିଲେ ଗାଁକୁ। ପ୍ରଥମେ ଚାଷ କାମରେ ବାପାଙ୍କୁ ସାହାଯ୍ୟ କରିଥିଲେ। ଆଉ ତା'ପରେ ପନିପରିବା ଚାଷକୁ ଆପଣେଇ ନେଇଛନ୍ତି ପ୍ରମୋଦ। ଏବେ ସେ କେବଳ ସ୍ଥାନୀୟ କିମ୍ବା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ନୁହେଁ, ଅନ୍ୟ ରାଜ୍ୟକୁ ମଧ୍ୟ ପନିପରିବା ରପ୍ତାନି କରୁଛନ୍ତି। ଏ ସମ୍ପର୍କରେ ପ୍ରମୋଦ କହନ୍ତି, 'ବେଙ୍ଗାଲୁରୁରୁ ଫେରିବା ପରେ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରୁଥିଲି। ପରବର୍ତ୍ତୀ ସମୟରେ ଚାଷକୁ ଆୟର ଅନ୍ୟତମ ପନ୍ଥା ଭାବରେ ବାଛିନେଲି। ଚାଷ କାର୍ଯ୍ୟକୁ ଆଗକୁ ବଢ଼ାଇବା ଲାଗି ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରୁଛି। ଅଧିକ ଅମଳକ୍ଷମ ବିହନ ନେଇ ପ୍ରଥମେ ନିଜ ଜମିରେ ପୋଟଳ, ଲଙ୍କା, କଲରା, ଫୁଲ କୋବି, ଟମାଟୋ, ବିନ୍ ସହିତ ନାଲି ତରଭୁଜ ଚାଷ ଆରମ୍ଭ କରିଥିଲି। ପ୍ରଥମେ ତ କ୍ଷତି ସହିବାକୁ ପଡିଥିଲା। ମାତ୍ର ପରେ ଚାଷ ପାଇଁ ଜଳସେଚନର ସୁବିଧା ଅଧିକ ଉପଲବ୍ଧ ହେବା ପରେ ୭ ଏକର ଜମିରେ ଚାଷ ଆରମ୍ଭ କଲି। ଏବେ ମୁଁ ଚାଷ କରୁଥିବା ପନିପରିବା ସ୍ଥାନୀୟ ମାର୍କେଟ ସହ କଟକ, ଯାଜପୁର, ବାଲିଚନ୍ଦ୍ରପୁର ଆଉ ବେଙ୍ଗାଲୁରୁକୁ ରପ୍ତାନି ହେଉଛି। ଗତ ବର୍ଷ ସୁଆଦିଆ ହଳଦିଆ ତରଭୁଜ ଚାଷ କରି ଲାଭବାନ ହୋଇଛି। ଏବେ ପନିପରିବା ଚାଷ ହିଁ ମୋତେ ନୂଆ ପରିଚୟ ଦେଇଛି। ମୋତେ ଏବେ ପ୍ରାୟ ୧୫ ଜଣ ଚାଷକାମରେ ସାହାଯ୍ୟ କରୁଛନ୍ତି। ବର୍ଷକୁ ପାଖାପାଖି ୧୧-୧୨ ଲକ୍ଷ ଟଙ୍କା ଲାଭ ମିଳୁଛି । "ଚଳିତ ବର୍ଷ ଆଉ ୪ ଏକର ଜମି ଲିଜ୍‌ରେ ନେଇଛି। ପଲି ହାଉସ୍ ମାଧ୍ୟମରେ ଲଙ୍କା, ବାଇଗଣ, କଲରା, ଟାମାଟୋ ଚାରା ବିକ୍ରିକରି ବେଶ୍ ଲାଭବାନ ହୋଇପାରଛି ବୋଲି କହନ୍ତି ପ୍ରମୋଦ। ନିକଟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜିଲା ଓ ରାଜ୍ୟସ୍ତରରେ ସଫଳ ଚାଷୀ ଭାବେ ପ୍ରମୋଦ ପୁରସ୍କୃତ ହୋଇଛନ୍ତି।

**-ମହେଶ୍ୱର ଦାସ**

# ଭେଣ୍ଡିରେ ଖତସାର ପ୍ରୟୋଗ



ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଓ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉକ୍ରଳ ଗୌରବ ଏବଂ ପୁଷା-ଏ-୪।

# ଅଦା-ହଳଦୀ ଚାଷ



ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଦରକାର । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

# ଜାଣିରଖନ୍ତୁ...



ପ୍ରାଣୀଙ୍କୁ ଫାଟୁଆ ବ୍ୟତୀତ ସାହାଣ, ବଜବଜିଆ ରୋଗରୁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

➤କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

➤ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ।

# ମନ୍ଦା ପ୍ରଣାଳୀରେ ଆଖୁ ଲଗାଇଥିଲେ...



ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗକରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁଗଛ ମୂଳରେ ଦିଅନ୍ତୁ।

ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସାକରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

# ଲଙ୍କାରେ ଫଳପଚା ରୋଗ

ଲଙ୍କା ଫସଲରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। କୀଟନାଶକ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ଲାଗି ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# ସୂର୍ଯ୍ୟମୁଖୀରେ ଜଳସେଚନ

ସୂର୍ଯ୍ୟମୁଖୀ ଗଛରେ ଦାନା ଗଠନ ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। ଏହି ସମୟରେ ଏଥିରେ ବିଭିନ୍ନ ପ୍ରକାର ରୋଗପୋକ ଲାଗିବାର ଆଶଙ୍କା ରହିଛି। ସୂର୍ଯ୍ୟମୁଖୀ ଚାଷରେ କାଳିମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କରଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।



# ପିଆଜରେ ଉକୁଣିଆ ପୋକ ଦମନ



ପିଆଜରେ ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୨/୨୦୨୩ Bhubaneswar, Wednesday, February 22/ 2023


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ରାଜ୍ୟର ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର

ଭୁବନେଶ୍ୱର, ୨୧।୨
(କ୍ରୀଡ଼ା ପ୍ରତିନିଧି)

୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଏବଂ ଗତବର୍ଷ ବିଭିନ୍ନ ପ୍ରତିଯୋଗିତାରେ ପଦକ ବିଜେତା ଓଡ଼ିଶା ଆଥଲେଟ୍‌ଙ୍କୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ମୋଟ ୧,୮୫, ୨୨, ୫୦୦ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ୩୦ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୧୧ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୧ ବ୍ରୋଞ୍ଜ ସାମିଲ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସ୍ୱର୍ଣ୍ଣ ପାଇଁ ୧ ଲକ୍ଷ, ରୌପ୍ୟଲାଗି ୭୫,୦୦୦ ଓ ବ୍ରୋଞ୍ଜପାଇଁ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ବିଜେତାଙ୍କ ବ୍ୟତୀତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସିଙ୍ଗଲ୍ସ ସ୍ୱର୍ଣ୍ଣ ଏବଂ ଟିମ୍ ରୌପ୍ୟ ପାଇଥିବା ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ୨୭ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ପର୍ତ୍ତୁଗାଲରେ ଅନୁଷ୍ଠିତ ଡବ୍ଲ୍ୟୁଏଏସ୍ ୱାର୍ଲ୍ଡ ଗେମ୍ସରେ ୩ ପଦକ ଜିତିଥିବା ପାରା ଆଥଲେଟ୍ ଜୟନ୍ତି ବେହେରାଙ୍କୁ ୫୪ ଲକ୍ଷ ଟଙ୍କା ଦିଆ ଯାଇଥିଲା। ସେ ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ।

## ଶୁଟ୍‌ଆଉଟରେ ଭାରତ ବିଜୟୀ

ନୂଆଦିଲ୍ଲୀ, ୨୧।୨ (ପି.ଟି.): ସମ୍ପ୍ରତି ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ୨୧ ବର୍ଷରୁ କମ୍ ଭାରତୀୟ ଜୁନିୟର ମହିଳା ହକି ଦଳ ମଙ୍ଗଳବାର ଅନୁଷ୍ଠିତ ଅନ୍ତିମ ମ୍ୟାଚରେ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୨୧ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ସମସ୍ତ ମ୍ୟାଚ ଜିତିଥିବା ଭାରତୀୟ ଦଳ ଏବେ ଘରୋଇ 'ଏ' ଦଳ ବିପକ୍ଷରେ ଆସନ୍ତା ୨୪ ଓ ୨୫ରେ ୨ଟି ମ୍ୟାଚ ଖେଳିବ। ପୂର୍ବ ମ୍ୟାଚଗୁଡ଼ିକ ଅପେକ୍ଷା ଅନ୍ତିମ ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଫଳରେ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୪ଟି ଗୋଲ ଦେଇଥିବାବେଳେ ଦକ୍ଷିଣ ଆଫ୍ରିକା ଗୋଲ ସଂଖ୍ୟା ୩ରେ ସୀମିତ ରହିଥିଲା। ୨୧ ବର୍ଷରୁ କମ୍ ଏସିଆ କପ୍ ପାଇଁ ପ୍ରସ୍ତୁତିସ୍ୱରୂପ ଭାରତୀୟ ଦଳ ଏବେ ଦକ୍ଷିଣ ଆଫ୍ରିକା ଗସ୍ତରେ ରହିଛି। ଏସିଆ କପ୍ ହେଉଛି ଏଫ୍‌ଆଇଏଚ୍ ମହିଳା ଜୁନିୟର ହକି ବିଶ୍ୱକପର କ୍ୱାଲିଫାଇଂ ଟୁର୍ନାମେଣ୍ଟ।

# ଶେଷ ୨ ଟେଷ୍ଟରୁ ୱାର୍ନର ବାଦ୍

ନୂଆଦିଲ୍ଲୀ, ୨୧।୨

ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ୨ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। କହୁଣି ହାଡ଼ ଫାଟିଥିବାରୁ ସେ ସ୍ୱଦେଶ ଯାଇ ସିଡ୍‌ନୀରେ ଚିକିତ୍ସିତ ହେବେ। ତେବେ ଟେଷ୍ଟ ସିରିଜ ପରେ ଦିନିକିଆ ସିରିଜ ବେଳକୁ ସେ ମାର୍ଚ୍ଚ ଶେଷ ଭାଗରେ ଭାରତ ଆସି ଦଳ ସହ ଯୋଗଦେବା ସମ୍ଭାବନା ରହିଛି। ଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ ଅବସରରେ ସେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ବୋଲିଂରେ ବାମ କହୁଣିରେ ଆଘାତ ପାଇଥିଲେ। ଖେଳ ଜାରି ରଖିଥିଲେ ହେଁ ଏହାର ୨ ଓଭର ପରେ ବଲ୍ ତାଙ୍କ ହେଲମେଟରେ ବାଜିଥିଲା। କନ୍‌କସନ ଲକ୍ଷଣ ପ୍ରକାଶ ପାଇବାରୁ ସେ ଟେଷ୍ଟ ମ୍ୟାଚରୁ ଓହରି ଯାଇଥିଲେ। ମୁଣ୍ଡରେ ଆଘାତ ଗୁରୁତର ନ ଥିଲେ ହେଁ କହୁଣିରେ ଆହତ ସମସ୍ୟା ବଢ଼ିବାରେ ଲାଗିଥିଲା। ତେବେ ସେ ଶେଷ ୨ ଟେଷ୍ଟ ଖେଳିପାରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଯନ୍ତ୍ରଣା ସ୍ଥାନରେ ଅଧିକ ପରୀକ୍ଷା ନିରୀକ୍ଷା ପରେ ପୂରା ସିରିଜରୁ ଓହରି ଯାଇଥିବା ସମ୍ପର୍କରେ ଆନୁଷ୍ଠାନିକଭାବେ ଘୋଷଣା କରାଯାଇଥିଲା। ସେ ଏବେ ସ୍ୱଦେଶ ଫେରି ପରିବାର ସହିତ ରହିବେ। ତାଙ୍କ ସ୍ଥାନ ପୂରଣ ପାଇଁ ଅଷ୍ଟ୍ରେଲିଆ କୌଣସି ବ୍ୟାକ୍‌ଅପ୍ ବ୍ୟାଟରଙ୍କୁ ଡାକିବା ସମ୍ଭାବନା କମ୍। କାରଣ ଦିଲ୍ଲୀ ଟେଷ୍ଟର ଦ୍ୱିତୀୟ ଇନିଂସରେ ୱାର୍ନରଙ୍କ ସ୍ଥାନରେ ଟ୍ରାଭିସ ହେଡ୍ ଇନିଂସ ଓପନ କରି ୪୩ ରନର ପ୍ରଭାବୀ ଇନିଂସ ଖେଳିଥିଲେ। ତେଣୁ ଶେଷ ୨ ଟେଷ୍ଟରେ ସେ ସେହି ଦାୟିତ୍ୱ ତୁଲାଇ ପାରନ୍ତି। ହେଡ୍‌ଙ୍କର ଇନିଂସ ଓପନ କରିବାରେ ବିଶେଷ ଅଭିଜ୍ଞତା ନାହିଁ। ସେ ୨୦୧୮ରେ କାଉଣ୍ଟି କ୍ରିକେଟ ଖେଳିବା ଅବସରରେ ମାତ୍ର ୨ ଥର ୱର୍ସେଷ୍ଟରଶାୟାର ପକ୍ଷରୁ ଓପନର ଦାୟିତ୍ୱ ତୁଲାଇଥିଲେ।

ଅଷ୍ଟ୍ରେଲିଆ କୋଚ୍ ଆଣ୍ଡ୍ରୟୁ ମ୍ୟାକଡୋନାଲ୍ଡଙ୍କ କହିବା ଅନୁସାରେ ହେଡ୍ ଇନିଂସ ଓପନ କରିବା ଦୀର୍ଘକାଳୀନ ଭିତ୍ତିରେ ସମସ୍ୟାର ସମାଧାନ ନୁହେଁ, ତେବେ ଉପମହାଦେଶ ପରିବେଶରେ ସେ ଏହି ଦାୟିତ୍ୱ ତୁଲାଇ ପାରିବେ। ଇନ୍ଦୋରରେ ଖେଳିବା ପାଇଁ କାମେରନ ଗ୍ରୀନ୍ ଫିଟ୍ ଘୋଷିତ ହୋଇଛନ୍ତି। ଆହତ ସମସ୍ୟା ଯୋଗୁ ଜୋଶ୍ ହାଜେଲଉଡ୍ ସ୍ୱଦେଶ ଫେରି ଯାଇଥିଲେ ହେଁ ମିଚେଲ ଷ୍ଟାର୍କ ପରବର୍ତ୍ତୀ ଟେଷ୍ଟ ପାଇଁ ଫିଟ୍ ହୋଇଛନ୍ତି। ସେହିପରି ନିଜର ପ୍ରଥମ ସନ୍ତାନ ଜନ୍ମ ସମୟରେ ପରିବାର ସହ ରହିବା ପାଇଁ ସ୍ୱଦେଶ ଫେରିଥିବା ମିଚେଲ ସ୍ୱେପସନ ପରବର୍ତ୍ତୀ ୨ ଟେଷ୍ଟ ପାଇଁ ଉପଲବ୍ଧ ହେବେ।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଉଦ୍‌ଘାଟିତ


କିଟ୍ ଷ୍ଟାଡିୟମରେ ମ୍ୟାଚ ପୂର୍ବରୁ ନର୍ଥ ବେଙ୍ଗଲ ଓ ଟିଏମ୍ ଭାଗଲପୁର ବିଶ୍ୱବିଦ୍ୟାଳୟ ଦଳର ଖେଳାଳିମାନେ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୧।୨
(କ୍ରୀଡ଼ା ପ୍ରତିନିଧି)

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ମଙ୍ଗଳବାର କିଟ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ମୋଟ ୬୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ମ୍ୟାଚଗୁଡ଼ିକ କିଟ୍ ସମେତ ରେଭେନ୍ସା ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେଉଛି। ଏହି ଟୁର୍ନାମେଣ୍ଟରୁ ବିସିସିଆଇ ଭିଜି ଟ୍ରଫି ପାଇଁ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦଳ ଚୟନ ହେବ। ପ୍ରଥମ ଦିବସରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ୨ଟି ମ୍ୟାଚରେ ଦାର୍ଜିଲିଂର ୟୁନିଭର୍ସିଟି ଅଫ୍ ନର୍ଥ ବେଙ୍ଗଲ ୩ ଉଇକେଟରେ ଟିଏମ୍. ଭାଗଲପୁର ବିଶ୍ୱବିଦ୍ୟାଳୟକୁ ଏବଂ ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୩ ଉଇକେଟରେ ୱେଷ୍ଟବେଙ୍ଗଲ ଷ୍ଟେଟ୍ ୟୁନିଭର୍ସିଟିକୁ ପରାସ୍ତ କରିଛି। ସେହିପରି ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ୨ଟି ମ୍ୟାଚରେ ବୋଧଗୟାର ମଗଧ ବିଶ୍ୱବିଦ୍ୟାଳୟ ୧୩୨ ରନରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ଏବଂ ଯାଦବପୁର ବିଶ୍ୱବିଦ୍ୟାଳୟ ୯ ଉଇକେଟରେ ଜଗଦଲପୁରର ଶହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଚାଇଁବସାର କୋହ୍ଲଣ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଏବଂ ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ୮୩ ରନରେ ସନ୍ତ ଗହିରା ଗୁରୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

## ଆଇପିଏଲ୍‌ରେ ଫେରିବେ ଦୀପକ ଚହର

ନୂଆଦିଲ୍ଲୀ, ୨୧।୨ (ପି.ଟି): ଆହତ କାରଣରୁ ବର୍ଷେ ହେବ କ୍ରିକେଟରୁ ଦୂରେଇ ରହିଥିବା ଭାରତୀୟ ପେସ୍ ବୋଲର ଦୀପକ ଚହର ଆଇପିଏଲ୍‌ରେ ପୁଣି କ୍ରିକେଟକୁ ଫେରୁଛନ୍ତି। ୨୦୨୨ରେ ଷ୍ଟ୍ରେସ୍ ଫ୍ରାକ୍‌ଚର ଓ କ୍ୱାଡ ଗ୍ରେଡ୍-୩ ଟିଅର ପାଇଁ ସେ କ୍ରିକେଟରୁ ଦୂରରେ ରହିଥିଲେ। ୨୦୨୨ରେ ଚହର ମାତ୍ର ୧୫ଟି ମ୍ୟାଚ ଖେଳିଥିବା ବେଳେ ଟି୨୦ ବିଶ୍ୱକପରୁ ମଧ୍ୟ ବାଦ୍ ପଡିଥିଲେ। ଏହା ପରେ ଏନ୍‌ସିଏରେ ରହିବା ସମାପ୍ତ କରିବା ପରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ପାଇଁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି ଦୀପକ।

## ସିଜନର ଶେଷ ଗେମ୍ ଖେଳିବ ଓଏଫ୍‌ସି

# ବିଜୟ ସହ ପ୍ଲେ ଅଫ୍ ଲକ୍ଷ୍ୟ

ଭୁବନେଶ୍ୱର, ୨୧।୨
(ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ସିଜନର ନିଜର ଅନ୍ତିମ ମ୍ୟାଚ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। କଳିଙ୍ଗ ଷ୍ଟାଡିୟମରେ ବୁଧବାର ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତିଲେ କିମ୍ବା ଡ୍ର ରଖିଲେ ଓଏଫ୍‌ସି ପ୍ଲେ ଅଫ୍‌ରେ ପ୍ରବେଶ କରିବ। ଏହି ମ୍ୟାଚ ପୂର୍ବରୁ ଓଡ଼ିଶା ୧୯ ମ୍ୟାଚରୁ ୯ ବିଜୟ ଓ ୩ ଡ୍ର ସହିତ ୩୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବଲର ଷଷ୍ଠ ସ୍ଥାନରେ ରହିଛି। ଗୋଆ ଏଫ୍‌ସି ସମାନ ସଂଖ୍ୟକ ମ୍ୟାଚ ଖେଳି ୨୭ ପଏଣ୍ଟ ପାଇଥିବା ବେଳେ ଗୋଲ ବ୍ୟବଧାନରେ ଆଗୁଆ ରହିଛି।


ଜୋସେପ୍ ଗୋମ୍ବାଉ ଓ ଲାଲଥୁଆମ୍ମୱିଆ ରାଲ୍‌ଟେ।

କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସିର ରେକର୍ଡ ବଢିଆ ରହିଥିବା ବେଳେ ଆଉ ଏକ ୩ ପଏଣ୍ଟ ହାସଲ ଲକ୍ଷ୍ୟରେ ରହିଛି ଦଳ। ନର୍ଥଇଷ୍ଟ ବିପକ୍ଷ ଶେଷ ମ୍ୟାଚରେ ଓଡ଼ିଶା ୩-୧ରେ ଜିତିବା ସହ ପ୍ଲେ ଅଫ୍ ଦାବିଦାରୀ ଦୃଢ଼ କରିଥିଲା। ଉଭୟ ଓଡ଼ିଶା ଓ ଜାମସେଦପୁର ମଧ୍ୟରେ ଖେଳା ଯାଇଥିବା ଶେଷ ମ୍ୟାଚକୁ ଓଏଫ୍‌ସି ୩-୨ରେ ଜିତିଥିଲା। ମ୍ୟାଚ୍ ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ମୁଖ୍ୟ କୋଚ ଯୋଶେପ୍ ଗୋମ୍ବାଉ ଓ ଲାଲଥୁଆମ୍ମୱିଆ ରାଲ୍‌ଟେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଓଏଫ୍‌ସି ସମ୍ମୁଖରେ ଯୋଗ୍ୟତା ଅର୍ଜନର ଏକ ବଢିଆ ସୁଯୋଗ ରହିଛି। ଜେଏଫ୍‌ସି ଶେଷ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ୩-୨ରେ ପରାସ୍ତ କରିଥିଲା। ଏହା ଏକ ଶକ୍ତିଶାଳୀ ଦଳ ଏଥିରେ କୌଣସି ଶଙ୍କା ନାହିଁ ମାତ୍ର ଅନ୍ତିମ ଘରୋଇ ମ୍ୟାଚକୁ ଜିତିବା ପାଇଁ ଆମେ ପ୍ରାଣପଣେ ଚେଷ୍ଟା କରିବୁ ବୋଲି କହିଛନ୍ତି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଯୋଶେପ୍ ଗୋମ୍ବାଉ। ଲାଲଥୁଆମ୍ମୱିଆ ରାଲ୍‌ଟେ କହିଛନ୍ତି ବୁଧବାର ମ୍ୟାଚ ପାଇଁ ଆମେ ଏକ ସପ୍ତାହ ହେଲାଣି ଅଭ୍ୟାସ ଜାରି ରଖିଛୁ। କୋଚ୍‌ଙ୍କ ପରାମର୍ଶ ଅନୁସାରେ ଆମେ ଶତ ପ୍ରତିଶତ ଦେବାକୁ ପ୍ରୟାସ କରିଥାଉ ବୋଲି ସେ କହିଛନ୍ତି।

## ଟାଟା ଡବ୍ଲ୍ୟୁପିଏଲ୍ ସ୍ପନ୍‌ସର

ନୂଆଦିଲ୍ଲୀ, ୨୧।୨: ଆଇପିଏଲ୍ ରାଇଟ୍ ପରି ମହିଳା ଆଇପିଏଲ ବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଟାଇଟଲ ସ୍ପନଶରଶିପ୍ ହାସଲ କରିଛି ଟାଟା ଗ୍ରୁପ୍। ମଙ୍ଗଳବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭିଭୋ ଆଇପିଏଲର ପ୍ରାୟୋଜକ ଭାବରେ ଓହରିବା ପରେ ଟାଟା ଗ୍ରୁପ୍ ପକ୍ଷରୁ ଏହାର ରାଇଟ୍ସ ହାସଲ କରିଥିଲା। ବିସିସିଆଇ ସମ୍ପାଦକ ଜୟ ଶାହା ଏହି ଘୋଷଣା କରିବା ସହ ଟାଟା ସନ୍ସ ଗ୍ରୁପ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ପୂର୍ବରୁ ମିଡିଆ ରାଇଟ୍ସ ବାବଦରେ ୯୫୧ କୋଟି ଓ ୫ଟି ଫ୍ରାଞ୍ଚାଇଜି ବିକ୍ରିରୁ ୪୭୦୦ କୋଟି ଆୟ କରିଛି ଡବ୍ଲ୍ୟୁପିଏଲ।

# ଓଡ଼ିଶା ସରକାରଙ୍କୁ ଅଠ୍‌ୱାଲଙ୍କ ପ୍ରଶଂସା

ଭୁବନେଶ୍ୱର, ୨୧।୨
(ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ସିଜନରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ନିଜର ଅନ୍ତିମ ମ୍ୟାଚ ଖେଳିବାକୁ ଥିବା ବେଳେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ କ୍ଲବ୍ ସଭାପତି ରାଜ ଅଠ୍‌ୱାଲ। ଏହି ଅବସରରେ ରାଜ୍ୟ ସରକାରଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ଅଠ୍‌ୱାଲ। ରାଜ୍ୟ ସରକାର କ୍ରୀଡାର ଭିତ୍ତିଭୂମି ଓ ବିକାଶ ପାଇଁ ସର୍ବଦା ପ୍ରୟାସରତ। ଏହା ସହିତ ରାଜ୍ୟରେ ଖେଳାଳିଙ୍କୁ ମିଳୁଥିବା ଆତିଥେୟତାକୁ ମଧ୍ୟ ସେ ବେଶ


ରାଜ ଅଠ୍‌ୱାଲ

ପ୍ରଶଂସା କରିଥିଲେ। ରାଜ୍ୟରେ ଖେଳାଳିଙ୍କ ଅଭ୍ୟାସଠୁ ଆରମ୍ଭ କରି ଖେଳାଳିଙ୍କ ରହଣି ପାଇଁ ଥିବା ହୋଟେଲ ବେଶ ଉତ୍କୃଷ୍ଟ ମାନର ବୋଲି ସେ କହିଥିଲେ। ଏହା ସହ ଆଗାମୀ ଦିନରେ ଅନେକ ନୂତନ ପ୍ରୟୋଜକଙ୍କ ସହିତ ଓଏଫ୍‌ସି ଜଡିତ ହେବା ନେଇ ସେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିନ୍ଦଲ ଗ୍ରୁପ୍ ଓଏଫ୍‌ସିର ପ୍ରୟୋଜକ ରହିଛି। ଚଳିତ ସିଜିନ ଶେଷ ହେବାକୁ ବସିଥିବା ବେଳେ ଆହୁରି ଅନେକ ନୂତନ ଖେଳାଳି ଦଳ ସହିତ ଯୋଗ ଦେବା ନେଇ ସୂଚନା ଦେଇଥିଲେ କ୍ଲବ ସଭାପତି। ପ୍ରଥମ ଥର ପାଇଁ ଓଏଫ୍‌ସି ପ୍ଲେ ଅଫ୍ ଯୋଗ୍ୟତା ହାସଲ କରିବାକୁ ଯାଉଥିବା ବେଳେ ଦଳ ସେମି ଫାଇନାଲରେ ପ୍ରବେଶ କରିବା ତାଙ୍କର ଇଚ୍ଛା ବୋଲି କହିଛନ୍ତି ଅଠ୍‌ୱାଲ।

## ଟପ୍-୨୦ରେ ରିଚା ଘୋଷ

ଦୁବାଇ, ୨୧।୨ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ(ଆଇସିସି) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତର ରିଚା ଘୋଷ ୧୬ସ୍ଥାନ ଉପରକୁ ଉଠିଛନ୍ତି। ଫଳରେ ସେ ପ୍ରଥମଥର ପାଇଁ ଟପ୍-୨୦ରେ ସ୍ଥାନ ପାଇଛନ୍ତି। ସମ୍ପ୍ରତି ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଟି୨୦ ବିଶ୍ୱକପରେ ସ୍ଥିର ପ୍ରଦର୍ଶନ କାରଣରୁ ତାଙ୍କ ର୍‍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି ହୋଇଛି। ଗତ ସପ୍ତାହରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୧ ରନକରି ଅପରାଜିତ ରହିଥିବାବେଳେ ଇଂଲଣ୍ଡ ବିପକ୍ଷରେ ୪୭ ରନ କରିଥିଲେ। ଏହି ଦୁଇ ଇନିଂସ ହିଁ ତାଙ୍କୁ କ୍ୟାରିୟର ଶ୍ରେଷ୍ଠ ୨୦ତମ ସ୍ଥାନ ଆଣିଦେଇଛି। ପଞ୍ଚମ ଭାରତୀୟ ଭାବେ ସେ ଟପ୍-୨୦ରେ ରହିଛନ୍ତି। ସ୍ମୃତି ମନ୍ଧାନା ୩ୟ, ଶେଫାଳି ବର୍ମା ୧୦ମ, ଜେମିମା ରୋଡ୍ରିଗ୍ରେଜ ୧୨ ଓ ହରମନପ୍ରୀତ କୌର ୧୩ତମ ସ୍ଥାନରେ ରହିଛନ୍ତି। ରିଚାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ଆମେଲିଆ କେର୍ ଓ ପାକିସ୍ତାନର ମୁନିବା ଅଲୀ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ପାଇଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ ବିଜୟୀ ୬୬ ରନର ଇନିଂସ କେର୍‌ଙ୍କୁ ୧୬ତମ ସ୍ଥାନ ଦେଇଛି। ସେହିପରି ପାକିସ୍ତାନ ବାମହାତୀ ଓପନର ମୁନିବା ୧୦ଟି ସ୍ଥାନ ଉପରକୁ ଉଠି ୬୪ତମ ସ୍ଥାନରେ ପହଞ୍ଚିଛନ୍ତି। ଦେଶର ପ୍ରଥମ ମହିଳା ଭାବେ ସେ ଟି୨୦ରେ ଶତକ ହାସଲ କରିଥିଲେ। ବୋଲର ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ କେର୍ ୩ ସ୍ଥାନ ଉପରକୁ ଉଠିଛନ୍ତି।

# ଯୁବ ଓପନ ବାସ୍କେଟବଲରେ ୧୬ ଦଳ

ଭୁବନେଶ୍ୱର, ୨୧।୨
(କ୍ରୀଡ଼ା ପ୍ରତିନିଧି)

ଯୁବ ଓପନ ବାସ୍କେଟବଲ ଟୁର୍ନାମେଣ୍ଟର ୧୨ତମ ସଂସ୍କରଣ ଚଳିତମାସ ୨୨ରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ଶହୀଦ ନଗରସ୍ଥିତ ଇନ୍ଦାପାର୍କସ୍ଥିତ ବାସ୍କେଟବଲ କୋର୍ଟରେ ଅନୁଷ୍ଠିତ ହେବ। ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁଥିବା ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟ ବାହାରର ୪ ଦଳ ସାମିଲ। ଅଂଶଗ୍ରହଣକାରୀ ୧୬ ଦଳକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଆୟୋଜକ ସନ୍‌ସାଇନ୍ ଯୁବ ଆସୋସିଏଶନ, କିଟ୍, ହାଇଦ୍ରାବାଦ ଓ ସୋଆ ଦଳ ରହିଛି। ସେହିପରି ଗ୍ରୁପ୍ 'ବି'ରେ ପୁରୀ, ପାରଳାଖେମୁଣ୍ଡି, ଏକ୍ସଆଇଏମ୍‌ବି, ରାଉରକେଲା, ଗ୍ରୁପ୍ 'ସି'ରେ ଏଣ୍ଟରଟେନର, ସାଇନିଂ ଷ୍ଟାର, ତାମିଲନାଡୁର ତ୍ରିବେଣୀ ଓ ଆନ୍ଧ୍ର ରେଲୱେ ଦଳ ଇଷ୍ଟ ଗୋଦାବରୀ ରହିଥିବାବେଳେ ଗ୍ରୁପ୍ 'ଡି'ରେ ସିଡିଏ, ଓଏସ୍‌ସି, ସେଲ୍‌ଟିକ୍ସ ଓ କାକିନାଡ଼ା ଆନ୍ଧ୍ର ଦଳ ସ୍ଥାନ ପାଇଛି। ପ୍ରତିଯୋଗିତା ଅବସରରେ ଓଡ଼ିଶାର ୬ ଜଣ ପ୍ରତିଷ୍ଠିତ ଖେଳାଳି କାମିନି ମୁଣ୍ଡା, ସୟଦ ତୁଫିଆଲ ଅହମ୍ମଦ, ଝିଲିଲତା ସେଣ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୀରା ହେମ୍ବ୍ରମ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ସମ୍ମାନିତ କରାଯିବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ ବାସ୍କେଟବଲ କ୍ଲବର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୨୫,୦୦୦, ରନରଅପ୍‌କୁ ୧୫,୦୦୦ ଓ ଦ୍ୱିତୀୟ ରନରଅପ୍‌କୁ ୭,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି ବିଶ୍ୱଜିତ ମହାନ୍ତି ଜଣାଇଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦେବାଶିଷ ସାବ୍ୟସାଚୀ ଚକ୍ର, ଟୁର୍ନାମେଣ୍ଟ ସଂଯୋଜକ ଆଦର୍ଶ ପଟ୍ଟନାୟକ, ପରାମର୍ଶଦାତା ମିଥୁନ ସୟ, ସିଦ୍ଧାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରିଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ମଙ୍ଗଳବାର ଯୁବ ଓପନ ବାସ୍କେଟବଲ ଟୁର୍ନାମେଣ୍ଟର ଜର୍ସି ଉନ୍ମୋଚନ କରୁଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ